ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 42 ♦ISSUE-4 ♦BHUBANESWAR ♦FRIDAY ♦28 JUNE 2024 ♦PAGE-16 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୪ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୮ ଜୁନ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦




ଟି-୨୦ ବିଶ୍ୱକପ: ଭାରତ-ଦକ୍ଷିଣ ଆଫ୍ରିକା ଫାଇନାଲ୍ ମୁକାବିଲା

▶କ୍ରୀଡ଼ା ପୃଷ୍ଠାରେ...

**ମାତୃହରା ହେଲେ ଆଶା, ଅଙ୍କିତା, ଶୁଭଶ୍ରୀ**

# ଆଖି ବୁଜିଲା ବାଘୁଣୀ 'ସାରା'

■ **ଭୁବନେଶ୍ୱର/କଟକ/ନନ୍ଦନକାନନ, ୨୭।୬ (ସମିସ):** ନନ୍ଦନକାନନର ପ୍ରିୟ ବାଘୁଣୀ ସାରା ଆଖି ବୁଜିଛି। ଗୁରୁବାର ଭୋରରୁ ସାରାର ମୃତ୍ୟୁ ହେବା କାରଣରୁ ସମଗ୍ର ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ନନ୍ଦନକାନନ ବାଘ ପରିବାରର ଅବିଚ୍ଛେଦ୍ୟ ଅଙ୍ଗ ଭାବେ "ସାରା' ବାଘୁଣୀ ସୁପରିଚିତ ଥିଲା। ମଧ୍ୟପ୍ରଦେଶର ବାନ୍ଧବଗଡ଼ ବ୍ୟାଘ୍ର ଅଭୟାରଣ୍ୟରୁ ୨୦୦୬ ମସିହା ଅକ୍ଟୋବର ୧୮ ତାରିଖରେ ମାତ୍ର ୫ ବର୍ଷ ବୟସରେ ଉଦ୍ଧାର କରାଯାଇ ଭୋପାଳର ବନ ବିହାର ପ୍ରାଣୀ ଉଦ୍ୟାନରେ "ସାରା'କୁ ଲାଳନପାଳନ କରାଯାଇଥିଲା। ପ୍ରାଣୀ ▶ପୃଷ୍ଠା-୯



ଝୁରୁଛି ନନ୍ଦନକାନନ

**ଚାଳକ ବିହୀନ ବିମାନ ଉଡ଼ାଣ**

# 'ଅଭ୍ୟାସ'ର ପରୀକ୍ଷଣ ସଫଳ

■ **ବାଲେଶ୍ୱର, ୨୭।୬ (ସମିସ):** ଚାନ୍ଦିପୁରସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜ୍ (ଆଇଟିଆର)ରୁ ହାଇ-ସ୍ପିଡ୍ ଏକ୍ସପେଣ୍ଡେବେଲ୍ ଏରିଏଲ୍ ଟାର୍ଗେଟ (ହିଟ୍) ଚାଳକ ବିହୀନ ବିମାନ 'ଅଭ୍ୟାସ'ର ସଫଳ ଉଡ଼ାଣ ପରୀକ୍ଷଣ କରାଯାଇଛି। ଗୁରୁବାର 'ଅଭ୍ୟାସ'ର ହୋଇଥିବା ଦଶମ ସଫଳ ପରୀକ୍ଷଣ ସମ୍ପର୍କରେ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ଉଡ଼ାଣ ପରୀକ୍ଷଣ ବେଳେ କମ୍ ଉଚ୍ଚତାରେ ବିମାନର ଉଡ଼ିବା କ୍ଷମତା ସହ ଏକ ନିର୍ଦ୍ଦିଷ୍ଟ ଉଚ୍ଚତାରେ କେତେ ସମୟ ସ୍ଥିର ରହି ପାରୁଛି ତାହାକୁ ଅନୁଧ୍ୟାନ କରାଯାଇଛି। ଏହା ସହିତ 'ଅଭ୍ୟାସ' ଚାଳକ ବିହୀନ ବିମାନ କେତେ ସହଜରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଉଡ଼ାଇ ହେବ ତାହାକୁ ମଧ୍ୟ ନିରୀକ୍ଷଣ କରାଯାଇଛି। 'ଅଭ୍ୟାସ' ପ୍ରତିରକ୍ଷା ଅନୁସନ୍ଧାନ ଏବଂ ▶ପୃଷ୍ଠା-୯



**ମିଳିତ ଅଧିବେଶନକୁ ରାଷ୍ଟ୍ରପତିଙ୍କ ସମ୍ବୋଧନ**

# 'ସମୃଦ୍ଧି'ର ଅଭିଭାଷଣ



**ପେପର ଲିକ୍ ଘଟଣାରେ ହେବ କଠୋର କାର୍ଯ୍ୟାନୁଷ୍ଠାନ**

**ଜରୁରୀ ପରିସ୍ଥିତି ଥିଲା ସମ୍ବିଧାନ ଉପରେ ପ୍ରତ୍ୟକ୍ଷ ଆକ୍ରମଣ**

■ **ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି):** ଅଷ୍ଟାଦଶ ଲୋକସଭାର ସ୍ୱତନ୍ତ୍ର ଅଧିବେଶନର ଚତୁର୍ଥ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ଉଭୟ ସଦନକୁ ସମ୍ବୋଧିତ କରିଛନ୍ତି। ଲୋକସଭାର ସ୍ୱତନ୍ତ୍ର ଅଧିବେଶନ ସହ ଗୁରୁବାର ରାଜ୍ୟସଭାର ୨୬୪ତମ ଅଧିବେଶନ ଆରମ୍ଭ ହୋଇଥିଲା ବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ଗୃହକୁ ସମ୍ବୋଧିତ କରି ନବ ନିର୍ବାଚିତ ସାଂସଦମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହାସହିତ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଷ୍ଟ୍ରପତି ଦେଶର ସମୃଦ୍ଧି ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ନେଇ ଗୃହରେ ନିଜର ବିବୃତି ରଖିଛନ୍ତି। କେନ୍ଦ୍ର ସରକାରଙ୍କ ୧୦ ବର୍ଷର ସଫଳତା, ନବଗଠିତ ସରକାରଙ୍କ ନୀତି, ଯୋଜନା ଏବଂ ଆଗାମୀ ରୋଡ୍ ମ୍ୟାପ ସମ୍ପର୍କରେ ରାଷ୍ଟ୍ରପତି ମୁର୍ମୁ ଗୃହକୁ ସମ୍ବୋଧିତ କରି ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି ଯେ, ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ମୋ ସରକାର ଗୁରୁତ୍ୱ ଦେଇଛି। ଆଗାମୀ ବଜେଟରେ ଏହାକୁ ନେଇ ଐତିହାସିକ ପଦକ୍ଷେପ ଗ୍ରହଣ କରାଯିବ। ୩ କୋଟି ମହିଳାଙ୍କୁ ଲକ୍ଷପତି ଦିଦି କରିବାକୁ ବ୍ୟାପକ ଅଭିଯାନ ମଧ୍ୟ କରାଯିବ। ବିଜୁଳି ବିଲ୍ ଜିରୋ କରିବାକୁ ଯୋଜନା ଆସିଛି ଏବଂ ଗ୍ରାମାଞ୍ଚଳରେ ୩ ଲକ୍ଷ କିମିରୁ ଅଧିକ ରାସ୍ତା ନିର୍ମାଣ ହୋଇଛି। ଉତ୍ତର ପୂର୍ବାଞ୍ଚଳରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ମଧ୍ୟ ମୋ ସରକାର ଉଦ୍ୟମ ଜାରି ରଖିଛି। ୧୦ ବର୍ଷରେ ୨୧ ସହରରେ ମେଟ୍ରୋ ପହଞ୍ଚିଥିଲା ବେଳେ ଆଗାମୀ ଦିନରେ ଦେଶରେ ବୁଲେଟ୍ ଟ୍ରେନ୍ ଗଡିବାକୁ ଯାଉଛି। ଯାହା କି ସାଧାରଣ ପରିବହନ ଏବଂ ଯାତ୍ରୀ ଗମନାଗମନ କ୍ଷେତ୍ରରେ ଏକ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି।

ଏଥିସହିତ ଜଣେ ବି କେହି ଯେଉଁଳି ସରକାରୀ ଲାଭରୁ ବଞ୍ଚିତ ନ ହୁଏ ଏବଂ ସମାଜର ସବୁ ବର୍ଗଙ୍କ ପାଖରେ ବିକାଶ ପହଞ୍ଚିବ ସେଥିନେଇ ତାଙ୍କ ସରକାର ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି। ସମସ୍ତଙ୍କ ବିକାଶ ଦ୍ୱାରା ହିଁ ଏକ ବିକଶିତ ▶ପୃଷ୍ଠା-୯

# ମହାନଦୀ ଉପରମୁଣ୍ଡରେ ୧୮୯୭ ପ୍ରକଳ୍ପ

■ **ଭୁବନେଶ୍ୱର, ୨୭।୬ (ସମିସ):** ୨୦୫୦ ମସିହା ବେଳକୁ ରାଜ୍ୟରେ ଭୟଙ୍କର ହେବ ଜଳ ସ୍ଥିତି। ପାନୀୟ ଜଳ ଓ ଚାଷ ପାଇଁ ଅନ୍ୟୂନ ୮,୫୦୦ କୋଟି (୮୫ ବିଲିଅନ) ଘନମିଟର ପାଣି ଲୋଡ଼ା ପଡ଼ିବ। ଚାଷ ପାଇଁ ପାଖାପାଖି ୫୦୦୦ କୋଟି (୫୦ ବିଲିଅନ) ଘନମିଟର ଏବଂ କଳକାରଖାନା ଓ ଘରୋଇ ଆବଶ୍ୟକତା ନିମନ୍ତେ ଅବଶିଷ୍ଟ ୩୫୦୦ କୋଟି (୩୫ ବିଲିଅନ) ଘନମିଟର ପାଣି ଆବଶ୍ୟକ ହେବ। ଏହି ସ୍ଥିତିରେ ଓଡ଼ିଶାର ମୁଖ୍ୟ ଜଳ ଉତ୍ସ କୁହାଯାଉଥିବା ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ଯେପରି ଗୋଟିକ ପରେ ଗୋଟିଏ ଜଳ ପ୍ରକଳ୍ପ ନିର୍ମାଣ କରି ଚାଲିଛି ତାହା ଆଗାମୀ ଦିନରେ ଓଡ଼ିଶାରେ ମହାନଦୀ ମୃତ ନଦୀରେ ପରିଣତ ହେବ ଓ ସାରା ଓଡ଼ିଶା ପାଣିପାଇଁ ଛଟପଟ ହେବ ବୋଲି ଆଶଙ୍କା କରାଯାଉଛି। ମହାନଦୀ ଉପରମୁଣ୍ଡରେ ପୂର୍ବର ମଧ୍ୟପ୍ରଦେଶ ଓ ଏବେ ଛତିଶଗଡ଼ ମୋଟ ୧୮୯୭ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କରିଛନ୍ତି। ଏହାବ୍ୟତୀତ ବିଭିନ୍ନ ସ୍ଥାନରେ ୩୭୧ଟି ଆନିକଟ ମଧ୍ୟ ନିର୍ମାଣ ହୋଇଛି। ବିଡ଼ମ୍ବନା ହେଉଛି, ଏ ସମ୍ପର୍କରେ ଛତିଶଗଡ଼ ସରକାର ନା ଓଡ଼ିଶା ସରକାରଙ୍କ ସହ ଆଲୋଚନା କରିଛନ୍ତି, ନା କେନ୍ଦ୍ର ଜଳଶକ୍ତି (ପୂର୍ବର ଜଳସମ୍ପଦ ମନ୍ତ୍ରଣାଳୟ) ନା କେନ୍ଦ୍ରୀୟ ଜଳ ଆୟୋଗର ଅନୁମତି ନେଇଛନ୍ତି। ୨୦୧୭ ଜୁଲାଇ ୨୯ ତାରିଖରେ ତତ୍କାଳୀନ କେନ୍ଦ୍ର ଜଳସମ୍ପଦ ଓ ନଦୀ ଉନ୍ନତିକରଣ ମନ୍ତ୍ରାଳୟ ନିର୍ଦ୍ଦେଶରେ ଛତିଶଗଡ଼ ସରକାର ପ୍ରଦାନ କରିଥିବା ତଥ୍ୟ ଅନୁସାରେ ମଧ୍ୟପ୍ରଦେଶ ଓ ଏହାର ଉତ୍ତରାଧିକାରୀ ରାଜ୍ୟ ଛତିଶଗଡ଼ ମହାନଦୀ ଉପରମୁଣ୍ଡରେ ୮ଟି ବୃହତ୍, ୨୯ଟି ମଧ୍ୟମ ଓ ୧୮୬୦ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କରିଛନ୍ତି।

ସମ୍ପ୍ରତି ଛତିଶଗଡ଼ ସରକାରଙ୍କ ଦ୍ୱାରା ନିର୍ମାଣ ଶେଷ ହୋଇଥିବା ପ୍ରକଳ୍ପଗୁଡ଼ିକରୁ ଜଳ ବ୍ୟବହାର କ୍ଷମତା ୮.୩୧ ନିୟୁତ ଏକର ଫୁଟ୍। ମାତ୍ର ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକ ଶେଷ ପରେ ଛତିଶଗଡ଼ ସରକାର ୧୯.୧୭ ନିୟୁତ ଏକରଫୁଟ ଜଳ ବ୍ୟବହାର ନିମନ୍ତେ ଯୋଜନା କରିଛନ୍ତି। ଫଳରେ ବର୍ତ୍ତମାନର ବ୍ୟବହାର ଓ ଭବିଷ୍ୟତର ଯୋଜନାକୁ ମିଶାଇଲେ ଛତିଶଗଡ଼ ସରକାର ୨୭.୪୮ ନିୟୁତ ଏକରଫୁଟ ଜଳ ବ୍ୟବହାର କରିବ। ଛତିଶଗଡ଼ରୁ ଜଳ ପ୍ରବାହ ହ୍ରାସ ପାଇଲେ ମହାନଦୀ ଓ ଏହାର ଶାଖାନଦୀଗୁଡ଼ିକର ତଟବର୍ତ୍ତୀ ଜିଲ୍ଲା ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗୀର, ସୋନପୁର, ବୌଦ୍ଧ, ଅନୁଗୋଳ, କଟକ, କେନ୍ଦ୍ରାପଡ଼ା, ଜଗତ୍ସିଂହପୁର, ଯାଜପୁର, ପୁରୀ, ନୟାଗଡ଼, ଖୋର୍ଦ୍ଧା ଆଦି ୧୫ଟି ଜିଲାର ଚାଷୀଙ୍କ ଜୀବନ ଓ ଜୀବିକା ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି।

ଛତିଶଗଡ଼ ଦ୍ୱାରା ନିର୍ମାଣାଧୀନ ୭ଟି ବୃହତ୍ ଓ ମଧ୍ୟମ ପ୍ରକଳ୍ପ ମଧ୍ୟରୁ ରାଜୀବ-ସମୋଡ଼ା-ନିସିଦା ବୃହତ୍ ଜଳସେଚନ ପ୍ରକଳ୍ପ (୨ୟ ପର୍ଯ୍ୟାୟ), ଅର୍ପା-ଭେସାଝର ବୃହତ୍ ଜଳସେଚନ ପ୍ରକଳ୍ପ ଓ ଶୁଖାନଳା ମଧ୍ୟମ ଜଳସେଚନ ପ୍ରକଳ୍ପଗୁଡ଼ିକୁ ଆବଶ୍ୟକ ଅନୁମୋଦନ ମିଳିନାହିଁ। ଏହା ସହ ଶିଳ୍ପଭିତ୍ତିକ ୬ଟି ବ୍ୟାରେଜ୍ କଲ୍ମା, ସରାଡ଼ିହ, ମିରୋନି, ବସନ୍ତପୁର, ସିଓରିନାରାୟଣ, ସମୋଡ଼ା ପ୍ରକଳ୍ପ ନିମନ୍ତେ କେନ୍ଦ୍ର ସରକାରଙ୍କ ଅନୁମୋଦନ ଲୋଡ଼ା ଯାଇ ନାହିଁ। ଏହି ପ୍ରସଙ୍ଗରେ ତତ୍କାଳୀନ ଓଡ଼ିଶା ▶ପୃଷ୍ଠା-୯

**ଘନଉଛି ଜଳ ସଙ୍କଟ**



**ପଡ଼ୋଶୀ ଛତିଶଗଡ଼ ବିଭିନ୍ନ ସ୍ଥାନରେ ନିର୍ମାଣ କରିଛି ୩୭୧ ଆନିକଟ**

**୨୦୫୦ ବେଳକୁ ଓଡ଼ିଶାକୁ ଲୋଡ଼ା ୮,୫୦୦ କୋଟି ଘନମିଟର ପାଣି**

## ଲୋକକଥା




କେଡ଼େ ନରାଧମ କାମ କଲା ସତେ
ଶାସନ ଶୃଙ୍ଖଳା ଛିଡ଼େଇ,
ଥାନା ଅଗଣାରେ ମା' ଓ ଝିଅକୁ
ପିଟିଲା ଗଡ଼େଇ ତଡ଼େଇ !
କେଡ଼େ ସତେ ଖାକି ବଢ଼େଇ,
ମୁଖ୍ୟମନ୍ତ୍ରୀଙ୍କ କଥାକୁ କେମିତି
ଫୁ କରି ଦେଲ ଉଡ଼େଇ !!

# ଆହୁରି ୩ ଦିନ ବର୍ଷା

■ **ଭୁବନେଶ୍ୱର, ୨୭।୬ (ସମିସ):** ରାଜ୍ୟର ଅଧିକାଂଶ ସ୍ଥାନରେ ସ୍ଥାନରେ ବର୍ଷା ଜାରିରହିଛି। ବଙ୍ଗୋପସାଗରରେ ସୃଷ୍ଟି ଘୂର୍ଣ୍ଣିବଳୟ ଅଧିକ ସଂଗଠିତ ହେବାରୁ ବର୍ଷାର ପ୍ରକୋପ ଅଧିକ ରହୁଛି। ଗତ ୩ ଦିନ ହେଲା ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିଥିବା ବେଳେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଜାରିରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ଘୂର୍ଣ୍ଣିବଳୟଟି ୩ ଦିନ ହେବ ସକ୍ରିୟ ରହିଥିବା ବେଳେ ସମ୍ଭବତଃ ୨୮ ତାରିଖରେ ଏହା ପ୍ରଭାବରେ ଏକ ଦୁର୍ବଳ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଯଦି ଏହି ଲଘୁଚାପ ସୃଷ୍ଟି ହୁଏ ତେବେ ଆଉ ଦୁଇ ଦିନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବର୍ଷାର ପ୍ରକୋପ ଅଧିକ ରହିପାରେ। ପାଣିପାଗ ବିଭାଗ ପକ୍ଷରୁ ଜାରି ବିସ୍ତାରିତ ପରିସର ଆକଳନରେ ଏହା ଦର୍ଶାଯାଇଥିବା ବେଳେ ଜୁଲାଇ ଦ୍ୱିତୀୟ ସପ୍ତାହ ଅର୍ଥାତ ରଥଯାତ୍ରା ସମୟରେ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ଏଥିରେ ଦର୍ଶାଯାଇଛି। ତେବେ ସମ୍ଭାବ୍ୟ ଲଘୁଚାପଟି ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବାରୁ ବର୍ଷାର ପ୍ରକୋପ ବର୍ତ୍ତମାନ ତୁଳନାରେ ଯଥେଷ୍ଟ ଅଧିକ ହେବାର ଆଶଙ୍କା କରାଯାଉଛି।

ଅନ୍ୟପଟେ ବର୍ତ୍ତମାନ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷା ଲାଗି ରହିଛି। ଗୁରୁବାର ରାଜଧାନୀ ଭୁବନେଶ୍ୱର ସମେତ ଉପକୂଳ ଓ ଆଭ୍ୟନ୍ତରିଣ ଓଡ଼ିଶାରେ ତୁହାକୁତୁହା ବର୍ଷା ଯୋଗୁଁ ଲୋକେ ସମସ୍ୟା ଭୋଗିଛନ୍ତି। ଗତ ୩୬ ଘଣ୍ଟା ମଧ୍ୟରେ ▶ପୃଷ୍ଠା-୯

**ଲଘୁଚାପ ସୃଷ୍ଟି ହେବା ନେଇ ଆଶଙ୍କା**

**ରଥ ବେଳକୁ ଆଉ ଏକ ଲଘୁଚାପ**

# କେନ୍ଦ୍ର ଉପରେ ଧାନ କିଣା ବକେୟା ୧୭ ହଜାର କୋଟି

■ **ଭୁବନେଶ୍ୱର, ୨୭।୬ (ସମିସ):** କେନ୍ଦ୍ର ଉପରେ ଗଡ଼ୁଛି ୧୭ ହଜାର କୋଟି ଧାନ କିଣା ବକେୟା ରାଶି। ଦୀର୍ଘ ବର୍ଷ ହେଲା ଏହି ବକେୟା ରାଶି ପ୍ରଦାନ କରିବାକୁ ତତ୍କାଳୀନ ବିଜେଡି ସରକାର କେନ୍ଦ୍ର ନିକଟରେ ବାରମ୍ବାର ଦାବି କରିଛନ୍ତି; ବିଜେଡି ସାଂସଦମାନେ ତତ୍କାଳୀନ ଖାଦ୍ୟ ଯୋଗାଣମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ଅନେକବାର ଭେଟିଛନ୍ତି; ମାତ୍ର ଏହି ଅର୍ଥ ମିଳି ପାରିନାହିଁ। ବକେୟା ୧୨ ହଜାର କୋଟି ଓ ଏହାର ସୁଧ ମିଶି ଏବେ ୧୭ ହଜାର କୋଟି ଟଙ୍କା ଅତିକ୍ରମ କରିଛି। ଏହି ପରିପ୍ରେକ୍ଷୀରେ ଧାନର ଏମ୍ଏସ୍ପି ୩୧୦୦ ଟଙ୍କା ପ୍ରଦାନ ଘୋଷଣା ରାଜ୍ୟର ବିଜେପି ସରକାରଙ୍କ ପାଇଁ ବଡ଼ ଆହ୍ୱାନ ପାଲଟିଛି। ପ୍ରତି କ୍ୱିଣ୍ଟାଲ ୮୦୦ ଟଙ୍କା ବୋନସ ବା ଇନ୍ପୁଟ୍ ସବସିଡ଼ି ପାଇଁ ରାଜ୍ୟ ସରକାରଙ୍କୁ ବର୍ଷକୁ ପ୍ରାୟ ୬୪୦୦ କୋଟି ଟଙ୍କା ଆବଶ୍ୟକ ଥିବାବେଳେ କେବଳ ଖରିଫ ଋତୁରେ ଧାନ କିଣା ନିମନ୍ତେ ଅତିରିକ୍ତ ୫ ହଜାର କୋଟି ଲୋଡ଼ା ହେବ। ଏହି ଅର୍ଥ କେଉଁଠୁ ଆସିବ ତାହାକୁ ନେଇ ଚିନ୍ତାରେ ପଡ଼ିଛି ଖାଦ୍ୟ ଯୋଗାଣ ଓ ଖାଉଟିକଲ୍ୟାଣ ବିଭାଗ।

ଖରିଫ୍ ଋତୁରେ ଚାଷୀଙ୍କଠାରୁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ କିଣାଯିବ। ଧାନ କ୍ରୟର ୪୮ ଘଣ୍ଟା ମଧ୍ୟରେ ଡିବିଟି ଜରିଆରେ ଚାଷୀଙ୍କ ଆକାଉଣ୍ଟକୁ ସମସ୍ତ ଅର୍ଥ ପ୍ରେରଣ କରାଯିବ। ରାଜ୍ୟରେ ସରକାର ଗଠନ ପୂର୍ବରୁ ଏବଂ ସରକାର ଗଠନ ପରେ ବିଜେପି ବାରମ୍ବାର ଏନେଇ ଦୃଢ଼ୋକ୍ତି ପ୍ରକାଶ କରିଛି। ଏକପକ୍ଷରେ କେନ୍ଦ୍ର ସରକାର ପୂର୍ବରୁ ଧାନ କିଣା ବାବଦରେ ବକେୟା ଅର୍ଥ ପରିଶୋଧ କରି ନଥିବା ଯୋଗୁଁ ରାଜ୍ୟ ଯୋଗାଣ ନିଗମ ଚାପରେ ରହିଛି। ସମାନ ସମୟରେ ଧାନ କିଣା ପାଇଁ ଅତିରିକ୍ତ ସମ୍ବଳର ଆବଶ୍ୟକତା ମଧ୍ୟ ଯୋଗାଣ ବିଭାଗ ପାଇଁ ଆଉ ଏକ ଆହ୍ୱାନ ହେବ ବୋଲି ମତପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ ରାଜ୍ୟରେ ପଞ୍ଜୀକୃତ ଚାଷୀଙ୍କଠାରୁ ଓଡ଼ିଶା ଯୋଗାଣ ନିଗମ ଚାଷୀଙ୍କଠାରୁ ଧାନ କ୍ରୟ କରିଥାଏ। ଧାନ କିଣା ସବସିଡ଼ି ଅର୍ଥ କେନ୍ଦ୍ର ସରକାର ରାଜ୍ୟକୁ ପ୍ରଦାନ କରିଥାନ୍ତି। ଜୁନ୍ ୨୦୨୪ ସୁଦ୍ଧା କେନ୍ଦ୍ର ସରାକରଙ୍କଠାରୁ ପ୍ରାରମ୍ଭିକ ସବସିଡ୍ ବାବଦରେ ମିଳିବାକୁ ଥିବା ୯୭୦୦ କୋଟି ଟଙ୍କା ଏବଂ ଅଗ୍ରୀମ ସବସିଡ଼ି ବାବଦରେ ପାଇବାକୁ ଥିବା ୫୦୦ କୋଟି ଟଙ୍କା ▶ପୃଷ୍ଠା-୯



**୯୦୦୦ କୋଟି ଟଙ୍କା ଋଣ ଉପରେ ୭୫୦୦ କୋଟି ସୁଧ ଗଣିବ ରାଜ୍ୟ**

**ଏମ୍ଏସ୍ପି ୩୧୦୦ ଟଙ୍କା ଦେବାକୁ ଖରିଫ୍‌ରେ ଲୋଡ଼ା ଆଉ ୫୦୦୦ କୋଟି**

**ପ୍ରତିବର୍ଷ ବଜ୍ରପାତରେ ଯାଉଛି ୩୦୦ ଲୋକଙ୍କ ଜୀବନ**

# ପ୍ରଶ୍ନ ଘେରରେ 'ଶୂନ୍ୟ ଜୀବନ ହାନୀ' ନୀତି

■ **ଭୁବନେଶ୍ୱର, ୨୭।୬ (ସମିସ):** ବୁଧବାର ବରଗଡ଼ ଓ ବଲାଙ୍ଗିରରେ ବଜ୍ରପାତ ଯୋଗୁଁ ୫ ଜଣ ଲୋକଙ୍କର ଜୀବନ ଯାଇଛି। ଗତ ମାର୍ଚ୍ଚ ମାସରୁ ଲଗାତର ଭାବେ ବଜ୍ରପାତଜନିତ ମୃତ୍ୟୁ ଜାରିରହିଛି। ମୌସୁମୀ ଆସି ସାରିଥିବାରୁ ଆସନ୍ତା ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଏହି ସ୍ଥିତି ଜାରିରହିବା ନେଇ ବିଶେଷଜ୍ଞମାନେ ମତ ଦେଇଛନ୍ତି। ରାଜ୍ୟ ସରକାର ବିପର୍ଯ୍ୟୟ ପରିଚାଳନା ଓ ଶୂନ୍ୟ ଜୀବନହାନୀକୁ ମୂଳମନ୍ତ୍ର କରିଛନ୍ତି। ଅନ୍ୟ ବିପର୍ଯ୍ୟୟଗୁଡ଼ିକରେ ବିଭିନ୍ନ ରାଜ୍ୟ ତୁଳନାରେ ଓଡ଼ିଶାର ସଫଳତା ବହୁ ଆଗରେ ରହିଛି। ମାତ୍ର ବଜ୍ରପାତଜନିତ କାରଣରୁ ପ୍ରତିବର୍ଷ ପ୍ରାୟ ୩୦୦ରୁ ଅଧିକ ଲୋକ ପ୍ରାଣ ହରାଉଥିବା ବେଳେ ଏ କ୍ଷେତ୍ରରେ ମୃତ୍ୟୁହାର ରୋକିବା ରାଜ୍ୟ ସରକାରଙ୍କ ପାଇଁ ବଡ଼ ଆହ୍ୱାନ ସାଜିଛି।

୨୦୧୭-୧୮ରେ ରାଜ୍ୟରେ ସର୍ବାଧିକ ୪୭୪ ଜଣଙ୍କ ଜୀବନ ବଜ୍ରପାତରେ ଯାଇଥିଲା। ୨୦୨୧ରେ ବଜ୍ରପାତଜନିତ ମୃତ୍ୟୁରେ ଓଡ଼ିଶା ଦେଶରେ ଶୀର୍ଷରେ ରହିଥିଲା। ସେହି ବର୍ଷ ରାଜ୍ୟରେ ୨୧୩ ଜଣଙ୍କର ବଜ୍ରପାତରେ ମୃତ୍ୟୁ ହୋଇଥିଲା। ତେବେ ୨୦୨୩ରେ ୨୮୫ ଜଣଙ୍କର ଜୀବନ ଯାଇଥିଲା। ୨୦୨୪ରେ ବର୍ତ୍ତମାନ ସୁଦ୍ଧା ୪୦-୫୦ ଲୋକଙ୍କର ଜୀବନ ଯାଇଥିବା ଜଣାପଡ଼ିଛି। ସାଧାରଣତଃ ମୌସୁମୀ ଆସିବାର କିଛିଦିନ ପରେ ବିରତି ନେଇଥାଏ। ଏହି ସମୟରେ ବର୍ଷାର ଅଭାବ ଦେଖାଯିବା ସହ ଭୂପୃଷ୍ଠ ଉତ୍ତପ୍ତ ହୋଇଥାଏ ଓ ଅତ୍ୟଧିକ ବଜ୍ରପାତ ହୋଇଥାଏ। ତେଣୁ ଆଗାମୀ ମାସେ କିମ୍ବା ଦୁଇ ମାସ ମଧ୍ୟରେ ଏହି ସ୍ଥିତି ଆହୁରି ଅଧିକ ହେବାର ଆଶଙ୍କା କରାଯାଇଛି। ବଜ୍ରପାତରୁ ରକ୍ଷାପାଇବା ପାଇଁ ସଚେତନତା ହିଁ ଏକମାତ୍ର ଉପାୟ ହୋଇଥିବାରୁ ରାଜ୍ୟ ସରକାର ଏ କ୍ଷେତ୍ରରେ ଅଧିକରୁ ଅଧିକ ମାନବ ସମ୍ବଳ ଓ ପ୍ରଯୁକ୍ତି ବିଦ୍ୟା ବିନିଯୋଗ କରିବା ଉପରେ ଗୁରୁତ୍ୱ ଦେବା ପାଇଁ ବହୁ ଦିନରୁ ଦାବି ହୋଇ ଆସୁଛି। ବଜ୍ରପାତ ମୃତ୍ୟୁ ହ୍ରାସ କ୍ଷେତ୍ରରେ କାର୍ଯ୍ୟ କରୁଥିବା ▶ପୃଷ୍ଠା-୯



**ମୃତ୍ୟୁ ସଂଖ୍ୟାର ୯୬% ଗ୍ରାମାଞ୍ଚଳ ଲୋକ**

**ମହାନଦୀ ବିବାଦ ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀଙ୍କ ମନ୍ତବ୍ୟକୁ ବିଜେଡିର କଡ଼ା ସମାଲୋଚନା**

# ବାହାନା ନ କରି ସମାଧାନ କରନ୍ତୁ ଟ୍ରିପଲ ଇଞ୍ଜିନ ସରକାର



■ **ଭୁବନେଶ୍ୱର, ୨୭।୬ (ସମିସ):** ମହାନଦୀ ଜଳ ବିବାଦର ସମାଧାନ ପାଇଁ ସମୟ ଥାଉ ଥାଉ ନବୀନ ପଟ୍ଟନାୟକଙ୍କ ସରକାର ସବୁମତେ ଉଦ୍ୟମ କରିଛନ୍ତି। ଛତିଶଗଡ଼ ସରକାର, କେନ୍ଦ୍ର ସରକାର ଏବଂ କେନ୍ଦ୍ରୀୟ ଜଳ ଆୟୋଗଙ୍କୁ ସମସ୍ୟା ସମାଧାନ ପାଇଁ ନିବେଦନ କରିଛନ୍ତି। ଏପରିକି ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟକ୍ତିଗତ ଭାବେ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ହସ୍ତକ୍ଷେପ ଲୋଡ଼ିଛନ୍ତି। ସଂସଦରେ ବିଜେଡି ସାଂସଦମାନେ ମହାନଦୀ ଜଳ ଉପରେ ଓଡିଶାର ଅଧିକାର ▶ପୃଷ୍ଠା-୯

**ନିୟମକୁ ଆଖି ବୁଜି ଦେଇଛନ୍ତି କେନ୍ଦ୍ର ଓ ଛତିଶଗଡ଼ ସରକାର, ଜଳ ଆୟୋଗ**

**ପ୍ରଭାବିତ ହୋଇଛି ମହାନଦୀ ତଟବର୍ତ୍ତୀ ୧୬ ଜିଲ୍ଲାର ଲୋକଙ୍କ ଜୀବନଜୀବିକା**

**ନବୀନ ପଟ୍ଟନାୟକ ସବୁ ଫୋରମ୍‌ରେ ଦାବି ଜଣାଇଲେ ମଧ୍ୟ ଶୁଣିଲାନି କେନ୍ଦ୍ର**

**ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଏଥିଲାଗି ଦାବି କରନ୍ତୁ**

## ଆଜିର ଇତିହାସ

- ୧୮୩୮ - ଭିକ୍ଟୋରିଆ ବ୍ରିଟେନ୍‌ର ମହାରାଣୀ ହେଲେ।
- ୧୯୨୧- ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ଜନ୍ମ।
- ୧୯୫୨-ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲସନ୍ ମଣ୍ଡେଲାଙ୍କୁ ଜେଲ୍‌ରେ ରଖାଗଲା।
- ୧୯୭୬- ଆମେରିକୀୟ ବାୟୁସେନା ଏକାଡେମୀରେ ପ୍ରଥମ ଥର ପାଇଁ ଜଣେ ମହିଳା ପ୍ରବେଶ କଲେ।
- ୨୦୦୫- ରୁଷିଆ ଇରାନ୍ ପାଇଁ ଛଅଟି ପରମାଣୁ ରିଆକ୍ଟର ନିର୍ମାଣ କଥା ଘୋଷଣା କଲା।
- ୨୦୦୭ - ଆପଲ୍‌ର ପ୍ରଥମ ସ୍ମାର୍ଟଫୋନ୍ ବଜାରରେ ପ୍ରବେଶ କଲା।

# ଦେଢ଼ଶହ ବର୍ଷ ବଞ୍ଚିବାକୁ ଚାହୁଁଥିଲେ ମାଇକେଲ୍ ଜ୍ୟାକସନ୍



ସାରା ବିଶ୍ୱରେ ଖ୍ୟାତି ଅର୍ଜନ କରିଥିବା ପପ୍ ଗାୟକମାନଙ୍କ ମଧ୍ୟରେ ସବୁଠୁ ଅଧିକ ଚର୍ଚ୍ଚିତ 'କିଙ୍ଗ୍ ଅଫ୍ ପପ୍' ମାଇକେଲ୍ ଜ୍ୟାକସନ୍। ଆଜି ବି ସେ କୋଟି କୋଟି ଦର୍ଶକଙ୍କ ହୃଦୟରେ ରାଜ୍ କରୁଛନ୍ତି। ମାଇକେଲ୍ ଗୀତ ଗାଇବା ସହିତ ତାଙ୍କ ନୃତ୍ୟରେ ସାରା ବିଶ୍ୱକୁ ଦିୱାନା କରି ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିଲେ। ମ୍ୟୁଜିକ୍ ଭିଡିଓ 'ସ୍ମୁଥ୍ କ୍ରିମିନାଲ୍'ରେ ତାଙ୍କ ଡ୍ୟାନ୍ସ ମୁଭ୍‌କୁ ନେଇ ଜୋରଦାର ଚର୍ଚ୍ଚା ହୋଇଥିଲା। ମାଇକେଲ୍ ଏଥିରେ ୪୫ ଡିଗ୍ରୀ ଟିଲ୍ଟ ଡ୍ୟାନ୍ସ ମୁଭ୍ କରିଥିଲେ। ସେ କିପରି ଏହା କରିବାକୁ ସକ୍ଷମ ହୋଇଥିଲେ ସେବିଷୟରେ ବୈଜ୍ଞାନିକମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ପରେ ମାଇକେଲ୍‌ଙ୍କ ନୃତ୍ୟର ରହସ୍ୟ ତାଙ୍କ ଜୋତାରେ ଲୁଚି ରହିଥିଲା ବୋଲି ଜଣାପଡ଼ିଥିଲା। ଏଭଳି ଡ୍ୟାନ୍ସ କରିବା ପାଇଁ ସେ ଏକ ସ୍ୱତନ୍ତ୍ର ଜୋତା ଡିଜାଇନ୍ କରିଥିଲେ। ହେଲେ ଜାଣିଛନ୍ତି ଏହି ମହାନ ଡ୍ୟାନ୍‌ସର ଓ ପପ୍ ସିଙ୍ଗର ୧୫୦ ବର୍ଷ ବଞ୍ଚିବା ପାଇଁ ଚାହୁଁଥିଲେ। କେବଳ ସେତିକି ନୁହେଁ ସେ ଦୀର୍ଘାୟୁ ହେବା ପାଇଁ ଏକ ୧୨ ଜଣିଆ ଡାକ୍ତରୀ ଦଳକୁ ପାଖରେ ରଖୁଥିଲେ ବୋଲି କୁହାଯାଏ। ସେମାନେ ପ୍ରତିଦିନ ତାଙ୍କ କେଶଠୁ ଆରମ୍ଭ କରି ପାଦ ନଖ ପର୍ଯ୍ୟନ୍ତ ପରୀକ୍ଷା କରୁଥିଲେ। ଲାବ୍ରୋଟୋରିରେ ଟେଷ୍ଟ କରାଯାଉଥିଲା ତାଙ୍କ ଖାଦ୍ୟ । ସେ ଅକ୍ସିଜେନ ଚାମ୍ବରରେ ମଧ ଶୋଉଥିଲେ। ଏଥି ସହିତ ତାଙ୍କ ଚେହେରା ଏବଂ ଚର୍ମକୁ ବଦଳାଇବା ପାଇଁ ସେ ଅନେକ ଥର ପ୍ଲାଷ୍ଟିକ୍ ସର୍ଜରୀ କରିଥିଲେ, ଯେଉଁଥିପାଇଁ ସେ ଅନେକ ସମାଲୋଚନାର ଶିକାର ହୋଇଥିଲେ। ସେ କାହାକୁ ଭେଟିବା ପୂର୍ବରୁ ମୁହଁରେ ମାସ୍କ ଏବଂ ଗ୍ଲୋଭ୍‌ସ ପିନ୍ଧିବାକୁ ଭୁଲୁ ନ ଥିଲେ। ଅବଶ୍ୟ ଏସବୁ କଥାକୁ ତାଙ୍କ ପ୍ରଶଂସକମାନେ ଖଣ୍ଡନ କରିଥାନ୍ତି। ୨୦୦୯ ଜୁନ୍ ୨୫ ତାରିଖରେ ୫୦ ବର୍ଷ ବୟସରେ ତାଙ୍କର ହୃଦ୍‌ଘାତରେ ପରଲୋକ ଘଟିଥିଲା। ବିଶ୍ୱର ଲୋକପ୍ରିୟ ଡ୍ୟାନ୍‌ସରଙ୍କୁ ବଞ୍ଚାଇ ପାରି ନ ଥିଲା ୧୨ ଜଣିଆ ଡାକ୍ତରୀ ଦଳର କ୍ରମାଗତ ଉଦ୍ୟମ। ତାଙ୍କର ୧୫୦ ବର୍ଷ ବଞ୍ଚିବାର ସ୍ୱପ୍ନ ପୂରଣ ହୋଇପାରିଲା ନାହିଁ। ତାଙ୍କର ଶେଷ ଯାତ୍ରାକୁ ୨.୫ ନିୟୁତ ଲୋକେ ଦେଖିଥିଲେ। ତେବେ ମାଇକେଲ୍‌ଙ୍କ ମୃତ୍ୟୁକୁ ନେଇ ଅନେକ ପ୍ରଶ୍ନ ଉଠିଥିଲା। ମାଇକେଲ୍‌ଙ୍କ ପରିବାର ତାଙ୍କ ମୃତ୍ୟୁକୁ ଏକ ହତ୍ୟାକାଣ୍ଡ ବୋଲି କହିଥିଲେ, ଯେଉଁଥିପାଇଁ ତାଙ୍କର ଦୁଇଥର ଶବ ବ୍ୟବଚ୍ଛେଦ କରାଯାଇଥିଲା । ଡ୍ରଗ୍ସ ସେବନ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା କେତେକ ରିପୋର୍ଟରେ କୁହାଯାଇଥିବାବେଳେ ଆଉ କେତେକରେ ତାଙ୍କର ମାତ୍ରାଧିକ ଅସ୍ତ୍ରୋପଚାର ତାଙ୍କ ମୃତ୍ୟୁର କାରଣ ବୋଲି ଦର୍ଶାଯାଇଥିଲା ।

# ଶୁଆ କହେ କି ଭବିଷ୍ୟତ କଥା



ଶୁଆକୁ ସବୁଠୁ ବୁଦ୍ଧିମାନ ପକ୍ଷୀ ବୋଲି କୁହାଯାଏ। ଏହା ଖୁବ୍ ସହଜରେ ମଣିଷର ସ୍ୱରକୁ ନକଲ କରିଥାଏ। ଯାହାକୁ ଶୁଣିବାକୁ ସମସ୍ତଙ୍କୁ ବେଶ୍ ଭଲ ଲାଗିଥାଏ। ତେବେ ପ୍ରଶ୍ନ ଉଠୁଛି, ଶୁଆ କିଭଳି ଲୋକଙ୍କ କଥାକୁ ଅତି ସୁନ୍ଦର ଭାବେ ନକଲ କରିଥାଏ? ବୈଜ୍ଞାନିକ କାରଣ ଅନୁସାରେ, ସିରିଂକ୍ସ ନାମକ ଏକ ଅଙ୍ଗ ଶୁଆର ଶ୍ୱାସନଳୀରେ ଅଛି। ଏହା ମାଧ୍ୟମରେ ହିଁ ଶୁଆ ମଣିଷଙ୍କ ଭଳି କଥା କହିଥାଏ। ଶୁଆ କଣ୍ଠରେ ପବନ ଗତି କରିବା ଦ୍ୱାରା ସିରିଂକ୍ସରେ କମ୍ପନ ସୃଷ୍ଟି ହୁଏ। ଫଳରେ ଏଥିରୁ ଶବ୍ଦ ସୃଷ୍ଟି ହୁଏ। ଏହିପ୍ରକାରେ ଶୁଆ ଧ୍ୱନିକୁ ନକଲ କରିବାକୁ ସକ୍ଷମ ହୋଇଥାଏ। ଅନ୍ୟପଟେ ଶୁଆର ଜିଭ ମଧ ମୋଟା ହୋଇଥିବାରୁ ସ୍ୱରକୁ ନକଲ କରିବା ତା' ପକ୍ଷେ ଆହୁରି ସହଜ ହୁଏ। ପ୍ରଶ୍ନ ଉଠୁଛି, ଶୁଆ କ'ଣ ସତରେ ଲୋକଙ୍କ ଭବିଷ୍ୟତ ସମ୍ପର୍କରେ କହିଥାଏ? ବିଜ୍ଞାନ ଅନୁସାରେ, ଶୁଆର ମସ୍ତିଷ୍କ ବଡ଼। ଶୁଆ ମସ୍ତିଷ୍କ ସଂରଚନା ମଣିଷ ମସ୍ତିଷ୍କ ସଂରଚନା ସଦୃଶ ସମାନ। କିନ୍ତୁ ବାସ୍ତବରେ ସେ କାହାର ଭବିଷ୍ୟତ ସମ୍ପର୍କରେ କିଛି କହି ନ ଥାଏ। କିନ୍ତୁ ତା' ମାଲିକ ତାକୁ ଯାହା କିଛି ଘୋଷିବା ତଥା ଶିଖାଇଥାଏ, ତା'କୁ ଘୋଷି କହିଥାଏ। ଏହି ସମୟରେ ସେ ଯାହା କିଛି କହେ, ଲୋକେ ଭାବନ୍ତି ଶୁଆ ଭବିଷ୍ୟତ କଥା କହୁଛି। କୁହାଯାଏ, ଅନ୍ୟପକ୍ଷୀଙ୍କ ତୁଳନାରେ ଶୁଆର ମସ୍ତିଷ୍କ ଖୁବ୍ ବଡ଼।

# ହାତ ମୁଠି ଆକାରର ଡ୍ରୋନ୍

ସମସ୍ତେ ବିଭିନ୍ନ ପ୍ରକାର ଡ୍ରୋନ୍ ଦେଖିଛନ୍ତି। ଏବେ ଡ୍ରୋନ୍ ମାଧ୍ୟମରେ ଖାଦ୍ୟ, ଔଷଧ ଆଦି ଅନ୍ୟାନ୍ୟ ଜିନିଷ ଡେଲିଭରି କରାଯାଉଛି। ଏହି କ୍ରମରେ ଏବେ ଏକ ଛୋଟ ଡ୍ରୋନ୍ ଆକର୍ଷଣର କେନ୍ଦ୍ର ପାଲଟିଛି। ବାସ୍ତବରେ ଏହା ହେଉଛି ଏକ ପକେଟ୍ ସାଇଜ୍ ଡ୍ରୋନ୍। ଏହାର ନାଁ 'ପିଡି-୧୦୦ ବ୍ଲାକ୍ ହର୍ନେଟ୍।' ଉକ୍ତ ହେଲିକପ୍ଟର ଡ୍ରୋନ୍‌କୁ ନରୱେ ସ୍ଥିତ ପ୍ରକ୍ସ ଡାଇନାମିକ୍ସ କମ୍ପାନି ନିର୍ମାଣ କରିଛି। ଏହାର ଲମ୍ବା ୧୦ ସେଣ୍ଟିମିଟର ହୋଇଥିବା ବେଳେ ଚଉଡ଼ା ୨.୫ ସେମି। କହିବାକୁ ଗଲେ, ଏହାର ଆକାର ହାତ ମୁଠି ସଦୃଶ। ଲଗାତାର ଏହା ୨୦ ମିନିଟ୍ ପର୍ଯ୍ୟନ୍ତ ଉଡ଼ିପାରିବ। ଏଥିରେ ତିନିଟି କ୍ୟାମେରା ଖଞ୍ଜା ଯାଇଛି। ଏହି ଡ୍ରୋନ୍ ହେଲିକପ୍ଟର ଘଣ୍ଟା ପ୍ରତି ୨୧ କିଲୋମିଟର ବେଗରେ ଗତି କରିଥାଏ। ତେବେ ଏହାର ବିଶେଷତ୍ୱ ହେଉଛି, ଏହା ମନିଟରିଂ କାର୍ଯ୍ୟ ସୁଚାରୁରୂପେ କରିଥାଏ। ମୁଖ୍ୟତଃ ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ତଥା ଗୁପ୍ତଚର ମିଶନ ଉପରେ ନଜର ରଖିବା ପାଇଁ ଏହି ଡ୍ରୋନ ବ୍ୟବହୃତ ହୁଏ। କେବଳ ସେତିକି ନୁହେଁ, ଯେଉଁ ସ୍ଥାନକୁ ଲୋକଙ୍କ ଯିବା ସମ୍ଭବ ନୁହେଁ, ଏହା ସେହି ସ୍ଥାନରେ ପହଞ୍ଚିପାରିବ। ସେହିପରି ପ୍ରତିକୂଳ ପାଗରେ ବି ଏହା କାର୍ଯ୍ୟ କରିଥାଏ। ଅନେକ ଦେଶର ସେନା ମଧ ଏହାର ଉପଯୋଗ କରୁଛନ୍ତି। ଏହାର ନିୟନ୍ତ୍ରଣ ରିମୋଟ୍ ମାଧ୍ୟମରେ କରାଯାଏ। ଏହାକୁ ନିୟନ୍ତ୍ରଣ ବା ପରିଚାଳିତ କରୁଥିବା ବ୍ୟକ୍ତି ଡ୍ରୋନ୍ କ୍ୟାମେରାରୁ ପଠାଯାଉଥିବା ଲାଇଭ୍ ଫୁଟେଜ୍‌କୁ ଦେଖିପାରିବେ। ଅନ୍ୟପଟେ ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ଉଦ୍ଧାର କରିବା ତଥା ସର୍ଚ୍ଚ ଅପରେସନ୍‌ରେ ଏହାକୁ ବ୍ୟବହାର କରାଯାଇପାରିବ। ଭାରତ ସମେତ ଆମେରିକା, ଅଷ୍ଟ୍ରେଲିଆ, ତୁର୍କୀ, ନରୱେ, ନେଦରଲ୍ୟାଣ୍ଡ, ବ୍ରିଟେନ, ଜର୍ମାନୀ, ପୋଲାଣ୍ଡ ଏବଂ ନ୍ୟୁଜିଲାଣ୍ଡର ସଶସ୍ତ୍ର ବଳ ଏହି ଡ୍ରୋନ୍ କ୍ୟାମେରାର ବ୍ୟବହାର କରୁଛନ୍ତି।



# ମହାର୍ଘ ବିସ୍କୁଟ୍ ମୂଲ୍ୟ ୧୫ ଲକ୍ଷ

ସାଧାରଣତଃ ବଜାରରେ ଛୋଟଠୁ ନେଇ ବଡ଼ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ବିସ୍କୁଟ୍ ରହିଥାଏ। ଯାହା ୫-୧୦ ଟଙ୍କାରୁ ଆରମ୍ଭ ହୋଇ ଭିନ୍ନ ଭିନ୍ନ ମୂଲ୍ୟର ରହିଥାଏ। ତେବେ ଖଣ୍ଡିଏ ବିସ୍କୁଟ୍‌ର ମୂଲ୍ୟ ୧୫ ଲକ୍ଷ ଶୁଣି ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ। ୨୦୧୫ ମସିହାରେ ଏହି ବିସ୍କୁଟ୍ ନିଲାମ କରାଯାଇଥିଲା। ଯାହାର ମୂଲ୍ୟ ବର୍ତ୍ତମାନ ସମୟରେ ୧୫ ଲକ୍ଷ ଟଙ୍କା। ତେବେ ଏହି ବିସ୍କୁଟ୍ ବୁଡ଼ିଯାଇଥିବା ଟାଇଟନିକ୍ ଜାହାଜରୁ ଉଦ୍ଧାର କରାଯାଇଥିବାରୁ ଏହାର ମୂଲ୍ୟ ଏତେ ଅଧିକ। ସ୍ପିଲର୍ସ ଆଣ୍ଡ ବେକର୍ସ ପାଇଲଟ୍ କ୍ରାକରର ଏହି ବିସ୍କୁଟ୍‌ଟି ଟାଇଟନିକର ଏକ ଲାଇଫ୍ ବୋଟର ସର୍ଭାଇକାଲ କିଟ୍‌ରୁ ମିଳିଥିଲା। ତେଣୁ ଏହାକୁ ବିଶ୍ୱର ସବୁଠୁ ଦାମୀ ବିସ୍କୁଟ୍ ଭାବେ ଜଣାଯାଏ। ଏହାକୁ ଗ୍ରୀସ୍‌ର ଜଣେ ସଂଗ୍ରାହକ କିଣିଥିଲେ। ଏହି ବିସ୍କୁଟ୍‌କୁ ଆର୍‌ଏମ୍‌ଏସ୍ କାର୍‌ପାଥିଆରେ ଥିବା ଜେମସ୍ ଓ ମାବେଲ ଫ୍ୟାନ୍‌ଭିକ୍ ସ୍ମୃତି ଭାବେ ସାଇତି ରଖିଥିଲେ। ଆର୍‌ଏମ୍‌ଏସ୍ କାର୍‌ପାଥିଆକୁ ଟାଇଟନିକ୍ ଜାହାଜରେ ଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରିବାପାଇଁ ଅଣାଯାଇଥିଲା। ସେହି ସମୟରେ ଏହି ଦମ୍ପତି ଏହି ବିସ୍କୁଟ୍‌କୁ କୋଡାକ୍ ରିଲ୍‌ର ଲଫାପା ମଧ୍ୟରେ ରଖିଥିଲେ। ଏହା ସହିତ ସେମାନେ ଅନ୍ୟ କିଛି ଫଟୋର ନେଗେଟିଭ୍‌କୁ ମଧ ସୁରକ୍ଷିତ ରଖିଥିଲେ। ସେହିପରି ଏହି ବିସ୍କୁଟ୍‌ର ନିଲାମକର୍ତ୍ତା ଆଣ୍ଡ୍ରୁ ଏଡ୍ରିଜ୍‌ଙ୍କ କହିବାନୁଯାୟୀ, 'ଏହି ବିସ୍କୁଟ୍ କିପରି ଏତେ ବଡ଼ ଦୁର୍ଘଟଣାକୁ ସାମ୍ନା କରିଥିଲା, ବଡ଼ ଆଶ୍ଚର୍ଯ୍ୟର କଥା। ମୋ ଜାଣତରେ ଟାଇଟନିକ୍‌ରୁ ଏହି ବିସ୍କୁଟ୍ ଛଡ଼ା ଆଉ କୌଣସି ବିସ୍କୁଟ୍ ଉଦ୍ଧାର କରାଯାଇନାହିଁ। କିଛି ବର୍ଷ ପୂର୍ବେ ଜଣାଶୁଣା ଏକ୍ସପ୍ଲୋରର ସାର ଆରନେଷ୍ଟ ସ୍ୟାକଲେଟନ ବିଭିନ୍ନ ସ୍ଥାନକୁ ଯାତ୍ରା ସମୟରେ ପାଇଥିବା ଏକ ୧୦୦ ବର୍ଷର ପୁରୁଣା ବିସ୍କୁଟକୁ ମଧ ନିଲାମ କରାଯାଇଥିଲା । ଯାହା ତିନି ଲକ୍ଷ ଟଙ୍କାରେ ନିଲାମ ହୋଇଥିଲା ।'






# ଶ୍ରୁତିକଟୁ ସ୍ୱରକୁ ମଧୁର କରିବ ସଫ୍ଟୱେର

କ୍ରୋଧ ଏକ ସାମୟିକ ଉତ୍ତେଜନା। ଯାହା ମଣିଷର ବଡ଼ ଶତ୍ରୁ। ଅଧିକାଂଶ ନିଜ କ୍ରୋଧ ଉପରେ ନିୟନ୍ତ୍ରଣ ନ ରଖିପାରି ସାମନା ଲୋକର କୌଣସି ଭୁଲ୍ ନ ଥାଇ ଅନେକ ସମୟରେ ସେମାନଙ୍କୁ ଗାଳିଗୁଲଜ କରିଥାନ୍ତି। ଏହାଦ୍ୱାରା ସାମ୍ନା ଲୋକର ମାନସିକ ସ୍ଥିତି ଠିକ୍ ରହି ନ ଥାଏ। ଏଭଳି ସ୍ଥିତିରେ ଗାଳି ଖାଉଥିବା ଲୋକଟିର ମୁଡ୍ କିପରି ଖରାପ ନ ହେବ ସେଥିପାଇଁ ଜାପାନର ଏକ କମ୍ପାନି ସମାଧାନର ରାସ୍ତା ଖୋଜିଛି। ଏହି କମ୍ପାନୀ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାର କରି ଏପରି ଏକ ସଫ୍ଟୱେର ବିକଶିତ କରିଛି, ଯାହା ମଣିଷର ମୁଡ୍ ଖରାପ ହେବାକୁ ଦେବ ନାହିଁ। ଏହି ଟେକ୍‌ନିକ୍ ମଣିଷର କର୍କଶ ସ୍ୱରକୁ ମଧୁର ଶବ୍ଦରେ ପରିଣତ କରିବ। ଏଥିରେ ଜଣେ ଯେତେ ଚିତ୍କାର କଲେ ବି ଗାଳି ଶୁଣୁଥିବା ଲୋକଟିକୁ ଏହା ମଧୁର ଲାଗିବ। ବିଶେଷକରି ଏହା କଲ୍ ସେଣ୍ଟରରେ କାର୍ଯ୍ୟରତ ଲୋକଙ୍କ ପାଇଁ ତିଆରି କରାଯାଇଛି। ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ଯେଉଁମାନେ ରାଗରେ କିଛି କଥା କହୁଥାନ୍ତି, ତାହାକୁ ଏହା ସୁମଧୁର ବନାଇଦେବ। ଏହା ଏକ ଫିଲଟର୍ ଭଳି କାମ କରିବ, ଯାହାକି ରାଗୁଥିବା ଲୋକଙ୍କ ସ୍ୱର ଚିହ୍ନଟ କରି ଏହାକୁ ମଧୁର ସ୍ୱରରେ ରୂପାନ୍ତରିତ କରିବ। ଏହାକୁ ତିଆରି କରିଥିବା ସଫ୍ଟ ବ୍ୟାଙ୍କ କମ୍ପାନିର ଡେଭଲପର୍ସ ତୋସିୟୁକି ନାକାତାନିଙ୍କ କହିବାନୁସାରେ, ଆମେ ମଣିଷର ଭାବନା ସହ ଜଡ଼ିତ ଏକ ପଦ୍ଧତି ବିକାଶ କରିଛୁ, ଯାହା କର୍ମଚାରୀଙ୍କୁ ଗାଳିଗୁଲଜ କଟୁ ଶବ୍ଦରୁ ରକ୍ଷା କରିବ। ଏହି ଭଏସ୍ ଫିଲ୍ଟର ଦୁଇଟି ପର୍ଯ୍ୟାୟରେ କାମ କରିବ, ପ୍ରଥମତଃ ଏହା କୃତ୍ରିମ ବୁଦ୍ଧିମତ୍ତା ସାହାଯ୍ୟ କ୍ରୋଧଯୁକ୍ତ ସ୍ୱରକୁ ଚିହ୍ନଟ କରିବ, ଦ୍ୱିତୀୟ ପର୍ଯ୍ୟାୟରେ ଏହା ଏକ ଟୁଲ୍ ଜରିଆରେ ଏହାକୁ ମଧୁର ସ୍ୱରକୁ ରୂପାନ୍ତରିତ କରିବ।

# ସବୁବେଳେ ଇୟର୍‌ଫୋନ୍ ବ୍ୟବହାର କରୁଥିଲେ...

**ଆଜିକାଲି ଲୋକେ ସ୍ମାର୍ଟଫୋନ୍ ବିନା ଘଡ଼ିଏ ରହିପାରୁ ନାହାନ୍ତି। କାମ କରିବା କିମ୍ବା ଯାତ୍ରା କରିବା ସମୟରେ ଅନେକେ ଇୟର୍‌ଫୋନ୍ ଲଗାଇ ଗୀତ ଶୁଣନ୍ତି, ନଚେତ୍ ସୋସିଆଲ ମିଡିଆରେ ବ୍ୟସ୍ତ ରୁହନ୍ତି। ଦିନରେ ଏପରି ଅଳ୍ପ ସମୟ ପାଇଁ କଲେ କିଛି ଅସୁବିଧା ନାହିଁ, କିନ୍ତୁ କିଛି ଲୋକ ଏପରି ଅଛନ୍ତି, ଯେଉଁମାନେ କୌଣସି କାମ କରନ୍ତୁ, କିମ୍ବା ଖାଲି ବସିଥାନ୍ତୁ, କାନରେ ସବୁବେଳେ ସେମାନଙ୍କର ଇୟର୍‌ଫୋନ୍ ଲାଗିଥାଏ। ତେବେ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ବିପଜ୍ଜନକ ହୋଇପାରେ। ଏଭଳି କରୁଥିଲେ ସାବଧାନ ହୋଇଯାନ୍ତୁ।**

### ହରାଇ ପାରନ୍ତି ଶ୍ରବଣ ଶକ୍ତି

ଦିନସାରା ଇୟର୍‌ଫୋନ୍ ବ୍ୟବହାର କରୁଥିବା ଲୋକେ ଏହି ଅଭ୍ୟାସ ବଦଳାଇବା ଦରକାର। ଏହାକୁ ଜଣେ ଲଗାତାର ବ୍ୟବହାର କରିବା ଦ୍ୱାରା ଶ୍ରବଣ ଶକ୍ତି ହରାଇବା ଆଶଙ୍କା ଥାଏ। ନିକଟରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯଦି ଜଣେ ଦୁଇ ଘଣ୍ଟା ଅଧିକ ଜୋରରେ ଇୟରଫୋନ୍‌ରେ ସଙ୍ଗୀତ ଶୁଣନ୍ତି, ଏହାଦ୍ୱାରା ଶ୍ରବଣ ଶକ୍ତି ପ୍ରଭାବିତ ହୋଇଥାଏ।

### ବଢ଼ିଥାଏ ହୃଦ୍‌ରୋଗ ଆଶଙ୍କା

କାନରେ ଇୟର୍‌ଫୋନ୍ ଲଗାଇ ଜୋରରେ ଗୀତ ଶୁଣିବା ଦ୍ୱାରା ଏହା ଘାତକ ହୋଇପାରେ। ଏହାଦ୍ୱାରା ହୃଦ୍‌ରୋଗ ହେବା ଆଶଙ୍କା ବଢ଼ିଯାଏ। ଯେତେବେଳେ ଆମେ ଅଧିକ ଜୋରରେ ଗୀତ ଶୁଣୁ ସେତେବେଳେ ଆମର ହୃଦ୍‌ସ୍ପନ୍ଦନ ବଢ଼ିଯାଏ। ଏଭଳି ନିୟମିତ ହେବା ଦ୍ୱାରା ହୃଦ୍‌ରୋଗ ହେବା ଆଶଙ୍କା ବୃଦ୍ଧିପାଏ।



### ମସ୍ତିଷ୍କ ଉପରେ ପ୍ରଭାବ

ଦୀର୍ଘ ସମୟ ଧରି ଇୟର୍‌ଫୋନ୍ ବ୍ୟବହାର କରିବା ଦ୍ୱାରା ଏହା ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଇୟର୍‌ଫୋନ୍‌ରୁ ବାହାରୁଥିବା ବିଦ୍ୟୁତ୍ ତରଙ୍ଗ ମସ୍ତିଷ୍କ ଉପରେ ପ୍ରଭାବ ପକାଇଥାଏ। ଏହା ଆମର ମସ୍ତିଷ୍କ କୋଷିକାଗୁଡ଼ିକୁ ନଷ୍ଟ କରିଦିଏ। ଏହାଦ୍ୱାରା ଆମ ମସ୍ତିଷ୍କ ମାନ୍ଦା ହୋଇଯାଏ।

### ନିଦରେ ସମସ୍ୟା

ଯଦି ଜଣେ ଇୟରଫୋନ୍ ଲଗାଇ ଶୋଉଥାନ୍ତି କିମ୍ବା ଶୋଇବା ପୂର୍ବରୁ ଏଥିରେ ଗୀତ ଶୁଣୁଥାନ୍ତି ଏହାଦ୍ୱାରା ଅନିଦ୍ରା ସମସ୍ୟା ବୃଦ୍ଧିପାଏ। କେବଳ ସେତିକି ନୁହେଁ ଏହାଦ୍ୱାରା ନିଦରେ ମଧ ବାଧା ସୃଷ୍ଟି ହୋଇଥାଏ। ଏହା ଆମର ଜୈବିକ ଚକ୍ରକୁ ପ୍ରଭାବିତ କରିବା ଦ୍ୱାରା ଖାଇବାଠାରୁ ଆରମ୍ଭ କରି ଶୋଇବା ପ୍ରଭାବିତ ହୋଇଥାଏ।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** । ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

# ଫୁଲରି ତେଲ ଲାଗି ହେଲେ ମହାପ୍ରଭୁ

## ଆଜି ଓଷୁଅ ଲାଗି

**ପୁରୀ, ୨୭।୬(ସମିସ):** ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ସୁବାସିତ ଜଳରେ ଅତ୍ୟଧିକ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଦାରୁବିଗ୍ରହଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତ ସେବା। ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ସେବା କରୁଛନ୍ତି। ଗୁରୁବାର ଦାରୁଦିଅଁଙ୍କୁ ଲାଗି ହୋଇଛି ଫୁଲରି ତେଲ। ଶୁକ୍ରବାର ଠାକୁରଙ୍କୁ ଓଷୁଅ ଲାଗି କରାଯିବ। ତେବେ ମହାପ୍ରଭୁଙ୍କ ଗୁପ୍ତ ନୀତି ମଧ୍ୟରେ ଫୁଲରି ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବଡ଼ ଓଡ଼ିଆ ମଠ ପକ୍ଷରୁ ଚତୁର୍ଦ୍ଧାବିଗ୍ରହଙ୍କ ଲାଗି ଫୁଲରି ତେଲ ଯୋଗାଇ ଦିଆଯାଇଛି। ପ୍ରତିବର୍ଷ ଅଣସରରେ ମଠ ୬ ସେର ଏବଂ କେବଳ ନବକଳେବର ବର୍ଷରେ ୯ ସେର ଫୁଲୁରୀ ତେଲ ଯୋଗାଇଦେଇଥାଏ।

ବର୍ଷକ ଆଗରୁ ୨୪ ପ୍ରକାର ସାମଗ୍ରୀରେ ଏହାକୁ ପ୍ରସ୍ତୁତି କରାଯାଏ। ହେରାପଞ୍ଚମୀ ଦିନ ଘଣାପେଡ଼ା ରାଶିତେଲରେ କେତକୀ, ମଲ୍ଲୀ, ଚମ୍ପା, ଜୁଇ, ଜାଇ, ହେନା ଭଳି ୧୪ ପ୍ରକାର ଫୁଲ, ବେଣାଚେର, ଗୁଳୁଚି ଭଳି ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ପକାଇ ଏକ ପାତ୍ରରେ ରଖି ମାଟିତଳେ ପୋତାଯାଇଥାଏ। ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ତେଲକୁ ବାହାର କରାଯାଇ ରଖାଯାଇଥାଏ। ପଞ୍ଚମୀ ଦିନ ତେଲକୁ ଛଣାଯାଇ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି ପାଇଁ ପଠାଯାଇଥାଏ। ବୋଲି ବଡ଼ ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସଗୋସ୍ୱାମୀ କହିଛନ୍ତି। ମହାପ୍ରଭୁଙ୍କ ଏହି ଗୁପ୍ତ ନୀତି ପାଇଁ ଗୁରୁବାର ଅପରାହ୍ଣରେ ମଠର ଦୁଇଜଣ କର୍ମଚାରୀ ୨ଟି ହାଣ୍ଡିରେ ୬ ସେର ଫୁଲରି ତେଲ ନେଇ ଶ୍ରୀମନ୍ଦିର ଗାରଦରେ ପହଞ୍ଚାଇଥିଲେ। ସନ୍ଧ୍ୟାରେ ଦକ୍ଷିଣୀ ଘର ଭୋଗ ସମ୍ପନ୍ନ ହେବା ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ଅଣସର ଘର ଦ୍ୱାର ଖୋଲାଯାଇ ଅଣସର ନୀତି ଆରମ୍ଭ ହୋଇଥିଲା। ଫୁଲରି ତେଲକୁ ପତିମହାପାତ୍ର ସେବକ ତିନୋଟି ରୁପା ପିଙ୍ଗଣରେ ନେଇ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରାଇଥିଲେ।



ଫୁଲରି ତେଲ ଲାଗି ପରେ ପ୍ରଭୁଙ୍କୁ ଶୟନ ଅବସ୍ଥାରୁ ବସାଇବା ଉପକ୍ରମ ଆରମ୍ଭ ହୋଇଛି। ଲୌକିକ ମତରେ ଜ୍ୱରଗ୍ରସ୍ତ ଠାକୁରମାନଙ୍କ ଦେହରୁ ମଜରା ଛଡ଼ାଇବାକୁ କରାଯାଉଛି ଉପଚାର। ଶ୍ରୀଅଙ୍ଗକୁ ସୁସ୍ଥ କରିବାକୁ ମାଲିସ୍ ହୋଇଛି ଫୁଲରି ତେଲ। ଆୟୁର୍ବେଦ ଶାସ୍ତ୍ର ମୁତାବକ ଏଥିରେ ମିଶୁଥିବା ସମସ୍ତ ପ୍ରକାର ଫୁଲ ଏବଂ ବେଣା ଚେରରେ ରହିଛି ଦେହକୁ ଉଷ୍ମତା ପ୍ରଦାନ କରିବାର ଶକ୍ତି। ଏଣୁ ଦାରୁଦିଅଁମାନେ ଅତ୍ୟଧିକ ସ୍ନାନ ଯୋଗୁ ଅସୁସ୍ଥ ହୋଇପଡ଼ିଥିବା କଳ୍ପନା କରାଯାଇ ଏହି ତେଲ ମର୍ଦ୍ଦନ କରାଯାଇଥାଏ।

## ପ୍ରତି ରଥରେ ରହିବେ ୯ ପାର୍ଶ୍ୱ ଦେବଦେବୀ

**ପୁରୀ, ୨୭।୬(ସମିସ):** ଓଡ଼ିଶାର ମୁଖ୍ୟ ଯାତ୍ରା ଭାବେ ପୁରୀ ରଥଯାତ୍ରା ବିଶ୍ୱପ୍ରସିଦ୍ଧ। ଏହା ଶ୍ରୀମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ। ସମଗ୍ର ଭାରତ ବର୍ଷରେ ଯେତେ ପ୍ରକାରର ରଥ ଠାକୁରଙ୍କ ଲାଗି ତିଆରି ହୁଏ ସେଥିମଧ୍ୟରୁ ଶ୍ରୀକ୍ଷେତ୍ରର ତିନିରଥ ନିର୍ମାଣ ଶୈଳୀ ଅତୀବ ରହସ୍ୟମୟ। ବହୁ ପ୍ରାଚୀନ ସମୟରୁ ରଥର ନିର୍ମାଣ ପଦ୍ଧତି ଶିଳ୍ପଶାସ୍ତ୍ରାନୁମୋଦିତ। ତେବେ ଏହି ତିନିରଥରେ ଆସୀନ ହୋଇଥାନ୍ତି ପାର୍ଶ୍ୱ ଦେବଦେବୀ। ଏହି ପାର୍ଶ୍ୱ ଦେବଦେବୀଙ୍କ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ପରମକାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ନିମନ୍ତେ ପ୍ରତିବର୍ଷ ନୂତନ ଭାବେ ୩ଟି ରଥ ନିର୍ମିତ ହୋଇଥାଏ। ଶିଳ୍ପ ଶାସ୍ତ୍ର ପଦ୍ଧତିରେ ନିର୍ମିତ ହୋଇଥିବା ଏହି ରଥଗୁଡ଼ିକ ଅତ୍ୟନ୍ତ ସୁଦୃଶ୍ୟ। ଏହି ତିନିରଥରେ ପ୍ରତିବର୍ଷ ପାର୍ଶ୍ୱ ଦେବଦେବୀଙ୍କୁ ସ୍ଥାନିତ କରାଯାଇଥାଏ। ନବକଳେବର ସମୟରେ ପୁରୁଣା ପାର୍ଶ୍ୱ ଦେବଦେବୀଙ୍କୁ ପାତାଳୀ କରାଯାଇଥାଏ। ରୂପକାର ସେବକମାନେ ନିମ୍ବ କାଠରେ ସମୁଦାୟ ୨୭ଟି ପାର୍ଶ୍ୱ ଦେବଦେବୀଙ୍କ ବିଗ୍ରହ ନିର୍ମାଣ କରିଥାନ୍ତି। ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ଚିତ୍ରକାର ସେବକମାନେ ସମସ୍ତ ମୂର୍ତ୍ତିକୁ ରଙ୍ଗ କରିଥାନ୍ତି। ଆବଶ୍ୟକତା ଅନୁସାରେ ରୂପକାର ସେବକମାନଙ୍କ ଦ୍ୱାରା ମରାମତି କାର୍ଯ୍ୟ ମଧ୍ୟ ହୋଇଥାଏ। ପ୍ରତି ରଥରେ ୯ ମୂର୍ତ୍ତି ଲେଖାଏ ପାର୍ଶ୍ୱ ଦେବଦେବୀଙ୍କୁ ଅଧିଷ୍ଠିତ କରାଯାଇଥାଏ।

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥରେ ଯେଉଁ ୯ ପାର୍ଶ୍ୱ ଦେବତା ରୁହନ୍ତି। ସେମାନେ ହେଲେ ହରିହର, ପଣ୍ଡୁନୃସିଂହ, ଗିରିଗୋବର୍ଦ୍ଧନଧାରୀ, ରାବଣ ଛତ୍ରଭଙ୍ଗ, ଚିନ୍ତାମଣୀ କୃଷ୍ଣ, ନାରାୟଣ, ମଧୁସୂଦନ, ଲକ୍ଷ୍ମଣ ଓ ପଞ୍ଚମୁଖୀ ହନୁମାନ। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଯେଉଁ ଦେବୀମାନେ ରୁହନ୍ତି ସେମାନେ ହେଲେ ବିମଳା, ମଙ୍ଗଳା, ବାରାହୀ, ଭଦ୍ରକାଳୀ, ଉମା, କାତ୍ୟାୟନୀ, ହରଚଣ୍ଡୀ, ରାମଚଣ୍ଡୀ ଓ ଅଘୋରା। ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଅଧିଷ୍ଠିତ ହେଉଥିବା ଦେବତମାନେ ହେଲେ ପ୍ରଳମ୍ବାରୀ ମହାଦେବ, ବାଇଶଭୁଜ ନୃସିଂହ, ବଳରାମ, ନଟବର ଗଣେଶ, ଅଙ୍ଗଦ, ନାକାମ୍ବର, ଷଡ଼ାନନ କାର୍ତ୍ତିକେଶ୍ୱର, ମଧୁ ପୈଟଭ ଓ ଅନନ୍ତ ବାସୁଦେବ। ଏହିପରି ଭାବେ ତିନିରଥରେ ୨୭ ପାର୍ଶ୍ୱ ଦେବଦେବୀ ଅବସ୍ଥାନ କରିଥାନ୍ତି। ଦୈବୀ ଦୁର୍ଘଟଣା ଓ ପ୍ରାକୃତିକ ବିପର୍ଯ୍ୟୟରୁ ରଥକୁ ସମ୍ପୂର୍ଣ୍ଣ ରୂପେ ଏହି ପାର୍ଶ୍ୱ ଦେବଦେବୀ ସୁରକ୍ଷା ପ୍ରଦାନ କରିଥାନ୍ତି ବୋଲି ଡ. ଦାଶ କହିଛନ୍ତି।

### ଗଡ଼ା ଚାଲିଛି ତିନିରଥ...

## ତିନିରଥରେ ଉଠିଲା ପାରାଭାଡ଼ି, ପୋଟଳ



**ପୁରୀ, ୨୭।୬(ସମିସ):** ପାଖେଇ ଆସିଲାଣି ରଥଯାତ୍ରା। ଆଉ ମାତ୍ର ୯ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏପଟେ ରଥଖଳାରେ ବି କାମ ସରିଆସୁଛି। ଗୁରୁବାର ତିନିରଥର ଖପୁରୀ ସମେତ ପାରାଭାଡ଼ିକୁ ମିଶାଇ ୧୩ ପରସ୍ତ ପୋଟଳ ରଥ ଉପରେ ସଂଯୋଗ ହୋଇଛି। ସେହିପରି ଗୁରୁବାର ଦୁଆରବେଢ଼ା ନିର୍ମାଣ କାମ ଆରମ୍ଭ ହୋଇଛି। ପ୍ରତ୍ୟେକ ରଥର ଗୋଟିଏ ଗୋଟିଏ ଦୁଆର ବେଢ଼ା ନିର୍ମାଣ ସରିଛି। ତିନିରଥର ସମ୍ମୁଖ ଭାଗକୁ ଛାଡି ଅନ୍ୟ ତିନିପାର୍ଶ୍ୱରେ ପଟା ବାଡିଆ ଯାଉଛି। ସମ୍ମୁଖ ଭାଗରେ ତାଗ ବାଡିଆ ଯାଇଥିବା ବେଳେ ଶୁକ୍ରବାର ପଟା ବାଡିଆ ଯିବ। ତିନିରଥର ପ୍ରଭା କାମ ଶୁକ୍ରବାର ଆରମ୍ଭ କରାଯିବ। ସେପଟେ ରୂପକାର ସେବକମାନେ ନାଟଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ କରୁଛନ୍ତି। ଏହି ଖୋଦେଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ପଟାଗୁଜରେ ସିଂହ ବିରାଳ, ଗଜ ବିରାଳ ଓ ନର ବିରାଳ ମଧ୍ୟ ଖୋଦେଇ କରାଯାଉଛି। ତେବେ ରୂପ ଖୋଦେଇ ଶେଷ ହୋଇଥିବା ନାଟ ଗୋଡ଼ଗୁଡିକରେ ଚିତ୍ରକାରମାନେ ରଙ୍ଗ ଦେଉଛନ୍ତି। ତିନିରଥର ପାର୍ଶ୍ୱ ଦେବଦେବୀ, ସଖୀ, ରକ୍ଷିପଟା, ଓଲଟ ଶୁଆ, ହଂସ ପଟା, କଳଶ, କନ୍ୟାପଟା ଇତ୍ୟାଦିରେ ରଙ୍ଗ ଦିଆଯାଉଥିବା ବେଳେ ରଥଗୁଡ଼ିକର ଚକ, କୋଣଗୁଜ ଇତ୍ୟାଦିରେ ମଧ୍ୟ ରଙ୍ଗ କାର୍ଯ୍ୟ ଜାରି ରହିଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଦରଜି ସେବକମାନେ ତିନିରଥର ବତା କନା କଟିଙ୍ଗ ପରେ ବିଳାଶ ପଟିରେ ଲେସ୍ ସିଲାଇ କରୁଛନ୍ତି। ସେହିପରି ଦୁଆର ବେଢ଼ା ପାଇଁ କନା କଟାଯାଇ ଲେସ୍ କାମ ଚାଲିଛି। ଦୋଳବେଦୀ ପରିସରରେ କମାର ସେବକମାନେ ରଥରେ ପୋଟଳ ସେଟିଙ୍ଗ ପାଇଁ ଗୋଡି ସାଲ ଏବଂ ବାଗିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

### ■ ରଣ ଶୁଝିବାକୁ ଟଙ୍କା ଦେଇଥିଲେ ମହିଳା

## ୮୦ ଲକ୍ଷ ନେଇ ନାଏବ ସରପଞ୍ଚ ଚମ୍ପଟ

**ବହଳଦା,୨୭।୬(ସମିସ):** ମହିଳାଙ୍କ ରଣ ଶୁଝିଦେବାକୁ କହି ବହଳଦା ବ୍ଲକ ବ୍ରାହ୍ମଣବୋଷ ଗାଁର ନାଏବ ସରପଞ୍ଚ ୮୦ ଲକ୍ଷରୁ ଅଧିକ ଟଙ୍କା ଆଦାୟ କରି ଚମ୍ପଟ ମାରିଛି। ଏ ନେଇ ଗାଁର ୫୦ରୁ ଅଧିକ ମହିଳା ବୁଧବାର ସନ୍ଧ୍ୟାରେ ବହଳଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ରାଇରଙ୍ଗପୁର ଅଞ୍ଚଳରେ ଏବେ ବ୍ୟାପକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥା ଖୋଲିଛି। ଭାରତ ଫାଇନାନ୍ସ, ଏସ୍‌କେଏସ୍ ସମସ୍ତା ପରି ବହୁ କମ୍ପାନୀ ଏ ଅଞ୍ଚଳରେ ଜାଲ ବିଛାଇଛନ୍ତି। ବହଳଦା ବ୍ଲକ ଗମ୍ଭାରିଆ ପଞ୍ଚାୟତର ବ୍ରାହ୍ମଣବୋଷ, ନୂଆଡିହି, ସିଜୁକଳା, କଣ୍ଟାଶୋଳା ଗ୍ରାମ ସମେତ ସମ୍ପୃକ୍ତ ଅଞ୍ଚଳରେ ଏହିସବୁ କମ୍ପାନୀ ମହିଳାଙ୍କୁ ବ୍ୟବସାୟ କରିବା ପାଇଁ ଅଧିକ ସୁଧରେ ଲକ୍ଷ ଲକ୍ଷ ଟଙ୍କା ରଣ ଦେଇଛନ୍ତି। ତେବେ ଉକ୍ତ କମ୍ପାନୀ ପାଖରୁ ଟଙ୍କା ନେଇ ମହିଳାମାନଙ୍କୁ ବାଣ୍ଟିବା ଓ ପୁଣି ସୁଧ ସହ ନିର୍ଦ୍ଧାରିତ ସମୟରେ ଫେରାଉଥିଲେ ଗମ୍ଭାରିଆ ପଞ୍ଚାୟତର ନାଏବ ସରପଞ୍ଚ ଉଷା ମଣ୍ଡଳ। ହେଲେ ଠିକ୍ ସମୟରେ ସୁଧ ଟଙ୍କା ପରିଶୋଧ ହୋଇ ନ ଥିବାରୁ କମ୍ପାନୀର କର୍ମଚାରୀମାନେ ରଣ ନେଇଥିବା ମହିଳାଙ୍କୁ ବାରମ୍ବାର ତନାଘନା କରିଥିଲେ। କିନ୍ତୁ ମହିଳାମାନେ ଉଷାଙ୍କୁ ଟଙ୍କା ଦେଇଥିବା କହିବା ପରେ ତାଙ୍କୁ ଖୋଜାଖୋଜି କରିବାରୁ ଜଣାପଡ଼ିଥିଲା ଯେ, ସେ ମହିଳାମାନଙ୍କ ପାଖରୁ ପରିଶୋଧ ପାଇଁ ନେଇଥିବା ପ୍ରାୟ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସମ୍ପୃକ୍ତ ଫାଇନାନ୍ସ କମ୍ପାନୀରେ ଜମା ନ କରି ଫେରାର ହୋଇଯାଇଛନ୍ତି। ତାଙ୍କୁ ଯୋଗାଯୋଗ ପାଇଁ କରାଯାଇଥିଲେ ହେଁ ତାଙ୍କର ମୋବାଇଲ୍ ସୁଇଚ୍ ଅଫ୍ ଥିବାରୁ ସେ କେଉଁଠି ଅଛନ୍ତି, ତାହା ଜଣାପଡୁନାହିଁ। ଏହି ଘଟଣାରେ ଜଣେ ଶିକ୍ଷକ ମାଷ୍ଟର୍‌ମାଇଣ୍ଡ ବୋଲି ମଧ୍ୟ ଆଲୋଚନା ହେଉଛି।





### ସମ୍ପତ୍ତି ମୋହରେ ପୁଅ ଅନ୍ଧ

## ବାପାଙ୍କୁ ଠେଙ୍ଗାରେ ପିଟି ହତ୍ୟା

**ପଡ଼ିଆବାହାଲ, ୨୭।୬(ସମିସ):** ସମ୍ପତ୍ତି ପାଇଁ ସମ୍ପର୍କ ଭୁଲିଗଲା ପୁଅ। ପ୍ରାୟ ସମୟରେ ବାପା ସହିତ ଗଣ୍ଡଗୋଳ ଓ ମାର୍‌ପିଟ ଭଳି ଘଟଣା ଘଟୁଥିଲା। ଶେଷରେ ଠେଙ୍ଗାରେ ପିଟିପିଟି ବାପା ରାମପ୍ରସାଦ ବାଗ (୫୫)ଙ୍କୁ ହତ୍ୟା କରିଛି ପୁଅ ଧୀରେନ। ଏଭଳି ଅଭାବନୀୟ ଘଟଣା ଘଟିଛି ସଦରଥାନା ବୁଦେଲଛେଣ୍ଡ ଗ୍ରାମରେ। ଘଟଣାସ୍ଥଳରେ ସଦର ପୁଲିସ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତ ଧୀରେନକୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ଠେଙ୍ଗା ଜବତ କରିଛି। ଖବର ନେବାରୁ ଜଣାପଡ଼ିଛି, ଧମା ଥାନା କାକୁଡ଼ିପାଲି ଗ୍ରାମର ରାମପ୍ରସାଦ ବାଗ୍ (ରାମିଆଁ) ପ୍ରାୟ ୨୫ ବର୍ଷ ହେଲା ବୁଦେଲଛିଣ୍ଡା ଗ୍ରାମରେ ରହି ନିଜର ଗୁଜୁରାଣ ମେଣ୍ଟାଉଥିଲେ। ନିଜର ପତ୍ନୀ, ଏକମାତ୍ର ପୁଅ ଧୀରେନ (୩୫) ସହିତ ନାତିଙ୍କୁ ନେଇ ଏକାଠି ରହୁଛନ୍ତି। ଗତ କିଛିବର୍ଷ ଧୀରେନଙ୍କ ସ୍ତ୍ରୀର ମୃତ୍ୟୁ ହୋଇଥିଲା। ପ୍ରତିଦିନ ନିଶାରେ ଆସି ଧୀରେନ ବୃଦ୍ଧ ପିତାମାତା ସହିତ ଗାଳିଗୁଲଜ କରିବା ସହ ମାର୍‌ପିଟ କରୁଥିଲେ। ବୁଧବାର ରାତିରେ ବାପ-ପୁଅ ମଧ୍ୟରେ ବଚସା ହୋଇଥିଲା। ପୈତୃକ ସମ୍ପତ୍ତିକୁ ନେଇ ବାପା-ପୁଅ ମଧ୍ୟରେ କଳି ଶେଷରେ ହତ୍ୟାକାଣ୍ଡ ରୂପ ନେଇଥିଲା। ଧୀରେନ ବାପାଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କରିଥିଲେ। ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବା ବେଳେ ସକାଳେ ଗ୍ରାମବାସୀ ଖବର ପାଇଥିଲେ। ସଦରଥାନା ଅଧିକାରୀ ସୁବ୍ରତ ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପ୍ରକାଶଥାଉ କି ଗତ କିଛିବର୍ଷ ତଳେ ଧୀରେନ ପିଟିପିଟି ରାମପ୍ରସାଦଙ୍କ ଗୋଡ଼ ଭାଙ୍ଗି ଦେଇଥିଲା।

### ■ ଘରୋଇ ସ୍କୁଲରେ ୨୫ ପ୍ରତିଶତ ସିଟ୍ ସଂରକ୍ଷଣ ପ୍ରସଂଗ

## ବିକଳ୍ପ ବ୍ୟବସ୍ଥା ଉପରେ ହାଇକୋର୍ଟଙ୍କ ଜବାବ ତଲବ

**କଟକ, ୨୭।୬(ସମିସ):** ରାଜ୍ୟର ବିଭିନ୍ନ ଘରୋଇ ତଥା ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷାଧିକାର ଆଇନ ଅନୁସାରେ ଆର୍ଥିକ ଦୁର୍ବଳ ବର୍ଗର ଛାତ୍ରଛାତ୍ରୀଙ୍କ ମାଗଣା ଶିକ୍ଷା ପାଇଁ ୨୫ ପ୍ରତିଶତ ସିଟ ଉପଲବ୍ଧ କରାଯାଉ ନଥିବା ତଥା ଗତ ବର୍ଷ ତୁଳନାରେ ସିଟ ସଂଖ୍ୟା କମ ଦର୍ଶାଯିବାକୁ ବିରୋଧ କରି ଦାୟର ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି କରିଛନ୍ତି



ହାଇକୋର୍ଟ। ବିଶେଷକରି ନାମଲେଖା ଆବେଦନ ପାଇଁ କେବଳ ୱେବସାଇଟର ବ୍ୟବସ୍ଥା ହୋଇଥିବା ବେଳେ ଏହା ଦ୍ୱାରା କେତେଦୂର ଉଦ୍ଦେଶ୍ୟ ସାଧନ ହୋଇପାରିବ ସେନେଇ ହାଇକୋର୍ଟ ପ୍ରଶ୍ନ କରିଛନ୍ତି। ଇଣ୍ଟରନେଟ ଅପହଞ୍ଚ ଅଞ୍ଚଳ ବା ଏହି ବ୍ୟବସ୍ଥା ସମ୍ପର୍କରେ ଅନେକ ଅଜ୍ଞ ରହୁଥିବାକୁ ଦୃଷ୍ଟିରେ ରଖି କଣ ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ଜବାବତଲବ କରିଛନ୍ତି। ଓଡ଼ିଶା ଅଭିଭାବକ ସଂଘ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟର ବିଭିନ୍ନ ଘରୋଇ ବିଦ୍ୟାଳୟରେ ମୋଟ ୪୪ହଜାର ସିଟ ଆର୍ଥିକ ଦୁର୍ବଳ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷିତ ରହିଛି। ତେବେ ଗତ ମେ ୧୪ସୁଦ୍ଧା ୨୧ହଜାର ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ୨୩ହଜାର ସିଟ ଖାଲି ପଡ଼ିଥିବା ନେଇ ଆବେଦନକାରୀ ଦର୍ଶାଇଥିଲେ। ଏପରିକି ଭୁବନେଶ୍ୱରର ୭୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସିଟ ମିଳିବା ସତ୍ତ୍ୱେ ଆଡମିଶନରୁ ବଞ୍ଚିତ କରାଯାଇଥିବା ନେଇ ଆବେଦନକାରୀ ହାଇକୋର୍ଟଙ୍କୁ ଅବଗତ କରିଥିଲେ। ପଞ୍ଜୀକରଣ ପ୍ରମାଣପତ୍ର(ସିଓଆର) ପାଇଥିବା ନୂତନ ବିଦ୍ୟାଳୟ ଓ ପାରଦର୍ଶୀ ପୋର୍ଟାଲରେ ରେଜିଷ୍ଟ୍ରିଭୁକ୍ତ ବିଦ୍ୟାଳୟ ସଂଖ୍ୟାରେ ରହୁଥିବା ଦ୍ୱନ୍ଦ ଦୂର ସହ ନାମଲେଖା ସମସ୍ୟା ସୁଧାରିବା ପାଇଁ ହାଇକୋର୍ଟ ପୂର୍ବରୁ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଏହାସତ୍ତ୍ୱେ ବି ବହୁ ଛାତ୍ରଛାତ୍ରୀ ନାମଲେଖାରୁ ବଞ୍ଚିତ ହୋଇଥିବା ନେଇ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଦିଶା ମହାନ୍ତି ମାମଲା ପରିଚାଳନା କରୁଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ୨ତାରିଖକୁ ଧାର୍ଯ୍ୟ ହୋଇଛି।

### ଥାନା ଆଗରେ ମହିଳାଙ୍କୁ ପୁଲିସ ମାଡ଼ ମାରିବା ଘଟଣା

## ୩ ପୁଲିସ କର୍ମଚାରୀଙ୍କ ନାମରେ ମାମଲା

**ଭଦ୍ରକ,୨୭।୬(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ସମ୍ମୁଖରେ ଦଳିତ ମହିଳାଙ୍କୁ ଘୋଷାରି ଘୋଷାରି ମାଡ଼ ମାରିବା ଘଟଣାରେ ୩ ଜଣ ପୁଲିସ କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ ସହ ଜିଲ୍ଲା ପୁଲିସ କାର୍ଯ୍ୟାଳୟକୁ ବଦଳି କରାଯାଇଛି।

ପ୍ରକାଶ ଥାଉକି, ସ୍ୱାମୀଙ୍କୁ ଦେଖା କରିବାକୁ ନିଜ ଛୋଟ ୨ ଛୁଆଙ୍କ ସହ ଚାନ୍ଦବାଲି ଥାନାକୁ ଯାଇଥିଲେ ଚାନ୍ଦବାଲି ଏନ୍‌ଏସି ଅଞ୍ଚଳର ମିତା ସେଠୀ। ସେଠାରେ ପଡ଼ିଥିବା ଏକ ଚପଲ ଖୋଳକୁ ନେଇ ପୁଲିସ କନଷ୍ଟେବଳ ରବୀନ୍ଦ୍ର ସେଠୀଙ୍କ ସହ ମିତାଙ୍କର ଯୁକ୍ତିତର୍କ ହୋଇଥିଲା। ତା'ପରେ ୩ ଜଣ ପୁଲିସ କର୍ମଚାରୀ ଅତ୍ୟନ୍ତ ଅମାନୁଷିକ ଭାବେ ଉକ୍ତ ମହିଳାଙ୍କୁ ଘୋଷାରି ଘୋଷାରି ମାଡ଼ ମାରିଥିଲେ। ଉକ୍ତ ଘଟଣାର ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରସାରଣ ହୋଇଥିଲା। ମିତା

**ଜିଲ୍ଲା କାର୍ଯ୍ୟାଳୟକୁ ବଦଳି**

ସେଠୀ ମଧ୍ୟ ୩ ଜଣ ପୁଲିସ କର୍ମଚାରୀ ଏଏସଆଇ ନେପାଳ ସାହା, କନଷ୍ଟେବଳ ରବୀନ୍ଦ୍ର ସେଠୀ ଓ ଜଣେ ହୋମଗାର୍ଡଙ୍କ ନାମରେ ଚାନ୍ଦବାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଚାନ୍ଦବାଲି ଥାନାଧିକାରୀ ମାମଲା ରୁଜୁ କରିବା ସହ ସେମାନଙ୍କୁ ଜିଲ୍ଲା କାର୍ଯ୍ୟାଳୟକୁ ବଦଳି କରିଥିବା ଚାନ୍ଦବାଲି ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅଧିକ ତଦନ୍ତ ପରେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ପୁଲିସ କର୍ମଚାରୀଙ୍କୁ ଗାଳି ଦେବା ଓ ଢେଲା ଫିଙ୍ଗିବା ଅଭିଯୋଗରେ ପୁଲିସ ଏତଲାରେ ମିତା ସେଠୀଙ୍କ ନାମରେ ମଧ୍ୟ ଅନ୍ୟ ଏକ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି।

### ସମୃଦ୍ଧ ହେଉଛି ଓଡ଼ିଶାର ଅକ୍ଷୟ ଶକ୍ତି

## ୯୦୪ କୋଟିର ପବନ ଶକ୍ତି ପ୍ରକଳ୍ପକୁ ମଞ୍ଜୁରୀ



**ଭୁବନେଶ୍ୱର, ୨୭।୬ (ସମିସ):** ରାଜ୍ୟ ସରକାରଙ୍କ ଶକ୍ତି ବିଭାଗର ସିଙ୍ଗଲ ୱିଣ୍ଡୋ କ୍ଲିଅରାନ୍ସ କମିଟି ଗୁରୁବାର ୯୦୩.୪୧ କୋଟି ଟଙ୍କାର ସବୁଜ ଶକ୍ତି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ସେଥିରୁ ୧୦୨.୨୨ ମେଗାୱାଟ୍ ସବୁଜ ଶକ୍ତି ଉତ୍ପାଦନ ହୋଇପାରିବ। ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦୁଇଟି ପ୍ରକଳ୍ପ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

**ଅନୁମତି ପାଇଲାଣି ୩୭୨୩ କୋଟିର ୫୦୦ ମେଗାୱାଟ୍ ପ୍ରକଳ୍ପ**

ସୂଚନା ଅନୁସାରେ ଏଚ୍‌ପିସିଏଲ୍ ରିନ୍ୟୁଏବଲ୍ ଏନର୍ଜୀ ଆଣ୍ଡ ଗ୍ରୀନ୍ ଏନର୍ଜୀ ଲିମିଟେଡ୍ ପବନ ଶକ୍ତି ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲାଗି ଅନୁମତି ଦିଆଯାଇଛି। କମ୍ପାନୀ ୪୪୦.୫୮ କୋଟି ଟଙ୍କା ବିନିଯୋଗ କରି ୪୮ ମେଗାୱାଟ୍ କ୍ଷମତାର ପବନ ଶକ୍ତି ଉତ୍ପାଦନ କରିବ। ନବରଙ୍ଗପୁରର ଉମରକୋଟ ଠାରେ ପବନ ଶକ୍ତି ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବ। ସେହିପରି ପୁରୀ ଜିଲ୍ଲାର ଅସ୍ତରଙ୍ଗ ଠାରେ ଓଏନ୍‌ଜିସି ତ୍ରିପୁରା ପାୱାର କମ୍ପାନୀ ଲିମିଟେଡ୍ ୪୪୦.୭ କୋଟି ଟଙ୍କା ବିନିଯୋଗ କରି ୪୯.୫ ମେଗାୱାଟ୍ କ୍ଷମତାର ପବନ ଶକ୍ତି ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବ। ଉପରୋକ୍ତ ୨ଟି ପ୍ରକଳ୍ପ ପାଇଁ ମୋଟ ୮୮୧.୨୮ କୋଟି ଟଙ୍କା ଖର୍ଚ୍ଚ ହେବ। ଅପରପକ୍ଷେ ବିଶାଖା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ସୌର ଶକ୍ତି କ୍ଷେତ୍ରରେ ସମ୍ବଲପୁରର ମାନେଶ୍ୱର ଠାରେ ୦.୭୨ ମେଗାୱାଟ୍ କ୍ଷମତା ସମ୍ପନ୍ନ ସୌର ପ୍ରକଳ୍ପ, ଓଡ଼ିଶା ଟେଲିଭିଜନ୍ ଲିମିଟେଡ୍ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ସାରୁଅ ଠାରେ ୧ ମେଗାୱାଟ୍ କ୍ଷମତାର ସୌର ପ୍ରକଳ୍ପ ସ୍ଥାପନ ପାଇଁ ମଞ୍ଜୁରୀପ୍ରାପ୍ତ ହୋଇଛି। ଆଇଟିସି ଲିମିଟେଡ୍ ଖୋର୍ଦ୍ଧାର ଜଟଣୀ ଠାରେ ୦.୮ ମେଗାୱାଟ କ୍ଷମତାର ସୌର ପ୍ରକଳ୍ପ, ଆମ୍ପ୍ ଏନର୍ଜୀ ପକ୍ଷରୁ ସୁନ୍ଦରଗଡ଼ର କାଂଶବାହାଲ ଠାରେ ୨.୨ ମେଗାୱାଟ୍ ସୌର ପ୍ରକଳ୍ପ ସ୍ଥାପନ ପାଇଁ ସରକାରଙ୍କ ଠାରୁ ଅନୁମତି ପାଇଛନ୍ତି। ଏସବୁ ସୌର ପ୍ରକଳ୍ପ ପାଇଁ ୨୨୧.୧୩ କୋଟି ଟଙ୍କା ବିନିଯୋଗ ହେବ। ସୂଚନାଯୋଗ୍ୟ ଯେ ପୂର୍ବ ସରକାର ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ଅକ୍ଷୟ ଏବଂ ସବୁଜ ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଆସିଥିବା ପ୍ରସ୍ତାବଗୁଡ଼ିକୁ ସବୁଜ ସଙ୍କେତ ଦେଇଥିଲେ। ଆଜି ସୁଦ୍ଧା ୪୯୯.୪୮ ମେଗାୱାଟ୍ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ମୋଟ ୩୭୨୩.୫୭ କୋଟି ଟଙ୍କା ବିନିଯୋଗ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି।

## ଓଡ଼ିଆ 'ଅସ୍ମିତା'କୁ ଆଘାତ: ରଥଯାତ୍ରାରେ ସିଟିଇଟି ପରୀକ୍ଷା

**ଭୁବନେଶ୍ୱର,୨୭।୬(ସମିସ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପକ୍ଷରୁ କେନ୍ଦ୍ରୀୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ସିଟିଇଟି) ଆସନ୍ତା ଜୁଲାଇ ୭ ତାରିଖ ବା ରଥଯାତ୍ରା ଦିନ ଅନୁଷ୍ଠିତ ହେବ। ପରୀକ୍ଷା ହେବାକୁ ଥିବା ସହରର ନାମ ମଧ୍ୟ ପ୍ରକାଶ ପାଇସାରିଛି। ହେଲେ ରଥଯାତ୍ରା ଦିନ ପରୀକ୍ଷା କରିବାକୁ ନେଇ ବହୁ ପରୀକ୍ଷାର୍ଥୀ




ଅସନ୍ତୋଷ ପ୍ରକାଶ କରିଛନ୍ତି ଓ ଏହା ଓଡ଼ିଆ ଅସ୍ମିତା ଉପରେ ଆଘାତ ବୋଲି ଅଭିହିତ କରିଛନ୍ତି। ବିଶ୍ୱବିଦିତ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ସାରା ଦେଶରେ ଅନୁଷ୍ଠିତ ହୁଏ। ଏହି ପବିତ୍ର ଦିନଟିକୁ ରାଜ୍ୟ ସରକାର ବହୁ ବର୍ଷ ହେଲା ଛୁଟି ଘୋଷଣା କରିଛନ୍ତି। ଓଡ଼ିଶାର ଗଳି କନ୍ଦିରେ ମଧ୍ୟ ରଥଯାତ୍ରା ହେଉଥିବାରୁ ସେଦିନ ଯାତାୟତ ପ୍ରଭାବିତ ହୋଇଥାଏ। ତେଣୁ ରଥଯାତ୍ରା ପରି ପବିତ୍ର ଦିନରେ ପରୀକ୍ଷାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡ଼ିଶାରୁ ନିର୍ବାଚିତ ସାଂସଦମାନେ ଶ୍ରୀ ଜଗନ୍ନାଥଙ୍କ ନାମରେ ସଂସଦରେ ଶପଥ ନେଇଛନ୍ତି। ଏପରିକି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ପ୍ରତ୍ୟେକ କାର୍ଯ୍ୟ ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରୁଛନ୍ତି। ତେଣୁ ଏପରି ଦିନରେ ପରୀକ୍ଷା କରାଯିବାକୁ ଓଡ଼ିଶାବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି।

■ ଓଡ଼ିଶା ପାଇଁ ଭୁବନେଶ୍ୱର ଓ ସମ୍ବଲପୁରରେ ପରୀକ୍ଷା କେନ୍ଦ୍ର
■ ଓଡ଼ିଆଙ୍କ ଧର୍ମୀୟ ଭାବନାକୁ ସମ୍ମାନ ଦିଅନ୍ତୁ କେନ୍ଦ୍ର ସରକାର
■ ଯାତାୟତ ସମସ୍ୟା ସହ ପରୀକ୍ଷାର୍ଥୀ ଖର୍ଚ୍ଚାନ୍ତ ହେବା ଆଶଙ୍କା

ରାଜ୍ୟର କେଣ ଅନୁକୋଣ ସହ ଦେଶ ଓ ବିଶ୍ୱର ବହୁ ସହରରେ ମଧ୍ୟ ରଥଯାତ୍ରା ହୁଏ। ଓଡ଼ିଶାରେ ରଥଯାତ୍ରା ନିମନ୍ତେ ବିଭିନ୍ନ ସହରରେ ସକାଳୁ ସଞ୍ଜ ଯାଏ ପ୍ରବଳ ଜନଗହଳି ପାଇଁ ଟ୍ରାଫିକ୍ ସମସ୍ୟା ଉପୁଜେ। ସାର୍ବଜନିକ ଯାତାୟତ ବିଶେଷ କରି ବସ୍ ଚଳାଚଳ ପ୍ରଭାବିତ ହୋଇଥାଏ। କିଛି ସ୍ଥାନରେ ରାସ୍ତାରେ ରଥଟଣା ହେଉଥିବାରୁ ଯାତାୟତ ବିଳମ୍ବିତ ହୁଏ। ଏପରି ସ୍ଥଳେ ପରୀକ୍ଷା ଦେବାକୁ ଯାଉଥିବା ପରୀକ୍ଷାର୍ଥୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ଏପରିକି ସଠିକ୍ ସମୟରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ନ ପାରିବାର ଆଶଙ୍କା ମଧ୍ୟ ରହିଛି। ପୁଣି ଅପରାହ୍ଣରୁ ସଂଧ୍ୟା ପର୍ଯ୍ୟନ୍ତ ବସ୍ ଚଳାଚଳ ଏକପ୍ରକାର ଠପ୍ ହେଇଯାଉ ଥିବାରୁ ସମସ୍ୟା ଦ୍ୱିଗୁଣିତ ହୋଇପାରେ। ପ୍ରିୟଙ୍କା ମେହେଟା ନାମକ ଜଣେ ପରୀକ୍ଷାର୍ଥୀ କହିଛନ୍ତି, ରଥଯାତ୍ରା ଦିନ ପରୀକ୍ଷା ହେବା ମାନସିକ ଭାବେ ଆଘାତ ଦେଉଛି। ଜଣେ ହିନ୍ଦୁ ଭାବରେ ଏହା ଆମର ଧର୍ମୀୟ ଭାବନାର ପରିପନ୍ଥୀ। ପୁନଶ୍ଚ ଯାତାୟତରେ ସମସ୍ୟା କାରଣରୁ ମାତ୍ରାଧିକ ଖର୍ଚ୍ଚାନ୍ତ ହେବାର ଆଶଙ୍କା ଘାରୁଛି। ଠିକ୍ ସମୟରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ମଧ୍ୟ ଅନ୍ୟଏକ ଚ୍ୟାଲେଞ୍ଜ ବୋଲି ସେ କହିଛନ୍ତି।

ରଥଯାତ୍ରା ଦିନ ପରୀକ୍ଷାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଅଭିଭାବକ। ରଥଯାତ୍ରା ଓଡ଼ିଶାର ଅନ୍ୟତମ ପ୍ରମୁଖ ଉତ୍ସବ। ଅଧିକାଂଶ ଲୋକ ରଥଯାତ୍ରାରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଯୋଗ ଦେଇଥାଆନ୍ତି। ପୂଜାର୍ଚ୍ଚନା ସହ ଉପାସ ରଖନ୍ତି। ଏପରି ସ୍ଥିତିରେ ପରୀକ୍ଷା ଦେବା କାଠିକର ପାଠ ଓ ଓଡ଼ିଶାର ପରୀକ୍ଷାର୍ଥୀମାନେ ବିଶେଷ ପ୍ରଭାବିତ ହେବେ। ଏହା ସହିତ ହିନ୍ଦୁଙ୍କ ଧର୍ମୀୟ ଭାବନାକୁ ସରକାର ସମ୍ମାନ କରିବା ଆବଶ୍ୟକ। ଏଣୁ ପରୀକ୍ଷାକୁ ଘୁଞ୍ଚାଇବାକୁ ତ୍ୱରିତ ପଦକ୍ଷେପ ନେବାକୁ ବହୁ ଅଭିଭାବକ ଦାବି କରିଛନ୍ତି। ସେହିପରି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମଧ୍ୟ ବହୁ ପରୀକ୍ଷାର୍ଥୀ ପରୀକ୍ଷା ତାରିଖରେ ପରିବର୍ତ୍ତନ କରିବାକୁ ଦାବି କରିଛନ୍ତି। ପରୀକ୍ଷା ତାରିଖ ନିର୍ଦ୍ଧାରଣ ପୂର୍ବରୁ ଏ ସମ୍ପର୍କରେ କାହିଁକି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି।

## ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବିରୋଧୀଙ୍କ ସମାଲୋଚନା

# ସରକାରଙ୍କ ଦ୍ୱାରା ଲିଖିତ ବିବୃତି ସମ୍ପୂର୍ଣ୍ଣ ମିଥ୍ୟା

ନୂଆଦିଲ୍ଲୀ,୨୭।୬(ଏଜେନ୍ସି): ଅଷ୍ଟାଦଶ ଲୋକସଭାର ସ୍ୱତନ୍ତ୍ର ଅଧିବେଶନର ଚତୁର୍ଥ ଦିନ ଏବଂ ରାଜ୍ୟସଭାର ୨୬୪ତମ ଅଧିବେଶନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ସଦନକୁ ସମ୍ବୋଧିତ କରି ନବ ନିର୍ବାଚିତ ସାଂସଦମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ତାଙ୍କ ସରକାରର ସଫଳତା ଏବଂ ଆଗାମୀ ଦିନର କାର୍ଯ୍ୟକ୍ରମ, ଯୋଜନା ସମ୍ପର୍କରେ ଉଭୟ ଗୃହକୁ ଅବଗତ କରିଛନ୍ତି। ମହିଳା, ଯୁବଗୋଷ୍ଠୀ, କୃଷକ ଏବଂ ଗରିବ ଶ୍ରେଣୀଙ୍କୁ ନେଇ କେନ୍ଦ୍ର ସରକାର ଜାରି ରଖିଥିବା ଯୋଜନା ସମ୍ପର୍କରେ ରାଷ୍ଟ୍ରପତି ବିବୃତି ରଖିଥିଲା ବେଳେ ଏହାକୁ କଂଗ୍ରେସ ସମେତ ବହୁ ବିରୋଧୀ ଦଳ ତୀବ୍ର ସମାଲୋଚନା କରିଛନ୍ତି। ରାଷ୍ଟ୍ରପତି ଗୃହରେ ଯାହା କହିଛନ୍ତି ତାହା ମୋଦୀ ସରକାରଙ୍କ ଦ୍ୱାରା ପ୍ରେରିତ ଏବଂ ଲଖିତ। କିନ୍ତୁ ଏଥିରେ କୌଣସି ସତ୍ୟତା ନାହିଁ। ମୋଦୀ ସରକାରକୁ ଗତ ନିର୍ବାଚନରେ ଦେଶବାସୀ ବର୍ଜିତ କରିଥିଲା ବେଳେ ସରକାରଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରପତି ତାଙ୍କ ବିବୃତି ରଖିଛନ୍ତି ବୋଲି କଂଗ୍ରେସ କହିଛି। ଏହିକ୍ରମରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼ଗେ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି ଯେ, ରାଷ୍ଟ୍ରପତିଙ୍କ ଅଭିଭାଷଣ କେବଳ ମୋଦୀ ସରକାରକୁ ସୁରକ୍ଷା କରିବା ଦିଗରେ ଅଭିପ୍ରେତ। ବାସ୍ତବରେ ଦେଶରେ ଏବେ ଯେତେ ସବୁ ସମସ୍ୟା ଦେଖାଯାଇଛି ତାହା ଉପରେ କୌଣସି ଟିପ୍ପଣୀ ଦିଆଯାଇ ନାହିଁ। ବର୍ତ୍ତମାନ ସାରା ଦେଶରେ ମହଙ୍ଗାମାଡ଼ ସାଧାରଣ ଲୋକଙ୍କ ପାଇଁ ଏବ ବଡ଼ ସମସ୍ୟା ହୋଇ ଛିଡ଼ା ହୋଇଛି। କିନ୍ତୁ ରାଷ୍ଟ୍ରପତି ଏ ସମ୍ପର୍କରେ କୌଣସି ବିବୃତି ଦେଇ ନାହାନ୍ତି। ସେହିପରି ବେକାରୀ ସମସ୍ୟା, ଜମ୍ମୁ-କାଶ୍ମୀରରେ ଆତଙ୍କବାଦୀ ଆକ୍ରମଣ, ଟ୍ରେନ ଦୁର୍ଘଟଣା, ମଣିପୁରରେ ଲାଗି ରହିଥିବା ହିଂସା ଏବଂ ଦଳିତ ତଥା ଦୁର୍ବଳ ସମାଜ ଉପରେ ଚାଲିଥିବା ଅତ୍ୟାଚାର ସମ୍ପର୍କରେ ମଧ୍ୟ କୌଣସି ଟିପ୍ପଣୀ ଦିଆଯାଇ ନାହିଁ। ରାଷ୍ଟ୍ରପତିଙ୍କ



**ମୋଦୀ ସରକାର ବିରୋଧୀ ଜନାଦେଶକୁ ଲୁଚାଇବାକୁ ଉଦ୍ୟମ**

**ବେକାରୀ, ମହଙ୍ଗା ମାଡ଼, ମଣିପୁର ହିଂସାକୁ ନେଇ ଚିନ୍ତା ନାହିଁ**

ଅଭିଭାଷଣ ଶୁଣିବା ପରେ ଗତ ନିର୍ବାଚନରେ ଦେଶବାସୀ ମୋଦୀ ସରକାର ବିରୋଧରେ ଯେଉଁଳି ମାନସିକତା ଗ୍ରହଣ କରିଛନ୍ତି ତାହାକୁ ଲୁଚାଇବାକୁ ଉଦ୍ୟମ କରାଯାଇଛି ବୋଲି ଖଡ଼ଗେ କହିଛନ୍ତି। ସେହିପରି ସମାଜବାଦୀ ପାର୍ଟି ମୁଖିଆ ଅଖିଲେଶ ଯାଦବ ମଧ୍ୟ ରାଷ୍ଟ୍ରପତିଙ୍କ ବିବୃତିକୁ ନେଇ ପ୍ରଶ୍ନ ଉଠାଇବା ସହିତ ଭାରତ କିଭଳି ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବାକୁ ଯାଉଛି ବୋଲି ପ୍ରଶ୍ନ କରିଛନ୍ତି। ଯଦି ଦେଶର ଅର୍ଥନୀତି ବ୍ୟବସ୍ଥା ଠିକ୍ ଅଛି ଏବଂ ଅଭିବୃଦ୍ଧି ହାସଲ କରିଛି ତେବେ ଦେଶରେ ଦରଦାମ ବୃଦ୍ଧି ରୋକାଯାଇ ପାରୁନାହିଁ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପିରି ଦିନକୁ ଦିନ ବେରୋଜଗାରୀ କାହିଁକି ବଢୁଛି ଏବଂ ଅଗ୍ନିବୀର ଭଳି ଯୋଜନା କାହିଁକି ଅଣାଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜରୁରୀକାଳୀନ ପରିସ୍ଥିତିକୁ କଳା ଦିନ ବୋଲି ଅଭିହିତ କରି ଏହା ସମ୍ବିଧାନ ଉପରେ ସିଧାସଳଖ ଆକ୍ରମଣ ଥିଲା ବୋଲି କହିଥିଲା ବେଳେ ଏହାକୁ ନେଇ ସବୁ ବିରୋଧୀ ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଗୃହରେ ହଙ୍ଗାମା କରିଛନ୍ତି।

ଏହି ପ୍ରସଙ୍ଗରେ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲା ବେଳେ ଅଖିଲେଶ ମଧ୍ୟ ବିଜେପିର ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ, ଜରୁରୀକାଳୀନ ପରିସ୍ଥିତି ବେଳେ ଯେଉଁମାନଙ୍କୁ ଜେଲରେ ରଖାଯାଇଥିଲା ସେମାନଙ୍କୁ ତାଙ୍କ ଦଳ ସମ୍ମାନିତ କରିବା ସହିତ ପେନସନ ବ୍ୟବସ୍ଥା କରିଛି। କିନ୍ତୁ ବିଜେପି କ'ଣ କରିଛି ବୋଲି ସେ ପ୍ରଶ୍ନ କରିଛନ୍ତି।

**ସେଙ୍ଗୋଲକୁ ନେଇ ଗୃହରେ ହଙ୍ଗାମା**

## ସେଙ୍ଗୋଲ୍ ସ୍ଥାନରେ ସମ୍ବିଧାନ ପୁସ୍ତକ ରଖିବାକୁ ଦାବି



ସଂସଦରେ ସ୍ଥାପନ କରାଯାଇଥିବା ସେଙ୍ଗୋଲକୁ ନେଇ ରାଜନୀତି ଜୋର୍ ଧରିଛି। ଏହାକୁ ହଟାଇ ସେହି ସ୍ଥାନରେ ସମ୍ବିଧାନ ପୁସ୍ତକ ରଖିବାକୁ ଦାବି କରି ବିରୋଧୀ ସଦସ୍ୟ ହଙ୍ଗାମା କରିଛନ୍ତି। ସମାଜବାଦୀ ପାର୍ଟି ସେଙ୍ଗୋଲକୁ ରାଜତନ୍ତ୍ରର ପ୍ରତୀକ ବୋଲି କହି ଏହାକୁ ହଟାଇବା ସହ ସେହି ସ୍ଥାନରେ ସମ୍ବିଧାନ ପୁସ୍ତକକୁ ସ୍ଥାନ ଦେବାକୁ ଦାବି କରିଛି। ଦଳୀୟ ରାଜ୍ୟସଭା ସାଂସଦ ଆର୍ କେ ଚୌଧୁରୀ କହିଛନ୍ତି, 'ସମ୍ବିଧାନ ବେଶ୍ ମହତ୍ତ୍ୱପୂର୍ଣ୍ଣ ଏବଂ ଏହା ଜୀବନ୍ତ ଗଣତନ୍ତ୍ରର ପ୍ରତୀକ। କିନ୍ତୁ ବିଜେପି ସରକାର ସଂସଦରେ ଯେଉଁ ସେଙ୍ଗୋଲ ପ୍ରତିଷ୍ଠା କରିଛନ୍ତି ତାହା ଏକ ରାଜ-ଦଣ୍ଡ ଏବଂ ଏହା ରାଜା-ରାଜୁଡ଼ାଙ୍କ ପ୍ରତୀକ। ଦେଶରେ ରାଜା-ରାଜୁଡ଼ା ବ୍ୟବସ୍ଥାକୁ ସମାପ୍ତ କରି ଗଣତନ୍ତ୍ର ପ୍ରତିଷ୍ଠା କରାଯାଇଛି। ତେଣୁ ଦେଶ ରାଜ ଦଣ୍ଡ ଦ୍ୱାରା ପରିଚାଳିତ ହେବ ନା ସମ୍ବିଧାନ ଦ୍ୱାରା ପରିଚାଳିତ ହେବା ଦରକାର ତାହା ନିଶ୍ଚିତ ହେବା ଦରକାର ବୋଲି ସେ କହିଛନ୍ତି। ସମ୍ବିଧାନକୁ ବଞ୍ଚାଇବା ଲାଗି ସଂସଦରୁ ସେଙ୍ଗୋଲକୁ ହଟାଯିବା ଜରୁରୀ ବୋଲି ସେ ଦାବି କରିଛନ୍ତି। ସେହିପରି ଦଳୀୟ ମୁଖ୍ୟ ଅଖିଳେଶ ଯାଦବ ମଧ୍ୟ ଏହାକୁ ଘୋର ବିରୋଧ କରି ନିଜର ପ୍ରତିକ୍ରିୟା ରଖିଛନ୍ତି। ସେପଟେ କଂଗ୍ରେସ ମଧ୍ୟ ସାମଜାବଦୀ ପାର୍ଟିର ସାଂସଦଙ୍କ ଦାବିରେ ଏକମତ ହୋଇଛି।

## କେଜ୍ରିୱାଲଙ୍କ ଗିରଫଦାରୀ ପ୍ରତିବାଦରେ ଆପ୍ ସାଂସଦଙ୍କ ବିକ୍ଷୋଭ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀକୁ ବିରୋଧ କରି ଆପ୍ ସାଂସଦ ବିକ୍ଷୋଭ କରିଛନ୍ତି। କେନ୍ଦ୍ରୀୟ ଏଜେନ୍ସିଗୁଡିକ ସେମାନଙ୍କ କ୍ଷମତା ଅପବ୍ୟବହାର କରି କେଜ୍ରିୱାଲଙ୍କୁ ଗିରଫ କରି ଜେଲରେ ରଖିଛନ୍ତି ବୋଲି ସେମାନେ ଅଭିଯୋଗ କରିବା ସହିତ ସଂସଦ ବାହାରେ ବିରୋଧ ପ୍ରଦର୍ଶନ କରିଛନ୍ତି। ଏହିକ୍ରମରେ ଆପ୍ ସାଂସଦମାନେ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ମଧ୍ୟ ବର୍ଜନ କରିଛନ୍ତି। ଦଳୀୟ ସାଂସଦମାନେ କହିଛନ୍ତି ଯେ ରାଷ୍ଟ୍ରପତିଙ୍କ ପ୍ରତି ଆମର ସମ୍ପୂର୍ଣ୍ଣ ସମ୍ମାନ ରହିଛି, କିନ୍ତୁ ତାଙ୍କ ଅଭିଭାଷଣ ସରକାର ଲେଖିଛନ୍ତି। ତେଣୁ ଏହାକୁ ବର୍ଜନ କରୁଛୁ। ସାଂସଦ ଗୁରୁମିତ ସିଂ ମିତ୍ କହିଛନ୍ତି ଯେ କେନ୍ଦ୍ର ସରକାର ଗଣତନ୍ତ୍ର ବିଷୟରେ ବଡ଼ ବଡ଼ କଥା କହୁଛନ୍ତି, କିନ୍ତୁ ବାସ୍ତବରେ ସମଗ୍ର ଦେଶରେ ଗଣତନ୍ତ୍ରର ହତ୍ୟା କରାଯାଉଛି। କେବଳ ଦିଲ୍ଲୀ ନୁହେଁ, ପଶ୍ଚିମବଙ୍ଗ, ଝାଡଖଣ୍ଡ ଏବଂ ମହାରାଷ୍ଟ୍ରରେ ଏଭଳି ଘଟଣା ଘଟି ଚାଲିଛି।

**■ ନିଟ୍-ୟୁଜି ବିବାଦ**

## ସିବିଆଇ ଦ୍ୱାରା ବିହାରରୁ ଦୁଇ ଗିରଫ




ପାଟନା,୨୭।୬(ଏଜେନ୍ସି): ନିଟ୍ ପେପର୍ ଲିକ୍ ମାମଲାରେ ସିବିଆଇ ପ୍ରଥମଥର ପାଇଁ ପାଟନାରୁ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଦୁଇ ବ୍ୟକ୍ତି ହେଲେ ମନୀଷ କୁମାର ଏବଂ ଆଶୁତୋଷ କୁମାର। ସେମାନଙ୍କୁ ଗୁରୁବାର ଗିରଫ କରାଯିବା ପରେ କୋର୍ଟରେ ହାଜର କରାଯାଇଛି। ପୂର୍ବରୁ ଏହି ଘୋଟାଲାରେ ଅନ୍ୟ ରାଜ୍ୟ ଏଜେନ୍ସିମାନଙ୍କ ଦ୍ୱାରା ୨୫ ଜଣଙ୍କୁ ଗିରଫ କରାଯାଇସାରିଛି। ଅନ୍ୟପକ୍ଷରେ ଗୁରୁବାର କଂଗ୍ରେସ ଛାତ୍ର ସଂଗଠନ ଏନଏସୟୁଆଇର ସଦସ୍ୟମାନେ ଦିଲ୍ଲୀସ୍ଥିତ ଏନଟିଏ ଅଫିସକୁ ଘେରାଉ କରିଛନ୍ତି। ସେମାନେ ଏନଟିଏ କାର୍ଯ୍ୟାଳୟରେ ତାଲା ପକାଇ ବାହାରେ ବିକ୍ଷୋଭ କରିଥିଲେ। ପରେ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଛି।

**ଏନ୍‌ଟିଏ ଅଫିସକୁ ଘେରିଲା ଛାତ୍ର ସଂଗଠନ**

## ସିଦ୍ଧରମୈୟାଙ୍କ ଇସ୍ତଫା ଦାବି



ବେଙ୍ଗାଲୁରୁ, ୨୭।୬ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସରେ ଥିବା ଫାଟ ହାଟରେ ପଡ଼ି ପଦାରେ ଗଡୁଛି। କଂଗ୍ରେସ ନେତା ଏବଂ ମନ୍ତ୍ରୀ ରାଜ୍ୟରେ ୩ ସମ୍ପ୍ରଦାୟରୁ ୩ ଉପ-ମୁଖ୍ୟମନ୍ତ୍ରୀ ନିଯୁକ୍ତି ଦେବାକୁ ଦାବି କରିଛନ୍ତି। ଏହା ମଧ୍ୟରେ ଭୋକାଲିଗା ସମ୍ପ୍ରଦାୟର ପକ୍ଷରୁ ବଡ଼ ଦାବି କରାଯାଇଛି। ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ପଦ ଛାଡ଼ନ୍ତୁ। ସିଦ୍ଧରମୈୟାଙ୍କ ବଦଳରେ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ମହାସମସ୍ତାନା ମଠର ସନ୍ଥ କୁମାର ଚନ୍ଦ୍ରଶେଖରନାଥ ସ୍ୱାମିଜୀ କହିଛନ୍ତି। କେମ୍ପେଗୌଡ଼ ଜୟନ୍ତୀ ଅବସରରେ ବେଙ୍ଗାଲୁରୁରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେ ଏହି ମନ୍ତବ୍ୟ ଦେଇଛନ୍ତି। ଉଭୟ ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀ ଉପସ୍ଥିତିରେ ସନ୍ଥ କହିଥିଲେ ଯେ ସମସ୍ତେ ମୁଖ୍ୟମନ୍ତ୍ରୀ ହୋଇ ସାରିଛନ୍ତି ଏବଂ କ୍ଷମତା ଭୋଗି ସାରିଛନ୍ତି। କିନ୍ତୁ ଶିବକୁମାର ଏ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ହୋଇପାରି ନାହାନ୍ତି। ଏଥିପାଇଁ ପଦକୁ ଶିବକୁମାରଙ୍କୁ ସମର୍ପି ଦେଇ ତାଙ୍କୁ ଆଶୀର୍ବାଦ ଦେବାକୁ ସିଦ୍ଧରମୈୟାଙ୍କୁ ଅନୁରୋଧ କରାଯାଉଛି। ସିଦ୍ଧରମୈୟା ଚାହିଁଲେ ଏପରି ସମ୍ଭବ ହୋଇପାରିବ।

**ପାକିସ୍ତାନରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ**

## ୬ ଦିନରେ ୫୬୮ ମୃତ

ଇସଲାମାବାଦ, ୨୭।୬ (ଏଜେନ୍ସି): ପାକିସ୍ତାନରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଅସହ୍ୟ ଖରା ଯୋଗୁଁ ଗତ ୬ ଦିନରେ ୫୬୮ ଜଣ ପ୍ରାଣ ହରାଇଲେଣି। ବିବିସି ନ୍ୟୁଜ ପକ୍ଷରୁ ଏହି ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ କେବଳ ଗତ ମଙ୍ଗଳବାର ୧୪୧ ଜଣଙ୍କ ଜୀବନ ଯାଇଛି। ବିଭିନ୍ନ ଡାକ୍ତରଖାନାରେ ହଜାର ହଜାର ରୋଗୀ ଚିକିତ୍ସିତ ହେଉଛନ୍ତି। ଏମାନଙ୍କ ମଧ୍ୟରୁ ୩୦୦ରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ମୃତ୍ୟୁସଂଖ୍ୟା ଅହେତୁକ ବୃଦ୍ଧି ପାଇଥିବାରୁ ସ୍ଥିତି ଅଣାୟତ ହୋଇଯାଇଛି। ରାସ୍ତାଘାଟରେ ମୃତଦେହ ପଡ଼ି ରହିଛି। ଶବଗୃହରେ ମୃତଦେହ ରଖିବାକୁ ସ୍ଥାନାଭାବ ଦେଖାଦେଇଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ବୟସ୍କ ସାମିଲ ଅଛନ୍ତି। ତାତି ଯୋଗୁଁ ଏମାନେ ଝାଡ଼ା, ବାନ୍ତି ଏବଂ ଜ୍ୱରର ଶିକାର ହେଉଛନ୍ତି। କିଛି ଦିନ ତଳେ ପାକିସ୍ତାନ ସବୁଠାରୁ ବଡ଼ ସହର କରାଚିର ତାପମାତ୍ରା ୪୧ ଡିଗ୍ରୀ ସେଲ୍‌ସିୟସ ଥିଲା। ମାତ୍ର ଗତ ଦୁଇ ଦିନ ହେଲା ତାପମାତ୍ରାରେ ସାମନ୍ୟ ହ୍ରାସ ଦେଖା ଦେଇଛି। କିନ୍ତୁ ବାୟୁରେ ଆଦ୍ରତା ଥିବା ଯୋଗୁଁ ୪୦ ଡିଗ୍ରୀର ତାପମାତ୍ରା ୪୯ ଡିଗ୍ରୀ ପରି ଜଣାପଡୁଛି। ଅଂଶୁଘାତ ଯୋଗୁଁ କେବଳ ଗତ ୪ ଦିନରେ ୨୬୭ ଲୋକ କରାଚି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପାକିସ୍ତାନର ଏକ ଏନ୍‌ଜିଓ ଇଧି ଫାଉଣ୍ଡେସନର ମୁଖ୍ୟ ଫୈଜଲ କହିଛନ୍ତି ଯେ ଶବଗୃହକୁ ଦିନକୁ ୩୫ ମୃତଦେହ ଆସୁଛି। ସେହିପରି ଜରୁରୀକାଳୀନ ସେବା ଅଧିକାରୀ ରାସ୍ତାରୁ ୩୦ ମୃତଦେହ ଉଦ୍ଧାର କରି ଆଣିଛନ୍ତି।

**ରାସ୍ତାରେ ପଡ଼ି ରହିଛି ମୃତଦେହ**

**ଶବଗୃହରେ ରଖିବାକୁ ସ୍ଥାନ ନାହିଁ**

## ୧୦ ଦିନରେ ଭୁଶୁଡ଼ିଲା ଚତୁର୍ଥ ଡବଲ ଇଞ୍ଜିନ ପୋଲ

ପାଟନା, ୨୭।୬ (ଏଜେନ୍ସି): ବିହାରରେ ଡବଲ ଇଞ୍ଜିନ ସରକାର ଚାଲିଛି। ରାଜ୍ୟକୁ ଦୁର୍ନୀତି ମୁକ୍ତ କରି ବିକାଶକୁ ଜୋରଦାର କରାଯାଇଥିବା ଦାବି ହେଉଛି। ମାତ୍ର ଏହି ଦାବି ଧୂଆଁବାଣ ସାବ୍ୟସ୍ତ ହୋଇଯାଇଛି। କାରଣ ରାଜ୍ୟରେ କ୍ରମାଗତ ପୋଲ ଭୁଶୁଡ଼ିବା ଘଟଣା ଜାରି ରହିଛି। ଗତ ୧୦ ଦିନରେ ଚତୁର୍ଥ ଡବଲ୍ ଇଞ୍ଜିନ ପୋଲ ଭୁଶୁଡ଼ି ଯାଇଛି। ପ୍ରବଳ ବର୍ଷା ଯୋଗୁଁ ଜଳସ୍ତର ବଢ଼ିବାରୁ କିଶାନଗଞ୍ଜ ଜିଲ୍ଲା ବାହାଦୁରଗଞ୍ଜର ମଡ଼ିଆରେ ଥିବା ୭୦ ମିଟର ଲମ୍ବ ଏବଂ ୧୨ ମିଟର ଓସାର ବିଶିଷ୍ଟ ପୋଲଟି ଗୁରୁବାର ଭୁଶୁଡ଼ି ଯାଇଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଏଥିଯୋଗୁଁ ଦୁଇ ଅଞ୍ଚଳ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଜିଲ୍ଲାପାଳ ତୁଷାର ସିଙ୍ଗଲାଙ୍କ ସୂଚନା ଅନୁଯାୟୀ ୨୦୧୧ରେ ଏହି ପୋଲ ନିର୍ମାଣ ହୋଇଥିଲା। ନେପାଳରେ ପ୍ରବଳ ବର୍ଷା ଯୋଗୁଁ ହଠାତ କନକାଇ ନଦୀର ଜଳସ୍ତର ବୃଦ୍ଧି ପାଇଥିଲା। ଫଳରେ ଏକ ଖମ୍ବ ଭାଙ୍ଗିଯିବାରୁ ପୋଲ ଦବିଯାଇଛି। ଲୋକେ ଏହାକୁ ନେଇ ନିମ୍ନମାନର କାର୍ଯ୍ୟକୁ ଦାୟୀ କରୁଛନ୍ତି। ଏହା ପୂର୍ବରୁ ଅରରିଆ ଜିଲ୍ଲାର ୨ଟି ଏବଂ ସିୱାନ ଜିଲ୍ଲାରେ ଥିବା ଗୋଟିଏ ପୋଲ ଭୁଶୁଡ଼ି ଯାଇଥିଲା। ଗତ କିଛି ବର୍ଷ ମଧ୍ୟରେ ପୋଲ ଭୁଶୁଡ଼ିବାର ଅନେକ ଘଟଣା ସାମ୍ନାକୁ ଆସିଲାଣି। ଏହାକୁ ନେଇ ନିର୍ମାଣର ମାନ ଉପରେ ପ୍ରଶ୍ନ ଉଠୁଛି।

## ଅଧିକାରୀଙ୍କ କାର୍ ଉପରେ ଖସିପଡ଼ିଲା ବିମାନବନ୍ଦର ଛାତ

ଜବଲପୁର, ୨୭।୬ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଭର୍ଚ୍ଚୁଆଲ ଉଦ୍‌ଘାଟନ ହେବାର ତିନି ମାସ ପରେ ମଧ୍ୟପ୍ରଦେଶ ଜବଲପୁର



ଡୁମନା ବିମାନବନ୍ଦରର କିଛି ଅଂଶ ପ୍ରଥମ ବର୍ଷାରେ ଗୁରୁବାର ସକାଳେ ଖସି ପଡ଼ିଛି। ସଂଯୋଗବଶତଃ ଏହା ଆୟକର ବିଭାଗର ଯୁଗ୍ମ କମିଶନର କୃଷ୍ଣ ମୁରାରିଙ୍କୁ ଆଣିବାକୁ ଯାଇଥିବା କାର୍ ଉପରେ ପଡ଼ି ଯାଇଛି। ଏଥିରେ କାର୍‌ଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଛାତ ଖସିବାର ୧୦ ମିନିଟ ପୂର୍ବରୁ ଡ୍ରାଇଭର କାର୍‌ରୁ ବାହାରି ପଡ଼ି ଥିଲେ। ତେଣୁ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିଲେ। ବିମାନବନ୍ଦର କର୍ତ୍ତୃପକ୍ଷ ଏହି ମାମଲାର ତଦନ୍ତ ଆରମ୍ଭ କରିଦେଇଛନ୍ତି। ସୂଚନାଯୋଗ୍ୟ ଯେ ୪୫୦ କୋଟି ଟଙ୍କା ବ୍ୟୟରେ ଏହି ବିମାନବନ୍ଦରର ସମ୍ପ୍ରସାରଣ ହୋଇଥିଲା। ଆଜି କାର୍‌ଟି ଟର୍ମିନାଲ କୋଠା ବାହାରେ ଥିଲା। ଏଠାରେ ଛାତ (ସେଡ) ଲାଗିଥିଲା।

**୩ ମାସ ତଳେ ଉଦ୍‌ଘାଟନ କରିଥିଲେ ପ୍ରଧାନମନ୍ତ୍ରୀ**

## ମାଲଦ୍ୱୀପ ରାଷ୍ଟ୍ରପତିଙ୍କୁ ଗୁଣିଗାରେଡ଼ି ଉଦ୍ୟମ

# ରାଷ୍ଟ୍ରମନ୍ତ୍ରୀଙ୍କ ସମେତ ୩ ଗିରଫ

ମାଲେ, ୨୭।୬ (ଏଜେନ୍ସି): ମାଲଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କୁ ଗୁଣିଗାରେଡ଼ି କରିବାକୁ ଉଦ୍ୟମ କରାଯାଇଛି। ରାଷ୍ଟ୍ରପତିଙ୍କ ଘରୁ ଏ ସମ୍ବନ୍ଧିତ ସାମଗ୍ରୀ ମଧ୍ୟ ମିଳିଛି। ଏହି ମାମଲାରେ ପରିବେଶ ରାଷ୍ଟ୍ରମନ୍ତ୍ରୀ ଫାତିମାଥ ଶମନାଜଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। କୋର୍ଟ ସମସ୍ତଙ୍କୁ ୭ ଦିନ ପାଇଁ ରିମାଣ୍ଡକୁ ପଠାଇ ଦେଇଛନ୍ତି। ତେବେ ଏ ପର୍ଯ୍ୟନ୍ତ ମାଲଦ୍ୱୀପ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଏହା ପୂର୍ବରୁ ପୁଲିସ ଫାତିମାଥଙ୍କ ଘର ତଲାସୀ ନେଇଥିଲା। ଏଠାରୁ ଗୁଣିଗାରେଡ଼ି ସମ୍ବନ୍ଧିତ ସାମଗ୍ରୀ ଜବତ କରାଯାଇଥିଲା। ସୂଚନାଯୋଗ୍ୟ ଯେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରେ କାମ କରୁଥିବା ମନ୍ତ୍ରୀ ଆଡମ ରାମିଜଙ୍କ ପତ୍ନୀ ହେଉଛନ୍ତି ଫାତିମାଥ। ଏହା ପୂର୍ବରୁ ସେ ରାଷ୍ଟ୍ରପତି ମୋଇଜୁଙ୍କ ସହ ମାଲେର ସିଟି କାଉନସିଲ



ସଦସ୍ୟ ଥିଲେ। ସେତେବେଳେ ମୋଇଜୁ ମେୟର ଥିଲେ। ଗତ ବର୍ଷ ସେ ରାଷ୍ଟ୍ରପତି ହେବା ପରେ ପାତିମାଥ ମଧ୍ୟ କାଉନସିଲରୁ ଇସ୍ତଫା ଦେଇଥିଲେ। ଏହା ପରେ ସେ ରାଷ୍ଟ୍ରପତିଙ୍କ ସରକାରୀ ବାସଭବନ ମଲିଆଜର ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ମାତ୍ର କିଛି ଦିନ ପରେ ଫାତିମାଥଙ୍କୁ ବଦଳି କରି ପରିବେଶ ମନ୍ତ୍ରାଳୟକୁ ଅଣା ଯାଇଥିଲା।

ମାଲଦ୍ୱୀପରେ ଗୁଣିଗାରେଡ଼ିକୁ ଫନ୍ଦିତା ତଥା ସିହୁର କୁହାଯାଏ। ଇସ୍‌ଲାମିକ ଆଇନରେ ଏହା ଗୁରୁତର ଅପରାଧ। ଏହା ସତ୍ତ୍ୱେ ମାଲଦ୍ୱୀପର ଅଧିକାଂଶ ଲୋକ ଗୁଣିଗାରେଡ଼ି କରିଥାନ୍ତି। ଗତ ମାସରେ ଗୁଣିଗାରେଡ଼ି କରିବା ଅଭିଯୋଗରେ ମୋଇଜୁଙ୍କ ଦଳର ଜଣେ ନେତାଙ୍କୁ ପୁଲିସ ଗିରଫ କରିଥିଲା। ସୂଚନା ଅନୁଯାୟୀ ୨୦୧୮ ଅଗଷ୍ଟରେ ମାଲଦ୍ୱୀପର କୁହୁଧୁଫୁସି ଦ୍ୱୀପରୁ ୪ ଜଣଙ୍କୁ ଗିରଫ କରାଯାଇଥିଲା। ଏମାନେ ୨୦୧୮ ସେପ୍ଟେମ୍ବରରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ବିରୋଧୀଙ୍କ ବିଜୟ ପାଇଁ ଗୁଣିଗାରେଡ଼ି କରୁଥିବା ଅଭିଯୋଗ ହୋଇଥିଲା। ସେହିପରି ୨୦୧୫ ଡିସେମ୍ବରରେ ଇସଲାମିକ ମନ୍ତ୍ରାଳୟ ଏକ ସାର୍ବଜନୀନ ବୟାନ ଜାରି କରି ଗୁଣିଗାରେଡ଼ି ସମାଜରେ ବ୍ୟାପିଯାଉଥିବା କୁହାଯାଇଥିଲା। ଏଭଳି ପ୍ରଥାଠାରୁ ଦୂରେଇ ରହିବା ପାଇଁ ଜନତାଙ୍କୁ ପରାମର୍ଶ ଦିଆଯାଇଥିଲା। ଏହା ବ୍ୟତୀତ ୨୦୧୩ ରାଷ୍ଟ୍ରପତି ନିର୍ବାଚନର ଫଳାଫଳ ବଦଳାଇବା ପାଇଁ ମଧ୍ୟ ଗୁଣିଗାରେଡ଼ି ହୋଇଥିଲା।

**■ ବଲିଭିଆରେ କ୍ଷମତା ପରିବର୍ତ୍ତନ ପ୍ରୟାସ ବିଫଳ**

## ରାଷ୍ଟ୍ରପତି ଭବନ ଘେରି ସେନାମୁଖ୍ୟ ଗିରଫ

ଲାପାଜ, ୨୭।୬ (ଏଜେନ୍ସି): ଦକ୍ଷିଣ ଆମେରିକୀୟ ଦେଶ ବଲିଭିଆରେ ସେନାର କ୍ଷମତା ପରିବର୍ତ୍ତନ ଉଦ୍ୟମ ବିଫଳ ହୋଇଯାଇଛି। ସୈନିକ ରାଜଧାନୀ ଲା ପାଜ ସ୍ଥିତ ରାଷ୍ଟ୍ରପତି ଭବନ ଉପରେ ଆକ୍ରମଣ କରିଛନ୍ତି। ଏହାର କିଛି ସମୟ ପରେ ସେନାମୁଖ୍ୟ ଜେନେରାଲ ହୋଜେ ଜ୍ୟୁନିଗା ଆଉ କିଛି ସଦସ୍ୟଙ୍କୁ ଧରି ରାଷ୍ଟ୍ରପତି ଭବନରେ ଅନୁପ୍ରବେଶ ଉଦ୍ୟମ କରିଥିଲେ। ତେବେ ତାଙ୍କୁ ମାତ୍ର ୩ ଘଣ୍ଟା ଭିତରେ ଗିରଫ କରାଯାଇଛି। ପରେ ସେନା ପଛକୁ ହଟିଯାଇଛି। ଦେଶର ଟିଭି ଚ୍ୟାନେଲରେ ଏହାର ପ୍ରସାରଣ କରାଯାଇଥିଲା। ଏହି ଭିଡିଓ ଅନୁଯାୟୀ ସୁରକ୍ଷାବାହିନୀ ସହରର ମୁଖ୍ୟ ଛକକୁ ଘେରି ନେଇଥିଲା। ପରେ ଏକ ସେନା ଗାଡ଼ି ରାଷ୍ଟ୍ରପତି ଭବନର କବାଟକୁ ଧକ୍କା ଦେଇଥିଲା।



## ନେପାଳରେ ବନ୍ୟା, ଭୂସ୍ଖଳନ; ୧୪ ମୃତ

କାଠମାଣ୍ଡୁ, ୨୭।୬ (ଏଜେନ୍ସି): ନେପାଳରେ ମୌସୁମୀ ବାୟୁ ପ୍ରବେଶ କରିଛି। ଏହାର ପ୍ରଭାବରେ ସାରା ଦେଶରେ ପ୍ରବଳ ବର୍ଷା ଜାରି ରହିଛି। ବିଭିନ୍ନ ସ୍ଥାନରେ ବନ୍ୟା, ଭୂସ୍ଖଳନ ଏବଂ ବଜ୍ରପାତ ହୋଇ ୧୪ ଜଣଙ୍କ ମୃତ୍ୟୁ ହୋଇଛି। ୮ ଜଣ ବ୍ୟକ୍ତି ଭୂସ୍ଖଳନରେ, ୫ ଜଣ ବଜ୍ରପାତରେ ଏବଂ ବନ୍ୟାରେ ବୁଡ଼ି ଜଣଙ୍କ ଜୀବନ ଯାଇଛି। ୨ ଜଣ ନିଖୋଜ ଅଛନ୍ତି। ୧୦ରୁ ଅଧିକ ଆହତ ହୋଇଛନ୍ତି।

## ମାଲଗାଡ଼ି ଧକ୍କାରେ ଜଣେ ମୃତ

**କଣ୍ଟାବାଞ୍ଜି, ୨୭।୬(ସମିସ):** କଣ୍ଟାବାଞ୍ଜି ଥାନା ରେଙ୍ଗାଲି ଗାଁ ନିକଟ ରେଳଟ୍ରାକରେ ଅଘଟଣ ଘଟିଛି। ଟ୍ରେନ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମାଲଗାଡ଼ି ଗାଡ଼ି ଧକ୍କାରେ ଜଣେ ମୃତ୍ୟୁ ହୋଇଛି ମୃତକ ଜଣକ ହେଉଛନ୍ତି। କସାମାଲ ଗାଁର କୁମ ଭୋଇ ବୋଲି ଜଣାପଡ଼ିଛି। କଣ୍ଟାବାଞ୍ଜି ଜିଆରପି ପୁଲିସ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି। କୁମ ଆତ୍ମହତ୍ୟା କରିଛନ୍ତି କି ଟ୍ରେନ୍ ଧକ୍କାରେ ମୃତ୍ୟୁ ହୋଇଛି ତାହା ଅଧିକ ତଦନ୍ତ କରାଯାଉଥିବା ବେଳେ କଣ୍ଟାବାଞ୍ଜି ଡାକ୍ତରଖାନରେ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ଯୁବତୀଙ୍କୁ ଅନ୍ତଃସତ୍ତ୍ୱା କରି ପ୍ରେମିକ ଫେରାର

### ଏସ୍‌ପିଙ୍କ ଦ୍ୱାରସ୍ଥ ପରିବାର

**ବଲାଙ୍ଗିର, ୨୭।୬(ସମିସ):** ବଲାଙ୍ଗିର ଜିଲ୍ଲା ଟିକ୍ରାପଡ଼ା ଥାନା ଅର୍ନ୍ତଗତ ଝିକିଡୁଙ୍ଗୁରୀ ଗ୍ରାମର ଜଣେ ଯୁବତୀଙ୍କୁ ତାଙ୍କର ପ୍ରେମିକ ଅନ୍ତସତ୍ତ୍ୱା କରି ଫେରାର ମାରିଥିବା ଅଭିଯୋଗ ହୋଇଛି। ଏନେଇ ଟିକ୍ରାପଡ଼ା ଥାନାରେ ଅଭିଯୋଗ କରିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ପରିବାର ଲୋକେ ଏସ୍‌ପିଙ୍କ



ଦ୍ୱାରସ୍ଥ ହୋଇଛନ୍ତି। ସୂଚନାନୁଯାୟୀ, ଗତ ଦୁଇବର୍ଷ ତଳେ ଲାଫେର ଗ୍ରାମର ରଞ୍ଜନ ମହାକୁରଙ୍କ ସହିତ ଝିକିଡୁଙ୍ଗୁରୀ ଗ୍ରାମର ବାସନ୍ତୀ ହେର୍ଣ୍ଣାଙ୍କର ପରିଚିତ ହୋଇଥିଲା। ମୋବାଇଲ ଫୋନରେ କଥାବାର୍ତ୍ତା ହୋଇ ସମ୍ପର୍କ ବଢ଼ିଲା। ଦୁହେଁ ଦୁହିଁଙ୍କୁ ପସନ୍ଦ କରି ଭଲପାଇ ବସିଲେ। ରଞ୍ଜନ ତାକୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲା। କିଛି ଦିନପରେ ଯୁବତୀ ଅନ୍ତସତ୍ତ୍ୱା ହେଲେ। ଏ ସମ୍ପର୍କରେ ପ୍ରେମିକ ରଞ୍ଜନକୁ ଜଣାଇବା ପରେ ସେ ମୁମ୍ବାଇ ଆସିଛି। ଏଠାରୁ ଗଲା ପରେ ତୁମକୁ ନେଇକି ଆସିବି ବୋଲି କହିଥିବା ଯୁବତୀ ଜଣଙ୍କ କହିଥିଲେ। କିନ୍ତୁ ଦୀର୍ଘ ଏକ ମାସ ହେବ ରଞ୍ଜନର ମୋବାଇଲ ସ୍ୱିଚ୍ ଅଫ୍ ଆସିବା ସହ ତା ସହିତ କୌଣସି ଯୋଗାଯୋଗ ହୋଇପାରୁ ନାହିଁ। ଏନେଇ ଟିକ୍ରାପଡ଼ା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ହେଁ ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଯୁବତୀଙ୍କ ପେଟରେ ୭ ମାସର ପିଲା ରହିଛି। ଶେଷରେ ଯୁବତୀ ଜଣକ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରଞ୍ଜନକୁ ଖୋଜି ଆଣି ତାଙ୍କ ସହିତ ବିବାହ କରାଇଦେବାକୁ ସେ ଦାବି କରିଛନ୍ତି।

## ସଂସ୍କୃତ ପରିଷଦ ବଲାଙ୍ଗିରର ମାସିକ ଅଧିବେଶନ

**ବଲାଙ୍ଗିର, ୨୭।୬(ସମିସ):** ନୃସିଂହ ମନ୍ଦିର ପରିସରରେ ସଂସ୍କୃତ ପରିଷଦ ବଲାଙ୍ଗିରର ମାସିକ ଅଧିବେଶନ ବରିଷ୍ଠ ଆଇନଜୀବୀ ଜୟରାମ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସହ-ସମ୍ପାଦକ ସଂକୀର୍ତ୍ତନ ତ୍ରିପାଠୀ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଗତ ଅଧିବେଶନର ବିବରଣୀ ପାଠ କରିଥିଲେ ରାଜ କିଶୋର ପଣ୍ଡା। ମୁଖ୍ୟବକ୍ତା ଭାବରେ ଗିରିଜା ଶଙ୍କର ରଥ ଯୋଗ ଦେଇ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବିଷୟରେ ଭାଷଣ ଦେବା ସହିତ ମାଧବ ଦାସ ଚରିତ ଉପସ୍ଥାପନ କରିଥିଲେ। ସମ୍ମାନିତ ବକ୍ତା ଭାବରେ ଆହ୍ଲାଦ କୁମାର ପୂଜାରୀ ନିଜର ଛାତ୍ର ଜୀବନରୁ ସଂସ୍କୃତ ପ୍ରତି କିପରି ତାଙ୍କର ଆନ୍ତରିକତା ବୃଦ୍ଧି ହେଲା ଏବଂ ଏପର୍ଯ୍ୟନ୍ତ ତାହା ବଳବତ୍ତର ରହିଛି ସେ ନିଜସ୍ୱ ଅନୁଭୂତିରୁ ବକ୍ତବ୍ୟ ରଖିଥିଲେ। ପ୍ରଯତ୍ନ ଆବଶ୍ୟକ ଏହି ତଥ୍ୟକୁ ସଂସ୍କୃତ ଭାଷାରେ ଭାଷଣ ଦେଇଥିଲେ। ଏହି ଅଧିବେଶନରେ ବନମାଳି ନନ୍ଦ, ପର୍ଶୁରାମ ନାୟକ, ସୀତାଂଶୁ ଶେଖର ନାୟକ, ପୁରୁଷୋତ୍ତମ ପଣ୍ଡା, ମଦନ ମୋହନ ରଥ, କପିଳ ପତି, ଗୋପବନ୍ଧୁ ପୁରୋହିତ ପ୍ରମୁଖ ବହୁ ସଂସ୍କୃତପ୍ରେମୀ ଯୋଗ ଦେଇଥିଲେ।

**ପରେଶ କରତକଳ ମାଲିକାନା ବିବାଦ ଘଟଣା**

# ଏସିଏଫ୍‌ଙ୍କ ଉପସ୍ଥିତିରେ ହତ୍ୟା ଧମକ, ଥାନାରେ ଅଭିଯୋଗ

**ବଲାଙ୍ଗିର, ୨୭।୬(ସମିସ)**

ବଲାଙ୍ଗିର ଜିଲ୍ଲାରେ ଲାଇସେନ୍ସ ପ୍ରଦାନ ଓ କରତକଳ ପରିଚାଳନାକୁ ନେଇ ଦୁଇଟି କରତକଳରେ ଦେଖାଦେଇଥିବା ବିବାଦ ଏବେ ମୁହାଁମୁହିଁ ଅବସ୍ଥାରେ ରହିଛି। ଅନ୍ୟପଟେ ଏହି ଘଟଣାରେ କିଛି ଅସାଧୁ କର୍ମଚାରୀଙ୍କ ମନମୁଖୀ କାରବାର ଯୋଗୁ ଉକ୍ତ ଦୁଇ କରତକଳ ବନ୍ଦ ପଡ଼ିଛି। ଏହି ପରିସ୍ଥିତିରେ ପରେଶ କରତକଳ ମାଲିକାନାକୁ ନେଇ ଦେଖାଦେଇଛି ବିବାଦ। ଏହି ଘଟଣା ସାମ୍ନାକୁ ଆସିବା ପରେ ବିଭାଗୀୟ ଅଧିକାରୀ ନିଜ ଦୋଷ ଲୁଚାବାକୁ ଯାଇ ଛାନଭିନ ଆରମ୍ଭ କରିଛନ୍ତି। ତେବେ ଗୁରୁବାର ଏସିଏଫଙ୍କ ନେତୃତ୍ୱରେ ପରେଶ କରତକଳ ଭିତରେ ଦୁଇ ବ୍ୟବସାୟିକ ସହଯୋଗୀଙ୍କୁ ନେଇ ତଦନ୍ତ ଚାଲିଥିବା ବେଳେ ଉଭୟଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଏହି ସମୟରେ କରତକଳର ପ୍ରଥମ ମାଲିକ ତଥା ଜମି ମାଲିକଙ୍କୁ ଦ୍ୱିତୀୟ ମାଲିକ ଅଧିକାରୀଙ୍କ ସମ୍ମୁଖରେ ଧମକ ଦେଇଥିବା ଜଣାପଡ଼ିଛି। ଯାହାକୁ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ପରେଶ କରତକଳ ମାଲିକ ଅରବିନ୍ଦ ପଟେଲ।

ସୂଚନା ଅନୁସାରେ ଗତ କିଛି ଦିନ ହେଲା ବଲାଙ୍ଗିର ଶିଳ୍ପାଞ୍ଚଳରେ ଥିବା ପରେଶ କରତକଳ ମାଲିକାନାକୁ ନେଇ ବିବାଦ ଦେଖାଦେଇଛି। ଏହି କରତକଳ ସୋନପୁର ଜିଲ୍ଲା ଡୁଙ୍ଗୁରିପାଲିର ଅରବିନ୍ଦ ପଟେଲଙ୍କ ନାମରେ ରହିଛି। ତାଙ୍କ ନାମରେ ଇଡକୋ ଜମି, କରତକଳ ଲାଇସେନ୍ସ, ଜିଏସଟି ଓ ବିଦ୍ୟୁତ କାଗଜପତ୍ର ରହିଛି। ତେବେ



ପରିଚାଳନା ଗତ ସମସ୍ୟା ଯୋଗୁ ସେ ୨୦୨୩ ସେପ୍ଟମ୍ବର ମାସରେ ସାଧନା ମିଶ୍ରଙ୍କୁ ନିଜ ବ୍ୟବସାୟିକ ସହଯୋଗୀ କରିବା ପାଇଁ ଏକ ନୋଟାରୀ ଦଲିଲ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ସାଧନା ମିଶ୍ରଙ୍କ ସ୍ୱାମୀ ତଥା ନିକଟସ୍ଥ ଲକ୍ଷ୍ମୀ ନାରାୟଣ କରତକଳର ଅନ୍ୟତମ ମାଲିକ ବନ ବିଭାଗର ଅଧିକାରୀ ମାନଙ୍କୁ ପ୍ରଭାବିତ କରି ପରେଶ କରତକଳ ଲାଇସେନ୍ସରେ ଦ୍ୱିତୀୟ ମାଲିକାନା ଜାହିର କରିଥିଲେ। ଯାହାକୁ ନେଇ ଅରବିନ୍ଦ ପଟେଲ ଅସନ୍ତୋଷ ପ୍ରକାଶ କରିବା ସହ ବନ ବିଭାଗ ଅଧିକାରୀଙ୍କୁ ବାରମ୍ବାର ଏନେଇ ତାଗିଦ କରିଥିଲେ। ପ୍ରମୋଦ ମିଶ୍ର ବେଆଇନ କାଠ କାରବାରରେ ସମ୍ପୃକ୍ତ ଥିବାରୁ ସାଧନା ମିଶ୍ରଙ୍କୁ ବ୍ୟବସାୟିକ ସହଯୋଗୀତାରୁ ହଟାଇବା ପାଇଁ ଲିଖିତ ଭାବେ ଆବେଦନ କରିଥିଲେ। କିନ୍ତୁ ବନ ବିଭାଗର ଅଧିକାରୀମାନେ ଶୁଣିନଥିଲେ। ଏପରିକି ବନ ବିଭାଗ ଅଧିକାରୀଙ୍କ ସୁରକ୍ଷା କ୍ରମେ ଅରବିନ୍ଦ ନିଜ ଜମିରେ ଥିବା ନିଜ କରତକଳ କୁ ମଧ୍ୟ ପ୍ରବେଶ କରିପାରିନଥିଲେ। ଏନେଇ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ବନ ବିଭାଗ ଆକ୍ସନ ମୁଡ୍‌କୁ ଆସିଥିଲା। ସୋମବାର ଖବର ପ୍ରକାଶନ ପରେ ମଙ୍ଗଳବାର ରେଞ୍ଜର ନବୀନ ପଣ୍ଡା ଷ୍ଟକଯାଞ୍ଚ କରିଥିଲେ। ଗୁରୁବାର ନିଜେ ଏସିଏସଫ ଜିତେନ୍ଦ୍ର ସାହୁ ପରେଶ କରତକଳରେ ପହଞ୍ଚି ଉଭୟ ଅରବିନ୍ଦ ପଟେଲ ଓ ସାଧନା ମିଶ୍ରଙ୍କ ପାୱାର ଅଫ ଆଟୋନୀ ଥିବା ପ୍ରମୋଦ ମିଶ୍ରଙ୍କୁ ଡାକି ତାଙ୍କର ଅଭିଯୋଗ ରେକର୍ଡ କରିଥିଲେ। କରତକଳର ସମସ୍ତ କାଗଜପତ୍ର ମଧ୍ୟ ଯାଞ୍ଚ କରିଥିଲେ। ଏହି ସମୟରେ ପ୍ରମୋଦ ମିଶ୍ର କରତକଳ ମାଲିକ ତାଙ୍କ ପ୍ରମୁଖ ସହଯୋଗୀ ଅରବିନ୍ଦ ପଟେଲଙ୍କୁ ମାଡ ମାରିବା ପାଇଁ ଧମକ ଚମକ ଦେଇଥିବା ଅରବିନ୍ଦ ପଟେଲ ଅଭିଯୋଗ କରିଛନ୍ତି। ଏନେଇ ସେ ସଦର ଥାନାରେ ଲିଖୀତ ଭାବେ ମଧ୍ୟ ଅଭିଯୋଗ କରିଛନ୍ତି। ତେବେ ବନ ବିଭାଗର ଅଧିକାରୀଙ୍କ ସମ୍ମୁଖରେ ଏହିଭଳି ଧମକ ଦେବା ମଧ୍ୟ ତଦନ୍ତ ସମୟରେ ରେକର୍ଡ ହୋଇଥିବା ଜଣାପଡ଼ିଛି। ତେବେ ଏନେଇ ଏସିଏସଫ ଜିତେନ୍ଦ୍ର ସାହୁଙ୍କୁ ପଚାରିବାରୁ ଘଟଣା ସାମ୍ନାକୁ ଆସିବା ପରେ ଡିଏଫଓ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକ୍ରମେ ସେ ତଦନ୍ତ ପାଇଁ ଯାଇଥିଲେ। ଉଭୟଙ୍କ ଷ୍ଟେଟମେଣ୍ଟ ରେକର୍ଡ କରାଯାଇଥିଲା। ଏନେଇ ଏକ ବିସ୍ତୃତ ରିପୋର୍ଟ ଡିଏଫଓଙ୍କୁ ପ୍ରଦାନ କରାଯିବା ପରେ ଯାହାକିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ସାହୁ କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ କରତକଳର ପ୍ରମୁଖ ମାଲିକ ଅରବିନ୍ଦ ପଟେଲ ନିଜ ଜୀବନ ପ୍ରତି ବିପଦ ରହିଥିବା ଅଭିଯୋଗ କରିଛନ୍ତି। ସେ ବାରମ୍ବାର ଲିଖିତ ଭାବେ ଜଣାଇବା ସତ୍ତ୍ୱେ ବନ ବିଭାଗ ଠିକ ସମୟରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ଆଜି ଏହିଭଳି ପରିସ୍ଥିତି ଦେଖିବାକୁ ମିଳିଛି। ତେବେ ବିଭାଗୀୟ ଅଧିକାରୀ ଏନେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଲାଇସେନ୍ସରୁ ତୁରନ୍ତ ସାଧନା ମିଶ୍ରଙ୍କୁ ବାଦ ଦେଇ ତାଙ୍କ ନାମରେ ଲାଇସେନ୍ସ ପ୍ରଦାନ କରିବାକୁ ଦାବି କରିଛନ୍ତି। ଗତ କିଛି ଦିନ ହେଲା ଏହି ଘଟଣାକୁ ନେଇ ବିବାଦ ଦେଖାଦେଇଥିବା ବେଳେ ଏହାର ସମାଧାନ ପାଇଁ ବନ ବିଭାଗ ଆଉ କେତେ ଦିନ ସମୟ ନେବ ତାହା ଦେଖିବାକୁ ବାକି ରହିଲା।

**ଦୁଇ ବ୍ୟବସାୟିକ ସହଯୋଗୀଙ୍କ ଷ୍ଟେଟ୍‌ମେଣ୍ଟ ରେକର୍ଡ କଲା ବନ ବିଭାଗ**

**■ ସଇଁତଳା ସଦର ମହକୁମାରେ ଡେଙ୍ଗୁ ଆତଙ୍କ**

# ଆକ୍ରାନ୍ତ ଯୁବକ ମୃତ, ଡାକ୍ତରୀ ଟିମ୍‌ର ଛାନ୍‌ଭିନ୍

**ସଇଁତଳା, ୨୭।୬(ସମିସ):** ସଇଁତଳା ସଦର ମହକୁମାରେ ଡେଙ୍ଗୁ ଆତଙ୍କ ଦେଖାଦେଇଛି। ଗତ ତିନିଦିନ ତଳେ ସହରର ଗୋପବନ୍ଧୁ ପଡ଼ାର ସତ୍ୟନାରାୟଣ ସାହୁ (୨୮) ଗତ କିଛିଦିନ ତଳେ ଜ୍ୱରରେ ଆକ୍ରାନ୍ତ ହୋଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ବଲାଙ୍ଗିର ଭୀମଭୋଇ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ରକ୍ତନମୁନା ପରୀକ୍ଷା କରିବାପରେ ସେ ଡେଙ୍ଗୁରେ ଆକ୍ରାନ୍ତ ବୋଲି ଜଣାପଡ଼ିଥିଲା। ପରେ ପରିବାର ଲୋକେ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ବରଗଡ଼ସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ନେଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସତ୍ୟନାରାୟଣଙ୍କ ଏକ ୩ ବର୍ଷର ଝିଅ ରହିଥିବାବେଳେ ତାଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ପ୍ରଶାସନ ତରଫରୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ପଡ଼ାବାସୀ ଦାବି କରିଛନ୍ତି। ଅନ୍ୟ ପକ୍ଷରେ ସଇଁତଳା ସହରରେ ଥିବା ନାଳନର୍ଦ୍ଦମା ଦୀର୍ଘ ଦିନ ହେଲା ସଫା ହୋଇନଥିବାବେଳେ ବର୍ତ୍ତମାନ ବର୍ଷା ଋତୁ ହୋଇଥିବାରୁ ବର୍ଷା ହେଲେ ନାଳର ପାଣି ଘରମାନଙ୍କୁ ତଥା ରାସ୍ତାରେ ପ୍ରବାହିତ ହୋଇ ଦୁର୍ଗନ୍ଧ ହେଉଛି। ନାଳ ସଫା ନ ହେବାରୁ ନାଳରେ ଅଳିଆ ଆବର୍ଜନା ଜମାହୋଇ ମଇଳା ପାଣି ଯିବା ପାଇଁ ଥିବା ରାସ୍ତା ବନ୍ଦ ହୋଇଯାଇଛି। ଯାହାଦ୍ୱାରା ଡେଙ୍ଗୁ ମଶାଙ୍କୁ ନିଜର କାୟା ବିସ୍ତାର କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ବଲାଙ୍ଗିର ମେଡିକାଲ ଟିମ ଓ ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀମାନେ ଗୋପବନ୍ଧୁ ପଡ଼ାରେ ପହଞ୍ଚି ପରୀକ୍ଷା ଆରମ୍ଭ କରିଥିବାବେଳେ ପଡ଼ାର ଅନ୍ୟ କେତେକଙ୍କୁ ଡେଙ୍ଗୁ ହୋଇଥିବା ସୂଚନା ମିଳିଛି। ସହରରେ ଥିବା ସମସ୍ତ ନାଳନର୍ଦ୍ଦମା ତୁରନ୍ତ ସଫା କରିବା ଦିଗରେ ପ୍ରଶାସନ ଦୃଷ୍ଟି ଦେବା ସହ ଡେଙ୍ଗୁର ନିରାକରଣ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।





## କଣ୍ଟାବାଞ୍ଜିରେ ଚାଲିଛି ଜମି ଜାଲିଆତି ବେପାର

**କଣ୍ଟାବାଞ୍ଜି, ୨୭।୬(ସମିସ):** ପଶ୍ଚିମ ଓଡ଼ିଶାର ବ୍ୟବସାୟିକ ସହର ଭାବେ ପରିଚିତ ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହର। ଏହି ସହର ବିଭିନ୍ନ ବ୍ୟବସାୟକୁ ନେଇ ସାରା ରାଜ୍ୟ ତଥା ବାହାର ରାଜ୍ୟରେ ପରିଚିତ। ଏବେ ଏହି ସହରରେ ଜମି ବ୍ୟବସାୟକୁ ନେଇ ବ୍ୟବସାୟୀମାନେ ସକ୍ରିୟ ହୋଇଛନ୍ତି। କଣ୍ଟାବାଞ୍ଜି ସହର ଆଖପାଖ ଗାଁରେ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କୁ ଟଙ୍କାର ପ୍ରଲୋଭନ ଦେଖାଇ ତାଙ୍କ ଠାରୁ କମ ଟଙ୍କାରେ ଜମି କିଣି କିସମ ପରିବର୍ତ୍ତନ କରି ଅନ୍ୟମାନଙ୍କୁ ଚଢ଼ା ଦରରେ ସେମାନେ ବିକ୍ରି କରୁଥିବା ଅଭିଯୋଗ ହୋଇଆସୁଛି। ଏବେ ସହରରେ ମଧ୍ୟ ବିଭିନ୍ନ କିସମ ଜମିକୁ କିସମ ପରିବର୍ତ୍ତନ କରି ଚଢ଼ା ଦରରେ ବିକ୍ରି କରୁଛନ୍ତି। ଅନେକ ନକଲି କାଗଜପତ୍ର ଜରିଆରେ ଏହି ସବୁ କାମ କରାଯାଉଥିବା ଅଭିଯୋଗ ହୋଉଛି। ସେହିଭଳି କଣ୍ଟାବାଞ୍ଜି ସହରର ମେନରୋଡରେ ଏକ ଜମିକୁ ନକଲି କାଗଜପତ୍ର କରି ସହରର ଜଣେ ଜମି ବ୍ୟବସାୟଙ୍କୁ ବିକ୍ରି କରିଥିବା ବେଳେ ସେହି ନିର୍ଦ୍ଦିଷ୍ଟ ଜମି ବ୍ୟବସାୟୀ ଜଣକ ମଧ୍ୟ ଅନ୍ୟ ଜଣଙ୍କୁ ଚଢ଼ା ଦରରେ ବିକ୍ରି କରିବାକୁ ଚୁକ୍ତିମାନ କରିଥିଲେ। ହେଲେ ଜମିର କିସମ ଓ କାଗଜପତ୍ର ଠିକ ନ ଥିବା ଯୋଗୁଁ ଏବେ ଉଭୟ ଜମି ବ୍ୟବସାୟୀ ହରଡ଼ଘଣାରେ ପଡ଼ିଛନ୍ତି। ଉକ୍ତ ଜମି ବ୍ୟବସାୟୀ ଜଣକ ଅନ୍ୟ ଏକ ବ୍ୟବସାୟଙ୍କୁ କିସମ ପରିବର୍ତ୍ତନ କରିବାକୁ ତାଙ୍କ ମାଧ୍ୟମରେ କଣ୍ଟାବାଞ୍ଜି ତହସିଲକୁ ଲବି ଆରମ୍ଭ କରିଛନ୍ତି। କାହିଁକି ସେହି ବ୍ୟବସାୟ ଜଣକ ତାଙ୍କ ବସ୍ତିଯୋଗ୍ୟ ଜମିକୁ କିସମ ପରିବର୍ତ୍ତନ କରି କୋଟିକୋଟି ଟଙ୍କା ବିକ୍ରି କରିଛନ୍ତି। ଯାହାଫଳରେ ତହସିଲ ଅଫିସ କିଛି କର୍ମଚାରୀଙ୍କ ସହ ତାଙ୍କ ସମ୍ପର୍କ ଘନିଷ୍ଠ ରହିଛି। ତେଣୁ ସେ ଅନ୍ୟମାନଙ୍କ କିସମ ପରିବର୍ତ୍ତନ କରିବାରେ ଏବେ ସେ ଦଲାଲ ଭୂମିକା ଗ୍ରହଣ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତେବେ କଣ୍ଟାବାଞ୍ଜି ତହସିଲ ଅଫିସର କିଛି କର୍ମଚାରୀ ବେଆଇନ କିସମ ପରିବର୍ତ୍ତନ କରୁଥିବା ଘଟଣା ସମ୍ପୃକ୍ତି ଥିବା ମଧ୍ୟ ଅଭିଯୋଗ ହେଉଛି। ତେବେ କଣ୍ଟାବାଞ୍ଜି ତହସିଲ ଅଫିସ ଅଧୀନରେ ହେଉଥିବା ଜମି କାରବାର ଉପରେ ଜିଲ୍ଲା ପ୍ରଶାସନ ଗୁରୁତର ଭାବେ ନେଇ କାଗଜପତ୍ର ଯାଞ୍ଚ କରି ପଦକ୍ଷେପ ନେବାକୁ ଆବଶ୍ୟକ ଅଟେ ବୋଲି ସାଧାରଣ ଦାବି ହେଉଛି।

## କଣ୍ଟାବାଞ୍ଜି ବିକାଶ ପରିଷଦ ମୁରିବାହାଲ ଶାଖା ତରଫରୁ ବୃକ୍ଷରୋପଣ

**ମୁରିବାହାଲ, ୨୭।୬(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ କଣ୍ଟାବାଞ୍ଜି ବିକାଶ ପରିଷଦ ମୁରିବାହାଲ ବ୍ଲକ ଶାଖା ଆନୁକୂଲ୍ୟରେ ଲଖନା ପଞ୍ଚାୟତରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବରିଷ୍ଠ ବିଜେଡି ନେତା ଅଜୟ ଦାସ ଯୋଗ ଦେଇଥିଲେ। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଲୋକଙ୍କୁ ବୃକ୍ଷରୋପଣ କାର୍ଯ୍ୟକ୍ରମ କୁ ଆହୁରି ଆଗାମୀ ଦିନରେ ତ୍ୱରାନ୍ୱିତ୍ୱ କରିବାକୁ ଉପଦେଶ ଦେବା ସହ ବୃକ୍ଷରୋପଣର ଲାଭ ଉପରେ ମତ ପ୍ରକାଶ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଜେଡି ମୁରିବାହାଲ ବ୍ଲକ ସଭାପତି ଶ୍ରୀ ମିନିକେତନ ପାତ୍ର, ହରେକୃଷ୍ଣ ?ଗାର, କାଳିଆ ନାଗ, ପିଙ୍କୁ ବାଗ, ହୃଦାନନ୍ଦ ରଣା, ପ୍ରହଲ୍ଲାଦ ସାହୁ, ସୁବାଷ ଛୁରା, କମଳ ପୁଟେଲ, ଚନ୍ଦ୍ରଶେଖର ଭୋଇ, ପ୍ରେମ ଦୀପ, ମଣ୍ଟୁ ସାହୁ, ବିଶ୍ୱଜିତ ଭୋଇ, ବିଶ୍ରୁ ଦଣ୍ଡସେନା, ପ୍ରହଲ୍ଲାଦ ବଛା, ଶ୍ୟାମ ବଗର୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶହେରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ ହୋଇଥିବା ଶ୍ରୀ ଅଜୟ ଦାସ ସୂଚନା ଦେଇଛନ୍ତି।



**ସଶକ୍ତ ଓ ଉନ୍ନତ ଆମ ପଞ୍ଚାୟତ**

# ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନକୁ ପ୍ରାଥମିକତା



ଗାଁ କହୁଛି ବିକାଶର କଥା। ଗାଁରୁ ପଞ୍ଚାୟତ ସବୁଠି ସୁଦୃଢ଼ ଓ ଉନ୍ନତ ଭିତ୍ତିଭୂମି ପୂରଣ କରିଛି ଲୋକଙ୍କ ଆଶା। ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ପାନୀୟଜଳ ଯୋଗାଣ ଠାରୁ ଆରମ୍ଭ କରି ନାରୀ ଜାଗରଣ। ସମସ୍ତ କ୍ଷେତ୍ରେରେ ସୁଧୁରିଛି ବ୍ୟବସ୍ଥା। ମା' ମାଟି ପାଇଁ କିଛି କରି ଦେଖାଇବାର ଲକ୍ଷ୍ୟ ନେଇ କର୍ତ୍ତବ୍ୟ ପଥରେ ଆଗେଇ ଚାଲିଛନ୍ତି ସରପଞ୍ଚ ଏଭଳି କିଛି କାହାଣୀକୁ ନେଇ 'ସକାଳ'ର ସ୍ୱତନ୍ତ୍ର ଉପସ୍ଥାପନା 'ସଶକ୍ତ ଓ ଉନ୍ନତ ଆମ ପଞ୍ଚାୟତ'।



**ବଲାଙ୍ଗିର, ୨୭।୬(ସମିସ)**

ବଲାଙ୍ଗିର ଜିଲ୍ଲା ସଦର ବ୍ଲକ ଅର୍ନ୍ତଗତ ଭୁଣ୍ଡିମୁହାଣ ପଞ୍ଚାୟତ। ଭୁଣ୍ଡିମୁହାଣ, ସରଗଡ଼ାପାଲି, କର୍ଲାପିଟା, କଖାଲ ଓ କର୍କଁରା ଗ୍ରାମକୁ ନେଇ ଏହି ପଞ୍ଚାୟତ ଗଠିତ। ପଞ୍ଚାୟତରେ ୧୧ ଟି ୱାର୍ଡ ରହିଥିବାବେଳେ ୩୫୦୦ରୁ ଉର୍ଦ୍ଧ୍ୱ ଭୋଟର ରହିଛନ୍ତି। ଅଧିକାଂଶ ଲୋକ ଚାଷ ଓ ଦିନମଜୁରୀ କାମ କରି ରୋଜଗାର କରନ୍ତି। ତେବେ ଏହି ପଞ୍ଚାୟତର ସରପଞ୍ଚ ଭାବରେ ନିର୍ବାଚଚିତ ହୋଇଛନ୍ତି ଶ୍ରୀୟା ସାହୁ। ଜନପ୍ରତିନିଧି ଭାବରେ ଲୋକଙ୍କ ମୌଳିକ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେବା ସହ ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ଦିଗରେ ଲାଗିପଡ଼ିଛନ୍ତି।

ପ୍ରକାଶ ଯେ ତାଙ୍କ ପଞ୍ଚାୟତର କଖାଲ ଓ କର୍କଁରା ଗ୍ରାମ ଲୋୟର ସୁକତେଲ ପ୍ରକଳ୍ପର ବୁଡି ଅଞ୍ଚଳ ଦ୍ୱାରା ପ୍ରଭାବିତ ହୋଇ ବିସ୍ଥାପିତ ହୋଇଛି। ସରପଞ୍ଚଙ୍କ ପରିବାର





ନିଜେ ବିସ୍ଥାପିତ ହୋଇ ବର୍ତ୍ତମାନ ଭୁଣ୍ଡିମୁହାଣରେ ରହୁଛନ୍ତି। ଗାଁ ମାଟିର ଲୋକେ ପ୍ରକଳ୍ପ ପ୍ରଭାବରେ ଏପଟ ସେପଟ ହୋଇଥିଲେ ହେଁ ସମସ୍ତଙ୍କୁ ଗୋଟିଏ ବନ୍ଧନରେ ବାନ୍ଧିରଖିବାରେ ସଫଳ ହୋଇଛନ୍ତି ସରପଞ୍ଚ ଶ୍ରୀୟା ସାହୁ। ତାଙ୍କର କହିବା ଅନୁସାରେ ସେ ସରପଞ୍ଚ ଭାବରେ ନିର୍ବାଚିତ ହେଲା ଦିନଠାରୁ ଲଗାତାର ଭାବରେ ଉନ୍ନୟନମୂଳକ କାମ ଜାରି ରହିଛି। ଭୁଣ୍ଡିମୁହାଣ ସ୍ଥିତ ବହମୁଣ୍ଡାରେ ମାଟିକାମ କରାଯାଇଛି। ପଞ୍ଚାୟତ ଗେଟ, ସ୍କୁଲ ଗେଟ ଓ ସୋଲାର ପାଣି ଟାଙ୍କି ଲଗାଯାଇଛି। କର୍କଁରା ଉନ୍ନତିକରଣ, ସରଗାଡ଼ପାଲି ମାଟି ଉନ୍ନତିକରଣ, କର୍ଲାପିଟାରେ ମାଟି ଉନ୍ନତିକରଣ, ସରଗାଡ଼ପାଲି କଁଟାରେ ମାଟି ଉନ୍ନତିକରଣ କାମ କରାଯାଇଛି। ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୮୦୦ରୁ ଉର୍ଦ୍ଧ୍ୱ ଜବ୍ କାର୍ଡଧାରୀ ଶ୍ରମିକ ରହିଛନ୍ତି। ସେମାନଙ୍କ କାମ ଯୋଗାଇଦେବାକୁ ପ୍ରାଥମିକତା ଦିଆଯାଉଥିବା ସରପଞ୍ଚ କହିଥିଲେ। ଆଗାମୀ ଦିନରେ ପଞ୍ଚାୟତର ଉନ୍ନତି ପାଇଁ ଅନେକ ଯୋଜନା ରହିଥିବାବେଳେ ଭୁଣ୍ଡିମୁହାଣ ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ ଭାବରେ ଗଢି ତୋଳିବାକୁ ସରପଞ୍ଚ ଶ୍ରୀୟା ସାହୁ ଲକ୍ଷ୍ୟ ରଖିଥିବା କହିଛନ୍ତି।

**ଭୁଣ୍ଡିମୁହାଣ ପଞ୍ଚାୟତ**

## ଲୋକ ଉନ୍ନତି ସଂଗଠନ ତରଫରୁ ସ୍ୱତନ୍ତ୍ର ମହିଳା ଗ୍ରାମସଭା

**ବଲାଙ୍ଗିର, ୨୭।୬ (ସମିସ):** ରାଜ୍ୟସ୍ତରୀୟ ଓଡ଼ିଶା ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ମଞ୍ଚ ବଲାଙ୍ଗିର ଲୋକ ଉନ୍ନତି ସଂଗଠନ ବ୍ଲକର ୨୨ଟି ପଞ୍ଚାୟତ ପାନୀୟ ଜଳ ସଙ୍କଟକୁ ନେଇ ସ୍ୱତନ୍ତ୍ର ମହିଳା ଗ୍ରାମ ସଭା ଆୟୋଜନ କରାଯାଇଛି। ସଂଗଠନ ସରପଞ୍ଚ, ନାଏବ ସରପଞ୍ଚ, ଗ୍ରାମବାସୀ, ଅଙ୍ଗନବାଡ଼ି, ମିଶନଶକ୍ତି, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଏମବିକେ ମହିଳାମାନଙ୍କୁ ନେଇ ଗ୍ରାମର ସ୍ୱଚ୍ଛ ପାନୀୟ ଜଳ, ସ୍କୁଲର ପାନୀୟ ଜଳ, ଅଙ୍ଗନବାଡ଼ି ପାନୀୟ ଜଳ, ପାଇଖାନା, ବିଦ୍ୟାଳୟ ମରାମତି ଆଦି ସମସ୍ୟା ଗୁଡ଼ିକ ଆଲୋଚନା ମାଧ୍ୟମରେ ଏକ ସ୍ୱତନ୍ତ୍ର ମହିଳା ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଗ୍ରାମସଭାରେ ଲୋକ ଉନ୍ନତି ସଂଗଠନ କର୍ମକର୍ତ୍ତା ବ୍ଲକ ସଭାପତି ସଜନା ବାଗ, ସମ୍ପାଦିକା ରଶ୍ମିମିତା ଖମାରି, ଉରମି ଲିଡର, ସୌଦାମିନି ମଲିକ, ସ୍ୱପ୍ନା ଭୂଏ ସ୍ୱେଚ୍ଛାସେବୀ, ସହାୟକ, ମିଶନ ଶକ୍ତି ବିଭାଗ, ସମନ୍ୱିତ ମହିଳା ଓ ଶିଶୁ ବିକାଶ ବିଭାଗ ଓ ଆଶାକର୍ମୀ ଉପସ୍ଥିତ ଥିଲେ।

## ଅର୍ଥନୈତିକ ସାକ୍ଷରତା ଏବଂ ଆର୍ଥିକ ଅନ୍ତର୍ଭୁକ୍ତ ଶିବିର

**ତୁରେକେଲା, ୨୭।୬(ସମିସ):** ତୁରେକେଲା ବ୍ଲକ ବୁରୋମାଳ ପଞ୍ଚାୟତରେ ଜିଲ୍ଲା କ୍ଷୁଦ୍ର ସଞ୍ଚୟ ଏବଂ ଅର୍ଥନୈତିକ ବିଭାଗ ଦ୍ୱାରା କଣ୍ଟାବାଞ୍ଜି ଅର୍ଥନୈତିକ ସାକ୍ଷରତା ଏବଂ ଆର୍ଥିକ ଅନ୍ତର୍ଭୁକ୍ତ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ଷୁଦ୍ର ସଞ୍ଚୟ ବିଭାଗର ସ୍ୱତନ୍ତ୍ର ଅଧିକାରୀ ବିଜୟ କୁମାର ସତ୍ୟପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସରୋଜ କୁମାର ବସ୍ତିଆ, ଡାକ ଇନ୍ସପେକ୍ଟର, ପାଟଣାଗଡ଼ ବ୍ୟବସାୟ କାର୍ଯ୍ୟନିର୍ବାହୀ ମହେଶ୍ୱର ସେନାପତି, ବଲାଙ୍ଗିର ଡାକ ବିଭାଗକୁ ସମ୍ବୋଧିତ କରିଥିଲେ। ବିଜୟ କୁମାର କହିଛନ୍ତି ଯେ, ଛୋଟ ସଞ୍ଚୟ ଦ୍ୱାରା ଭବିଷ୍ୟତ ସୁରକ୍ଷିତ ହୋଇପାରିବ ଭବିଷ୍ୟତ। ଅର୍ଥନୈତିକ ଲକ୍ଷ୍ୟ ପାଇଁ ପ୍ରସ୍ତୁତି କରାଯାଇପାରିବ। ଛୋଟ ସଞ୍ଚୟ ଏବଂ ଅନଧିକୃତ ଆର୍ଥିକ ପ୍ରତିଷ୍ଠାନ ବିରୁଦ୍ଧରେ ଲୋକଙ୍କୁ ସଚେତନ କରାଇବା ଏହି ଶିବିରର ମୂଳ ଉଦ୍ଦେଶ୍ୟ ଥିଲା। ଶିବିରରେ ଅଞ୍ଚଳର ସମସ୍ତ ଛୋଟ ସଞ୍ଚୟ ଏଜେଣ୍ଟ ମଧ୍ୟ ଉପସ୍ଥିତ ଥିଲେ।



ସକାଳ THE SAKALA



www.sakalaepaper.com

## ଜଟଗଡ଼ ଏବଂ ଜଡ଼ାମୁଣ୍ଡା ପଞ୍ଚାୟତରେ ବ୍ୟାପକ ଦୁର୍ନୀତି

# ଆବାସ ଏବଂ ନିର୍ମାଣ କାମରେ ଅନିୟମିତତା

**ନୂଆପଡ଼ା/କୋମନା, ୨୭।୬(ସମିସ)**

ଛତିଶଗଡ଼ ସୀମାନ୍ତ ତଥା ଉପାନ୍ତ ନୂଆପଡ଼ା ଜିଲ୍ଲାର ବିଭିନ୍ନ ବ୍ଲକରେ ଉନ୍ନୟନ କାମ ନାଁରେ ସରକାର କୋଟି କୋଟି ଟଙ୍କାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ଅଧିକାରୀମାନଙ୍କ ଅହେତୁକ ଅବହେଳା ଯୋଗୁଁ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଉଦାହରଣ ସ୍ୱରୂପ ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ କୋମନା ବ୍ଲକର ଜଟଗଡ଼ ଏବଂ ଜଡାମୁଣ୍ଡା ଗ୍ରାମ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ଏବଂ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ନାଁରେ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଯୋଗ୍ୟ ହିତାଧିକାରୀମାନଙ୍କୁ ଆବାସ ଯୋଜନାରେ ସାମିଲ କରା ନ ଯାଇ ଅଯୋଗ୍ୟ ହିତାଧିକାରୀ ଏପରିକି ବହୁ ଥିଲାବାଲାଙ୍କୁ ହାତବାରିସୀ କରି ଟଙ୍କା ନେଣଦେଣ କରି ଯୋଜନାରେ ସାମିଲ କରାଯାଇଥିବା କୁହାଯାଇଛି। ଏହିଭଳି ଲକ୍ଷାଧିକ ଟଙ୍କାର ପ୍ରକଳ୍ପ ଗୁଡିକ ନିର୍ମାଣ ହୋଇ ନ ଥିବାବେଳେ ସେହି ନାଁରେ ଟଙ୍କା



ଉଠାଣ କରାଯାଇଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏହି ଦୁଇଗୋଟି ପଞ୍ଚାୟତରେ ବହୁ ଦିନ ଧରି କିଛି କୁଜି ନେତା ଏବଂ ପଞ୍ଚାୟତର ଅଧିକାରୀମାନେ ମଧୁଚନ୍ଦ୍ରିକା କରି ହରିଲୁଟ୍ କରୁଥିବା ନେଇ ଜଣେ ସାମାଜିକ କର୍ମୀ ସୂଚନା ଅଧିକାର ଆଇନ ବଳରେ ବ୍ଲକ କାର୍ଯ୍ୟାଳୟରୁ ଦୁର୍ନୀତିର ଗନ୍ଧ ପାଇଛନ୍ତି। ପ୍ରକାଶଥାଉକି ଡବ୍ଲ୍ୟୁଓଡିସି ପାଣ୍ଠିରୁ ଜଟଗଡ଼ ପଞ୍ଚାୟତ ବାଲିପାଟି ଗାଁରେ ୨ଲକ୍ଷ ଟଙ୍କାର ଯଜ୍ଞ ମଣ୍ଡପ

**● ବିଡିଓଙ୍କୁ ଘେରିଲେ ହିତାଧିକାରୀ**

ନିର୍ମାଣ ନାଁରେ ଟଙ୍କା ଉଠାଣ କରାଯାଇଛି। ହେଲେ ତାହା ପ୍ରକୃତ ପକ୍ଷେ ହୋଇନାହିଁ। ଏହିଭଳି ସାହାଜଟରୁ ଗଡ଼ଗଡ଼ବାହାଲି ରାସ୍ତାରେ ୫ଲକ୍ଷ ଟଙ୍କାର କଲଭର୍ଟ ନିର୍ମାଣ, ବାଲିପାଟିର ୩ନମ୍ବର ୱାର୍ଡରେ ଦେଢ ଲକ୍ଷ ଟଙ୍କାର ଗାଧୁଆ ତୁଠ, ଭରୁଆମୁଣ୍ଡା ଟ୍ୟାଙ୍କରେ ଦେଢ ଲକ୍ଷ ଟଙ୍କାର ଗାଧୁଆ ତୁଠ ନିର୍ମାଣ କେବଳ ଯେ କାଗଜ କଲମରେ ହୋଇଥିବା ସୂଚନା ଅଧିକାର ନିୟମରେ ମିଳିଥିବା ରିପୋର୍ଟରୁ ଜଣାପଡ଼ିଛି। ଏହିଭଳି ଅନଲାଇନ ଟ୍ରାନ୍ସଫର ମାଧ୍ୟମରେ ହିତାଧିକାରୀମାନଙ୍କୁ ପେନସନ ଦିଆଯାଉଛି କହି ଅଧିକାରୀମାନେ ନିଜ ଆକାଉଣ୍ଟକୁ ନେଇ ଯାଉଥିବା ବେଳେ ବହୁ ଦିନ ତଳେ ସ୍ୱର୍ଗବାସ କରିଥିବା ହିତାଧିକାରୀଙ୍କ ଭତ୍ତା ଟଙ୍କା ହଡପ କରାଯାଇଥିବା ଅଭିଯୋଗ ହୋଇଛି। ଜଡାମୁଣ୍ଡା ଗ୍ରାମ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ, ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ବ୍ୟାପକ ହରିଲୁଟ ହୋଇଥିବା କୁହାଯାଉଛି। ଏଠାରେ ଯୋଗ୍ୟ ହିତାଧିକାରୀମାନଙ୍କ ନାମ ତାଲିକାରୁ ଉଚ୍ଛେଦ କରି ଅଯୋଗ୍ୟ ଲୋକଙ୍କୁ ରାତି ଅଧିଆ ଟଙ୍କା କାରବାର କରି ତାଲିକାଭୁକ୍ତ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଠାରେ ବହୁ ଗରିବ ଲୋକ ଅନ୍ତ୍ୟୋଦୟ ଅନ୍ନ ଯୋଜନାରୁ ସୁବିଧା ପାଇପାରୁନାହାଁନ୍ତି। ହେଲେ ଧନୀ ଲୋକଙ୍କୁ ଏଥିରେ ସାମିଲ କରାଯାଇଥିବା ତଥ୍ୟରୁ ଜଣାପଡ଼ିଛି। ତେବେ ଏହାକୁ ନେଇ ଦୁଇ ପଞ୍ଚାୟତବାସୀ ବହୁ ଦିନ ଧରି ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ବାରମ୍ବାର ଜଣାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ଶେଷରେ ଗୁରୁବାର ଦିନ ଶତାଧିକ ହିତାଧିକାରୀ ଏକଜୁଟ ହୋଇ ବ୍ଲକ କାର୍ଯ୍ୟାଳୟକୁ ଆସି ଲିଖିତ ଭାବେ ଜଣାଇଛନ୍ତି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି ଶିବିର

**ଲାଞ୍ଜିଗଡ଼,୨୭।୬(ସମିସ):** ବ୍ଲକମୁଖ୍ୟାଳୟ ବିଶ୍ୱନାଥପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଆୟୋଜିତ ମନରେଗା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ପିଏମ୍ ପୋଷଣ ଯୋଜନାର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ପିଏ ଆଇଟିଡିଏ ରାମକୃଷ୍ଣ ଗଣ୍ଡ ନୋଡାଲ ଅଧିକାରୀ ଭାବେ ଯୋଗ ଦେଇଥିଲେ। ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦ୍ରୋଣ ରଣା, ବ୍ଲକ ଯୋଗାଣ ଅଧିକାରୀ ଦୀଲିପ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏପିଓ ସଞ୍ଜିତ କୁମାର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଏଥିରେ ବ୍ଲକର ୨୬ଗୋଟି ପଞ୍ଚାୟତର ସାମାଜିକ ସମୀକ୍ଷା ସଂପର୍କିତ ଜନଶୁଣାଣି କରାଯାଇଥିଲା। ଏହି ଅବସରରେ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକମାନେ ରହି ମନରେଗା ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନା ସଂପର୍କରେ ତଥ୍ୟ ରଖିଥିଲେ। ସାମାଜିକ ସମୀକ୍ଷା ଅଧିକାରୀ ମଳୟ ବାଗ ଓ ଅନ୍ୟାନ୍ୟ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ସଂଗୃହୀତ ବିଭିନ୍ନ ଅଭିଯୋଗ ଓ ପ୍ରସ୍ତାବ ସଂପର୍କରେ ଆଲୋଚନା କରାଯାଇଥିଲା। ମନରେଗା ଯୋଜନାକୁ ନେଇ ପିଏ ଆଇଟିଡିଏ ଓ ବିଡିଓ ଗ୍ରାମ ରୋଜଗାର ସେବକମାନଙ୍କୁ ତାଗିଦ କରିବା ସହିତ ଲୋକଙ୍କୁ କାମ ଯୋଗାଇଦେବା ସେମାନଙ୍କ ପ୍ରାଥମିକତା ଓ ମନରେଗା ଯୋଜନାରେ ସ୍ୱଚ୍ଛତା ରଖିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲାର ଦାଦନ ପ୍ରବଣ ବ୍ଲକ ଭାବେ ପରିଚିତ ଲାଞ୍ଜିଗଡ଼ ବ୍ଲକରେ ଆଶାନୁରୂପ ଭାବେ ଲୋକେ କାମ ପାଉଥିଲେ ହେଁ ଦାଦନ ସଂଖ୍ୟା ହ୍ରାସ ପାଇଁ ପଞ୍ଚାୟତସ୍ତରରେ ଏହି ଯୋଜନାକୁ ଆହୁରି ପ୍ରଚାର ପ୍ରସାର କରାଯିବାର ଆବଶ୍ୟକତା ଉପରେ ବିଡିଓ ଶ୍ରୀ ପାତ୍ର ଗୁରୁତ୍ୱାରୋପ କରିଥିଲେ। ଏହି ଶିବିରରେ ଅଧିକ ସଂଖ୍ୟାରେ ଗାଁସାଥୀମାନେ ଉପସ୍ଥିତ ଥିବାବେଳେ ଅଧିକରୁ ଅଧିକ ଶ୍ରମିକମାନଙ୍କୁ ଏଥିରେ ସାମିଲ କରିବାକୁ ବିଡିଓ ପରାମର୍ଶ ଦେଇଥିଲେ। ତେବେ ଉଦ୍ୟାନ, ବନ ବିଭାଗ, ଆଇଟିଡିଏ ଭଳି ବିଭିନ୍ନ ଲାଇନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ମନରେଗା ଯୋଜନାରେ କୋଟିକୋଟି ଟଙ୍କାର ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। ଏହି ଜନଶୁଣାଣି ଶିବିରରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ସଂପର୍କିତ ଗୋଟିଏ ବି ଅଭିଯୋଗ ଆସି ନ ଥିବା ବେଳେ ବ୍ଲକର ସଂଖ୍ୟାଧିକ ଯୋଗାଣ ସହାୟକମାନେ ମଧ୍ୟ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

## ଶ୍ରମିକ ସମବାୟ ସମିତର ସଚେତନତା ବୈଠକ



**କୋକସରା, ୨୭।୬(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଗ୍ରାମର ତଳପଡ଼ାସ୍ଥିତ କମ୍ୟୁନିଟି ହଲଠାରେ ବୁଧବାର ରାଜ୍ୟ ଶ୍ରମିକ ସମବାୟ ସମିତି ଲିଃ. ର ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ସମବାୟ ସମିତିର ଅତିରିକ୍ତ ଶାଖା ପରିଚାଳକ ଧନୁ ଦୁର୍ଗାଙ୍କ ଅଧ୍ୟକ୍ଷତାରେ ଏହି ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବଡ଼ପୋଡ଼ାଗୁଡ଼ା ଗ୍ରାମର ବହୁ ଚାଷୀ ଯୋଗ ଦେଇଥିଲେ। ଏହି କ୍ରମରେ ରାଜ୍ୟ ଶ୍ରମିକ ସମବାୟ ସମିତି ଲିଃ. ଦ୍ୱାର ଶ୍ରମିକମାନଙ୍କ ପାଇଁ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ଉପସ୍ଥିତ ଚାଷୀମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋକପାତ କରାଯାଇଥିଲା। ସମବାୟ ସମିତିରେ ରହିଥିବା ସଭ୍ୟ ସଭ୍ୟା ମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଶ୍ରୀ ଦୁର୍ଗା କହିଛନ୍ତି। ଏହି ସଚେତନତା ବୈଠକରେ ଏଫ୍ଇଓ ଉମା ଶଙ୍କର ଦାସ, ପିଇଓ ସଞ୍ଜୁକ୍ତା ନାଏକ, ଚଞ୍ଚଳା ରଣା, ଏଫଇଓ ମମିତା ମଙ୍ଗରାଜ, ଗିତାଞ୍ଜଳୀ ଦୁର୍ଗା, ବିଳାସିନୀ ହରିଜନ ପ୍ରମୁଖ ଯୋଗ ଦେଇଥିଲେ।

**● ରଥ ଓ ବାହୁଡା ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ**

## ଉଠା ଦୋକାନୀ ଓ ହୋଟେଲର ଖାଦ୍ୟ ଯାଞ୍ଚ ଉପରେ ଗୁରୁତ୍ୱ

**ଭବାନୀପାଟଣା, ୨୭।୬(ସମିସ):** ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଚଳିତ ରଥଯାତ୍ରା ଓ ବାହୁଡା ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ଆସନ୍ତା ଜୁଲାଇ ୭ ତାରିଖ ଓ ବାହୁଡା ଯାତ୍ରା ୧୫ ତାରିଖ ଦିନ ଶାନ୍ତି ଶୃଙ୍ଖଳାର ସହ ସୂଚାରୁରୂପେ ପାଳନ ପାଇଁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ କାର୍ଯ୍ୟସୂଚୀ ଅନୁଯାୟୀ ବିବରଣୀ ପାଠ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତ୍ରିଲୋଚନ ପାତ୍ର, ପୌର ଅଧ୍ୟକ୍ଷା ସଂଯୁକ୍ତା ବେହେରା ଉପସ୍ଥିତ ଥିଲେ। ମହାପ୍ରଭୁଙ୍କ ପହଣ୍ଡି ବିଜେ ଓ ଛେରାପହଁରା ଜୁଲାଇ ୭ ତାରିଖ ଅପରାହ୍ନ ୪ ଘଟିକାରେ ମହାରାଜା ଅନନ୍ତ ପ୍ରତାପ ଦେଓଙ୍କ ଦ୍ୱାରା ସମାପନ ହେବ। ପୁଲିସ ବିଭାଗ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା, ପୁଲିସ ନିୟନ୍ତ୍ରଣ କକ୍ଷ ସ୍ଥାପନ, ମାଉସୀ ମା' ମନ୍ଦିର ନିକଟରେ ସୁରକ୍ଷା କର୍ମୀ ମୁତୟନ, ଯାନବାହାନ ଚଳାଚଳ ଓ ଟ୍ରାଫିକ ନିୟନ୍ତ୍ରଣ, ଜଗନ୍ନାଥ ମନ୍ଦିର ରାସ୍ତା ବ୍ୟାରିକେଡ଼ିଂ, ରଥଟଣା ସମୟରେ ରାସ୍ତାକଡ ଦୋକାନୀଙ୍କୁ ସ୍ଥାନାନ୍ତର, ରଥ ତିଆରି ଓ ରଥ ଚଳାଚଳର ଉପଯୁକ୍ତ ପ୍ରମାଣପତ୍ର, ସେବାୟତ ଓ ପୂଜକଙ୍କୁ ପ୍ରଶାସନ ଦ୍ୱାରା ପରିଚୟ ପତ୍ର ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି।



ଖାଦ୍ୟ ନିରୀକ୍ଷକଙ୍କ ଦ୍ୱାରା ରାସ୍ତା କଡ ଓ ହୋଟେଲର ଖାଦ୍ୟ ଯାଞ୍ଚ, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଯାନ ଓ ଆମ୍ବୁଲାନ୍ସ ସେବା, ଭକ୍ତ ବୃନ୍ଦଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା, ଆମିଷ ଓ ମଦ ବିକ୍ରି ଉପରେ କଟକଣା, ସାମୟିକ ବିଦ୍ୟୁତ୍ ସରବରାହ ବନ୍ଦ ବ୍ୟବସ୍ଥା, ରଥଯାତ୍ରା ଓ ବାହୁଡା ଯାତ୍ରାର ଧାରା ବିବରଣୀ କେନ୍ଦ୍ର ଇତ୍ୟାଦି ଉପରେ ସବିଶେଷ ଆଲୋଚନା ହୋଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ଜଗନ୍ନାଥ ମନ୍ଦିର ପୂଜକ ଓ ସେବାୟତ, ସାଂସଦ ପ୍ରତିନିଧି, ରାଜନୈତିକ ଦଳର କର୍ମକର୍ତ୍ତା, କଳାହାଣ୍ଡି ଓକିଲ ସଂଘ ସଭାପତି, ମସଜିଦ କମିଟିର ସଭାପତି, ସହରର ବୁଦ୍ଧିଜୀବୀ, ଓକିଲ, ବାଲାଜୀ ମନ୍ଦିର କମିଟି କର୍ମକର୍ତ୍ତା ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ଲାଞ୍ଜିଗଡ଼ ବିଧାୟକଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

**ଲାଞ୍ଜିଗଡ଼, ୨୭।୬(ସମିସ):** ଜନସାଧାରଣଙ୍କ ଦ୍ୱାରା ଦ୍ୱିତୀୟ ଥର ପାଇଁ ପ୍ରଦୀପ ଦିଶାରୀ ବିଧାୟକ ଭାବେ ନିର୍ବାଚିତ ହେବା ପରେ ଗୁରୁବାର ନିଜ ଅଞ୍ଚଳ ଗସ୍ତ କରିଛନ୍ତି। ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଭବ୍ୟ ସମ୍ବର୍ଦ୍ଧନା ସଭାରେ ବିଧାୟକ ଶ୍ରୀ ଦିଶାରୀଙ୍କୁ ଜନସାଧାରଣ ତଥା ଦଳୀୟ କର୍ମକର୍ତ୍ତା ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇଛନ୍ତି। ଏହି ଅବସରରେ ଅନ୍ୟାନ୍ୟ ବରିଷ୍ଠ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ସଭା ପୂର୍ବରୁ ବିଧାୟକଙ୍କୁ ଏକ ବିଶାଳ ଶୋଭାଯାତ୍ରାରେ ବିଶ୍ୱନାଥପୁର ସହର ପରିକ୍ରମା କରାଯାଇଥିଲା। ବିଧାୟକ ଶ୍ରୀ ଦିଶାରୀ ବିଶ୍ୱନାଥପୁର ବସ୍ତିରେ ଶତାଧିକ ମହିଳା, ପୁରୁଷଙ୍କ ସମେତ ଦଳୀୟ କର୍ମକର୍ତ୍ତା ପାଛୋଟି ନେବା ସହିତ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଲୋକଙ୍କ ଗହଣରେ ବିଧାୟକ ବିଶ୍ୱନାଥପୁର ବସ୍ତିରେ ଥିବା ଆରାଧ ଭୈରବ ଦେବଙ୍କ ଆଶୀର୍ବାଦ କାମନା କରିବା ପରେ ହୀରାନୀଳା ମନ୍ଦିର ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଏହାପରେ ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେସନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଧାୟକ ଶ୍ରୀ ଦିଶାରୀଙ୍କ ସହିତ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ଅଞ୍ଜଳୀ ମାଝୀ, ପରୀକ୍ଷିତ ନାଏକ, ବରିଷ୍ଠ ବିଜେଡି ନେତା ହରିଶ୍ଚନ୍ଦ୍ର ବୁଦ୍ଧିଆ, ମନୋହର ହରପାଲ, ଶ୍ରୀଧର ପେସନିଆ, ଚନ୍ଦ୍ରଧ୍ୱଜ ପେସନିଆ, ଯୁବନେତା ଚାଙ୍ଗେର ମାଝୀ, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡେଇ, ବିଜେଡି ଜୋନ ସଭାପତି ଚନ୍ଦ୍ରଶେଖର ମହାପାତ୍ର, ଲୋକନାଥ ମାଝୀ, ମହିଳା ବିଜେଡି ସଭାନେତ୍ରୀ ସୁଜାତା ଘଡେଇ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ତୁଳସୀ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତଥା ବିଜେଡି ଜିଲ୍ଲା ସମ୍ପାଦକ ଜଗଦୀଶ ବେନିଆଁ ସଭା ପରିଚାଳନା କରିଥିବା ବେଳେ ବ୍ଲକର ୨୬ଗୋଟି ପଞ୍ଚାୟତରୁ ୧ ହଜାରରୁ ଊର୍ଦ୍ଧ୍ୱ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ରହି ବିଧାୟକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଶ୍ରୀ ଦିଶାରୀଙ୍କୁ ଦ୍ୱିତୀୟ ଥର ପାଇଁ ନିର୍ବାଚିତ କରିଥିବାରୁ ସେ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇବା ସହିତ ଆଗାମୀ ଦିନରେ ଲୋକଙ୍କ ପାଇଁ ଆହୁରି ସମର୍ପିତ ଭାବେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

**ଦୁର୍ନୀତିରେ ଉବୁଟୁବୁ ଭବାନୀପାଟଣା ପୌରପାଳିକା**

## ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପାଇଁ କାଉନସିଲର ସଜବାଜ

**ଭବାନୀପାଟଣା, ୨୭।୬(ସମିସ):** ଭବାନୀପାଟଣା ପୌରପାଳିକାରେ ଚାଲିଥିବା ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ନେଇ ଅଧ୍ୟକ୍ଷାଙ୍କ ବିରୋଧରେ କାଉନସିଲରମାନେ ଅନାସ୍ଥା ଆଣିବେ ବୋଲି ଜଣାପଡ଼ିଛି। କାଉନସିଲରମାନଙ୍କୁ ଉପେକ୍ଷା କରାଯାଇ ମନଇଚ୍ଛା କାର୍ଯ୍ୟ କରାଯାଉଥିବାରୁ ପୌରାଧ୍ୟକ୍ଷା ସଂଯୁକ୍ତା ବେହେରାଙ୍କ ବିରୋଧରେ ଅନାସ୍ଥା ଆଣିବା ପାଇଁ ୧୯ ନମ୍ବର ୱାର୍ଡ କାଉନସିଲର ପ୍ରଶାନ୍ତ ଠାକୁରଙ୍କ ସମେତ ବହୁ କାଉନସିଲର ପ୍ରକାଶ କରିଛନ୍ତି। କିଛି ମାସ ପୂର୍ବରୁ ପ୍ରାୟ ୯ କୋଟି ଟଙ୍କାର ଟେଣ୍ଡର ଦୁର୍ନୀତି ଅଭିଯୋଗ ପରେ ଟେଣ୍ଡର ବାତିଲ ହେବା ଘଟଣାରେ ପୌର ପରିଷଦର ଅସଲ ଚେହେରା ପଦାରେ ପଡ଼ିଥିଲା। କଳାହାଣ୍ଡି ଜିଲ୍ଲାର ସହରାଞ୍ଚଳ ବିକାଶ, ମହିଳା ସଶକ୍ତିକରଣ ଓ ଦିନ ମଜୁରିଆଙ୍କୁ ରୋଜଗାର ଯୋଗାଇବା ଲକ୍ଷ୍ୟ ନେଇ ସହରାଞ୍ଚଳମାନଙ୍କରେ ମୁକ୍ତା ଯୋଜନା ବା ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନାରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ଅନୁଦାନ ଦେଇଛନ୍ତି। ଭବାନୀପାଟଣା ପୌରପାଳିକାର ବେପରୁଆ ନୀତି ଯୋଗୁଁ ସ୍ୱୟଂ ସହାୟକ ଗୋଷ୍ଠୀ ଆଳରେ ଠିକାଦାର ପୋଷା ନୀତିକୁ କାଉନସିଲରମାନେ ନାପସନ୍ଦ କରିଛନ୍ତି। ବର୍ଷାଜଳ ଅମଳ ପ୍ରକଳ୍ପ ନିର୍ମାଣ ନାଁରେ କୋଟି କୋଟି ଟଙ୍କାର ଅନୁଦାନ ଖର୍ଚ୍ଚ ହୋଇଥିବା ବେଳେ ଆଖିଦୃଶିଆ ନିର୍ମାଣ କାର୍ଯ୍ୟ ହୋଇ ନ ଥିବା ଯୋଗୁଁ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ଭବାନୀପାଟଣା ପୌରାଧ୍ୟକ୍ଷ ଏଠାରେ ନାମକୁ ମାତ୍ର ଆସନରେ ବସିଥିବା ବେଳେ ତାଙ୍କ ପୁଅ ଓ ପୌର ଉପାଧ୍ୟକ୍ଷ ସବୁକାର୍ଯ୍ୟ ବୁଝୁଥିବା ଅଭିଯୋଗ ହୋଇଛି। ଅନେକ କାଉନସିଲରଙ୍କ ଅଜାଣତରେ ଦୋକାନ ଗୃହ ବଣ୍ଟନ, ବଜାର ଓ ହୋଲଡିଂ ଟିକସ ଆଦାୟ, ରାସ୍ତା ଉନ୍ନତିକରଣ, ଡ୍ରେନ କାର୍ଯ୍ୟ, ସହରର ସଫେଇ




କାର୍ଯ୍ୟ ଆଦି କରାଯାଉଥିବା କେତେକ କାଉନସିଲର ଅଭିଯୋଗ କରିଛନ୍ତି। ସହରରେ କଣ ସବୁ ଉନ୍ନୟନ କାର୍ଯ୍ୟ ଚାଲିଛି ସେ ନେଇ କାଉନସିଲର କିମ୍ବା ସହରବାସୀ ଜାଣିପାରୁ ନ ଥିବା ବେଳେ ସହର ମଧ୍ୟରେ ଯାହା ବି ରାସ୍ତାଘାଟ ନାଳ ନିର୍ମାଣ ହେଉଛି ତାର କୌଣସି ନାଗରିକ ସୂଚନାଫଳକ ରହୁନାହିଁ। ମୁକ୍ତା ଯୋଜନାରେ ସହର ମଧ୍ୟରେ ଅନେକ ପାଇଖାନା ନିର୍ମାଣ ହୋଇଥିଲେ ମଧ୍ୟ ତାହା ଲୋକଙ୍କ କାର୍ଯ୍ୟରେ ନ ଆସି ବର୍ଷ ବର୍ଷ ଧରି ତାଲା ପଡ଼ିରହିଛି। ସହର ମଧ୍ୟରେ ମାଛ ମାଂସ ପାଇ ସ୍ୱତନ୍ତ୍ର ବଜାର ଥିବା ବେଳେ ରାସ୍ତା କଡରେ ମାଛ ଓ ମାଂସ ବିକ୍ରି ହେଉଛି। ଫଳରେ ଯାତାୟତ ଓ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏପରିକି ସରକାରୀ ଭାବେ ପୌର କର୍ତ୍ତୃପକ୍ଷ ମାଛ ମାଂସ ଦର ଧାର୍ଯ୍ୟ ନ କରିଥିବାରୁ ବ୍ୟବସାୟୀମାନେ ମନଇଚ୍ଛା ଚଢ଼ା ଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଉପଯୁକ୍ତ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ରାସ୍ତାଘାଟରେ ପାଣି ଜମି ରହୁଥିବା ବେଳେ ପୌରପାଳିକା ପକ୍ଷରୁ ସଠିକ ଭାବେ ସଫେଇ କରାଯାଉ ନ ଥିବାରୁ ସହରରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ସହର ମଧ୍ୟରେ ଅନେକ ଖାଲଖମା ଥିଲେ ମଧ୍ୟ ସେଗୁଡ଼ିକୁ ମରାମତି କରା ନ ଯାଇ ଲାଭଖୋର ମନୋବୃତ୍ତି ଥିବା ଭଳି କେବଳ ନୂତନ ରାସ୍ତା ଓ ନାଳ କରିବାରେ ବ୍ୟସ୍ତ ଅଛନ୍ତି ପୌର କର୍ତ୍ତୃପକ୍ଷ। ଏପରିକି ଏହି ପୌରସଂସ୍ଥାରେ ଅଧ୍ୟକ୍ଷା, ନିର୍ବାହୀ ଅଧିକାରୀ ଓ ସହକାରୀ ଯନ୍ତ୍ରୀଙ୍କ ପାଇଁ ୩ଟି ଗାଡି ଭଡାରେ ଲଗାଯାଇଛି। ସହକାରୀ ଯନ୍ତ୍ରୀଙ୍କ ପାଇଁ ଗାଡି ବ୍ୟବସ୍ଥା ନ ଥିଲେ ମଧ୍ୟ ଏଠାରେ ସରକାରୀ ଆଇନ ଉଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ଏସବୁ ଦୁର୍ନୀତିକୁ ଦୃଷ୍ଟିରେ ରଖି ପୌରଧ୍ୟକ୍ଷାଙ୍କ ବିରୋଧରେ କାଉନସିଲରମାନେ ଅନାସ୍ଥା ଆଣିବାକୁ ଯାଉଥିବା ଜଣାପଡ଼ିଛି।

## ପଞ୍ଚାୟତ ସମିତି ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

**କୋକସରା, ୨୭।୬(ସମିସ):** କୋକସରା ପଞ୍ଚାୟତ ସମିତି ପକ୍ଷରୁ ଗୁରୁବାର ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ନବ ନିର୍ବାଚିତ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସମାରୋହ ଅବସରରେ ବିଧାୟକ ଶ୍ରୀ ପାଟଯୋଶୀ ନୂଆ ସରକାରରେ ଆମେ ସମସ୍ତେ ଏକଜୁଟ ହୋଇ ଅଞ୍ଚଳର ବିକାଶ ଦିଗରେ କାମ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି କ୍ରମରେ ବ୍ଲକର ୨୨ ଗୋଟି ପଞ୍ଚାୟତର ଉପସ୍ଥିତ ଜନ ପ୍ରତିନିଧିମାନେ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ବର୍ଦ୍ଧନା ସମାରୋହରେ ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ, ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବିଡ଼ିଓ ସେହ୍ନପ୍ରଭା ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ବର୍ଦ୍ଧନା ସଭାରେ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ ସଭ୍ୟା, ଜିଲ୍ଲା ପରିଷଦ ସଦସ୍ୟ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସମେତ ଅନେକ ବ୍ୟକ୍ତି ବିଶେଷ ଉପସ୍ଥିତ ରହିଥିଲେ। ଏହି ଅବସରରେ ବିଧାୟକଙ୍କ ଦ୍ୱାରା ବ୍ଲକର ୧୪ଟି ପଞ୍ଚାୟତର ୬୨ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପରିଚୟପତ୍ର ଓ ସହାୟତା ରାଶି ବଣ୍ଟନ କରିଥିଲେ। ପରେ ବିଧାୟକ ଶ୍ରୀ ପାଟଯୋଶୀ ସେଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଯାଇ ବିଭିନ୍ନ ୱାର୍ଡ଼ ବୁଲି ରୋଗୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ମେଡିକାଲ୍ ଇନଚାର୍ଜ ଡାକ୍ତର ତତ୍ତ୍ୱଦର୍ଶୀ ଦାସଙ୍କ ସହିତ ଡାକ୍ତରଖାନା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।



**ମୌଳିକ ସୁବିଧାରୁ ବଞ୍ଚିତ ଇନ୍ଦ୍ରାବତୀ ପଡ଼ାବାସୀ**

# ରାସ୍ତା ଓ ପାଣି ସମସ୍ୟା ଯୋଗୁ ଦୁର୍ଦ୍ଦିନରେ ଲୋକେ





**ଥୁଆମୂଳ ରାମପୁର, ୨୭।୬(ସମିସ)**

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ଅନେକ ଗାଁ ତଥା ଜନବସତି ରହିଛି ଯେଉଁଠି ଆଜି ବି ମୌଳିକ ସୁବିଧା ଅପହଞ୍ଚ ହୋଇ ରହିଛି। ପ୍ରଶାସନିକ ସ୍ଥାଣୁତା ଏବଂ ଜନ ପ୍ରତିନିଧିଙ୍କ ବୈମାତୃକ ମନୋଭାବରେ ଯୋଗୁ ଇନ୍ଦ୍ରବତୀ ପଡ଼ା ଲୋକେ ଦୁର୍ଦ୍ଦିନ ଭିତରେ ଗତି କରୁଛନ୍ତି। ବ୍ଲକ ସଦର ମହକୁମାଠାରୁ ମାତ୍ର ୩ କିମି ଦୂରରେ ଥୁଆମୂଳ ରାମପୁର ପଞ୍ଚାୟତ ଅନ୍ତର୍ଗତ ପୋଖରା ଗ୍ରାମର ଇନ୍ଦ୍ରାବତୀ ପଡ଼ା ଅବସ୍ଥିତ। ଏହି ପଡ଼ାରେ ପ୍ରାୟ ୪୫ ପରିବାର ବସବାସ କରୁଛନ୍ତି। ଏହି ଜନବସତିକୁ ସବୁଦିନିଆ ରାସ୍ତା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଝି ପଡ଼ା ଠାରୁ ମାତ୍ର ୩୦୦ ମିଟର ଦୂର ଏହି ପଡ଼ାକୁ ଯିବାକୁ ହେଲେ ବିପଦସଂକୁଳ ମାଟି ରାସ୍ତା ଦେଇ ଯିବାକୁ ପଡ଼ିଥାଏ। ଯେଉଁଥିପାଇଁ ଏଠାକୁ ଆମ୍ବୁଲାନ୍ସ ପହଞ୍ଚିବା ଅସମ୍ଭବ। ବର୍ଷାଦିନେ ଏହି ରାସ୍ତା ଅଧିକ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଥାଏ। ଏହି ପଡ଼ା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ବ୍ୟବସ୍ଥା ଥିଲା। ହେଲେ ଥୁଆମୂଳ ରାମପୁରଠାରୁ ପୋଖରା ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ରାସ୍ତା ଏହି ପଡ଼ା ପର୍ଯ୍ୟନ୍ତ ନିର୍ମାଣ ହେବାର ଲକ୍ଷ୍ୟ ରହିଥିଲା। କିନ୍ତୁ ଗ୍ରାମ ବିଦ୍ୟାଳୟ ପର୍ଯ୍ୟନ୍ତ ନିର୍ମାଣ କରି ଛାଡ଼ି ଦିଆଯାଇଥିବା ଅଭିଯୋଗ ଆଣିଛନ୍ତି ପଡ଼ାବାସୀ। ଫଳରେ ଇନ୍ଦ୍ରାବତୀ ପଡ଼ାବାସୀ ଗମନାଗମନର ସୁବ୍ୟବସ୍ଥାରୁ ବଞ୍ଚିତ ହୋଇଥିବା ଅଭିଯୋଗ ଆଣିଛନ୍ତି। ଏନେଇ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ଆଣିଛନ୍ତି ପଡ଼ାବାସୀ। ଏଥିସହିତ ଏହି ପଡ଼ାରେ ବିଶୁଦ୍ଧ ପାନୀୟ ଜଳର ବଡ ସମସ୍ୟା ରହିଛି। ଏହି ପଡ଼ାର ତଳ ସାହିରେ ଗୋଟିଏ ନଳକୂପ ଏବଂ ଏହି ପଡ଼ାର ମୁଖ୍ୟ ସାହିରେ ଗୋଟିଏ ନଳକୂପ କାର୍ଯ୍ୟକ୍ଷମ। କିନ୍ତୁ ମୁଖ୍ୟ ସାହିର ଏହି ନଳକୂପରେ ପାଣି ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ତଳ ସାହିର ସେଇ ଗୋଟିଏ ନଳକୂପ ଉପରେ ସମସ୍ତ ପଡ଼ାବାସୀଙ୍କ ଭରସା। ଏଭଳି ସମସ୍ୟା ସମାଧାନ କରିବାକୁ ଯାଇ ପ୍ରଶାସନ ପକ୍ଷରୁ ଏକ ନୂତନ ନଳକୂପ ବ୍ୟବସ୍ଥା କରାଯାଇଛି। ହେଲେ ଉକ୍ତ ନଳକୂପରୁ ପର୍ଯ୍ୟାପ୍ତ ପାଣି ମିଳୁ ନ ଥିବାରୁ ପଡ଼ାବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନର ନୂଆ ସରକାର ଇନ୍ଦ୍ରାବତୀ ପଡ଼ାର ଏହି ସାଂଘାତିକ ସମସ୍ୟାର ସମାଧାନ କରିପାରିବେ ବୋଲି ଆଶା ବାନ୍ଧିଛନ୍ତି ପଡ଼ାବାସୀ।

# ଓଡ଼ିଶାରେ ମିଳୁନି ପାସପୋର୍ଟ ସେବା

**ଭୁବନେଶ୍ୱର,୨୭ ।୬(ସମିସ):** ଓଡ଼ିଶାରେ ରହିଛି କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଆଞ୍ଚଳିକ ପାସପୋର୍ଟ କାର୍ଯ୍ୟାଳୟ। ହେଲେ ଏଠାରେ ପାସ୍‌ପୋର୍ଟ ସେବା ଠପ୍ ହୋଇଯାଇଛି। ଫଳରେ ଲୋକେ ପାସପୋର୍ଟ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ପାସ୍‌ପୋର୍ଟ ସେବା ପାଇବାକୁ ହେଲେ ଓଡ଼ିଶାବାସୀଙ୍କୁ ରାଜ୍ୟ ବାହାରକୁ ଯାଇ ହିନସ୍ତା ଭୋଗିବାକୁ ପଡୁଛି।

ଏପ୍ରିଲ ମାସରୁ ସଫ୍ଟୱେର ସମସ୍ୟା ଯୋଗୁଁ ରାଜ୍ୟର ପାସ୍‌ପୋର୍ଟ ଆବେଦନକାରୀ ଏଭଳି



ସମସ୍ୟା ଭୋଗୁଛନ୍ତି। ବାରମ୍ବାର ଧାରଣା, ପ୍ରତିବାଦ କରୁଛନ୍ତି। ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟ ଆଗରେ ପାଟିତୁଣ୍ଡ କରୁଛନ୍ତି। ଏଠାରେ ତାଲା ପକାଇବାକୁ ମଧ୍ୟ ବହୁବାର ଉଦ୍ୟମ ହେଲାଣି। ହେଲେ ପାସପୋର୍ଟ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ ନ କରିପାରି ଏକପ୍ରକାର ହାତଟେକି ଦେଇଛନ୍ତି।

ମେ' ୧୪ରେ ଭୁବନେଶ୍ୱରରେ ପାସ୍‌ପୋର୍ଟ ପାଇଁ ଆବେଦନ କଲେ ତାସା। ଭେରିଫିକେସନ ପାଇଁ ଜୁନ୍ ୨୬କୁ ସ୍ଲଟ୍ ବୁକିଂ ହୋଇଥିଲା। ଟେକ୍ନିକାଲ ସମସ୍ୟା ଯୋଗୁଁ ଏହା ବାତିଲ୍ ହୋଇଗଲା। ପୁନଃ ଆବେଦନ କରିବାରୁ ସେପ୍ଟେମ୍ବର ୬କୁ ସ୍ଲଟ୍ ବୁକିଂ ତାରିଖ ଦର୍ଶାଇଲା। ସେ ଏଠାରେ ବାରମ୍ବାର ହଇରାଣ ହେବା ଅପେକ୍ଷା ଗତ ୧୦ରେ ଆନ୍ଧ୍ରପ୍ରଦେଶର ଭାଇଜାଗରେ ପାସ୍‌ପୋର୍ଟ ପାଇଁ ଆବେଦନ କରିଥିଲେ। ସେଠୁ ଭେରିଫିକେସନ୍ ସାରି ଘରକୁ ଫେରିଛନ୍ତି। କେବେଳ ତାସା ନୁହେଁ ଏଭଳି ଅନେକ ଲୋକ ପାସପୋର୍ଟ ସମ୍ପର୍କିତ କାମ ପାଇଁ ରାଜ୍ୟ ବାହାରେ ଥିବା କାର୍ଯ୍ୟାଳୟ ଉପରେ ନିର୍ଭର କରୁଛନ୍ତି। ପାସପୋର୍ଟ ପାଇଁ ଅଧିକାଂଶ ଆବେଦନକାରୀ ଏବେ ପଡ଼ୋଶୀ ରାଜ୍ୟ ପାସ୍‌ପୋର୍ଟ ଅଫିସ୍ ଭରସାରେ ତତ୍କାଳ ଆବେଦନ ପାଇଁ ରାଞ୍ଚି, କୋଲକାତା ଓ ଭାଇଜାଗ୍ ଚାଲି ଯାଉଛନ୍ତି।

- ରାଜ୍ୟ ବାହାରକୁ ଯାଉଛନ୍ତି ଆବେଦନକାରୀ
- ମାସ ମାସ ଧରି ସ୍ଲଟ୍ ବୁକିଂ ଫସୁଛନ୍ତି
- ଏପ୍ରିଲରୁ ସଫ୍ଟୱେର ସମସ୍ୟାର ସମାଧାନ ନୋହିଲା

ସୂଚନାଯୋଗ୍ୟ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ କାହାକୁ ଆବେଦନ ପାଇଁ ସ୍ଲଟ୍ ମିଳୁନି। ଆଉ କିଏ ଆବେଦନ ପ୍ରକ୍ରିୟା ଶେଷ କଲା ପରେ ବି ପାସପୋର୍ଟ ପାଉନି। ଏପରିକି ୱେବ୍‌ସାଇଟ୍‌ରୁ ଅଚାନକ ଭାବେ ଆବେଦନକାରୀଙ୍କ ନାଁ, ଗାଁ, ଠିକଣା ଗାଏବ୍ ହୋଇଯାଉଛି। ସେମାନଙ୍କ ଟଙ୍କା ବି ଫସିଯାଉଛି। ଗତ ଏପ୍ରିଲରୁ ବର୍ତ୍ତମାନ ସୁଧା ଲକ୍ଷାଧିକ ଲୋକ ଆବେଦନ କରି ଏଭଳି ହିନସ୍ତା ଭୋଗୁଛନ୍ତି। ପ୍ରତିଦିନ ସାଧାରଣ ଭାବେ ରାଜ୍ୟରେ ୧ ହଜାରରୁ ଅଧିକ ସ୍ଲଟ୍ ଏବଂ ତତ୍କାଳ ୮୦ଟି ସ୍ଲଟ୍ ବୁକିଂ ହୋଇଥାଏ। ହେଲେ ଏବେ ୧୩୦ ଛୁଇଁବା କଷ୍ଟ ହୋଇପଡୁଛି। ଗତ ଏପ୍ରିଲରୁ ପ୍ରାୟ ଲକ୍ଷାଧିକ ଲୋକେ ପାସପୋର୍ଟ ଆବେଦନ କରିଥିଲେ ମଧ୍ୟ ସେମାନଙ୍କୁ ସ୍ଲଟ୍ ମିଳୁନି। ସେମାନେ ୩ ଥର ସ୍ଲଟ୍ ବୁକ୍ ତାରିଖ ବଦଳାଇ ସାରିଛନ୍ତି ଏହାସତ୍ତ୍ୱେ ବି ସ୍ଲଟ୍ ମିଳୁନାହିଁ। ସ୍ଲଟ୍ ମିଳିଲେ ବି ପରବର୍ତ୍ତୀ ସମୟରେ ଏହା ବାତିଲ ହୋଇଯାଇଛି। ପାସ୍‌ପୋର୍ଟ ଅଫିସ୍‌କୁ ଦୌଡ଼ି ଦୌଡ଼ି ସେମାନେ ନୟାନ୍ତ ହୋଇପଡ଼ିଲେଣି। ତତ୍କାଳ ଆବେଦନ ପାଇଁ ୩ ହଜାର ୫ ଶହ ଟଙ୍କା ଆବଦେନକାରୀଙ୍କ ଆକାଉଣ୍ଟରୁ କଟୁଥିବାବେଳେ ସାଧାରଣ ଆବେଦନ ପାଇଁ ୧୫୦୦ ଟଙ୍କା ଦେବାକୁ ପଡୁଛି। ଅଧିକାଂଶ ସମୟରେ ଏହି ଟଙ୍କା ଫସିଯାଉଛି। ମିଳିଥିବା ସୂଚନା ଅନୁଯାୟୀ ଲଲାଟେନ୍ଦୁ ମହାପାତ୍ର ନାମକ ଜଣେ ବ୍ୟକ୍ତି ମେ' ୨୨ରେ ପାସ୍‌ପୋର୍ଟ ସ୍ଲଟ୍ ବୁକିଂ କରିଥିଲେ। ତାଙ୍କର ଭେରିଫିକେସନ୍ ହୋଇପାରିଲାନି। ଆସନ୍ତା ୨୪ ତାରିଖର ବୁକିଂ ଏବେ ବାତିଲ୍ ଦର୍ଶାଉଛି। ଆଞ୍ଚଳିକ ପାସ୍‌ପୋର୍ଟ ଅଧିକାରୀ(ଆର୍‌ପିଓ) ବି ନିରୁତ୍ତର। ସଫ୍ଟୱେର୍ ଉପରେ ଦୋଷ ଲଦୁଛନ୍ତି। କ'ଣ କରିବି? ଲଲାଟେନ୍ଦୁ ମହାପାତ୍ର ନାମକ ବ୍ୟକ୍ତି ଏନେଇ 'ଏକ୍ସ'ରେ କ୍ଷୋଭ ପ୍ରକାଶ କରିଛନ୍ତି।

ନୂଆ ପାସ୍‌ପୋର୍ଟ ସଫ୍ଟୱେର (ପାସ୍‌ପୋର୍ଟ ସେବା ପୋଗ୍ରାମ ୨.୦) କାର୍ଯ୍ୟାକାରୀ ହେବା ଦିନ ଠାରୁ ଏଭଳି ହୋଇଛି। ଅନ୍‌ଲାଇନ୍ ଆବେଦନରେ ଘଣ୍ଟା ଘଣ୍ଟା ବିତିଯାଉଛି। ଯଦିଓ, କୌଣସିମତେ ଆବେଦନ ସରିଗଲା। ତଥାପି ଦୁଃଖ ସରୁନି। ମାସ ମାସ ଧରି ସ୍ଲଟ୍ ବୁକିଂ ଝିନ୍‌ଝଟ୍ ଲାଗି ରହୁଛି। ଯାଞ୍ଚ ପାଇଁ ଧାର୍ଯ୍ୟ ତାରିଖ ଏକାଧିକ ଥର ବାତିଲ୍ ହେଉଛି। ପୁଲିସ ଯାଞ୍ଚ ପ୍ରକ୍ରିୟା, ଅଫିସିଆଲ୍ କାମରେ ବି ଅହେତୁକ ବିଳମ୍ବ ହେଉଛି। ପାସ୍‌ପୋର୍ଟ ଅଫିସ୍ ଚକ୍କର କାଟି କାଟି ନୟାନ୍ତ ହେଉଛନ୍ତି ଆବେଦନକାରୀ। ଏପରିସ୍ଥଳେ ବିଦେଶ ଯାତ୍ରା କରିବାକୁ ଆଶାବନ୍ଧି ବସିଥିବା ଛାତ୍ରଛାତ୍ରୀ, ଶ୍ରମିକ, ମହିଳା, ଉଚ୍ଚ ଶିକ୍ଷିତ ବିଦେଶ ଚାକିରି ଆଶାୟୀଙ୍କ ବିଦେଶ ଯିବା ସ୍ୱପ୍ନ ମଉଳି ଗଲାଣି। ନିଜ ଭାଗ୍ୟ ଭବିଷ୍ୟତକୁ ନେଇ ସେମାନେ ଏବେ ଅନ୍ଧାରରେ ରହିଛନ୍ତି। ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ କେନ୍ଦ୍ର ସରକାର, ପାସପୋର୍ଟ କାର୍ଯ୍ୟାଳୟ, ବିଦେଶ ମନ୍ତ୍ରଣାଳୟକୁ ନିଜ ସମସ୍ୟା ନେଇ ବାରମ୍ବାର ଅବଗତ କଲେ ମଧ୍ୟ କେହି ଏହାର ଉତ୍ତର ଦେଉ ନାହାନ୍ତି। ଯାହାକୁ ନେଇ ଆବେଦନକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଏ ସମ୍ପର୍କରେ ଆଞ୍ଚଳିକ ପାସପୋର୍ଟ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ପୁରୁଣା ସଫ୍ଟୱେର (ପାସ୍‌ପୋର୍ଟ ସେବା ପୋଗ୍ରାମ ୧.୦) ଜରିଆରେ ୨୦୧୪ ମସିହାରୁ ସବୁ କାମ ଠିକ୍‌ଠାକ୍ ଚାଲିଥିଲା। ଏପ୍ରିଲରେ ନୂଆ ସଫ୍ଟୱେର କାର୍ଯ୍ୟକାରୀ ହୋଇଥିଲା। ଭୁବନେଶ୍ୱର ସହ ନାଗପୁର ପାସ୍‌ପୋର୍ଟ ଅଫିସ୍‌ରେ ପରୀକ୍ଷାମୂଳକ ଭାବେ ଏହାକୁ ଲାଗୁ ହୋଇଥିଲା। ଆଗକୁ ଦେଶ ସାରା ଏହି ସଫ୍ଟୱେର ସଂଯୋଗ କରାଯାଇଥାନ୍ତା। ହେଲେ, ପ୍ରାରମ୍ଭରୁ ସଫ୍ଟୱେର ପୋଗ୍ରାମିଂ ଫେଲ୍ ମାରିଛି। ପୂର୍ବରୁ କେବଳ ଭୁବନେଶ୍ୱର ପାଇଁ ଦୈନିକ ୫୭୦ ସ୍ଲଟ୍ ବୁକିଂ ହେଉଥିଲା। ଅନ୍ୟ ଜିଲ୍ଲାର ପୋଷ୍ଟ ଅଫିସ୍‌ରେ ବୁକିଂ ସଂଖ୍ୟା ପାଖାପାଖି ୫୦୦ ଛୁଉଁଥିଲା। ଏବେ ଭୁବନେଶ୍ୱର ପାଇଁ କଷ୍ଟେମଷ୍ଟେ ମାତ୍ର ୧୨୦ ସ୍ଲଟ୍ ବୁକିଂ ସମ୍ଭବ ହେଉଛି। ଅନ୍ୟ ଜିଲ୍ଲା ପୋଷ୍ଟ ଅଫିସ୍‌କୁ ମାତ୍ର ୫ଟି ବୁକିଂ ଦିଆଯାଉଛି।

# ବ୍ୟାପକ ହେବ 'କ୍ୟାଚ୍ ଦି ରେନ୍'

- ମହିଳାମାନେ ନେବେ ପ୍ରମୁଖ ଭୂମିକା
- ଜଳଉତ୍ସ ଚତୁଃପାର୍ଶ୍ୱରେ ହେବ ବନୀକରଣ

**ଭୁବନେଶ୍ୱର, ୨୭।୬(ସମିସ):** କ୍ୟାଚ୍ ଦି ରେନ୍ ଅଭିଯାନ ଅଧୀନରେ ଜଳ ସଂରକ୍ଷଣ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ। ବିଶେଷକରି ଏଥିରେ ମହିଳାଙ୍କ ଭାଗିଦାରୀକୁ ଆହୁରି ବଢ଼ାଯାଇ ଜଳ ପରିଚାଳନା ଏବଂ ସଂରକ୍ଷଣ କାର୍ଯ୍ୟକ୍ରମକୁ ନୂଆ ଦିଗ ପ୍ରଦାନ କରାଯିବ। ଏଥିପାଇଁ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ପକ୍ଷରୁ କ୍ୟାଚ୍ ଦି ରେନ୍ ଅଭିଯାନ-୨୦୨୪ର ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନ ଗତ ମାର୍ଚ୍ଚ ୯ ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୩୦ ତାରିଖ ଯାଏଁ ଚାଲିବ। ଚଳିତଥର ଏହାର ଥିମ୍ ନାରୀ ଶକ୍ତି ସେ ଜଳଶକ୍ତି ରଖାଯାଇଥିବା ବେଳେ ଏହାର କାର୍ଯ୍ୟକାରିତା ପାଇଁ ରାଜ୍ୟ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ଚିଠିରେ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ସହ ରାଜ୍ୟର ସମସ୍ତ ଜଳଉତ୍ସଗୁଡ଼ିକର ସଫେଇ କାର୍ଯ୍ୟକ୍ରମ କରିବାକୁ ଶ୍ରୀମତୀ ଗର୍ଗ କହିଛନ୍ତି। ଜଳଉତ୍ସଗୁଡ଼ିକରେ ଫଙ୍କ ଉଦ୍ଧାର ସହ ଅନ୍ୟ କାର୍ଯ୍ୟକ୍ରମ ହାତକୁ ନିଆଯିବ। ସେହିପରି ଭୂତଳ ଜଳ ସଂରକ୍ଷଣ ପାଇଁ ଅଚଳ ଅବସ୍ଥାରେ ଥିବା ବୋର୍‌ୱେଲଗୁଡ଼ିକୁ ସଚଳ କରାଯିବ। ଏହାସହ ସମସ୍ତ ଜଳଉତ୍ସଗୁଡ଼ିକର ଜିଓଟ୍ୟାଗିଂ କରାଯିବ ବୋଲି ଜଣାପଡ଼ିଛି। ଅପରପକ୍ଷେ ଜଳଉତ୍ସ ଚତୁଃପାର୍ଶ୍ୱ ଅଞ୍ଚଳରେ ବ୍ୟାପକ ବନୀକରଣକୁ ପ୍ରାଥମିକତା ଦିଆଯିବ ବୋଲି ଶ୍ରୀମତୀ ଗର୍ଗ ଚିଠିରେ ଉଲ୍ଲେଖ କରିଛନ୍ତି। ଏହାସହ ରାଜ୍ୟବ୍ୟାପୀ ଥିବା ଛୋଟ ଛୋଟ ନଦୀଗୁଡ଼ିକର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବାକୁ ଶ୍ରୀମତୀ ଗର୍ଗ ଚିଠିରେ ଉଲ୍ଲେଖ କରିଛନ୍ତି।

# ଡଃ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ିଲା

**ଭୁବନେଶ୍ୱର,୨୭।୬(ସମିସ):** ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ କାର୍ଯ୍ୟକାଳ ଆଉ ବର୍ଷେ ପାଇଁ ବୃଦ୍ଧି କରାଯାଇଛି। ଡଃ ମହାପାତ୍ରଙ୍କର ଚଳିତ ଜୁଲାଇ ୩୧ ତାରିଖରେ କାର୍ଯ୍ୟକାଳ ଶେଷ ହେବାର ଥିଲା। କିନ୍ତୁ ପୃଥିବିଜ୍ଞାନ ମନ୍ତ୍ରଣାଳୟ ପକ୍ଷରୁ ତାଙ୍କର କାର୍ଯ୍ୟକାଳକୁ ୩୧ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଗତ ୨୦୧୯ ମସିହା ଅଗଷ୍ଟ ମାସରୁ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ଭାବେ ଡଃ ମହାପାତ୍ର ଦାୟିତ୍ୱ ନିର୍ବାହ କରି ଆସୁଥିବା ବେଳେ ଗତ ବର୍ଷ ମେ ମାସରେ ତାଙ୍କୁ ବିଶ୍ୱ ପାଣିପାଗ ସଂସ୍ଥା (ଡବ୍ଲୁଏମ୍‌ଓ) ଉପସଭାପତି ଭାବେ ଚୟନ କରାଯାଇଛି।



ପାଣିପାଗ ବିଜ୍ଞାନ କ୍ଷେତ୍ରରେ ଡଃ ମହାପାତ୍ର ୩୦ ବର୍ଷ ଧରି କାର୍ଯ୍ୟକରି ଆସୁଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଉତ୍ତର ଭାରତ ମହାସାଗରରେ ସୃଷ୍ଟି ହୋଇଥିବା ୯୦ରୁ ଅଧିକ ବାତ୍ୟା ସମ୍ପର୍କରେ ସେ ଆକଳନ କରିଛନ୍ତି। ଭାରତରେ ସେ 'ସାଇକ୍ଲୋନ୍ ମ୍ୟାନ୍' ଭାବେ ପରିଚୟ ପାଇଥିବା ବେଳେ ନିଜର ସଠିକ ଆକଳନର ଦକ୍ଷତା ପାଇଁ ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ଡଃ ମହାପାତ୍ର ସଫଳ ହୋଇଛନ୍ତି।

# ଜୟନାରାୟଣ ମିଶ୍ରଙ୍କୁ ଅନ୍ତରୀଣ ଜାମିନ

**କଟକ,୨୭।୬(ସମିସ):** ୨୦୨୨ କ୍ଷେତରାଜପୁର ଥାନା ମାମଲାରେ ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ହାଇକୋର୍ଟ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଏହି ମାମଲାରେ ଆଗୁଆ ଜାମିନ ଲୋଡ଼ି ଶ୍ରୀ ମିଶ୍ରଙ୍କ ଆବେଦନକୁ ହାଇକୋର୍ଟ ଗ୍ରହଣ କରିଛନ୍ତି। ଶ୍ରୀ ମିଶ୍ର ଆତ୍ମସମର୍ପଣ କରିବା ପରେ ନିମ୍ନ ଅଦାଲତ ଆବଶ୍ୟକ ସର୍ତ୍ତ ଧାର୍ଯ୍ୟ କରି ତାଙ୍କୁ ଅନ୍ତରୀଣ ଜାମିନରେ ଛାଡ଼ିବେ। ସେହିପରି ନିମ୍ନ ଅଦାଲତ ମୂଳ ଜାମିନ ଆବେଦନର ଆଇନ ଅନୁସାରେ ଶୁଣାଣି ଶେଷ କରି ରାୟ ପ୍ରକାଶ କରିବେ ବୋଲି ଜଷ୍ଟିସ ଦେବବ୍ରତ ଦାଶ ନିର୍ଦ୍ଦେଶାନାମାରେ କହିଛନ୍ତି। ପ୍ରକାଶଥାଉକି, ଜବରଦଖଲ ଉଚ୍ଛେଦ ବେଳେ ସମ୍ବଲପୁର ସଦର ତହସିଲଦାର ଲକ୍ଷ୍ମଣ ଅମାତଙ୍କୁ ଦୁର୍ବ୍ୟବହାର ଓ ଧମକ ଦେବା ନେଇ ଅଭିଯୋଗ ହୋଇଥିଲା। ଶ୍ରୀ ମିଶ୍ର ଓ ଅନ୍ୟମାନଙ୍କ ବିରୋଧରେ ଶ୍ରୀ ଅମାତଙ୍କ ଅଭିଯୋଗ ଆଧାରରେ କ୍ଷେତରାଜପୁର ଥାନାରେ ୨୦୨୨ରେ ମାମଲା ରୁଜୁ ହୋଇଥିଲା। ଏସସି ଏସଟି ଆଇନରେ ରୁଜୁ ମାମଲାରେ ଆଗୁଆ ଜାମିନ ପ୍ରଦାନ ସଂକ୍ରାନ୍ତରେ ପ୍ରମୋଦ କୁମାର ରାୟ ବନାମ ଓଡ଼ିଶା ସରକାର ମାମଲାର ରାୟକୁ ଅଦାଲତରେ ଦୃଷ୍ଟାନ୍ତ ଭାବେ ଉପସ୍ଥାପନ ହୋଇଥିଲା।

# ସରକାରଙ୍କ ନିକଟରେ ପହଞ୍ଚୁନି କୁଷ୍ଠ ରୋଗୀଙ୍କ ସୂଚନା

## କୁଷ୍ଠକୁ ରିପୋର୍ଟ ଯୋଗ୍ୟ ରୋଗ ଘୋଷଣା କରିଛନ୍ତି ସରକାର

**ଭୁବନେଶ୍ୱର, ୨୭ ।୬(ସମିସ):** ସରକାରୀ ହେଉ ଅବା ଘରୋଇ ଡାକ୍ତରଖାନା, ପ୍ରତ୍ୟେକ କୁଷ୍ଠ ରୋଗୀଙ୍କ ବାବଦରେ ସମ୍ପୂର୍ଣ୍ଣ ବିବରଣୀ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରିବା ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ଇତିମଧ୍ୟରେ ୬ ମାସ ବିତି ଯାଇଥିଲେ ସୁଦ୍ଧା କୁଷ୍ଠ ରୋଗୀଙ୍କ ତଥ୍ୟ ସରକାରଙ୍କ ପାଖରେ ପହଞ୍ଚିପାରୁ ନାହିଁ। ଘରୋଇ ଡାକ୍ତରଖାନା ଅବା କ୍ଲିନିକ୍‌ରୁ ଏହି ରିପୋର୍ଟ ଆସୁ ନ ଥିବା ବେଳେ ସରକାରୀ ଡାକ୍ତରଖାନାରୁ ଏ ସମ୍ପର୍କରେ ରିପୋର୍ଟ ଆସି ନ ଥିବା ଅଭିଯୋଗ ହୋଇଛି। କୁଷ୍ଠ ରୋଗର ସମ୍ପୂର୍ଣ୍ଣ ନିରାକରଣ ଦିଗରେ ଏହି ତଥ୍ୟ ବେଶ୍ ଉପାଦେୟ ହୋଇପାରନ୍ତା। ସୂଚନା ଅନୁସାରେ ଘରେ ରୋଗୀ ଦେଖୁଥାନ୍ତୁ ଅବା କୌଣସି କ୍ଲିନିକ୍ କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ର, ସବୁଠାରେ ଚିକିତ୍ସା ପାଇଁ ଆସୁଥିବା କୁଷ୍ଠ ରୋଗୀଙ୍କ ବିବରଣୀ ସ୍ଥାନୀୟ ସିଡିଏମ୍‌ଓ, ପିଏଚ୍‌ଓ/ଏଡିପିଏଚ୍‌ଓଙ୍କୁ ପ୍ରଦାନ କରିବା ଆବଶ୍ୟକ। ସେଥିପାଇଁ ଗତ ଡିସେମ୍ବର ମାସରେ ରାଜ୍ୟ ସରକାର କୁଷ୍ଠ ରୋଗକୁ ଏକ ରିପୋର୍ଟ ଯୋଗ୍ୟ ରୋଗ ଭାବେ ଘୋଷଣା କରିଥିଲେ। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଲା। ବିଭାଗ ପକ୍ଷରୁ କୁହାଯାଇ ଥିଲା ଯେ କୁଷ୍ଠ ହେଉଛି ଏକ ସଂକ୍ରାମକ ରୋଗ ଏବଂ ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ। ଏହା ସହିତ ସାମାଜିକ ଅପବାଦ ଜଡ଼ିତ ଅଛି। କିନ୍ତୁ ଯଦି ଠିକ୍ ସମୟରେ ରୋଗୀଙ୍କୁ ମଲ୍ଟି ଡ୍ରଗ୍ ଥେରାପି (ଏମ୍‌ଡିଟି) ଦ୍ୱାରା ଚିକିତ୍ସା କରାଯାଏ ତା ହେଲେ ରୋଗୀ ଏଥିରୁ ସମ୍ପୂର୍ଣ୍ଣ ଭାବେ ଆରୋଗ୍ୟ ଲାଭ କରିଥାନ୍ତି। ପ୍ରତ୍ୟେକ ରୋଗୀଙ୍କ ପାଖରେ ସମ୍ପୂର୍ଣ୍ଣ ଚିକିତ୍ସା ପହଞ୍ଚିବା ଆବଶ୍ୟକ। ସେଥିପାଇଁ ସରକାରୀ ସ୍ତରରେ ସବୁ ରୋଗ ଚିହ୍ନଟ ଏବଂ ଚିକିତ୍ସା ବ୍ୟବସ୍ଥା ହୋଇଛି। ତେବେ ସମ୍ପୂର୍ଣ୍ଣ କୁଷ୍ଠ ନିରାକରଣ ପାଇଁ ସମସ୍ତ ରୋଗୀଙ୍କ ତଥ୍ୟ ସରକାରଙ୍କ ପାଖରେ ଉପଲବ୍ଧ ରହିବା ଏକାନ୍ତ ଆବଶ୍ୟକ। ଡାକ୍ତର, ପାଥୋଲୋଜିଷ୍ଟ, ମାଇକ୍ରୋବାୟୋଲୋଜିଷ୍ଟମାନେ କୁଷ୍ଠ ରୋଗୀଙ୍କ ତଥ୍ୟ ସରକାରଙ୍କୁ ଦେବା ଜରୁରୀ। କିନ୍ତୁ ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ କୁଷ୍ଠ ରୋଗୀଙ୍କ ବିବରଣୀ ଲିପିବଦ୍ଧ ପାଇଁ ସ୍ୱତନ୍ତ୍ର ଭାବେ ରେଜିଷ୍ଟାର ପରିଚାଳନାର ଅଭାବ ରହିଛି। ଏପରିସ୍ଥଳେ ପ୍ରତ୍ୟେକ ରୋଗୀଙ୍କ ପାଇଁ ସଫଳ ଚିକିତ୍ସା ସୁନିଶ୍ଚିତ କରିବାରେ ସମସ୍ୟା ଦେଖା ଦେଉଛି। ତେଣୁ କୁଷ୍ଠ ରୋଗୀଙ୍କ ଚିକିତ୍ସାରେ ନିୟୋଜିତ ପ୍ରତ୍ୟେକ ବ୍ୟକ୍ତି ସ୍ୱତନ୍ତ୍ର ଫର୍ମ ଜରିଆରେ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପ୍ରଦାନ କରିବା ଜରୁରୀ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇ ଥିଲା। ଯଦିଓ କୁଷ୍ଠ ରୋଗର ପ୍ରଭାବ ପୂର୍ବାପେକ୍ଷା ହ୍ରାସ ପାଇଛି। କିନ୍ତୁ କୁଷ୍ଠର ସମ୍ପୂର୍ଣ୍ଣ ବିଲୋପ ସାଧନ ଲକ୍ଷ୍ୟ ପୂରଣ ହୋଇପାରି ନାହିଁ। ଏପରିସ୍ଥଳେ ଡାକ୍ତରଙ୍କ ଅସହଯୋଗ ଉଦ୍ଦେଶ୍ୟ ସାଧନରେ ଅନ୍ତରାୟ ସୃଷ୍ଟି କରିବା ଆଶଙ୍କା ରହିଛି।

# ଅଲାରନାଥ ମନ୍ଦିରରେ ଶୃଙ୍ଖଳିତ ଦର୍ଶନ ମାମଲା ପ୍ରତ୍ୟାହାର

**କଟକ, ୨୭।୬(ସମିସ):** ବ୍ରହ୍ମଗିରିସ୍ଥିତ ଶ୍ରୀଅଲାରନାଥଙ୍କ ଶୃଙ୍ଖଳିତ ଦର୍ଶନକୁ ନେଇ ହାଇକୋର୍ଟରେ ଦାୟର ଜନସ୍ୱାର୍ଥ ମାମଲାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଏହି ମାମଲାରେ ହସ୍ତକ୍ଷେପ ପାଇଁ ହାଇକୋର୍ଟ ମନା କରିବା ପରେ ଆବେଦନକାରୀ ଏହାକୁ ପ୍ରତ୍ୟାହାର କରିନେଇଥିଲେ। ଅଲାରନାଥ ମନ୍ଦିରରେ ଭକ୍ତମାନେ ଉପଯୁକ୍ତ ଭାବେ ଦର୍ଶନ କରିପାରୁ ନଥିବା ନେଇ ଆବେଦନରେ ଉଲ୍ଲେଖ କରାଯାଇଥିଲା। ବିଶେଷକରି ଗତ ବର୍ଷ ରଥଯାତ୍ରା ବେଳେ ଶ୍ରୀଅଲାରନାଥଙ୍କ ଶୃଙ୍ଖଳିତ ଦର୍ଶନ ପ୍ରସଂଗରେ ହାଇକୋର୍ଟ ୨୦୨୩, ଜୁନ୍ ୮ରେ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ଚଳିତ ବର୍ଷ କାର୍ଯ୍ୟକାରୀ କରାଯାଉ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଗତ ଜୁନ ୨୩ରୁ ଶ୍ରୀଅଲାରନାଥଙ୍କ ଅଣସର ଦର୍ଶନ ଆରମ୍ଭ ହୋଇଛି। ଅର୍ଗଳିରୁ ଶ୍ରୀଅଲାରନାଥଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କୁ ଅନୁମତି ଦିଆଯାଉନାହିଁ ବୋଲି ଅଭିଯୋଗ କରିଥିଲେ ଆବେଦନକାରୀ ନୃସିଂହ ଜେନା।

# ବିମାନବନ୍ଦର ଘରୋଇକରଣ ଲକ୍ଷ୍ୟରେ କେନ୍ଦ୍ର ସରକାର

## ତାଲିକାରେ ଭୁବନେଶ୍ୱର ସମେତ ଦେଶର ପ୍ରମୁଖ ବିମାନବନ୍ଦର

**ଭୁବନେଶ୍ୱର, ୨୭।୬ (ସମିସ):** ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ସମେତ ଦେଶର ୧୩ଟି ବିମାନବନ୍ଦରର ଘରୋଇକରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଏଥିରୁ କେତେ ବିମାନବନ୍ଦର କ୍ଷତିରେ ଚାଲୁଛି ଆଉ କେତେ ଲାଭରେ ଅଛନ୍ତି ତାହାର ତର୍ଜମା ପରେ ଯାଇ ଘରୋଇକରଣ ପାଇଁ ବିଧିବଦ୍ଧ ନିଷ୍ପତ୍ତି ହେବ। ଭୁବନେଶ୍ୱର ସମେତ ଚେନ୍ନାଇ, ରାଞ୍ଚି, ସୁରତ, ପାଟନା, ଭୋପାଳ, ତିରୁପତି, ଇନ୍ଦୋର, ରାୟପୁର, ତ୍ରିଚି, ଅମୃତସର, ଉଦୟପୁର, ରାଜତାଲ, ଇମ୍ଫାଲ, ହବଲି, ଭଦୋଦରା, ବିଜୟୱାଡ଼ା, ଯୋଧପୁର, ମଦୁରାଇ, କୋଏମ୍ବାଟୁର, କାଲିକଟ ଆଦି ବିମାନବନ୍ଦର ଗୁଡିକର ଘରୋଇକରଣ ପାଇଁ ପ୍ରସ୍ତାବ ଅନେକ ଦିନ ହେଲା ବିଚାରାଧୀନ ଅଛି। ତେବେ ଚଳିତ ବର୍ଷ ଏହା ଉପରେ କେନ୍ଦ୍ର ସରକାର ମୋହର ମାରିବା ସମ୍ଭାବନା ଅଛି। ସୂଚନା ଅନୁସାରେ ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ର ସରକାର ୬ ପ୍ରମୁଖ ବିମାନବନ୍ଦରର ପରିଚାଳନା ଦାୟିତ୍ୱ ଘରୋଇ ସଂସ୍ଥା ହାତକୁ ଟେକି ଦେଇଥିଲେ। ତେବେ ଦ୍ୱିତୀୟ ପର୍ଯ୍ୟାୟରେ ବିମାନବନ୍ଦରର ଘରୋଇକରଣ ନିଷ୍ପତ୍ତି କେନ୍ଦ୍ର କ୍ୟାବିନେଟ୍ ନେବ। ଘରୋଇକରଣ ଦ୍ୱାରା ରାଜସ୍ୱ ବୃଦ୍ଧି ପାଇବ ଏବଂ ଯାତ୍ରୀଙ୍କ ପାଇଁ ଅଧିକ ସୁବିଧା ଉପଲବ୍ଧ ହେବ ବୋଲି ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଉଛି। ତେବେ ଘରୋଇକରଣକୁ ବିରୋଧକରି ଦେଶ ବ୍ୟାପୀ ବିମାନବନ୍ଦର କର୍ମଚାରୀ ସଂଘ ଆନ୍ଦୋଳନ କରି ଆସୁଛନ୍ତି। ଘରୋଇକରଣ ହେଲେ ଉନ୍ନତି ହେବ ନାହିଁ ବରଂ ଘରୋଇ ସଂସ୍ଥା ଲାଭରେ ରହିବ ବୋଲି ସେମାନେ ଯୁକ୍ତି ଦର୍ଶାଉଛନ୍ତି। ଭୁବନେଶ୍ୱରରେ ମଧ୍ୟ କର୍ମଚାରୀ ସଂଘ ପକ୍ଷରୁ ଏକାଧିକବାର ଏହାର ପ୍ରତିବାଦ କରାଯାଇଛି। ଆଗକୁ ସରକାର ଘରୋଇକରଣ ଜିଦ୍‌ରେ ଅଟଳ ରହିଲେ ଆନ୍ଦୋଳନ ତିବ୍ର ହେବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଲାଭରେ ଚାଲୁଥିବାରୁ ଏହାର ଘରୋଇକରଣ କରିବା ଆଦୌ ଠିକ୍ ନୁହେଁ ବୋଲି କୁହାଯାଉଛି।

■ ପ୍ରାଥମିକ ବିଦ୍ୟାଳୟର ମୌଳିକ ଆବଶ୍ୟକତା ପୂରଣ ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ୬ ସପ୍ତାହ ମଧ୍ୟରେ ୱେବ୍‌ସାଇଟରେ ସାର୍ବଜନୀନ ହେବ ତଥ୍ୟ

**କଟକ, ୨୭।୬(ସମିସ):** ବିଭିନ୍ନ ଜିଲ୍ଲାରେ ଥିବା ପ୍ରାଥମିକ ବିଦ୍ୟାଳୟର ମୌଳିକ ଆବଶ୍ୟକତା କେତେଦୂର ପୂରଣ କରାଯାଇପାରିଛି ତାହାକୁ ନିର୍ଦ୍ଦିଷ୍ଟ ଫର୍ମାଟରେ ରାଜ୍ୟ ସରକାର ସାର୍ବଜନୀନ କରିବେ। ଆସନ୍ତା ୬ ସପ୍ତାହ ମଧ୍ୟରେ ତଥ୍ୟ ରାଜ୍ୟ ସରକାରଙ୍କ ୱେବ୍‌ସାଇଟରେ ଉପଲବ୍ଧ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ହାଇକୋର୍ଟ ଆଇନ ସେବା କମିଟି ପକ୍ଷରୁ ଦାୟର ଏହି ଜନସ୍ୱାର୍ଥ ସମ୍ବଳିତ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟର ବିଭିନ୍ନ ସୁବିଧା ଓ ଅଧାରୁ ପାଠ ଛାଡୁଥିବା ପିଲା ଓ ନାମ ଲେଖାଉଥିବା ପିଲାଙ୍କ ସମ୍ପର୍କରେ ତଥ୍ୟକୁ ସାର୍ବଜନୀନ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଆସିଥିଲେ। ଏଥିପାଇଁ

**ଆମିକସକ୍ୟୁରୀଙ୍କ ଫର୍ମାଟକୁ ଗ୍ରହଣ କଲେ ସରକାର**

ଆବଶ୍ୟକ ଦୁଇଟି ଫର୍ମାଟକୁ ଆମିକସକ୍ୟୁରୀଙ୍କ ପକ୍ଷରୁ ମଧ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ପରିପ୍ରେକ୍ଷୀରେ ଏହାକୁ ଗ୍ରହଣ କରିବା ସହ ତଥ୍ୟ ସାର୍ବଜନୀନ କରାଯିବ ବୋଲି ହାଇକୋର୍ଟଙ୍କୁ ଜଣାଇଛନ୍ତି ସରକାର। ଏହି ତଥ୍ୟ ସବୁ ୱେବ୍‌ସାଇଟରେ ଟାବୁଲାର ମାଧ୍ୟମରେ ଉପଲବ୍ଧ ହେବ। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୮କୁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ବିଭିନ୍ନ ବିଦ୍ୟାଳୟରେ ମୌଳିକ ସୁବିଧା ତଥା ପାନୀୟ ଜଳ, ପୁରୁଷ ଓ ମହିଳାଙ୍କ ପାଇଁ ପୃଥକ ଶୌଚାଳୟ, ଶ୍ରେଣୀଗୃହ ନିର୍ମାଣ, ଡେସ୍କ ବେଞ୍ଚ, ବ୍ଲାକବୋର୍ଡ, ଲାଇଟ୍ ଓ ପଙ୍ଖା ସହ ଖେଳପଡ଼ିଆ ନ ଥିବା ଓ ଛାତ୍ର-ଶିକ୍ଷକ ଅନୁପାତ କେତେକ ବିଦ୍ୟାଳୟରେ ଠିକ ନ ଥିବା ସହ ପିଲାମାନେ ଅଧାରୁ ପାଠ ଛାଡୁଥିବା ନେଇ ଆମିକସକ୍ୟୁରୀ ଦର୍ଶାଇଥିଲେ। ଆମିକସକ୍ୟୁରୀ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥ ଏହି ମାମଲା ପରିଚାଳନା କରୁଛନ୍ତି।

ରଥଯାତ୍ରା ବେଳେ ବଡ଼ଦାଣ୍ଡରେ ଅସ୍ଥାୟୀ ଷ୍ଟଲ୍ ନିର୍ମାଣକୁ ବିରୋଧ

# ପୁରୀ ପୌରପାଳିକାକୁ ହାଇକୋର୍ଟଙ୍କ ଜବାବ ତଲବ

**କଟକ, ୨୭।୬(ସମିସ):** ରଥଯାତ୍ରା ବେଳେ ପୁରୀ ବଡ଼ଦାଣ୍ଡରେ ପୁରୀ ପୌରପାଳିକା ତରଫରୁ ନିୟମ ଉଲ୍ଲଂଘନ ପୂର୍ବକ ଅସ୍ଥାୟୀ ଷ୍ଟଲ ନିର୍ମାଣ ଉଦ୍ୟମକୁ ବିରୋଧ କରି ଦାୟର ମାମଲାର ଶୁଣାଣି କରି ପୌରପାଳିକାକୁ ହାଇକୋର୍ଟ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସତ୍ୟପାଠ ଜରିଆରେ ଜବାବ ଦାଖଲ ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ରଜତ କୁମାର ସାହୁଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ଜୁଲାଇ ୨କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଚଳିତ ବର୍ଷ ବଡ଼ଶଙ୍ଖଠାରୁ ଗୁଣ୍ଡିଚା ମନ୍ଦିର ମଧ୍ୟରେ ପୁରୀ ପୌରପାଳିକା କେତେକ ଅସ୍ଥାୟୀ ଷ୍ଟଲ ନିର୍ମାଣ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ନିକଟରୁ ଅନୁମତି ଲୋଡ଼ିଛି। ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଉଲ୍ଲଂଘନ କରାଯାଉଛି ବୋଲି ଦର୍ଶାଇ ହାଇକୋର୍ଟରେ ଏହି ମାମଲା ଦାୟର ହୋଇଛି। ଏହି ଷ୍ଟଲଗୁଡ଼ିକ ମଧ୍ୟରୁ କେତେକ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯିବାର ସମ୍ଭାବନା ରହିଛି। ଜାତୀୟ ରାଜପଥ ଉପରେ କୌଣସି ପ୍ରକାର ସ୍ଥାୟୀ ଓ ଅସ୍ଥାୟୀ ନିର୍ମାଣ ପ୍ରସଂଗରେ କଣ୍ଟ୍ରୋଲ ଅଫ୍ ଏନଏଚ (ଲ୍ୟାଣ୍ଡ ଆଣ୍ଡ ଟ୍ରାଫିକ) ଆଇନ, ୨୦୦୨ର ଧାରା ୩୮ ଅନୁସାରେ କଟକଣା ରହିଛି। ଏଥିପାଇଁ ପ୍ରଦୂଷଣ ଓ ଟ୍ରାଫିକ ସମସ୍ୟା ସୃଷ୍ଟି ହେବ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଛି। ସିଂହଦ୍ୱାର ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଅଢେଇ କିଲୋମିଟର ବଡ଼ଦାଣ୍ଡକୁ ୨୦୨୨ରେ ମସିହାରେ ଜାତୀୟ ରାଜପଥ ଭାବେ ଘୋଷଣା କରାଯାଇଥିଲା। ଜାତୀୟ ରାଜପଥ ଘୋଷଣା ହେତୁ ବଡ଼ଦାଣ୍ଡରେ ଭେଣ୍ଡିଂ ଜୋନ୍ ବା ଦୋକାନ ପାଇଁ ଅନୁମତି ଦିଆଯାଉ ନାହିଁ ବୋଲି ସେତେବେଳେ ପୌରପାଳିକା ତରଫରୁ ହାଇକୋର୍ଟରେ ଦର୍ଶାଯାଇଥିଲା। ଏବେ କିଭଳି ନିୟମ ଉଲ୍ଲଂଘନ କରି ଅନୁମତି ଲୋଡାଯାଉଛି ସେ ନେଇ ଆବେଦନକାରୀ ପ୍ରଶ୍ନ ଉଠାଇଛନ୍ତି। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥ ଓ ପୁରୀ ପୌର ପାଳିକା ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଦୀପ୍ତ କୁମାର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

ଗ୍ରାମ୍ୟ ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ

# 'ବଳକା କାମକୁ ତୁରନ୍ତ ଶେଷ କର'

**ଭୁବନେଶ୍ୱର, ୨୭। ୬(ସମିସ):** ଗ୍ରାମ୍ୟ ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ ଗୁରୁବାର ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀ ସିଂହ ରାଜ୍ୟର ସମସ୍ତ ଗ୍ରାମ୍ୟ ଉନ୍ନୟନ ଡିଭିଜନ୍‌ର କାର୍ଯ୍ୟର ସମୀକ୍ଷା କରିଥିଲେ। ସମସ୍ତ ସର୍କଲ ଓ ଡିଭିଜନ୍‌ର ବିଭାଗୀୟ ଅଧିକାରୀମାନେ ଆଭାସୀ ମାଧ୍ୟମରେ ଏହି ସମୀକ୍ଷା ବୈଠକରେ ସାମିଲ ହୋଇ ନିର୍ମାଣାଧୀନ ସମସ୍ତ ପ୍ରକଳ୍ପର ସ୍ଥିତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗଗୁଡ଼ିକ ବିଷୟରେ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇଥିଲେ।

ସମୀକ୍ଷା ବୈଠକରେ ପ୍ରାରମ୍ଭରେ ଶ୍ରୀ ସିଂହ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ୧୦୦ ଦିନ ମଧ୍ୟରେ କାର୍ଯ୍ୟାନ୍ୱୟନ ପ୍ରକଳ୍ପର ସମୀକ୍ଷା କରିଥିଲେ। ଉକ୍ତ ପ୍ରକଳ୍ପଗୁଡ଼ିକର ସ୍ଥିତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗଗୁଡ଼ିକର ସମୀକ୍ଷା କରାଯାଇଥିଲା। ଆଗାମୀ ୧୦୦ ଦିନ ମଧ୍ୟରେ କେଉଁ ସମସ୍ତ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ହେବ ସେ ବିଷୟରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। ଉକ୍ତ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ସିଂହ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରତିଟି ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ସହ ନିର୍ମାଣର ଗୁଣବତ୍ତା



ଉପରେ ଗୁରୁତ୍ୱ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ବିଜୁ ସେତୁ ଯୋଜନା ଅଧୀନରେ ବିଭିନ୍ନ ଜିଲ୍ଲାରେ ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ବନ୍ଧରେ ପଚାରି ବୁଝିବା ସହ ଆପ୍ରୋଚ ରୋଡ୍‌ଗୁଡ଼ିକୁ ଯଥା ସମୟରେ ସାରିବାକୁ ବୈଠକରେ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ବାହୀ ଯନ୍ତ୍ରୀମାନେ ପ୍ରକଳ୍ପର ଫିଜିବିଲିଟି ରିପୋର୍ଟ ପ୍ରଦାନ କରିବା ସମୟରେ କେଉଁ ଯୋଜନା ଏବଂ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେଇପାରୁଛି ସେଗୁଡ଼ିକୁ ଅନୁଧ୍ୟାନପୂର୍ବକ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୧-୨୨ ଆର୍ଥିକ ବର୍ଷ ପୂର୍ବରୁ ବାକି ରହିଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ବନ୍ଧରେ ବୁଝିବା ସହ ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ହାତକୁ ନିଆ ଯାଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଗଲା। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ସାରିବା ସହିତ ୨୦୨୧-୨୨ ପୂର୍ବରୁ ଚାଲୁ ରହିଥିବା ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଜରୁରୀ ବୋଲି ଶ୍ରୀ ସିଂହ କହିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅଧୀନରେ ସମ୍ପୂର୍ଣ୍ଣ ହୋଇଥିବା ରାସ୍ତାଗୁଡ଼ିକର ନିୟମିତ ଓ ସାମୟିକ ରକ୍ଷଣାବେକ୍ଷଣ ନିମନ୍ତେ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ସହିତ ବୁଝାମଣା କରି କାର୍ଯ୍ୟ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ। ପ୍ରକଳ୍ପ କାର୍ଯ୍ୟ ସମୟରେ ଜମି ଅଧିଗ୍ରହଣରେ ଉପୁଜୁ ଥିବା ସମସ୍ୟା, ବିଶେଷକରି ଜଙ୍ଗଲ ଜମିଗୁଡ଼ିକ ପାଇଁ ଔପଚାରିକତା ସମ୍ପୂର୍ଣ୍ଣ କରି ବିଭାଗକୁ ଜଣାଇବାକୁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଶୁଭଙ୍କର ମହାପାତ୍ର, ସ୍ୱତନ୍ତ୍ର ଶାସନ ସଚିବ ସୁଦର୍ଶନ ପରିଡ଼ାଙ୍କ ସମେତ ସମସ୍ତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

ମଣିଷ ଜୀବନର ସବୁ ଖେଳ, ବାସ୍ତବରେ ଆମ ଦୁଇ କାନ ମଝିରେ ମାତ୍ର ଛ' ଇଞ୍ଚ ଜାଗାରେ ଥିବା ମନ ଭିତରେ ରୂପାୟିତ ହୋଇଥାଏ !
-ମାର୍ଟିନା ନାଭ୍ରାତିଲୋଭା (ଟେନିସ୍ ତାରକା)



ସକାଳ
THE SAKALA

## ଅନୁଗୋଳରେ ତ୍ରୁଟିପୂର୍ଣ୍ଣ ମୋତିଆବିନ୍ଦୁ ଅସ୍ତ୍ରୋପଚାର

# ଡାକ୍ତରୀ ଅବହେଳା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ

ଅନୁଗୋଳସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଇଥିବା ଲୋକଙ୍କ ମଧ୍ୟରୁ ୧୩ ଜଣ ଦୃଷ୍ଟିଶକ୍ତି ହରାଇଛନ୍ତି। ଯେଉଁ ଆଖିରେ ଅସ୍ତ୍ରୋପଚାର ହୋଇଥିଲା ସେ ଆଖିରେ ସମ୍ପୃକ୍ତ ରୋଗୀମାନେ ଦେଖିପାରୁ ନାହାନ୍ତି ଏବଂ ଆଖିରେ ଯନ୍ତ୍ରଣା ସହିତ ମୁଣ୍ଡବିନ୍ଧାରେ ସେମାନେ ଆକ୍ରାନ୍ତ ହୋଇଛନ୍ତି। ଘଟଣାଟି ଜୁନ୍ ୨୦ ତାରିଖରେ ଘଟିଥିଲା। ବଣ୍ଟିରପାଳ ଓ ଆଠମଲ୍ଲିକ ଅଞ୍ଚଳର ୨୬ ଜଣ ଲୋକ ଜଣପିଛା ୧୫ ହଜାର ଟଙ୍କା ଦେଇ ଏକ ଘରୋଇ କ୍ଲିନିକ୍‌ରେ ଏହି ଅସ୍ତ୍ରୋପଚାର କରିଥିଲେ। ସେମାନଙ୍କ ମଧ୍ୟରୁ ଅଧେ ଦୃଷ୍ଟିଶକ୍ତି ହରାଇଥିବା ବେଳେ ଆଉ ଅର୍ଦ୍ଧେକ ଆଖିରେ ଯନ୍ତ୍ରଣା ଅନୁଭବ କରିବାରୁ ସେମାନଙ୍କୁ ବୁର୍ଲା, କଟକ ଓ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ବହୁଦିନର ବ୍ୟବଧାନ ପରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଜନିତ ତ୍ରୁଟିରୁ ଏଭଳି ଘଟଣା ଘଟିଛି। ରାଜ୍ୟ ସରକାର ସମ୍ପୃକ୍ତ ଘରୋଇ କ୍ଲିନିକ୍‌କୁ ସିଲ୍ କରିଦେଇଥିବା ବେଳେ ସମ୍ପୃକ୍ତ ଚିକିତ୍ସକ ଫେରାର ହୋଇଯାଇଛନ୍ତି।

ବିଭିନ୍ନ କ୍ୟାମ୍ପରେ ମୋତିଆବିନ୍ଦୁ ଗଣଅସ୍ତ୍ରୋପଚାର ସମୟରେ ବ୍ୟବହୃତ ଯନ୍ତ୍ରପାତିର ଉପଯୁକ୍ତ ବିଶୋଧନ (ଷ୍ଟେରେଲାଇଜେସନ) ଅଭାବରୁ ରୋଗୀଙ୍କ ଚକ୍ଷୁ ସଂକ୍ରମିତ ହୋଇଥାଏ। ଆହୁରି ମଧ୍ୟ ଅସ୍ତ୍ରୋପଚାର ପରେ ଯେଉଁ ଆଏଡ୍ରପ୍ ବ୍ୟବହାର କରାଯାଏ, ତାହାର ଗୁଣାତ୍ମକ ମାନ ମଧ୍ୟ ସଂକ୍ରମଣର ଅନ୍ୟ ଏକ କାରଣ ହୋଇଥାଏ। ଡାକ୍ତରଖାନାରେ, ବିଶେଷକରି ଚକ୍ଷୁ ହସ୍ପିଟାଲ୍‌ରେ ଏହି ସଂକ୍ରମଣ ଆଶଙ୍କା କମ୍ ଥାଏ; କାରଣ ସେଠାରେ ବିଶେଷଜ୍ଞ ଓ ଚିକିତ୍ସା ସହାୟକମାନେ ନିର୍ଦ୍ଧାରିତ ନୀତି ନିୟମ ଅନୁକରଣ କରିଥା'ନ୍ତି। ପୂର୍ବରୁ ଚକ୍ଷୁ ଅସ୍ତ୍ରୋପଚାର ଶିବିରରେ ବାରମ୍ବାର ଅସ୍ତ୍ରୋପଚାର ଜନିତ ତ୍ରୁଟି ଯୋଗୁଁ ମୋତିଆବିନ୍ଦୁ ରୋଗୀଙ୍କ ଆଖି ନଷ୍ଟ ହେବା ପରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏଥିପାଇଁ କଠୋର ନିୟମ ଓ ମାର୍ଗଦର୍ଶିକା ଜାରି କରିଥିଲା। ଦ୍ୱିତୀୟତଃ ଘରୋଇ ଚିକିତ୍ସାଳୟ ଓ ସରକାରୀ ଚିକିତ୍ସାଳୟରେ ମଧ୍ୟ ମୋତିଆବିନ୍ଦୁ ଅସ୍ତ୍ରୋପଚାର ନିର୍ଦ୍ଧାରିତ ବ୍ୟବସ୍ଥା ଓ ନୀତିନିୟମ ମଧ୍ୟରେ ବିଶେଷଜ୍ଞମାନଙ୍କ ଦ୍ୱାରା କରାଯାଉଥିଲା। ଏହାସତ୍ତ୍ୱେ ଏକ ଘରୋଇ ହସ୍ପିଟାଲ୍‌ରେ ବିପୁଳ ସଂଖ୍ୟକ ରୋଗୀଙ୍କର ଗଣ ଅସ୍ତ୍ରୋପଚାର କରିବା ପଛରେ ନିଶ୍ଚିତ କିଛି କାରସାଦି ଓ ମନ୍ଦ ଉଦ୍ଦେଶ୍ୟ ରହିଛି। ତାହା ହୋଇ ନଥିଲେ ଏମିତି ଘଟଣା ଘଟି ନଥା'ନ୍ତା।

ସରକାର ବଦଳିଲେ ପ୍ରଚଳିତ ନୀତି ନିୟମ ଓ ବ୍ୟବସ୍ଥା ରାତାରାତି ବଦଳି ନଥାଏ। ଯେଉଁ ସମୟରେ ଅନୁଗୋଳ ଘଟଣା ଘଟିଛି, ତାହା ପୁରୁଣା ସରକାରର ବିଦାୟ ଓ ନୂଆ ସରକାରର କାର୍ଯ୍ୟାରମ୍ଭର ସମୟ। ଶାସନର ଏହି ସଂକ୍ରମଣ କାଳକୁ ବାଛି ରୋଗୀଙ୍କୁ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରି ମୋତିଆବିନ୍ଦୁ ଗଣ ଅସ୍ତ୍ରୋପଚାର କରି ସେମାନଙ୍କ ଚକ୍ଷୁ ନଷ୍ଟ କରିବା ପଛରେ ନ୍ୟସ୍ତସ୍ୱାର୍ଥ ଓ ଲାଭଖୋରମାନଙ୍କର ଏକ ଲାଭଖୋର ଷଡ଼ଯନ୍ତ୍ର ରହିଛି କି ନାହିଁ ତାହାର ଅନୁସନ୍ଧାନ ହେବା ଆବଶ୍ୟକ। ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପରେ ବର୍ଷାକାଳ ଆସୁଛି। ଆଖି ଭଳି ସମ୍ବେଦନଶୀଳ ଅଙ୍ଗର ଅସ୍ତ୍ରୋପଚାର ପାଇଁ ଏହା ଆଦୌ ଉପଯୁକ୍ତ ସମୟ ନୁହେଁ। ତା'ଛଡ଼ା ଅସ୍ତ୍ରୋପଚାରରେ ବ୍ୟବହୃତ ଯନ୍ତ୍ରପାତି ଓ ଆଇଡ୍ରପର ମାନଗୁଣ ମଧ୍ୟ ତଦନ୍ତସାପେକ୍ଷ।

ମୋତିଆବିନ୍ଦୁ ବୟସ୍କମାନଙ୍କର ଏକ ବୟସଗତ ଚକ୍ଷୁରୋଗ। ଏଥିରେ ସ୍ତ୍ରୀ ପୁରୁଷ ଉଭୟ ଆକ୍ରାନ୍ତ ହୋଇଥା'ନ୍ତି। ଆମ ରାଜ୍ୟରେ ଅନେକ ଭଲ ଚକ୍ଷୁ ହସ୍ପିଟାଲ ରହିଛି। ବେସରକାରୀ ସ୍ତରରେ ଥିବା ସେଭଳି କିଛି ହସ୍ପିଟାଲ୍‌ର ସୁନାମ ମଧ୍ୟ ଅତି ଭଲ। ଖର୍ଚ୍ଚ ଦୃଷ୍ଟିରୁ ତାହା ମଧ୍ୟ ସେତେ ଅଧିକ ନୁହେଁ। ଏହାଛଡ଼ା ରୋଟାରୀ, ଲାୟନ୍ସ ଭଳି ସେବା ସଂସ୍ଥା ଦ୍ୱାରା ମଧ୍ୟ ଅନେକ ଭଲ ଚକ୍ଷୁ ହସ୍ପିଟାଲ୍ ଚାଲିଛି। କିଛି ବ୍ୟକ୍ତିଗତ ପରିଚାଳନାଧୀନ ଆଖି ହସ୍ପିଟାଲ୍‌ର ଖ୍ୟାତି ମଧ୍ୟ ପ୍ରଶଂସନୀୟ। ଏସବୁ ସତ୍ତ୍ୱେ ଗୋଟିଏ ଘରୋଇ ହସ୍ପିଟାଲ୍‌କୁ ୨୬ ଜଣ ବୁଢ଼ାବୁଢ଼ୀଙ୍କୁ ଆଣି ଅତି ପ୍ରତିକୂଳ ପାଗରେ ତ୍ରୁଟିପୂର୍ଣ୍ଣ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଇବା ପଛରେ ସମ୍ପୃକ୍ତ ଚିକିତ୍ସାଳୟର ଅର୍ଥଲାଳସା ଓ ଦଲାଲଙ୍କ ଭୂମିକାକୁ ଅସ୍ୱୀକାର କରାଯାଇ ନ ପାରେ।

ଏଠାରେ ସମ୍ପୃକ୍ତ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ଉଦାସୀନତା ଓ ଦାୟିତ୍ୱହୀନତା ମଧ୍ୟ ଆଲୋଚନାକୁ ଆସୁଛି। ଆଜି ଯେତେବେଳେ ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ସମସ୍ତ ବର୍ଗର ରୋଗୀଙ୍କ ଚକ୍ଷୁ ଚିକିତ୍ସା ଓ ଅସ୍ତ୍ରୋପଚାର ହୋଇପାରୁଛି ସେଠାରେ ଏକ ଘରୋଇ ଅନୁଷ୍ଠାନରେ ଟଙ୍କା ଖର୍ଚ୍ଚ କରି ଅସ୍ତ୍ରୋପଚାର କରାଇବା କେତେଦୂର ବିଜ୍ଞତାର ପରିଚୟ? ଯେଉଁଠି ଯେତେବେଳେ ଏଭଳି ସ୍ୱାସ୍ଥ୍ୟ ହାନି ବା ଅଘଟଣମାନଙ୍କର ଉଦାହରଣ ଆସୁଛି ସେଠାରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ନିଜ ଶରୀର ପ୍ରତି ଦାୟିତ୍ୱହୀନତା ଓ ସଚେତନତା ହୀନତାର କାରଣ ଅଧିକ ଥିବା ପ୍ରମାଣିତ ହୋଇଛି। ରୋଗୀମାନଙ୍କର ଏଭଳି ଧୈର୍ଯ୍ୟହୀନତା ଓ ଅବିମୃଶ୍ୟକାରିତା ପାଇଁ ଘରୋଇ ସ୍ୱାସ୍ଥ୍ୟ ଅନୁଷ୍ଠାନ ଓ ଦଲାଲମାନେ ଫାଇଦାରେ ରହୁଛନ୍ତି।

ବୁର୍ଲାର ବିଶେଷଜ୍ଞଙ୍କ କହିବା ଅନୁସାରେ ଯେଉଁ ବୁଢ଼ାବୁଢ଼ୀଙ୍କର ଗୋଟିଏ ଲେଖାଏଁ ଚକ୍ଷୁ ନଷ୍ଟ ହୋଇଛି, ସେମାନେ ସେଥିରେ ଦୃଷ୍ଟିଶକ୍ତି ଫେରିପାଇବେ କି ନାହିଁ, ତାହା କହିବା କଷ୍ଟ। ଦ୍ୱିତୀୟତଃ ଯେଉଁମାନଙ୍କର ଅସ୍ତ୍ରୋପଚାର ହୋଇଥିଲା ସେମାନଙ୍କ ଆଖିରେ ଆଧୁନିକ କାଚ (ଇଣ୍ଟ୍ରାକୁଲାର ଲେନ୍ସ) ଲାଗିଥିଲା ନା ଏହା ପୁରୁଣା ପଦ୍ଧତିରେ ହୋଇଛି, ତାହା ଜଣାପଡ଼ିନାହିଁ। ନିମ୍ନମାନର ଇଣ୍ଟ୍ରାକୁଲାର ଲେନ୍ସ ଲାଗିଲେ ସେ ଆଖିକୁ ଦେଖାଯାଏ ନାହିଁ ଓ ଏକ ଧଳାପଟଳ ସୃଷ୍ଟି ହୁଏ। ଅଧିକ ପରୀକ୍ଷା ନିରୀକ୍ଷା ପରେ ସବୁ କଥା ଅବଶ୍ୟ ଜଣାପଡ଼ିବ।

ଆମର କହିବା କଥା ହେଲା ଚକ୍ଷୁ ମଣିଷର ଏକ ଅତି ସଂବେଦନଶୀଳ ଅଙ୍ଗ। ଏହା ହରାଇବା ଅର୍ଥ ମଣିଷ ପଙ୍ଗୁ ହୋଇଯିବା। ଚକ୍ଷୁ ଭଳି ଅତି ଗୁରୁତ୍ୱପୂର୍ଣ୍ଣ ଅଙ୍ଗର ଅସ୍ତ୍ରୋପଚାର ସମୟରେ ପ୍ରଚଳିତ ନୀତି ଓ ବ୍ୟବସ୍ଥାର ଯେଉଁମାନେ ଉଲ୍ଲଂଘନ କରୁଛନ୍ତି, ସରକାର ସେମାନଙ୍କୁ ଧରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଉଦାହରଣୀୟ ଦଣ୍ଡବିଧାନ ଦ୍ୱାରା ଏଭଳି ଅସ୍ତ୍ରୋପଚାର ବନ୍ଦ ହେବ। ଏହାଛଡ଼ା ଜନସାଧାରଣ ମଧ୍ୟ ମୋତିଆବିନ୍ଦୁ ଅସ୍ତ୍ରୋପଚାର ବେଳେ ଅଧିକ ସଚେତନ ରହି ନିଷ୍ପତ୍ତି ନେବା ଉଚିତ।

# ଷ୍ଟାରସିପ୍: ଆଗାମୀ କାଲିର ମହାକାଶ ଯାନ



ରମେଶ ଚନ୍ଦ୍ର ପରିଡ଼ା
ମୋ: ୯୯୩୭୩୦୧୪୬୦

ମଣିଷର ଆଧୁନିକ ଜୀବନଶୈଳୀ ଏବଂ ସେଥିସହିତ ସମ୍ପୃକ୍ତ କାର୍ଯ୍ୟକଳାପ ହେତୁ ଦ୍ରୁତ ଅବକ୍ଷୟ ହେବାରେ ଲାଗିଛି ପୃଥିବୀର ପ୍ରାକୃତିକ ସଂସାଧନ। ୨୦୫୦ ରୁ ୨୦୬୦ ମସିହା ମଧ୍ୟରେ ମଣିଷର ଆବଶ୍ୟକତା ମେଣ୍ଟାଇବା ପାଇଁ ଦୁଇଟି ପୃଥିବୀ ଲୋଡ଼ା ହେବ ବୋଲି ଜଣାପଡ଼ିଛି ଏକ ଆକଳନରୁ। ଅନ୍ୟପକ୍ଷରେ ପରିବେଶ ପ୍ରଦୂଷଣ ଏବଂ ପରିସଂସ୍ଥାର ଅବକ୍ଷୟ କାରଣରୁ ଧରାପୃଷ୍ଠ କ୍ରମେ ବାସୋପଯୋଗିତା ମଧ୍ୟ ହରାଇବାରେ ଲାଗିଛି। ସେଥିପାଇଁ ଏବେ ଚନ୍ଦ୍ର, ମଙ୍ଗଳ ତଥା ଅନ୍ୟାନ୍ୟ ଗ୍ରହମାନଙ୍କର ସଂସାଧନ ତଥା ସେଠାରେ ବସତି ସ୍ଥାପନର ସମ୍ଭାବନାକୁ ନେଇ ଗଭୀର ଭାବେ ଚିନ୍ତା କରାଯାଉଛି। ଆମେରିକା, ରୁଷିଆଠାରୁ ଆରମ୍ଭ କରି ଭାରତ, ଚୀନ୍, ଜାପାନ ଓ ୟୁରୋପୀୟ ରାଷ୍ଟ୍ରସଂଘର ଦେଶମାନେ ଏସବୁ ଅଧ୍ୟୟନ କରିବାକୁ ଚନ୍ଦ୍ର ଓ ମଙ୍ଗଳ ପୃଷ୍ଠକୁ ବହୁ ସଂଖ୍ୟାରେ ମହାକାଶଯାନମାନ ଅତିଶୀଘ୍ର ପଠାଇବାରେ ଲାଗିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଅନ୍ତରୀକ୍ଷ ଓ ଅନ୍ୟ ଗ୍ରହକୁ ମହାକାଶଯାନ ସହିତ ରୋବଟ୍ ଚାଳିତ ଅନୁସନ୍ଧାନକାରୀ ବ୍ୟବସ୍ଥା ଏବେ ସଂଯୋଗ କରାଯାଇଥିବା ବେଳେ ସେଠାକୁ ବ୍ୟୋମଚାରୀ ବା ମାନବ ମହାକାଶଚାରୀମାନଙ୍କୁ ପଠାଇବାର ଯୋଜନା ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି। ଏସବୁ ଫଳରେ ମଙ୍ଗଳ ଗ୍ରହ ଓ ଅନ୍ୟାନ୍ୟ ଗ୍ରହଗ୍ରହାନ୍ତରକୁ ଯାତାୟତ କରିବା ଏବଂ ସେଠାକାର ମଣିଷ ବାସୋପଯୋଗୀ ପରିବେଶକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବାର ପଥ ସୁଗମ ହେବ।

ସମଗ୍ର ପୃଥିବୀରେ ଏ ସମସ୍ତ ମହାକାଶ କାର୍ଯ୍ୟକ୍ରମ ମୁଖ୍ୟତଃ ସମାହିତ ହେଉଛି ସରକାରୀ ଉଦ୍ୟୋଗ ମାଧ୍ୟମରେ। ତେବେ ଆମେରିକାର କୋଟିପତି ଏଲନ୍ ମସ୍କ ଏ ଦିଗରେ ନିଜସ୍ୱ ଯୋଜନାମାନ ପ୍ରସ୍ତୁତ କରିଚାଲିଛନ୍ତି ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସ୍ପେସ୍-ଏକ୍ସ ସଂସ୍ଥା ମାଧ୍ୟମରେ। ୬ ଜୁନ୍, ୨୦୨୪ରେ ସ୍ପେସ୍-ଏକ୍ସ ଏ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି 'ଷ୍ଟାରସିପ୍'ର ଏକ ମଡେଲ୍‌ର ସଫଳ ପରୀକ୍ଷଣ ଦ୍ୱାରା। ସ୍ପେସ୍-ଏକ୍ସର ଏହା ଚତୁର୍ଥ ଉଦ୍ୟମ।

ଏଲନ୍ ମସ୍କ ପ୍ରଥମେ ୨୦୦୫ ମସିହା ନଭେମ୍ବର ମାସରେ ଏ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେତେବେଳେ ଏହାର ଲକ୍ଷ୍ୟ ରଖାଯାଇଥିଲା ୧୦୦ ଟନ୍ ଭାର ବହନ କରିପାରୁଥିବା ଏବଂ ପୃଥିବୀର ନିମ୍ନତମ କକ୍ଷକୁ ସଂଯୋଗ କରିପାରୁଥିବା ଶକ୍ତିଶାଳୀ ପୁନଃ ବ୍ୟବହାରକ୍ଷମ ରକେଟ୍ ତିଆରି କରିବା। ତେବେ ୨୦୧୨ ମସିହାରେ ମସ୍କ ଏ ନିଷ୍ପତ୍ତି ବଦଳାଇ ବ୍ୟୋମଚାରୀମାନଙ୍କୁ ମଙ୍ଗଳଗ୍ରହକୁ ବହନ କରି ନେବା ଏବଂ ତାଙ୍କୁ ଫେରାଇ ଆଣିବା ଲାଗି ଷ୍ଟାରସିପ୍ ନିର୍ମାଣ କରିବାକୁ ତାଙ୍କର ଚରମ ଲକ୍ଷ୍ୟ ରୂପେ ଉପସ୍ଥାପିତ କଲେ। ଏହାର ପ୍ରାରମ୍ଭିକ କାର୍ଯ୍ୟ ସ୍ୱରୂପ ୨୦୧୯ ମସିହାରେ ଦୁଇଟି ଷ୍ଟାରସିପ୍ ମଡେଲ୍ ପୃଥିବୀର ନିମ୍ନତମ କକ୍ଷକୁ ପ୍ରେରଣ କରାଗଲା। ତେବେ ସେ ଦୁଇଟି ଯାକ ଅସଫଳ ହେଲା। ତତ୍ପରେ ଅଗଷ୍ଟ ୨୦୨୦ ମସିହାରେ ଏ ବ୍ୟବସ୍ଥାରେ କେତେକ ସଂଶୋଧନ ଆଣି ତାହାକୁ ପୃଥିବୀ ପୃଷ୍ଠରୁ ମାତ୍ର ୧୫୦ ମିଟର ଉପରକୁ ପଠାଇ ପୁନର୍ବାର ଫେରାଇ



ଅଣାଗଲା। କିନ୍ତୁ ସେହିବର୍ଷ ସେପ୍ଟେମ୍ବରରେ ପ୍ରେରିତ ଷ୍ଟାରସିପ୍‌ର ଏକ ଉନ୍ନତ ସଂସ୍କରଣ ଭୂ-ପୃଷ୍ଠରୁ ପ୍ରାୟ ୧୨.୫ କିଲୋମିଟର ଉର୍ଦ୍ଧ୍ୱକୁ ଯାଇ ପାରିଥିଲା। ସେହିପରି ୨୦୨୧ ମସିହା ମେ' ମାସରେ ଆଉ ଗୋଟିଏ ଯାନ ମଧ୍ୟ ପରୀକ୍ଷା କରାଗଲା।

ଏହାପରେ ଏକ ପୂର୍ଣ୍ଣାଙ୍ଗ ଷ୍ଟାରସିପ୍‌ର ପ୍ରଥମ ପରୀକ୍ଷାମୂଳକ ମଡେଲ୍ ଉତ୍କ୍ଷେପଣ ହୋଇଥିଲା ଜୁଲାଇ ୨୦୨୧ରେ। ତେବେ ଏହି ତିନି ଇଂଜିନ୍ ବିଶିଷ୍ଟ ଯାନରେ ମଧ୍ୟ କେତେକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ସେସବୁ ସୁଧାରିଲା ପରେ ନଭେମ୍ବର ୨୦୨୩ରେ ଦ୍ୱିତୀୟଟି ଏବଂ ମାର୍ଚ୍ଚ ୨୦୨୪ରେ ତୃତୀୟ ମହାକାଶ ଯାନଟିର ପରୀକ୍ଷା କରାଯାଇଥିଲା। ଶେଷରେ ଜୁନ୍ ୬, ୨୦୨୪ ଦିନ ଚତୁର୍ଥ ଉଦ୍ୟମରେ ସ୍ପେସ୍-ଏକ୍ସକୁ ଏଥିରେ ମିଳିଛି ସମ୍ପୂର୍ଣ୍ଣ ସଫଳତା। ପ୍ରାୟ ଏକ ଘଣ୍ଟା ଧରି ପୃଥିବୀ ଚତୁଃପାର୍ଶ୍ୱରେ ଅର୍ଦ୍ଧକକ୍ଷ ଅତିକ୍ରମ କଲାପରେ ଏହି 'ସୁପର ହେଭି' କୁହାଯାଉଥିବା ଷ୍ଟାରସିପ୍ ମଡେଲଟିର ନୋଦକ (ବୁଷ୍ଟର) ଏବଂ ଯାନ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ମେକ୍ସିକୋ ଉପସାଗରରେ ଅବତରଣ କରିପାରିଛନ୍ତି। ଏହାଫଳରେ ଏ ପ୍ରକାର ସମ୍ପୂର୍ଣ୍ଣ ରୂପେ ପୁନଃ ବିନିଯୋଗକ୍ଷମ ମହାକାଶଯାନମାନ ନିର୍ମାଣ କରି ଗ୍ରହ-ଗ୍ରହାନ୍ତରକୁ ଯାତ୍ରା କରିବା ସହଜ ତଥା ସୁଲଭ କରିବାର ପଥ ଉନ୍ମୁକ୍ତ ହୋଇଛି।

ଷ୍ଟାରସିପ୍ ହେଉଛି ପୃଥିବୀର କକ୍ଷ, ଚନ୍ଦ୍ର, ମଙ୍ଗଳ ଏବଂ ଅନ୍ୟାନ୍ୟ ଗ୍ରହ ପୃଷ୍ଠକୁ ବ୍ୟୋମଚାରୀ ତଥା ବିବିଧ ଓଜନଦାର ଜିନିଷ ବହନ କରି ନେବା ଲାଗି ଉଦ୍ଦିଷ୍ଟ ଦ୍ୱି-ସ୍ତରୀୟ ମହାକାଶଯାନ। ଏଥିରେ ଲାଗିବ ଅତ୍ୟନ୍ତ ଶକ୍ତିଶାଳୀ ରକେଟ୍। ନିକଟରେ ସଫଳ ଭାବେ ପରୀକ୍ଷା କରାଯାଇଥିବା ଯାନଟି କେବଳ ପୃଥିବୀର ଚାରିପାଖରେ କିଛିଦୂର ପରିକ୍ରମା କରିବା ଲାଗି ଅଭିପ୍ରେତ ଥିଲା। ଏଥିରେ ସଂଯୁକ୍ତ ହୋଇଥିଲା ୧୨୦ ମିଟର ଉଚ୍ଚତା ବିଶିଷ୍ଟ ସର୍ବବୃହତ୍ ରକେଟ୍। ଅନ୍ୟପକ୍ଷରେ, ନିଲ୍ ଆର୍ମଷ୍ଟ୍ରଂଗ୍ ଏବଂ ତାଙ୍କ ସହଯାତ୍ରୀମାନଙ୍କୁ ଚନ୍ଦ୍ରପୃଷ୍ଠକୁ ନେଇଥିବା ଆପୋଲୋ-୧୧ ମହାକାଶଯାନର ରକେଟ୍ ସଟର୍ଣ୍ଣ-୫ର ଉଚ୍ଚତା ଥିଲା ୧୧୧ ମିଟର। ପୁନଶ୍ଚ ବର୍ତ୍ତମାନର ଯାନଟିର ନୋଦକରେ ୩୩ଟି ଇଂଜିନ୍ ରହିଛି, ଯାହାକି ୭୪ ମେଗା-ନିଉଟନ୍ ଧକ୍କା ବା ଷ୍ଟ୍ରୋକ୍ ଶକ୍ତି ଉତ୍ପନ୍ନ କରିପାରୁଛି। ଏଥିରେ ଇନ୍ଧନ ରୂପେ ବ୍ୟବହାର ହୋଇଥିଲା ତରଳ ଅମ୍ଳଯାନ ଏବଂ ତରଳ ମିଥେନ୍। ମହାକାଶ ଯାନ ଉତ୍କ୍ଷେପଣ ପାଇଁ ସାଧାରଣତଃ ଯେଉଁସବୁ ରକେଟ୍ ବ୍ୟବହାର କରାଯାଉଛି ତାହା ଥରେ ମାତ୍ର ବ୍ୟବହାରଯୋଗ୍ୟ। ଅର୍ଥାତ୍ ମହାକାଶଯାନକୁ ତାର ନିର୍ଦ୍ଦିଷ୍ଟ କକ୍ଷପଥରେ ସ୍ଥାପିତ କରିଦେବା ପରେ ରକେଟ୍‌ଟି ଆପେ ଆପେ ଅଲଗା ହୋଇଯାଇ ଧ୍ୱଂସ ହୋଇଯାଏ। ଏହାକୁ ପୁଣି ଫେରାଇ ଆଣିବାର ବୈଷୟିକ ଜ୍ଞାନକୌଶଳ ବିକଶିତ କିମ୍ବା ଉପଯୋଗ କରାଯାଇପାରିନାହିଁ। ତେଣୁ ମହାକାଶ ଅଭିଯାନ ଏକ ବ୍ୟୟବହୁଳ କାର୍ଯ୍ୟକ୍ରମ ରୂପେ ପରିଗଣିତ ହୋଇଆସୁଛି। ଅପରପକ୍ଷରେ ସ୍ପେସ୍-ଏକ୍ସର ସୂଚନା ମୁତାବକ ଷ୍ଟାରସିପ୍ ଥିଲା ଏହାର ସମ୍ପୂର୍ଣ୍ଣ ବିପରୀତ ବା ପୂର୍ଣ୍ଣ ରୂପେ ପୁନଃ ବ୍ୟବହାରକ୍ଷମ। ଏଣୁ ଏହି ପ୍ରଯୁକ୍ତି ବିଦ୍ୟାର ବିକାଶ ଏବଂ ପ୍ରୟୋଗରେ ନିର୍ମିତ ହେବାକୁ ଥିବା ଷ୍ଟାରସିପ୍‌ଗୁଡ଼ିକ ମହାକାଶରୁ ପୃଥିବୀର ବାୟୁମଣ୍ଡଳକୁ ପୁନଃପ୍ରବେଶ କରିବା ଏବଂ ଭୂପୃଷ୍ଠରେ ପୁନଃ ଅବତରଣ କରିବା ନିମନ୍ତେ ତୁଳନାତ୍ମକ ଭାବେ କମ୍ ଖର୍ଚ୍ଚ ହେବ ଏବଂ ଭବିଷ୍ୟତର ମହାକାଶ ଅଭିଯାନ ପାଇଁ ପଥ ପ୍ରଦର୍ଶକ ରୂପେ କାର୍ଯ୍ୟ କରିବ।

ଷ୍ଟାରସିପ୍‌ର ସଫଳତାରୁ ମିଳି ଥିବା ସୁବିଧା ସୁଯୋଗ ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣଗୁଡ଼ିକ ହେଲା- (୧) ଭବିଷ୍ୟତରେ ଏହା ପୃଥିବୀର କକ୍ଷକୁ ୧୫୦ ଟନ୍ ଏବଂ ଚନ୍ଦ୍ର ବା ମଙ୍ଗଳ ପୃଷ୍ଠକୁ ୧୦୦ ଟନ୍ ପର୍ଯ୍ୟନ୍ତ ଭାର ବହନ କରିନେଇପାରିବ। ଅଦ୍ୟାବଧି ଅନ୍ୟ କୌଣସି ମହାକାଶଯାନ ଏ ସାମର୍ଥ୍ୟ ହାସଲ କରିପାରି ନାହାନ୍ତି। (୨) ପୃଥିବୀ କକ୍ଷରେ ଥିବା ଅବସ୍ଥାରେ ଏଥିରେ ପୁନଃ ଇନ୍ଧନ ଭର୍ତ୍ତି କରାଯାଇପାରିବ। (୩) ଏହାର ରକେଟ୍ ଏବଂ ମହାକାଶଯାନ ସମ୍ପୂର୍ଣ୍ଣ ରୂପେ ପୁନଃ ବିନିଯୋଗକ୍ଷମ। ଏଣୁ ତାହା ତୁଳନାତ୍ମକ ଭାବେ କମ ଖର୍ଚ୍ଚରେ ହେବ। ଉଦାହରଣ ସ୍ୱରୂପ, ଷ୍ଟାରସିପ୍‌ରେ ମଙ୍ଗଳଗ୍ରହକୁ ୧୦୦ ଟନ୍ ଓଜନର ଜିନିଷ ପଠାଇବାକୁ ହେଲେ ଖର୍ଚ୍ଚ ହେବ ମାତ୍ର ୫୦ ନିୟୁତ ଡଲାର। ଅନ୍ୟପକ୍ଷରେ, ୨୦୧୧ ମସିହାରେ ଆମେରିକା ଦ୍ୱାରା ପ୍ରେରିତ ସ୍ପେସ୍ ସଟଲରେ, ଏହାର ଏକ-ଚତୁର୍ଥାଂଶ ଭାର ପୃଥିବୀର କକ୍ଷ ପର୍ଯ୍ୟନ୍ତ ବହନ କରି ନେବା ଲାଗି ବ୍ୟୟ କରାଯାଇଥିଲା ୧.୫ ବିଲିୟନ (ହଜାର-ନିୟୁତ) ଡଲାର।

ମହାକାଶ ଅନୁସନ୍ଧାନ ଏବଂ ଗମନାଗମନ କ୍ଷେତ୍ରରେ ଥିବା ସବୁଠୁ ବଡ଼ ଅସୁବିଧା ହେଲା ମହାକାଶ ଯାନମାନଙ୍କର ଅଧିକ ଭାର ବହନ କରିବାରେ ଅକ୍ଷମତା। ଏଥିପାଇଁ ଲୋଡ଼ା ପ୍ରଚୁର ଇନ୍ଧନ, ଯାହାକି ବ୍ୟୟବହୁଳ। ଷ୍ଟାରସିପ୍ ଏସବୁ ଅସୁବିଧା ଅନେକାଂଶରେ ଦୂର କରିପାରିବ। ଉଦାହରଣ ସ୍ୱରୂପ ବୈଜ୍ଞାନିକମାନେ ଏଥିରେ ବୃହଦାକାର ଦୂରବୀକ୍ଷଣ ଯନ୍ତ୍ର, ଅନ୍ୟାନ୍ୟ ପର୍ଯ୍ୟବେକ୍ଷଣକାରୀ ଉପକରଣ ତଥା ଯନ୍ତ୍ରପାତି ମହାକାଶକୁ କିମ୍ବା ଚନ୍ଦ୍ର ବା ମଙ୍ଗଳ ପୃଷ୍ଠକୁ ପ୍ରେରଣ କରିବା ସହଜ ଓ ଶସ୍ତା ହେବ। ସେଠାରେ ତାହା ପରିଭ୍ରମଣ, ପୃଷ୍ଠଭୂମି ଖୋଦନ ଏବଂ ସେଠାରୁ ମୃତ୍ତିକା ବା ଅନ୍ୟ କିଛି ନମୁନା ସଂଗ୍ରହ କରି ଭୂପୃଷ୍ଠକୁ ଆଣିବା ଆଦି କାର୍ଯ୍ୟ ସମ୍ପାଦନ କରିପାରିବେ। ଏବେ ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ତଥା ଭାରତ ସମେତ ପୃଥିବୀର ଅନ୍ୟ କେତେକ ଦେଶ ୨୦୩୦ ମସିହା ବେଳକୁ ଚନ୍ଦ୍ରପୃଷ୍ଠକୁ ଏବଂ ତତ୍ପରେ ମଙ୍ଗଳ ପୃଷ୍ଠକୁ ବ୍ୟୋମଚାରୀ ପ୍ରେରଣ ଲାଗି ଯୋଜନା ପ୍ରସ୍ତୁତ କଲେଣି। ନୂତନ ଷ୍ଟାରସିପ୍ ମଡେଲ ଏଦିଗରେ ପଥପ୍ରଦର୍ଶକ ହେବ ବୋଲି ଆଶା କରାଯାଏ।

ଇତିମଧ୍ୟରେ ସ୍ପେସ୍-ଏକ୍ସ ଆଗାମୀ ଜୁଲାଇର ଶେଷଭାଗକୁ ତା'ର ୫ମ ଷ୍ଟାରସିପ୍ ମଡେଲ ପରୀକ୍ଷା କରିବ ବୋଲି ସୂଚନା ଦେଇ ସାରିଲାଣି। ମୋଟାମୋଟି ଭାବେ ଏହା ୪ର୍ଥଟିର ଅନୁରୂପ ହେବ। ତେବେ ଏଥିରେ ଖଞ୍ଜାହେବ ବିବିଧ ଉନ୍ନତତର ଅତ୍ୟାଧୁନିକ ଉପକରଣ, ଯାହାକି ଏହାକୁ ଅଧିକ ସଫଳ ଓ ନିର୍ଭରଯୋଗ୍ୟ କରିବ।

ପ୍ରଫେସର(ଅବସରପ୍ରାପ୍ତ)
ରସାୟନ ବିଜ୍ଞାନ ବିଭାଗ,
ଓୟୁଏଟି, ଭୁବନେଶ୍ୱର

# ସହରାଞ୍ଚଳରେ ପନିପରିବା ସଙ୍କଟ



ଲକ୍ଷ୍ମୀ ନାରାୟଣ କର
ମୋ: ୯୪୩୭୨୧୮୫୬୦୭

ଆଜିକାଲି ଭୁବନେଶ୍ୱରରେ ପନିପରିବାର ଦାମ ଏତେ ଉଚ୍ଚା ରହିଛି ଯେ ସବୁବର୍ଗର ଖାଉଟି ଅତିଷ୍ଠ ହୋଇପଡ଼ିଛନ୍ତି। ଏଥିପାଇଁ କୃଷି ବିଭାଗ ଓ ଉଦ୍ୟାନ କୃଷି ବିଭାଗର ଅବହେଳା ଦାୟୀ ବୋଲି ଅଭିଯୋଗ ହେଉଛି। ଭୁବନେଶ୍ୱର ଆଖ ପାଖ ଅଞ୍ଚଳ ଯଥା, ପିପିଲି, ନିମାପଡ଼ା, ବାଲିପାଟଣା, ବାଲିଅନ୍ତା, ଜଟଣୀ, ଖୋର୍ଦ୍ଧା ଆଦି ଅଞ୍ଚଳରେ ଯଦି ନିଷ୍ଠାର ସହିତ ପନିପରିବା ଚାଷ କରାଯାଏ, ତେବେ ଭୁବନେଶ୍ୱରରେ କେବେ ବି ପନିପରିବାର ଅଭାବ ରହିବ ନାହିଁ କି ଦରଦାମ ମଧ୍ୟ ଏଭଳି ଆକାଶଛୁଆଁ ହେବ ନାହିଁ। ପ୍ରାୟ ୩୦ ବର୍ଷ ଆଗରୁ ଏହି ସବୁ ଅଞ୍ଚଳରୁ ପ୍ରତିଦିନ ଭୁବନେଶ୍ୱର ବଜାରକୁ ଅନେକ ମାଲ ବୋଝେଇ ଟ୍ରକ ଆସୁଥିଲା। ସେତେବେଳର ବଜାର ଦର ଖାଉଟିମାନଙ୍କୁ ବେଶ ସୁହଉଥିଲା। କାରଣ ଲୋକସଂଖ୍ୟା ବା ଚାହିଦା ତୁଳନାରେ ଉତ୍ପାଦନ ବା ଯୋଗାଣ ପ୍ରଚୁର ଥିଲା। ଏବେ ଭୁବନେଶ୍ୱରରେ ଲୋକସଂଖ୍ୟା ବୃଦ୍ଧି ପାଇଛି ସତ, କିନ୍ତୁ ଯଦି ସେହି ଅନୁଯାୟୀ ପନିପରିବାର ଯଥେଷ୍ଟ ଉତ୍ପାଦନ ନ ହୁଏ ତେବେ ସର୍ବଦା ନିଅଣ୍ଟିଆ ସ୍ଥିତି ଲାଗି ରହିବ। ଯେହେତୁ ବଜାରକୁ କମ୍ ଯୋଗାଣ ହେବ ନିଶ୍ଚିତ ଭାବରେ ପରିବା ଦର ଆକାଶଛୁଆଁ ହେବ।

ଯଦିଓ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରୀ ସ୍ତରରେ ପ୍ରତି ବ୍ଲକମାନଙ୍କ ପାଇଁ ଓ ଚାଷର ଉନ୍ନତି ପାଇଁ ଅନେକ ଯୋଜନା ପ୍ରଣୟନ ହୋଇଛି, ତାହା ବାସ୍ତବକ୍ଷେତ୍ରରେ ସଫଳ ରୂପାୟନ ହୋଇପାରୁନାହିଁ। କୃଷି ବିଭାଗରେ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଅଭିଜ୍ଞ ଅଧିକାରୀ ଓ କୃଷି ବିଶେଷଜ୍ଞ ଅଛନ୍ତି। କିନ୍ତୁ ଚାଷୀମାନଙ୍କୁ ଉତ୍ସାହିତ କରାଇ ପରିବା ଚାଷ ପ୍ରତି ଆକର୍ଷିତ କରାଇବାରେ କେଉଁଠି ନା କେଉଁଠି ଆନ୍ତରିକତା ଓ ଉଦ୍ୟମର ଅଭାବ ରହୁଥିବା ପରି ଲାଗୁଛି। ଆନ୍ଧ୍ର, କର୍ଣ୍ଣାଟକ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଆଦି ରଜ୍ୟରେ ଯେପରି ଉନ୍ନତ ଧରଣର କୃଷି ପଦ୍ଧତି ଦ୍ୱାରା ପରିବା ଚାଷ ହୋଇ ଆମରାଜ୍ୟକୁ ଆମଦାନୀ ହେଉଛି, ଠିକ୍ ସେହିପରି ଆମ ରାଜ୍ୟ କୃଷି ବିଭାଗ ମଧ୍ୟ ବ୍ଲକମାନଙ୍କରେ ଉନ୍ନତ ପନିପରିବା ଚାଷ ପାଇଁ ପର୍ଯ୍ୟାପ୍ତ ଜଳସେଚନ, ଉନ୍ନତ ମାନର ବିହନ, ଚାରା, କୀଟନାଶକର ଯୋଗାଣ ଓ ପରିବା ମଣ୍ଡିରେ ଉଚିତ୍ ମୂଲ୍ୟରେ ବିକ୍ରି ଉପରେ ଅଧିକ ଧ୍ୟାନ ଦିଅନ୍ତା, ତେବେ



ଆମରାଜ୍ୟର ଚାଷୀମାନେ ଆର୍ଥିକ ଦୃଷ୍ଟିରୁ ଅଧିକ ଲାଭବାନ ହେବା ସହିତ ଖାଉଟିମାନେ ଉଚିତ ମୂଲ୍ୟରେ ପନିପରିବା କିଣିପାରନ୍ତେ। ଏଥିପାଇଁ କୃଷି ବିଭାଗର ଅଧିକାରୀମାନେ କୃଷି ବିଜ୍ଞାନୀ, ଗବେଷକମାନଙ୍କ ସହିତ ଅଧିକ ପରାମର୍ଶ କରି ଚାଷୀମାନଙ୍କୁ ବିଭିନ୍ନ ଆଲୋଚନା, ପ୍ରଦର୍ଶନୀକୁ ଆମନ୍ତ୍ରଣ କରି ସେମାନଙ୍କୁ ତାଲିମ୍ ଜରିଆରେ ଉତ୍ସାହିତ କରିବା ଆବଶ୍ୟକ।

ଭୁବନେଶ୍ୱର ତଥା ଆମରାଜ୍ୟର ପ୍ରାୟ ପ୍ରତି ଅଞ୍ଚଳରେ ସଜନା, କଦଳୀ, ଅମୃତଭଣ୍ଡା ଭଳି ପରିବା ବର୍ଷ ସାରା ହୋଇପାରିବ। ଏଥିପାଇଁ ଯଦି ଉନ୍ନତ କିସମର ଚାରା ବା ମଞ୍ଜି ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆ ଯାଇପାରନ୍ତା ତେବେ ଓଡ଼ିଶା ସ୍ୱାବଲମ୍ବୀ ହେବା ସହିତ ଅନ୍ୟରାଜ୍ୟକୁ ମଧ୍ୟ ରପ୍ତାନୀ କରିପାରନ୍ତା। କିନ୍ତୁ ସମୟ ସମୟରେ ଅବସ୍ଥା ଏପରି ହେଉଛି ଯେ ଅମୃତଭଣ୍ଡା କିଲୋ ପ୍ରତି ୫୦ରୁ ୬୦ ଟଙ୍କା, ସଜନା କିଲୋ ୨୦୦ରୁ ୩୦୦ ଟଙ୍କା ଓ କଞ୍ଚା କଦଳୀ ଗୋଟାକୁ ୨୦ରୁ ୨୫ ଟଙ୍କା, ପାଚିଲା କଦଳୀ ପ୍ରାୟ ସବୁ ଆନ୍ଧ୍ର ପ୍ରଦେଶରୁ ଆସି ଆମରାଜ୍ୟରେ ଓଜନ ବା କିଲୋ ପିଛା ୮୦ରୁ ୧୦୦ ଟଙ୍କା ଯାଏଁ ବିକ୍ରି ହେଉଛି।

ଏବେ ସାରା ଦେଶ ଓ ବିଦେଶରେ ସଜନା ଗଛର ପତ୍ରରେ ଥିବା ଔଷଧୀୟ ଗୁଣକୁ ଜାଣିବା ପରେ ଏହାର ଚାହିଦା ଅନେକ ବୃଦ୍ଧି ପାଇଛି। ବାହାର ରାଜ୍ୟରେ ଚାଷୀମାନେ ଏହାକୁ ମୁଖ୍ୟ ଚାଷ ଭାବରେ ଧରି ନେଇ ଏହାର ପତ୍ର ମଧ୍ୟ ବିଦେଶକୁ ରପ୍ତାନି କରୁଛନ୍ତି। ସେହିପରି କଦଳୀ କଞ୍ଚା ଓ ପାଚିଲା ଖାଇବା ପରେ ତା'ର ଚୋପା ଏବଂ କଦଳୀ ଗଛରୁ ଖାଇବା ଥାଳି, ବ୍ୟାଗ୍ ଆଦି ଅନେକ ଜିନିଷ ତିଆରି ହେବାର କୌଶଳ ଉଦ୍‌ଭାବନ ହୋଇସାରିଲାଣି। କଦଳୀଗଛର ବିଭିନ୍ନ ଉପାଦାନରୁ ଜୈବିକ ଖତ ପ୍ରସ୍ତୁତି ମଧ୍ୟ ହୋଇପାରୁଛି। ସେହିପରି ଅମୃତଭଣ୍ଡାର ମଧ୍ୟ ଅନେକ ଔଷଧୀୟ ଗୁଣ ଅଛି। ଏହାଛଡ଼ା ଆମରାଜ୍ୟରେ ଋତୁ ଅନୁସାରେ ଅନେକ ପନିପରିବା ପ୍ରଚୁର ପରିମାଣରେ ଚାଷ କରାଯାଏ। କିନ୍ତୁ ଶୀତଳଭଣ୍ଡାରର ଅଭାବ ହେତୁ ଚାଷୀମାନେ ନିଜ ଉତ୍ପାଦଗୁଡ଼ିକୁ ଯଦି ବାଧ୍ୟ ହୋଇ ଅତିଶସ୍ତାରେ ବିକି ଦେଇ ଅନେକ କ୍ଷତିସହୁଛନ୍ତି। ଏହାର ଫାଇଦା ଦଲାଲ୍‌ମାନେ ନେଉଛନ୍ତି। ତେଣୁ ରାଜ୍ୟର ସବୁ ବ୍ଲକରେ ପର୍ଯ୍ୟାପ୍ତ ପରିମାଣର ଶୀତଳ ଭଣ୍ଡାର ସହିତ ଜଳସେଚନ ପାଇଁ ଛୋଟ ଛୋଟ ଚେକ୍‌ଡ୍ୟାମ କରିବା ନିହାତି ଆବଶ୍ୟକ। ପରିବା ବିକ୍ରୟ ପାଇଁ ପ୍ରତି ଗାଁରେ ମଣ୍ଡି ବ୍ୟବସ୍ଥା କରାଯାଏ ତେବେ ଉଭୟ ଚାଷୀ ଓ ଖାଉଟି ଉପକୃତ ହେବେ। ସରକାରୀ ସ୍ତରରେ କୃଷି ମନ୍ତ୍ରୀ, କୃଷି ସଚିବ, ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନେ ଚାଷୀମାନଙ୍କ ପାଖକୁ ଯାଇ ସେମାନଙ୍କ ସହିତ ପ୍ରତ୍ୟକ୍ଷ ଆଲୋଚନା କରି ସେମାନଙ୍କୁ ପରିବା ଚାଷ ପାଇଁ ଉତ୍ସାହିତ କରିବା ଏବଂ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ବିହିତ ପ୍ରତିକାର ପାଇଁ ଆଶୁ ପଦକ୍ଷେପ ନେବା ଜରୁରୀ। ଏଥିସହିତ ପ୍ରଚଳିତ ଯୋଜନାଗୁଡ଼ିକର ସଠିକ୍ ରୂପାୟନ ହେଉଛି କି ନାହିଁ ତାହାର ତଦାରଖ ମଧ୍ୟ ନିୟମିତ କରାଯିବା ଆବଶ୍ୟକ। ଏହାର ଖିଲାପକାରୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡାଦେଶ ଦିଆଗଲେ ଭବିଷ୍ୟତରେ କୃଷି ଓ କୃଷକର ଉନ୍ନତି ଦିଗରେ ଅନ୍ତରାୟ ସୃଷ୍ଟି କରୁଥିବା ବ୍ୟକ୍ତିବିଶେଷ ଦୁର୍ନୀତି କରିବାକୁ ସାହସ କରିବେ ନାହିଁ। ଏ ସବୁ ପଦକ୍ଷେପ ଆମ ରାଜ୍ୟର ଚାଷ ଓ ଚାଷୀର ଉନ୍ନତି ସହିତ ଆମରାଜ୍ୟ ପାଇଁ ଗୌରବ ଆଣି ଦେବ।

ପୂର୍ବତନ ନିର୍ଦ୍ଦେଶକ,
ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

**ଘୋଷଣା**

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# ୮, ୫୩, ୦୧୩ଟି ବୃକ୍ଷରୋପଣ ଲକ୍ଷ୍ୟଧାର୍ଯ୍ୟ

## ଜିଲ୍ଲା ପରିଷଦ ସମୀକ୍ଷା ବୈଠକ

## 'ଏକ ପେଡ୍ ମା' କେ ନାମ୍'ର ଶୁଭାରମ୍ଭ

**ଭବାନୀପାଟଣା, ୨୭।୬ (ସମିସ)**

ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ଦ୍ୱାରା ପ୍ରଣୟନ ହୋଇଥିବା ବିଭିନ୍ନ ଯୋଜନାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସିଡିଓ ଜିଲ୍ଲା ପରିଷଦ ଦୟାମୟ ପାଢ଼ୀ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦୀଲ୍ଲିପ ମହାରଣା, ଆଇଏଏସ୍ ପ୍ରୋବେସନର କସ୍ତୁରୀ ପଣ୍ଡା ଉପସ୍ଥିତ ଥିଲେ। ପ୍ରଥମେ ଜିଲ୍ଲାପାଳ ମିଶନ ଶକ୍ତି ମାଆମାନଙ୍କ ଦ୍ୱାରା ଜିଲ୍ଲାରେ 'ଏକ ପେଡ଼ ମା' କେ ନାମ' କାର୍ଯ୍ୟକ୍ରମ ପାଇଁ ବିଶେଷ ଆଲୋଚନା କରିଥିଲେ। ଏହି କାର୍ଯକ୍ରମ ଆସନ୍ତା ଜୁଲାଇ ୧ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲାରେ ୧୩ଟି ବ୍ଲକ ଓ ଭବାନୀପାଟଣା ମ୍ୟୁନିସିପାଲଟି ଅଞ୍ଚଳରେ ୨୦୫୪୧ ଟି ସ୍ୱୟଂ ସହାୟକ ଗୋଷ୍ଠୀର ୨, ୧୯, ୨୧୭ ଜଣ ମା' ମାନଙ୍କ ଦ୍ୱାରା ୮, ୫୩, ୦୧୩ ଟି ବୃକ୍ଷରୋପଣର ଲକ୍ଷଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ, ଜଙ୍ଗଲ ବିଭାଗ, ଉଦ୍ୟାନ ବିଭାଗ, ଜଳଛାୟା ପ୍ରକଳ୍ପ ଯୋଡ଼ିହୋଇ ପ୍ରତ୍ୟେକ ମା' ମାନଙ୍କୁ ୫ ଟି ଚାରା ଯୋଗାଇ ଦେବେ। ବ୍ୟାପକ ବୃକ୍ଷରୋପଣ ଓ ପରିବେଶ ସନ୍ତୁଳନ ପାଇଁ ଏହା ଏକ ଅଭିନବ ପଦକ୍ଷେପ ହେବ। ଜିଲ୍ଲା ପରିଷଦର ବିଭିନ୍ନ ଯୋଜନାରେ ଆସିଥିବା ଅର୍ଥ ଅନୁଦାନ ଓ ବ୍ଲକସ୍ତରରେ ବଣ୍ଟନ ହୋଇଥିବା ଅର୍ଥର ଉପଯୋଗ ଉପରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଓ ମରାମତି, ସ୍କୁଲ ଗୃହ ମରାମତି, ଗ୍ରାମ୍ୟ ଆବାସ, ମନରେଗା, ସ୍ୱଚ୍ଛ ଭାରତ ମିଶନ, ଆମ ବ୍ୟାଙ୍କ୍, ଓରମାସ, ଓଏଲ୍ଏମ୍, ଜନଶୁଣାଣି, ଅଙ୍ଗନୱାଡ଼ି କେନ୍ଦ୍ର ଉପରେ ସମୀକ୍ଷା କରିଥିଲେ। ଏହି ବୈଠକରେ ୧୩ ଟି ବ୍ଲକର ବିଡିଓ, ଏଇ ଓ ଅନ୍ୟ କ୍ଷେତ୍ର ଅଧିକାରୀ, ଉଦ୍ୟାନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।





## ମା'ଙ୍କ ପାଇଁ ବୃକ୍ଷଟିଏ

# ଗାୟତ୍ରୀ ଏସ୍‌ଏଚ୍‌ଜି ମହିଳାଙ୍କ ସ୍ୱତନ୍ତ୍ର ବୃକ୍ଷରୋପଣ

**ବଲାଙ୍ଗିର, ୨୭।୬(ସମିସା):** ମା'ଙ୍କ ପାଇଁ ବୃକ୍ଷଟିଏ କାର୍ଯ୍ୟକ୍ରମ ଗାୟତ୍ରୀ ଏସଏଚଜି ମହିଳାଙ୍କ ସ୍ୱତନ୍ତ୍ର ସହ ନିଆଁରା ପଦକ୍ଷେପ ଆରମ୍ଭ କରିଛନ୍ତି। ଦିନକୁଦିନ ବୃଦ୍ଧି ପାଉଥିବା ପ୍ରବଳ ଗ୍ରୀଷ୍ମପ୍ରବାହ ଦାଉରୁ ଆଶ୍ୱସ୍ତି ଦେବ ବୃକ୍ଷ। ଆଗକୁ ବୃକ୍ଷ ହିଁ ବଞ୍ଚାଇବ ଜୀବନ ଏବଂ ବୃକ୍ଷ ହିଁ ଜୀବନ। ଏଭଳି ବାର୍ତ୍ତା ସହ ସଚେତନତାର ବାର୍ତ୍ତା ନେଇ ଗାୟତ୍ରୀ ଏସଏଚଜି ମହିଳାଙ୍କ ସହ ବିଭିନ୍ନ ପଦପଦବୀରେ ଥିବା ବ୍ଲକସ୍ତରୀୟ କାର୍ଯ୍ୟରତ କର୍ମକର୍ତ୍ତାଙ୍କ ଗହଣରେ ଶୁଭାରମ୍ଭ ହୋଇଯାଇଛି ବୃକ୍ଷ ରୋପଣ। ଗୁରୁବାର ବଲାଙ୍ଗୀର ସଦର ବ୍ଲକର କାର୍ଯ୍ୟରତ ସଦସ୍ୟଙ୍କ ତତ୍ୱାବଧାନ ଓ ୪ ନମ୍ବର ୱାର୍ଡ ଠିକାଦାର ପଡ଼ା ଗାୟତ୍ରୀ ଏସଏଚଜି ମହିଳା ଗ୍ରୁପଙ୍କ ନେତୃତ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ଗାୟତ୍ରୀ ଏସଏଚଜି ଗ୍ରୁପ ଠିକାଦାର ପଡ଼ାର ମହିଳାମାନେ ପାଖାପାଖି ହଜାରେ ବୃକ୍ଷ ରୋପଣ କରିବାର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିଭିନ୍ନ କିସମର ବୃକ୍ଷ ଲଗାଇବା ନେଇ ଏବେ ସମସ୍ତଙ୍କୁ ସଚେତନତା ପାଇଁ ନିବେଦନ କରିଛନ୍ତି। ତେବେ ଆଜି ବୃକ୍ଷ ରୋପଣର ଶୁଭାରମ୍ଭ। ସମସ୍ତ ବୃକ୍ଷକୁ ଗାୟତ୍ରୀ ଏସଏଚଜି ମହିଳା ଗ୍ରୁପ ପୂଜାର୍ଚ୍ଚନା ସହ ବୃକ୍ଷ ମୂଳେ ଦୀପ ଜାଳି ହଳଦୀ ସିନ୍ଦୁର ସହ ବୃକ୍ଷକୁ ବଟୁ ବାନ୍ଧି ବୃକ୍ଷରୋପଣ କରିଛନ୍ତି। ବୃକ୍ଷ ଆମ ସମସ୍ତଙ୍କ ପାଇଁ ଭଗବାନ ତୁଲ୍ୟ ତେଣୁ ଏହାର ରକ୍ଷଣାବେକ୍ଷଣ ସହ ଆମେ ବୃକ୍ଷକୁ ପୂଜାର୍ଚ୍ଚନା କରି ରୋପଣ କରୁଥିବା ଦର୍ଶାଇ ମା'ଙ୍କ ନାମରେ ଗୋଟେ ବୃକ୍ଷ ଭଳି ବାର୍ତ୍ତା ରଖିଛନ୍ତି। ସେପଟେ ସଦର ବ୍ଲକ ଓ ପୌର ପରିଷଦ ଦାୟିତ୍ୱ ବହନ କରୁଥିବା କାର୍ଯ୍ୟରତ ଉଭୟେ କାର୍ଯ୍ୟାଳୟର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନେଇଥିବା ମିଶନ ଶକ୍ତିର ସଦସ୍ୟ ନିଜ ମତ ବ୍ୟକ୍ତ ରଖି ସଚେତନ ସଜାଗ ସହ ବୃକ୍ଷରୋପଣ କରିବା ନେଇ ନିବେଦନ କରିଛନ୍ତି ଚିନ୍ମୟ ତ୍ରିପାଠୀ। ଅନ୍ୟପଟେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରତ୍ୟେକ ମିଶନ ଶକ୍ତି ଓ ଏସଏଚଜି ମହିଳାଙ୍କୁ ବୃକ୍ଷ ଲଗାଇବା ପାଇଁ ଆହ୍ୱାନ ଦେଇଥିବାରୁ ଆଜି ମିଶନ ଶକ୍ତି କାର୍ଯ୍ୟରତ ସୁମନ ଦିବେଦୀ ନିଜ ମତ ବ୍ୟକ୍ତ କରିଛନ୍ତି। ତେବେ ଗାୟତ୍ରୀ ଏସଏଚଜି ଗ୍ରୁପ ମହିଳାଙ୍କ ବୃକ୍ଷକୁ ପୂଜାର୍ଚ୍ଚନା ଓ ପରେ ଘରେ ବାହାରେ ନୂତନ ବୃକ୍ଷରୋପଣର ସୁ ସନ୍ଦେଶ ସହ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ନେଇ ସବୁଠି ପ୍ରଶଂଶାର ସୁଅ ଛୁଟୁଛି।

# ଆଦର୍ଶ ବିଦ୍ୟାଳୟର ପାଣି ସମସ୍ୟା ସମାଧାନ ପାଇଁ ଦାବି

## ପାଣି ନ ଥିବାରୁ ହଷ୍ଟେଲରେ ନାହାନ୍ତି ଛାତ୍ରୀ

**ତୁରେକେଲା, ୨୭।୬(ସମିସ):** ତୁରକେଲା ବ୍ଲକ ଆଦର୍ଶ ବିଦ୍ୟାଳୟରେ ପାଣି ସମସ୍ୟା ଦେଖା ଦେଇଛି। ସରକାରୀସ୍ତରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଶିକ୍ଷାଦାନ କରାଇବା ସହ ତାଙ୍କ ସମସ୍ତ ଖର୍ଚ୍ଚ ବହନ କରିବା ସହ ଆଦର୍ଶ ବିଦ୍ୟାଳୟ ନିର୍ମାଣ କରିଛନ୍ତି। ଏହି ବିଦ୍ୟାଳୟରେ ଷଷ୍ଠରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରାଯାଉଛି। ଏହି ବିଦ୍ୟାଳୟ ଝରଣୀ ଗାଁରେ ସ୍ଥାପନ ହୋଇଥିବା ବେଳେ ଅନେକ ସମୟରେ ପାଣି ସମସ୍ୟା ଦେଖା ଦେଇଛି। ଯାହାଫଳରେ ଛାତ୍ରଛାତ୍ରୀ ମାନେ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବିଦ୍ୟାଳୟରେ ୧୦୦ଶହ ବିଶିଷ୍ଟ ଏକ ଛାତ୍ରୀ ହଷ୍ଟେଲ ଥିବାବେଳେ ପାଣି ସମସ୍ୟା ଥିବା ଯୋଗୁଁ ଅନେକ ଛାତ୍ରୀ ହଷ୍ଟେଲ ଛାଡି ଘରୁ ଯାତାୟାତ କରୁଛନ୍ତି। ଯେଉଁ ଛାତ୍ରୀମାନେ ହଷ୍ଟେଲରେ ବସବାସ କରୁଛନ୍ତି ସେମାନେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଅନେକ ଥର ବିଦ୍ୟାଳୟ କର୍ତ୍ତୃପକ୍ଷ ଜିଲ୍ଲା ପ୍ରଶାସନକୁ ଅବଗତ କରାଇବା ପରେ ଜଳ ଯୋଗାଣ ପ୍ରକଳ୍ପ କାମ ଆରମ୍ଭ ହେଲେ ସେହି କାମଟି ଅତି ମନ୍ଥର ଗତିରେ ଚାଲିଛି। ଯାହାଫଳରେ କାମ ଶେଷ ହୋଇ ପାରିନାହିଁ ବୋଲି ଜିଲ୍ଲା ପ୍ରଶାସନ ଏହା ଉପରେ ନଜର ଦେଇ ଶ୍ରୀଘ୍ର ପଦକ୍ଷେପ ନେବାକୁ ଅଭିଭାବକ ମହଲରେ ଦାବି ହେଉଛି।




# ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ଘଟଣାରେ ଦାବିପତ୍ର ପ୍ରଦାନ

**ଖପ୍ରାଖୋଲ, ୨୭।୬ (ସମିସ):** ଭୁବନେଶ୍ୱରରେ ଜଣେ ମହିଳା ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରିଥିବା ପ୍ରତିବାଦରେ ଓୟୁଜେ ବଲାଙ୍ଗିର ଶାଖା ତରଫରୁ ଏକ ଦାବିପତ୍ର ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତରଙ୍କୁ ଗୁରୁବାର ପ୍ରଦାନ କରାଯାଇଛି। ଜିଲ୍ଲା ସାଧାରଣ ସମ୍ପାଦକ ଅଭୟ ତ୍ରିପାଠୀ, ସମ୍ପାଦକ ତାପସ ବେହେରା, ବରିଷ୍ଠ ସଦସ୍ୟ ସଦାଶିବ ସରାଫଙ୍କ ନେତୃତ୍ୱରେ ଗଣମାଧ୍ୟମ ପ୍ରତିନିଧିମାନେ ଖପ୍ରାଖୋଲ ଥାନାରେ ପହଞ୍ଚି ଘଟଣାକୁ ନିନ୍ଦା କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ଅବସରରେ ନରେନ୍ଦ୍ର ଭୋଇ, ଉମାକାନ୍ତ ପ୍ରଧାନ, ଜ୍ୟୋତିରଞ୍ଜନ ପଣ୍ଡା, ସରୋଜ ମିଶ୍ର, ବିହାରୀ ପ୍ରଧାନ, ଭୋଜ ରାଜ ବରିହା, ମନୋଜ ଦାସ, ରୁପେନ୍ଦ୍ର ମୁଣ୍ଡା, ଉପେନ୍ଦ୍ର ଭୋଇ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧି ଓ ସାମାଜିକ ସଂଗଠନ ପ୍ରତିନିଧି ଉପସ୍ଥିତ ଥିଲେ।



# ନବନିର୍ବାଚିତ ବିଧାୟକଙ୍କୁ ଜିଲ୍ଲା ସାମ୍ବାଦିକ ସଂଘ ତରଫରୁ ସମ୍ବର୍ଦ୍ଧନା

**ବଲାଙ୍ଗିର, ୨୭।୬(ସମିସ):** ସଦ୍ୟ ସମାପ୍ତ ନିର୍ବାଚନରେ ନିର୍ବାଚିତ ହୋଇଥିବା ବଲାଙ୍ଗିର ଜିଲ୍ଲାର ବିଧାୟକ ଓ ସାଂସଦମାନଙ୍କୁ ଜିଲ୍ଲା ସାମ୍ବାଦିକ ସଂଘ ତରଫରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସାମ୍ବାଦିକ ଭବନରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଓ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ତଥା ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ଉପସ୍ଥିତ ଥିଲେ। ତାଙ୍କ ସହିତ ସଂଘର ବରିଷ୍ଠ ସଦସ୍ୟ ସତ୍ୟସୁନ୍ଦର ଭଞ୍ଜ, ଜିଲ୍ଲା ସଭାପତି ଶିବପ୍ରସାଦ ପରିଡ଼ା, ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀ ମଞ୍ଚାସିନ ଥିଲେ। ଜିଲ୍ଲା ସାମ୍ବାଦିକ ସଂଘର ଶିବପ୍ରସାଦ ପରିଡ଼ା ସ୍ୱାଗତ ଭାଷଣ ଦେବା ସହ ସମସ୍ତ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ଜିଲ୍ଲା ସାମ୍ବାଦିକ ସଂଘ ସଦାବେଳେ ସମାଜର ମଙ୍ଗଳ ପାଇଁ କାମ କରିଛି। ତେଣୁକରି ଆଜି ରାଜନୀତିରୁ ଉର୍ଦ୍ଧ୍ୱରୁ ରହି ସମସ୍ତ ବିଧାୟକଙ୍କୁ ଗୋଟିଏ ମଞ୍ଚରେ ପାଇଛୁ ବୋଲି କହିଥିଲେ। ବରିଷ୍ଠ ସଦସ୍ୟ ହିମାଂଶୁ ଶେଖର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଜିଲ୍ଲା ସାମ୍ବାଦିକ ସଂଘର ତରଫରୁ ନବ ନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ନିଜର ପ୍ରତିକ୍ରିୟା ରଖି ସାମ୍ବାଦିକ ସଂଘକୁ କୃତଜ୍ଞତା ଜଣାଇଥିଲେ। ରାଜନୈତିକ ଦଳ ଅନୁସାରେ ଆମେ ଅଲଗା ହୋଇଥିଲେ ହେଁ ଆମକୁ ଗୋଟିଏ ମଞ୍ଚରେ ବସାଇ ଆଜି ଜିଲ୍ଲା ସାମ୍ବାଦିକ ସଂଘ ଆମକୁ ଦିଗ ଦର୍ଶନ ଦେଇଛି ବୋଲି ପ୍ରକାଶ କରିଥିଲେ। ଟିଟିଲାଗଡ଼ ବିଧାୟକ ନବୀନ ଜୈନ ନିଜର ବକ୍ତବ୍ୟ ରଖି ସମାଜରେ ପରିବର୍ତ୍ତନ ପାଇଁ ସାମ୍ବାଦିକଙ୍କ ପ୍ରମୁଖ ଭୂମିକା ରହିଛି ବୋଲି କହିବା ସହିତ ନିଜ କଲମ ଚାଳନା ବଳରେ ଆଗାମୀ ଦିନରେ ଆମ ନବ ନିର୍ବାଚିତ ପ୍ରତିନିଧିମାନଙ୍କୁ ଦିଗଦର୍ଶନ ଦେବେ ବୋଲି ନିବେଦନ କରିଥିଲେ। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ନିଜର ବକ୍ତବ୍ୟ ରଖି ବଲାଙ୍ଗିର ଜିଲ୍ଲାକୁ ନମ୍ବର ୱାନ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ଡ. ମୁକେଶ ମହାଲିଙ୍ଗ ଜିଲ୍ଲା ସାମ୍ବାଦିକ ସଂଘକୁ କୃତଜ୍ଞତା ଜଣାଇଥିଲେ। ବଲାଙ୍ଗିର ଜିଲ୍ଲାକୁ ମୋହନ ଚରଣ ମାଝୀଙ୍କ ସରକାରରେ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି। ଏହି ଜିଲ୍ଲାରୁ ଦୁଇଜଣ ବିଧାୟକ ମନ୍ତ୍ରୀ ଭାବରେ ଦାୟିତ୍ୱ ପାଇଛନ୍ତି। ଏହି ଅଞ୍ଚଳର ବିକାଶ ପ୍ରତି ମୋର କର୍ତ୍ତବ୍ୟକୁ ସୂଚାରୁ ରୂପେ ସମ୍ପାଦନ କରିବି ବୋଲି କହିଥିଲେ। ସଭାକୁ ବରିଷ୍ଠ ସାମ୍ବାଦିକ ସତ୍ୟସୁନ୍ଦର ଭଞ୍ଜ ପରିଚାଳନା କରିଥିବା ବେଳେ ଶେଷରେ ଜିଲ୍ଲା ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ଶିଶିରକାନ୍ତ ଶତପଥୀ ଧନ୍ୟବାଦ୍ ଦେଇ ସଭା ସାଙ୍ଗ କରିଥିଲେ।




# ଜୁଲାଇ ୧୦ରେ ମହୁରୀ ଉତ୍ସବ

**ପଦ୍ମପୁର, ୨୭।୬ (ସମିସ):** ଲୁପ୍ତପ୍ରାୟ ପାରମ୍ପରିକ ଆଦି ବାଦ୍ୟକୁ ପୁନଃଜୀବିତ କରିବା ପାଇଁ ଆସନ୍ତା ଜୁଲାଇ ୧୦ରେ ପଦ୍ମପୁର ରାଜାଜୀ ଟାଉନ ହଲ ଠାରେ ବୋଡ଼ାସମ୍ବର ମହୁରୀ ଉତ୍ସବର ଆୟୋଜନା କରାଯାଉଛି। ପଞ୍ଚବାଦ୍ୟ ଢ଼ୋଲ, ନିଶାନ, ତାସା, ମହୁରୀ, ଟିମକିଡ଼ିରେ ମହୁରୀର ପ୍ରମୁଖ ସ୍ଥାନ ରହିଛି। ଆଦି ବାଦ୍ୟ ଗଣାବଜା ସର୍ବତ୍ର ବୀର ବାଦ୍ୟ ଭାବରେ ସମ୍ମାନ ପାଇ ଆସୁଛି। ଜାତୀୟ ସ୍ତରରେ ତାର ଖ୍ୟାତି ରହିଛି। ପୁରାତନ ପାରମ୍ପାରିକ ଆଦି ବାଦ୍ୟ ସମୂହକୁ ବଞ୍ଚାଇବାକୁ ମହୁରୀ ଉତ୍ସବର ପରିକଳ୍ପନା ବୋଲି ଆଦି ବାଦ୍ୟ ଗବେଷକ ରମେଶ ଗୁର୍ଲା ସୂଚନା ପ୍ରଦାନ କରିଛନ୍ତି।

# ଚୋରି ଅଭିଯୋଗରେ ଜଣେ ଗିରଫ

**ଭେଡେନ, ୨୭।୬(ସମିସ):** ଭେଡେନ ଥାନା ଅଧିନ ଦେକୁଲବା ଗ୍ରାମର ଦେବରାଜ ବାଗଙ୍କ ଅନୁପସ୍ଥିତିର ସୁଯୋଗ ନେଇ ତାଂକ ଘରୁ ଗତ ୧୬ ତାରିଖ ରାତିରେ ଟ୍ରାକ୍ଟର ବ୍ୟାଟେରୀ, କୀଟନାଶକ ସ୍ପ୍ରେ ମେସିନ ସହ ଆହୁରି ଅନେକ ଜିନିଷ ଚୋରି ହୋଇଯାଇଥିଲା। ଏ ନେଇ ଦେବରାଜ ୧୭ ତାରିଖରେ ଭେଡେନ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ କରି ଆଜି ଭେଡେନ ଥାନା ଅଧିନ ପପଙ୍ଗା ଗ୍ରାମର ସୁଜିତ ସୂରଜାଲ(୩୯)କୁ ଗିରଫ କରି କେସ ନଂ ୧୨୩ ରେ ଦଫା ୪୫୭/୩୮୦ରେ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ପ୍ରେମଜିତ ଦାସ ସୂଚନା ଦେଇଛନ୍ତି।

# ନିଜ ଯୌନାଙ୍ଗ କାଟିଦେଲେ ଯୁବକ

**ବଲାଙ୍ଗିର, ୨୭।୬(ସମିସ):** ବଲାଙ୍ଗିର ଜିଲ୍ଲା ସଦର ଥାନା ଅନ୍ତର୍ଗତ ଚୂଡ଼ାପାଲିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ମାନସିକ ଭାରସାମ୍ୟ ହରାଇ ନିଜର ଯୌନାଙ୍ଗକୁ କାଟି ଗୁରୁତର ହୋଇଛନ୍ତି। ଯୁବକର ନାଁ ପୁରୁଷୋତ୍ତମ କୁମୁରା ବୋଲି ଜଣାପଡ଼ିଛି। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ପ୍ରଥମେ ଚୂଡ଼ାପାଲି ହସ୍ପିଟାଲ ଓ ପରେ ବଲାଙ୍ଗିର ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଯୁବକର ଗୋଡ଼ରେ ଶିକୁଳି ବନ୍ଧାଯାଇଥିବା ଦେଖିବାକୁ ମିଳିଛି।



# ସଂକୁଳ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ

**ପଦ୍ମପୁର, ୨୭।୬ (ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କୁସୁନାପାଲି ଠାରେ ସଂକୁଳ ସ୍ତରୀୟ ତ୍ରିଦିବସୀୟ ଆଚାର୍ଯ୍ୟ କାର୍ଯ୍ୟଶାଳା ଆଜି ସନ୍ଧ୍ୟା ସମୟରେ ଉଦଘାଟିତ ହୋଇଯାଇଛି। ଶିକ୍ଷା ବିକାଶ ସମିତିର ବିଦ୍ୱତ ପରିଷଦ ସଭାପତି ଡ. ବାଞ୍ଛାନିଧି ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଭାରତ ବର୍ଷରେ ସ୍ୱଜାଗରଣ ତଥା ବ୍ୟଷ୍ଟି, ସମଷ୍ଟି, ସୃଷ୍ଟି ଓ ପରମେଷ୍ଟି ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ପ୍ରାରମ୍ଭରେ ସାନ୍ଧ୍ୟ ବନ୍ଦନା ପରେ ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଏଥିରେ ବାଦ୍ୟ ଯନ୍ତ୍ରରେ ଅନ୍ତର୍ଯ୍ୟାମୀ ମେହେର ଓ ରମେଶ ଗୁର୍ଲା ସହଯୋଗ କରିଥିଲେ। ସମ୍ମାନିତ ଅତିଥି ଭାବରେ ସହ ଜିଲ୍ଲା ପ୍ରମୁଖ ମନୋଜ କୁମାର ପଣ୍ଡା, ସଂକୁଳ ପ୍ରମୁଖ ଦ୍ୱାଦଶ ପଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟଶାଳାର ଉଦ୍ଦେଶ୍ୟ କଥନ କରିଥିଲେ। ସଂକୁଳ ସଂଯୋଜକ ଚୈତନ୍ୟ ଭୋଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ପୃଥିରାଜ ସାହୁ, ଉପସଭାପତି ଗୋପାଳ କୃଷ୍ଣ ମଶ୍ର ପ୍ରମୁଖ ମଞ୍ଚାସୀନ ଥିବାବେଳେ ମାତୃଭାରତୀର ସଦସ୍ୟା ମାନେ ମଧ୍ୟ ଉପସ୍ଥିତ ଥିଲେ। ସମ୍ପାଦକ ଜନକଲାଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟଶାଳା ଟିରେ ସଂକୁଳ ଅନ୍ତର୍ଗତ ୯ ଟି ଶିଶୁ ମନ୍ଦିର ରୁ ୧୩୨ ଜଣ ଗୁରୁଜୀ ଗୁରୁମା ଅଂଶ ଗ୍ରହଣ କରିଛନ୍ତି। ଉକ୍ତ କାର୍ଯ୍ୟଶାଳା ଟି ୩୦ ତାରିଖରେ ରେ ଉଦଯାପିତ ହେବ। କୋଷାଧ୍ୟକ୍ଷ ଘନଶ୍ୟାମ ପୁଞ୍ଜି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମାଜସେବୀ ନିରୋଜ ଦୋରା, ସଂକୁଳ ପ୍ରମୁଖ ଶ୍ରୀ ପଧାନ, ସଂକୁଳ ସଂଯୋଜକ ଶ୍ରୀ ଚୈତନ୍ୟ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ।

# 'ଖୋଲିଗଲା ଶ୍ରୀମନ୍ଦିର ଚାରିଦୁଆର'ର ଶୁଭ ଉନ୍ମୋଚନ



**ବରଗଡ଼, ୨୭।୬ (ସମିସ):** ବରଗଡ଼ର ଏକ ହୋଟେଲରେ ସୂର୍ଯ୍ୟନାରାୟଣ ପ୍ରଡକ୍ସନ ନିବେଦିତ ଭଜନ 'ଖୋଲିଗଲା ଚାରିଦୁଆର'ର ଶୁଭ ଉନ୍ମୋଚନ ସମାରୋହ ସୂର୍ଯ୍ୟ ନାରାୟଣ ମାହାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ତଥା ସାମ୍ବାଦିକ ଏବଂ କଳାକାର ଆଶୁତୋଷ ରଥ, ଶିକ୍ଷାବିତ ଅଶୋକ ପଶାୟତ, ଲେଖକ ଯୁଧିଷ୍ଠିର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ମୁଗ୍ଧା ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ କଳାକାର ଚୈତନ୍ୟ ପାଇକ, ସୁରଥ କୁଅଁର, ମୁଗ୍ଧା ଦାଶ, ଶୈଳେଶ ସାମନ୍ତ, ପବିତ୍ର ପୁରୋହିତ, ରଶ୍ମିରେଖା ଦାଶ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଣେଶ ମହାକୁଡ଼ ଏବଂ କେଶବ ଭୋଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଚର୍ଚ୍ଚାରେ ରେଳବାଇ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା

## ■ ବିଧାୟକ ଓ ରେଳବାଇ ଅଧିକାରୀ କଥା କଟାକଟି

## ■ ଗରିବ ପରିବାରକୁ ଥଇଥାନ କିଏ କରିବ, କେନ୍ଦ୍ର ନା ରାଜ୍ୟ ସରକାର

**କଣ୍ଟାବାଞ୍ଜି, ୨୭।୬(ସମିସ)**

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ଏନଏସି ଛକ ପାଖରେ ଜବରଦଖଲରେ ଥିବା ୪୪ ପରିବାର ଜମି ଓ ଘର ଉଚ୍ଛେଦ ରେଲୱେ ବିଭାଗ ତରଫରୁ ଚାଲିଥିଲା। ଖବର ପାଇ ବିଧାୟକ ଲକ୍ଷ୍ମଣ ବାଗ ଆସି ଏହି କାମକୁ ବନ୍ଦ କରିବାକୁ କହିଥିଲେ। ବୁଧବାର ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଧାୟକଙ୍କୁ ସ୍ଥାନୀୟ ଲୋକେ ଅନୁରୋଧ କରି ୩ ଦିନ ସମୟ ମାଗିଥିଲେ। କିନ୍ତୁ ଗୁରୁବାର ଦିନକ ପରେ ରେଳ ବିଭାଗ ପକ୍ଷରୁ ରେଲୱେ ବିଭାଗ ଅଧିକାରୀମାନେ ମାଜିଷ୍ଟ୍ରେଟଙ୍କ ଦାୟିତ୍ୱରେ କଣ୍ଟାବାଞ୍ଜି ତହସିଲଙ୍କ ଉପସ୍ଥିତରେ ଆଇନଶୃଙ୍ଖଳାକୁ ନଜରରେ ରଖି ପୁଲିସ ଫୋର୍ସ ମୁତୟନ କରି ଜେସିବି ମେସିନରେ ଉଚ୍ଛେଦ କଥାଯାଉଥିଲା। ଖବର ପାଇ ଶେଠାରେ ପହଞ୍ଚି ଭାଙ୍ଗିବାର କାର୍ଯ୍ୟକୁ ବିଧାୟକ ବିରୋଧ କରିବା ସହ ଜବର ଦଖଲ ଉଚ୍ଛେଦ ସ୍ଥାନରେ ଉପସ୍ଥିତ ଥିବା ରେଲୱେ ବିଭାଗର ଅଧିକାରୀଙ୍କ ଉପରେ ବର୍ଷିଥିଲେ ବିଧାୟକ ଲକ୍ଷ୍ମଣ ବାଗ। ଆମେ ଆପଣଙ୍କୁ ସମୟ ମାଗିଥିଲୁ ଆପଣ କଣ କଲେ ଏବେ ଜବାବ ଦିଅନ୍ତୁ। ଯଦି ଆପଣଙ୍କୁ ଭାଙ୍ଗିବା ପାଇଁ ଜିଲ୍ଲାପାଳ ଅନୁମତି ଦେଇଛନ୍ତି ଦେବେ ତାଙ୍କୁ ଏବେ ଡାକନ୍ତୁ ବୋଲି ସେ କହିଥିଲେ। ଗରିବ ପରିବାର ଥଇଥାନ ନ ହେବା ପୂର୍ବ ଆପଣଙ୍କ ଏମିତି ଘର ଭାଙ୍ଗିବେ। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ରହିଛି ଏବଂ କଣ୍ଟାବାଞ୍ଜି ବିଧାୟକ ମଧ୍ୟ ବିଜେପି ଦଳରେ ରେଳ ବିଭାଗ କେନ୍ଦ୍ର ସରକାରଙ୍କ ଅଧୀନରେ ଆସୁଥିବା ବେଳେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କାମ କରୁଛି। ତେବେ ସେହି ସରକାର ଅଧୀନରେ ଆସୁଥିବା ରେଳବାଇ ବିଭାଗ ସରକାରଙ୍କୁ କେମିତି ବଦନାମ କରିବ। ଯଦି ବିଧାୟକ ସଂସାଦ ଆଲୋଚନା କରିବେ ତେବେ ନିହାତି ଭାବେ ସମାଧାନ ରାସ୍ତା ବାହାରିବ କେନ୍ଦ୍ର ଓ ରାଜ୍ୟ ଉଭୟ ବିଜେପି ସରକାରର ଥିବା ବେଳେ ଶାସନ ଦଳ ବିଧାୟକ ରାସ୍ତା ଉପରେ ଆସି ଅଫିସଙ୍କ ସହ ଯୁକ୍ତିତର୍କ ଘଟଣା ସମସ୍ତଙ୍କୁ ଚକିତ କରିଛି। ସୂଚନା ଅନୁସାରେ ଏହି ପରିବାରମାନେ ବର୍ଷ ଧରି ରେଳବାଇ ଜମିରେ ବସବାସ କରୁଛନ୍ତି। ଅନେକ ସମୟରେ ଏହି ଜମି ଉଚ୍ଛେଦ କରିବାକୁ ରେଲ ବିଭାଗ ପକ୍ଷରୁ ବାରମ୍ବାର ଚିଠି ହେଉଛି। ହେଲେ ଏମାନେ ରାଜ୍ୟ ସରକାର ଭୂମିହୀନ ଯୋଜନାରେ ମଧ୍ୟ ସାମିଲ ହୋଇନାହାନ୍ତି। ତେବେ ଏହି ଘର ଭାଙ୍ଗିଲେ ଏହି ବର୍ଷା ସମୟରେ କୁଆଡ଼େ ଯିବେ ଯଦି ରାଜ୍ୟ ସରକାର ଏମାନଙ୍କ ଥଇଥାନ କରନ୍ତେ ତେବେ ଏହି ପରିବାରମାନେ ଠିକ ଭାବେ ବସବାସ କରନ୍ତେ ବୋଲି କହିଛନ୍ତି। ଅନ୍ୟପକ୍ଷ କଣ୍ଟାବାଞ୍ଜି ସହରର ରେଳକ୍ଷେତ୍ର ବିକାଶ ପାଇଁ ଅଣ୍ଟା ଭିଡ଼ିଛନ୍ତି ବଲାଙ୍ଗିର ସାଂସଦ ସଙ୍ଗୀତା ସିଂ ଦେଓ। ସେ ଏଠାରେ ରେଳ ବିଭାଗ ପକ୍ଷରୁ ଏକ ବଡ଼ କାରଖାନା ସ୍ଥାପନ କରିବାକୁ ଅନୁଦାନ ମଞ୍ଜୁର କରାଇଥିବା ବେଳେ ରେଳକ୍ଷେତ୍ର କଣ୍ଟାବାଞ୍ଜିର ବିକାଶ କେମିତି ହେବ ବୋଲି ପ୍ରୟାସ କରୁଛନ୍ତି। ଯଦି ରେଳବାଇ ଜମି ଜବରଦଖଲ ହୁଏ ତେବେ ଏହି ଜମି ଦେଇ ସହର ଭିତରୁ ଏନଏସି ଅଫିସ ଦେଇ ସିଧା ରେଳବାଇ ଷ୍ଟେସନ ଯିବା ପାଇଁ ନିର୍ମାଣ କରାଯିବ। ବିଧାୟକ ଯେଉଁ ଗରିବ ପରିବାରଙ୍କ ଥଇଥାନ କଥା ଉଠାଛନ୍ତି ସେ ମଧ ଜାଣିବା ଦରକାର କି ଯେ ରାଜ୍ୟ ସରକାର ଭୂମିହୀନ ପରିବାରମାନଙ୍କୁ ଥଇଥାନ କରି ସରକାରୀ ଜମି ଯୋଗାଇ ଦିଅନ୍ତି। ବିଧାୟକ ଲକ୍ଷ୍ମଣ ବାଗ ମଧ ଶାସକ ଦଳର ଜଣେ ପ୍ରତିନିଧି ସେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଏହି ଗରିବ ପରିବାରଙ୍କୁ ଥଇଥାନ କରିବା ତାଙ୍କ କ୍ଷମତାରେ ଅଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ପରେ ବିଧାୟକ ସେହି ସ୍ଥାନରେ ନିଜ ସମର୍ଥକଙ୍କୁ ଧରି ଧାରଣା ଦେଇଥିବା ବେଳେ ପରେ ଉଚ୍ଛେଦ ପକ୍ରିୟାକୁ ରେଳ ବିଭାଗ ପକ୍ଷରୁ ସ୍ଥଗିତ ରଖାଯାଇଛି।

**ମନ୍ଦିର ପାଚେରି ପୁନଃନିର୍ମାଣ କେବେ?**

# ତୁରନ୍ତ ନିର୍ମାଣ ପାଇଁ ଠିକାଦାରଙ୍କୁ ଯନ୍ତ୍ରୀଙ୍କ ତାଗିଦ୍

**ହରଭଙ୍ଗା, ୨୭।୬ (ସମିସ):** ହରଭଙ୍ଗା ବ୍ଲକ ତିଲେଶ୍ୱର ଏକ ପ୍ରମୁଖ ବ୍ୟବସାୟିକ ସ୍ଥାନ। ତିଲେଶ୍ୱରକୁ ପ୍ରତ୍ୟକ ଦିନ ଶହ ଶହ ଲୋକେ ବ୍ୟବସାୟ, ବ୍ୟାଙ୍କ ଓ ଶିକ୍ଷା ଆଦି କାର୍ଯ୍ୟ ପାଇଁ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏକ ବସଷ୍ଟାଣ୍ଡ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଆସିଥିଲା। ତେବେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଗ୍ରାମବାସୀ କିମ୍ବା ବଣିକ ସଂଘ ତଥା ଜନସାଧାରଣଙ୍କ ମତାମତ ନ ନେଇ ଜୈନିକ ଠିକାଦାର ଓ ସରପଞ୍ଚଙ୍କ ସ୍ୱାମୀ ମନମୁଖୀ ଭାବେ ବଜାର ମଧ୍ୟରେ ଥିବା ସଦ୍ୟ ବାଉତି ମନ୍ଦିର ପାଚେରିକୁ ଭାଙ୍ଗି ଦେଇଥିଲେ। ଏହାପରେ ଗ୍ରାମବାସୀ ସରପଞ୍ଚଙ୍କ ସ୍ୱାମୀ ଓ ଉକ୍ତ ଠିକାଦାରଙ୍କୁ ଘେରିଥିଲେ। ଶେଷରେ ପାଚେରି ପୁନଃନିର୍ମାଣ କରିବା ପାଇଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲା ବେଳେ ଏଯାବତ ୩ ମାସରୁ ଅଧିକ ବିତି ଯାଇଥିଲେ ସୁଦ୍ଧା ମନ୍ଦିର ପାଚେରି ନିର୍ମାଣ ନକରି ଛୁ' ମାରିଛନ୍ତି ପ୍ରତିଶ୍ରୁତିଦାତା। ତେବେ, ମନ୍ଦିର ବିପରୀତ ଦିଗରେ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ସ୍ଥାନୀୟ ଲୋକେ ସ୍ୱାଗତ କରିଛନ୍ତି। ହେଲେ ନିମ୍ନମାନର କାର୍ଯ୍ୟକୁ ନେଇ କିଛି ଲୋକ ପ୍ରଶ୍ନ ଉଠାଇଛନ୍ତି।

ନିୟମ ଅନୁଯାୟୀ, ପ୍ରସ୍ଥ ୧୫ ଇଞ୍ଚ ସ୍ଥାନରେ ଲୋକଙ୍କ ଆଖିରେ ଧୂଳିଦେଇ ୧୦ ଇଞ୍ଚ କରି ପ୍ରକଳ୍ପ ଟଙ୍କାକୁ ଆତ୍ମସାତ କରିବାକୁ ଉଦ୍ୟମ ଚଳାଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଏବେ ହରଡ଼ଘଣାରେ ଯନ୍ତ୍ରୀ ଓ ଛାୟା ଠିକାଦାର। ଏନେଇ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ପଚାରିବାରୁ କହିଛନ୍ତି ଯେ ଲକ୍ଷ୍ମୀ ବସଷ୍ଟାଣ୍ଡ ପାଇଁ ୩ ଲକ୍ଷ ୫୦ ହଜାର ଟଙ୍କା ପାଇଁ ବ୍ୟୟ ଅଟକଳ ହୋଇ ଅର୍ଥ ମଞ୍ଜୁର ହୋଇଛି। ନିର୍ବାଚନ ପାଇଁ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟର ଅଗ୍ରଗତି ହୋଇ ପାରି ନାହିଁ; ତେଣୁ ଶୁକ୍ରବାରଠାରୁ



ବସଷ୍ଟାଣ୍ଡ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛି। କୌଣସି ନିମ୍ନମାନର କାମ ହୋଇ ନଥିବା ଯନ୍ତ୍ରୀ କହିଥିବା ବେଳେ ବେଳେ ବାଉତି ମନ୍ଦିର ଭାଙ୍ଗିଥିବା ପାଚେରିକୁ ତୁରନ୍ତ ନିର୍ମାଣ କରିବା ପାଇଁ ଉକ୍ତ ଠିକାଦାରଙ୍କୁ ତାଗିଦ କରିଥିବା କହିଛନ୍ତି।

**ଶଗଡ଼ିଆ କେନାଲର ପଙ୍କୋଦ୍ଧାର ହେଉନି**

# ଶୁଖା ପଡ଼ିଛି କେନାଲ, ଚିନ୍ତାରେ ଚାଷୀ

**ହରଭଙ୍ଗା, ୨୭।୬(ସମିସ)**

ବୌଦ୍ଧ ଜିଲ୍ଲା ପୁରୁଣାକଟକ କ୍ଷୁଦ୍ର ଜଳସେଚନ ଅଧୀନସ୍ଥ ହରଭଙ୍ଗାଠାରେ ଶଗଡ଼ିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ହରଭଙ୍ଗା, ବୁକେସିଙ୍ଗା, କୁଡାସିଙ୍ଗ, ଡିଆଁଘାଟ, ସୁରୁଣ୍ଡି ଆଦି ଗ୍ରାମର ୫ ଶହ ଏକରରୁ ଅଧିକ ଚାଷଜମିକୁ ଜଳସେଚିତ କରିପାରୁଥିବା ଶଗଡ଼ିଆ କେନାଲ ଶୁଖା ପଡ଼ିଛି।



ଖରିଫ ଫସଲ ପାଇଁ ଏହି କେନାଲର ପାଣି ଉପରେ ଚାଷୀଙ୍କ ଆଶା ରହିଥିବା ବେଳେ ଏବେ ସୁଦ୍ଧା ବର୍ଷା ଅଭାବରୁ ଏହି କେନାଲ ଶୁଖା ପଡ଼ିଛି। ପୁଣି କେନାଲର ପଙ୍କୋଦ୍ଧାର ହୋଇପାରିନାହିଁ। ଚାଷୀମାନେ ବିଭାଗର ଅବହେଳା ଯୋଗୁଁ ପାଣି ପାଇବା ନେଇ ଚିନ୍ତାଗ୍ରସ୍ତ ରହିଥିବା ଅଭିଯୋଗ କରିଛନ୍ତି।

ପ୍ରକାଶଥାଉ କି, ଏହି କେନାଲ ଭିତରେ ବାଲି, ମାଟି, ପଙ୍କ, ଲଟାବୁଦା ପୋତି ହୋଇ ରହିଛି। ଫଳରେ କେନାଲ ଦେଇ ଜଳ ପ୍ରବାହର ବାଟ ସୁଗମ ହେଉନାହିଁ। ଜଳସ୍ରୋତ ମଧ୍ୟ ଶୁଖିଯାଉଛି। ଏହାକୁ ପରିଚାଳନା ତଥା ରକ୍ଷଣାବେକ୍ଷଣ କରିବା ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ଆବଶ୍ୟକ ପଦକ୍ଷେପ ନେଇ ନଥିବା ଅଭିଯୋଗ ହୋଇଛି। ଫଳରେ ଚାଷୀମାନେ ଜମିକୁ ପାଣି ପାଇ ପାରୁ ନାହାନ୍ତି। ବର୍ଷା ଋତୁ ପୂର୍ବରୁ ଯଦି କେନାଲ ସଫା କରା ନ ଯାଏ ଚାଷୀମାନେ କେନାଲ ପାଣିରୁ ବଞ୍ଚିତ ହେବା ନେଇ ମତ ରଖିଛନ୍ତି। ଏ ବାବଦରେ ଅଞ୍ଚଳର ଚାଷୀ ଭିକାରୀ ମାଝୀ, ନାକୁ ଦନାୟକ, ସନ୍ତୁ ନାୟକ, ନାରାୟଣ ଦନାୟକ, ରାଜିନ୍ଦ୍ର ପ୍ରଧାନଙ୍କ ସମେତ ବହୁ ଚାଷୀ ବିଭାଗୀୟ ଅଧିକାରୀଙ୍କୁ ଜଣେଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ଯାଇ ନଥିବା ଅଭିଯୋଗ କରିଛନ୍ତି। ଉକ୍ତ ଘଟଣାକୁ ନେଇ ପୁରୁଣାକଟକ କ୍ଷୁଦ୍ର ଜଳସେଚନ ବିଭାଗର ଯନ୍ତ୍ରୀ କହିଛନ୍ତି, ବୌଦ୍ଧ କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କୁ ସମସ୍ୟା ବାବଦରେ ଅବଗତ କରାଯାଇଛି ଏବଂ ଖୁବଶୀଘ୍ର ପଦକ୍ଷେପ ନିଆହେବ। ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଯଦି ୧୦ ଦିନ ଭିତରେ କେନାଲ ସଫା କରା ନଯାଏ ତା'ହେଲେ କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚାଷୀମାନେ ସଜବାଜ ହେଉଥିବା ସୂଚନା ମିଳିଛି।

## ଛେଳି ମେଣ୍ଢାଙ୍କୁ ଧରିଲାଣି ଫାଟୁଆ ରୋଗ, ଚିନ୍ତାରେ ଚାଷୀ

**ହରଭଙ୍ଗା, ୨୭।୬(ସମିସ):** ଅଜଣା ରୋଗରେ ଗୃହପାଳିତ ପଶୁ ଆକ୍ରାନ୍ତ ହେଉଥିଲା ବେଳେ ଚାଷୀ ଚିନ୍ତାରେ ପଡ଼ି ଯାଇଛନ୍ତି। ହରଭଙ୍ଗା ବ୍ଲକରେ ଛେଳି, ମେଣ୍ଢା, ଗାଇ ଓ ବଳଦଙ୍କୁ ରୋଗ ବ୍ୟାପିବାରେ ଲାଗିଛି। ରାମଗଡ଼ ପଞ୍ଚାୟତର କୋଇଲିସୂତା, ଧଳପୁର, ପାଣିଘରକ୍ଷ, ପାହାଡ଼ିଆ ଅଞ୍ଚଳ ଦମଣ୍ଡକ୍ଷ, ଦୁର୍ଗାପୁର ଆଦି ଗ୍ରାମରେ ରୋଗ ଧୀରେ ଧୀରେ ବ୍ୟାପୁଛି।ପଶୁ ଚିକିତ୍ସାଳୟ ପକ୍ଷରୁ ରୋଗ ଚିହ୍ନଟ ଓ ଟୀକାକରଣ ହେଉ ନ ଥିବାରୁ ଚାଷୀଙ୍କ ମନରେ ଅସନ୍ତୋଷ ଦେଖିବାକୁ ମିଳୁଛି। ବୁଧବାର ଦୁର୍ଗାପୁର ଗ୍ରାମର ପ୍ରମିଳ ମହାକୁଡ଼ ନାମକ ଛେଳି ଚାଷୀଙ୍କର ଏହି ଫାଟୁଆ ରୋଗରେ ୧୫ ଛେଳିର ଜୀବନ ଯାଇଛି। ଅନେକ ଛେଳି ମଧ୍ୟ ଆକ୍ରାନ୍ତ ଅଛନ୍ତି। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରୁଛନ୍ତି। ଏନେଇ ହରଭଙ୍ଗା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ବିଭୂ ପୃଷ୍ଟି କହିଛନ୍ତି, ପ୍ରାୟ ୫୦ଟି ଟୀକାରୁ ଅଧିକ ପ୍ରୟୋଗ କରାଯାଇଛି। ଶୀଘ୍ର ଚାଷୀଙ୍କୁ ଉକ୍ତ ସିମନ ଟୀକା ଦେବା ସହ ଫାଟୁଆ ରୋଗ ପାଇଁ ଛେଳି ମେଣ୍ଢାଙ୍କୁ ମଧ୍ୟ ରୋଗ ପ୍ରତିଷେଧକ ଯୋଗାଇଦେବୁ।

## ପୁରୁଣା କଟକରେ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ

**୮ଟି ବିଦ୍ୟାଳୟର ୧୨୦ ଆଚାର୍ଯ୍ୟଙ୍କ ଯୋଗଦାନ**

**ହରଭଙ୍ଗା, ୨୭।୬(ସମିସ):** ବୌଦ୍ଧ ସଙ୍କୁଳ ଅଧୀନରେ ୮ଟି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆଚାର୍ଯ୍ୟ-ଆଚାର୍ଯ୍ୟାଙ୍କୁ ନେଇ ସାମୂହିକ କାର୍ଯ୍ୟଶାଳା ପୁରୁଣା କଟକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ବରିଷ୍ଠ ସଂସ୍କୃତ ଅଧ୍ୟାପକ ଅଜିତ ସାହୁ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଡ. ପ୍ରମୋଦ ମହାପାତ୍ର ଅତିଥି ପରିଚୟ କରିବା ସହ ପ୍ରଧାନଆଚାର୍ଯ୍ୟ ମକଦ୍ଦମ ମହାରଣା ସୂଚନା ପ୍ରଦାନ କରିଥିଲେ। ସଙ୍କୁଳ ସଂଯୋଜକ ଧରଣୀଧର ପରିଡ଼ା ଉଦ୍ଦେଶ୍ୟ କଥନ କରିଥିଲେ। ଅନୁଷ୍ଠାନର ଉପସଭାପତି ପ୍ରତିଭୂ ପାଢ଼ୀ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ତିନିଦିନିଆ କାର୍ଯ୍ୟଶାଳାରେ ୮ଟି ଶିଶୁ ମନ୍ଦିରରୁ ମୋଟ ୧୨୦ ଜଣ ଆଚାର୍ଯ୍ୟ ଅଂଶଗ୍ରହଣ କରିଛନ୍ତି।



## ଆନନ୍ଦ ଅନୁଭୂତି ଶିବିର ଉଦ୍‌ଯାପିତ



**ବୌଦ୍ଧ,୨୭।୬(ସମିସ):** ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ବନ୍ୟା ଆଶ୍ରୟସ୍ଥଳୀଠାରେ ଗତ ୨୨ରୁ ଆରମ୍ଭ ହୋଇଥିବା ଆନନ୍ଦ ଅନୁଭୂତି ଶିବିର ଗୁରୁବାର ଉଦଯାପିତ ହୋଇଯାଇଛି। ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଆର୍ଟ ଅଫ ଲିଭିଙ୍ଗ ବୌଦ୍ଧ ଜିଲ୍ଲା ଶାଖା ତରଫରୁ ଆୟୋଜିତ ଆନନ୍ଦ ଅନୁଭୂତି ଶିବିରରେ ଆର୍ଟ ଅଫ ଲିଭିଂ ପ୍ରଶିକ୍ଷକ ବରୁଣ ମହାନ୍ତ ଜୀବନ ବଞ୍ଚିବା କଳା ଶିଖାଇବା ସହ ଆସନ, ଯୋଗ, ପ୍ରାଣାୟାମ, ଉଜ୍ଜୟୀ, ଭସ୍ତ୍ରିକା ଓ ସୁଦର୍ଶନ କ୍ରିୟା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ବୈଶାଖୁ କର୍ଣ୍ଣ, ମାନସ ସେଠ, ଅମନ ସାହୁ, ସସ୍ମିତା ପାଲ, ଚିନ୍ମୟୀ ପ୍ରିୟଦର୍ଶିନୀ, ଆଶାଲତା ମିଶ୍ର, ଅନୁପମା ସାହୁ, ମନିଷା ସାହୁ, ଅରୁଣ ଦେହୁରୀ ଓ ଫିରୋଜ ସେଠୀଙ୍କ ସମେତ ଅନେକ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେଇଥିଲେ। ଶିବିର ଆୟୋଜନରେ ରାଜଲକ୍ଷ୍ମୀ ବିଶ୍ୱାଳ, ବିଜୟ ପ୍ରଧାନ, ସୁନିତା ଦାସ ଓ କୃତ୍ତିବାସ ପଲିଆ ପ୍ରମୁଖ ସହଯୋଗ କରିଥିଲେ।

## କନ୍ଧମାଳ ବିଧାୟକଙ୍କ ମତଦାତା ସମ୍ପର୍କ ଅଭିଯାନ



**ମନମୁଣ୍ଡା/ଶଗଡ଼ା, ୨୭।୬(ସମିସ):** ବୌଦ୍ଧ ଜିଲ୍ଲାର କନ୍ଧମାଳ ନିର୍ବାଚନମଣ୍ଡଳୀ ଅଞ୍ଚଳରେ ମତଦାତା ସମ୍ପର୍କ ଅଭିଯାନ ଶୁଭାରମ୍ଭ କରାଯାଇଛି। ଜିଲ୍ଲା ପରିଷଦ ୪ ନଂ ଜୋନ ବାଉଁଶୁଣିର ଅମୁର୍ଡା ଗ୍ରାମଠାରେ ବିଧାୟକ କହ୍ନେଇ ଚରଣ ଡାଙ୍ଗ ବିଜେପି ପକ୍ଷରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ଜିଲ୍ଲା ବିଜେପି ସଭାପତି ବିପ୍ରଚରଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅଭିଯାନ ଚାଲିଥିବା ବେଳେ ଏହା ଆସନ୍ତା ମାସ ୧୪ ତାରିଖ ପର୍ଯ୍ୟନ୍ତ କନ୍ଧମାଳ ବିଧାନସଭା ଅନ୍ତର୍ଗତ ସମସ୍ତ ମତଦାତାଙ୍କ ସହ ସମ୍ପର୍କ ଯୋଡ଼ିବାର ଲକ୍ଷ୍ୟ ରଖାଯାଇଛି। ଜିଲ୍ଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, କନ୍ଧମାଳ ବିଜେପି ସଂଗଠନ ମୁଖ୍ୟ ଶାନ୍ତନୁ ଥାଟି, ପ୍ରେମାନନ୍ଦ ମିଶ୍ର, ସୁଶାନ୍ତ ବାଘ, ଅଟଳ ବିହାରୀ ପ୍ରଧାନ, ମଣ୍ଡଳ ସଭାପତି ପଞ୍ଚମନ ଜଗଦଳା, ଯୀଶୁ ପ୍ରଧାନ, ଅନୀଲ ପ୍ରଧାନ, ପିନାକ ରଣା, କିଶୋର ମେହେର, ଯୁଗଳ ମେହେର, ଶିବଶଙ୍କର କର୍ଣ୍ଣ, ଖଲିଆପାଲି ସମିତିସଭ୍ୟ କେଦାର ସାହୁ, ପଞ୍ଚାନନ ସାହୁ, କନ୍ଧମାଳ ଆଦିବାସୀ ସଭାପତି ଡମ୍ବରୁ କହଁର ଓ ଅନ୍ୟ ବହୁ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।

## ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ

**ବୌଦ୍ଧ, ୨୭।୬(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ଶ୍ରମବିଭାଗ ତରଫରୁ ଆୟୋଜିତ ଏହି ରଥକୁ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ ମହାପାତ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ଜିଲ୍ଲା ଶ୍ରମ ଅଧିକାରୀ ସୁଶାନ୍ତ ପାଇକରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂ, ସହକାରୀ ଶ୍ରମ ଅଧିକାରୀ କନ୍ୟାକୁମାରୀ ସାହୁ, ଜ୍ୟୋତିରଞ୍ଜନ ବାରିକଙ୍କ ସମେତ ଶ୍ରମ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ବୌଦ୍ଧ ଜିଲ୍ଲାର ତିନୋଟି ବ୍ଲକ ଓ ବୌଦ୍ଧ ଏନଏସିରେ ବୁଲି ଲୋକଙ୍କୁ ସଚେତନ କରାଇବ। ୧୪ ବର୍ଷରୁ କମ୍ ବୟସ ପିଲାମାନଙ୍କୁ କୌଣସି କାମରେ ନିୟୋଜିତ ନକରିବା, ୧୫ରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ କାମରେ ନଲଗାଇବାକୁ ସଚେତନତା ବାର୍ତ୍ତାରେ ପରାମର୍ଶ ଦିଆଯାଇଛି। ଯଦି କେହି ଏପରି କାର୍ଯ୍ୟ କରନ୍ତି ତା'ହାଲେ ୫୦ ହଜାର ଟଙ୍କା ଜରିମାନା ଏବଂ ଜେଲ୍ ମଧ୍ୟ ଯିବାକୁ ପଡ଼ିବ ବୋଲି ସଚେତନତା ବାର୍ତ୍ତାରେ ଚେତାବନୀ ଦିଆଯାଇଛି।



## ହଳଦୀ ପ୍ରକ୍ରିୟାକରଣ ପାଇଁ ତାଲିମ ଶିବିର



**ହରଭଙ୍ଗା, ୨୭।୬(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଆଡେଣୀଗଡ଼ ପଞ୍ଚାୟତ ମାଧପୁରରେ ପିସଫୁଲ ସୋସାଇଟି ଏବଂ ନାବାର୍ଡ ସହାୟତାରେ ୫୦ରୁ ଅଧିକ ସ୍ୱୟଂ ସହାୟିକା ମହିଳାଙ୍କୁ ନେଇ ଦୁଇଦିନିଆ ହଳଦୀ ପ୍ରକ୍ରିୟାକରଣ ତାଲିମ ଶିବିର ଉଦଘାଟନ ହୋଇଯାଇଛି। ସୁବର୍ଣ୍ଣପୁର ନାବାର୍ଡ ଡିଡିଏମ ସତ୍ୟସ୍ୱରୂପ ବିଦାନ୍ତ ଏହାକୁ ଉଦଘାଟନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବରିଷ୍ଠ କୃଷି ବୈଜ୍ଞାନିକ ଡ. ତପନ ରଞ୍ଜନ ଦାସ ଓ ଅନ୍ୟତମ କୃଷି ବୈଜ୍ଞାନିକ ଡ. ସସ୍ମିତା ପାଳ ଯୋଗ ଦେଇଥିଲା ବେଳେ ଅନ୍ୟତମ ଅତିଥି ଓ ତାଲିମଦାତା ଭାବେ ସାମାଜିକକର୍ମୀ ବିଶିକେସନ ପ୍ରଧାନ, ବିଜୟ ପ୍ରଧାନ, କୃତ୍ତିବାସ ପଲିଆ, ଯୋଗଗୁରୁ ବରୁଣ ମହନ୍ତ, ସୁଜିତ ପଶାୟତ ଯୋଗ ଦେଇଥିଲେ। ପିସଫୁଲ ସୋସାଇଟି ସମ୍ପାଦିକା ମଞ୍ଜୁଲତା ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ନାବାର୍ଡ ସହାୟତାରେ ବାଣୀଶ୍ରୀ କୃଷକ ଉତ୍ପାଦକ କମ୍ପାନୀକୁ ମିଳିଥିବା ଏକ ମାଲବୁହା ଗାଡ଼ିକୁ ଅତିଥି ମାନେ ଶୁଭାରମ୍ଭ କରିଥିଲେ।

## ରାସ୍ତାର ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ



**ସୋନପୁର, ୨୭।୬ (ସମିସ):** ସୋନପୁର ବ୍ଲକ ଛକ ନିକଟରୁ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଜୟଗୁରୁ ମାର୍କେଟ କମ୍ପ୍ଲେକ୍ସ ଯାଏଁ ରାସ୍ତାର ଉଭୟ ପାର୍ଶ୍ୱରୁ ପୌର ପରିଷଦ ପକ୍ଷରୁ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଠେଲା, ପରିବା ଦୋକାନୀ ଏବଂ ଉଠା ଦୋକାନୀଙ୍କ ଯୋଗୁଁ ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖା ଦେଉଥିବା ଅଭିଯୋଗ ହୋଇଆସୁଥିଲା। ଦୀର୍ଘ ଦିନରୁ ଉଠା ଦୋକାନୀମାନଙ୍କୁ ଅନ୍ୟତ୍ର ଦୋକାନ ସ୍ଥାନାନ୍ତର କରିବାକୁ ପୌର ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଉଠା ଦୋକାନୀମାନେ ନିଜ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର କରି ନ ଥିଲେ। ଫଳରେ ମାଜିଷ୍ଟ୍ରେଟ ଓ ପୁଲିସ ଉପସ୍ଥିତିରେ ପୌର ପରିଷଦ ପକ୍ଷରୁ ଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇଛି। କିଛି ଦୋକାନୀ ରାସ୍ତା ଅବରୋଧ କରି ନିଜ ଦୋକାନର ସାଇନ୍ ବୋର୍ଡ ଲଗାଇଥିବାରୁ ରାସ୍ତାରେ ଦୁର୍ଘଟଣା ଘଟୁଥିଲା। ସେହି ସାଇନ୍ ବୋର୍ଡ ସବୁ ଖୋଲି ଦିଆଯାଇଛି। ତେବେ, ଏହି ରାସ୍ତାରେ କିଛି ବଡ଼ବଡ଼ିଆଙ୍କ ସାଇନ୍ ବୋର୍ଡ ଖୋଲା ଯାଇ ନଥିବା ଅଭିଯୋଗ ହୋଇଛି।

## ଘଣ୍ଟାପଡ଼ାରେ ସାମାଜିକ ସମୀକ୍ଷା ଗ୍ରାମସଭା

**ଶଗଡ଼ା, ୨୭।୬(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକର ଘଣ୍ଟାପଡ଼ା ପଞ୍ଚାୟତ ସଭାଗୃହରେ ଜିଆରଏସ୍ ଶଙ୍କର୍ଷଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ତଥା ସରପଞ୍ଚ ରୀତା କହଁରଙ୍କ ଉପସ୍ଥିତିରେ ପଞ୍ଚାୟତର ସାମାଜିକ ସମୀକ୍ଷା ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ କ୍ଷୀରୋଦ୍ର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗ୍ରାମସଭାରେ ସମାଜସେବୀ ପ୍ରଭାତ ସାହୁ, ଟିଟୁ ବିଭାର ପ୍ରମୁଖ ଅତିଥି ସରକାରଙ୍କ ଜନକଲ୍ୟାଣ ଯୋଜନାରେ ହିତାଧିକାରୀ କିପରି ଲାଭ ଉଠାଉଛନ୍ତି, ସେ ବିଷୟରେ ଆଲୋକପାତ କରିଥିଲେ। ସେହିପରି ମହିଳା ସିଆରପିମାନେ ନିଜ ଅଞ୍ଚଳର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। କନ୍ଧମାଳ ବ୍ଲକ ତରଫରୁ ଏପିଓ ସଞ୍ଜୀବ ମିଶ୍ରଙ୍କ ସହ ମହେଶ୍ୱର ରଣା, କାଳିଆ କହଁର, ଦୁର୍ମନ ବିଭାର, ଦ୍ରୋଣ ବିଭାର, ୱାର୍ଡସଭ୍ୟ ଓ ପଞ୍ଚାୟତର ମହିଳା ପୁରୁଷ ଉପସ୍ଥିତ ଥିଲେ।

# ଅବହେଳିତ ମହୁଲ ମୂଳ ମହିମାଶ୍ରମ





**ବୌଦ୍ଧ, ୨୭।୬(ସମିସ)**

୫୭ ନଂ ଜାତୀୟ ରାଜପଥ ବୌଦ୍ଧରୁ ୭ କିଲୋମିଟର ପଶ୍ଚିମରେ ବଲାସିଙ୍ଗା ଗ୍ରାମରେ ରହିଛି ମହୁଲ ମୂଳ ମହିମା ଆଶ୍ରମ। ମହିମା ଧର୍ମାବଲମ୍ବୀଙ୍କ ବିଭିନ୍ନ ପ୍ରମୁଖ ପୀଠ ମଧ୍ୟରୁ ଅନ୍ୟତମ ଏହି ପୀଠ ଅବହେଳିତ ହୋଇପଡ଼ିଛି। ମହିମା ଧର୍ମର ପ୍ରବର୍ତ୍ତକ ହେଉଛନ୍ତି ମହିମା ଗୋସାଇଁ ଏବଂ ଗୋବିନ୍ଦ ବାବା ହେଉଛନ୍ତି ଆଦ୍ୟ ପ୍ରଚାରକ। ସନ୍ଥ କବି ଭୀମଭୋଇଙ୍କ ଦ୍ୱାରା ଏହି ଧର୍ମର ତତ୍ତ୍ୱ ସଙ୍ଗୀତ ଆକାରରେ ଲିଖିତ ମାଧ୍ୟମରେ ସଂରକ୍ଷିତ ହୋଇରହିଛି। ପ୍ରାରମ୍ଭରେ ମହିମା ଗୋସାଇଁଙ୍କଠାରୁ ସିଦ୍ଧିପ୍ରାପ୍ତ ହୋଇଥିବା ୬୪ ଜଣ ଶିଷ୍ୟଙ୍କ ମଧ୍ୟରୁ ଗୋବିନ୍ଦ ବାବା ହେଉଛନ୍ତି ପ୍ରଥମ ସିଦ୍ଧି ପ୍ରାପ୍ତ ଶିଷ୍ୟ। ଗୋବିନ୍ଦ ବାବା ବୌଦ୍ଧ ବଲାସିଙ୍ଗା ଗ୍ରାମରେ ଏକ ମହୁଲ ଗଛ ମୂଳରେ ଆଶ୍ରମ ପ୍ରତିଷ୍ଠା କରି ସେଠାରୁ ଧର୍ମ ପ୍ରଚାର କରୁଥିଲେ। ଏବେ ମଧ୍ୟ ତାଙ୍କର ଯଟ ସମାଧି ବଲାସିଙ୍ଗା ଗ୍ରାମରେ ଅବସ୍ଥିତ। ଗୋବିନ୍ଦ ବାବାଙ୍କ ଦେହତ୍ୟାଗ ପରେ ତାଙ୍କର ସମାଧି ପୀଠ ବର୍ତ୍ତମାନ ଭୁବନେଶ୍ୱର ଦାରୁଠେଣୀରେ ଅବସ୍ଥିତ। ବର୍ତ୍ତମାନ ମହୁଲ ମୂଳ ମହିମା ଆଶ୍ରମରେ ଅବଧୂତ କୁଳଧର ବାବା ମୁଖ୍ୟ ମଠ ପରିଚାଳକ ଦାୟିତ୍ୱ ତୁଲାଉଥିବା ବେଳେ ଅନ୍ୟ ମହିମା ଧର୍ମାବଲମ୍ବୀ ସାଧୁମାନେ ଏଠାରେ ଅବସ୍ଥାନ କରୁଛନ୍ତି। ଏହି ସାଧୁମାନେ ଗଛର ବକ୍କଳ ପରିଧାନ କରିବା ସହ ଖାଲି ପାଦରେ ଯା'ଆସ କରନ୍ତି। ସୂର୍ଯ୍ୟାସ୍ତ ପରେ ଭୋଜନ କରନ୍ତି ନାହିଁ। ଏଠାରେ ମୁକ୍ତାକାଶ ତଳେ ଶୂନ୍ୟବ୍ରହ୍ମଙ୍କୁ ପୂଜା କରାଯାଏ। ଦୁଇଥର ଖଞ୍ଜଣୀ ବାଦ୍ୟରେ ଭଜନ କରାଯାଏ।

ସେହିପରି ପ୍ରତ୍ୟେକ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଘୃତାହୁତି, ନାମଯଜ୍ଞ, ଦୀପ ଅର୍ପଣ ଇତ୍ୟାଦି ଅନୁଷ୍ଠିତ ହୁଏ। ଆଶ୍ରମ ପରିସରରେ ଥିବା ମହୁଲ ଗଛ ମଧ୍ୟରେ ଥିବା ଏକ ଗର୍ତ୍ତରୁ ଅହରହ ପାଣି ଝରୁଥିଲା ବୋଲି ଏଠାରେ ଥିବା ସାଧୁମାନେ କହନ୍ତି। ତେବେ ବର୍ତ୍ତମାନ ସେଠାରୁ ଆଉ ପାଣି ଝରୁନାହିଁ। ମହିମା ଧର୍ମର ଅନ୍ୟତମ ଆଦ୍ୟ ପୀଠ ଭାବେ ପରିଗଣିତ ଢେଙ୍କାନାଳର ଯୋରନ୍ଦା ଗାଦି ଅଥବା ଖଲିଆପାଲିର ଭୀମଭୋଇଙ୍କ ସମାଧି ପୀଠର ଯେଭଳି ଉନ୍ନତିକରଣ ଏବଂ ସୌନ୍ଦର୍ଯ୍ୟକରଣ ହୋଇଛି, ଏହି ମହୁଲ ମୂଳ ଆଶ୍ରମର ଆଦୌ ଉନ୍ନତିକରଣ ହୋଇନାହିଁ। ସରକାରୀ ଅନୁଦାନରେ ଏଠାରେ ସାଧୁଙ୍କ ରହିବା ପାଇଁ ଗୃହ ନିର୍ମାଣ ହୋଇଥିବା ବେଳେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନରେ ଧୂନୀ ମନ୍ଦିର ନିର୍ମାଣ ହୋଇଛି। ଏପରିକି ଏଠାକୁ ସବୁଦିନିଆ ପକ୍କା ରାସ୍ତା ଖଣ୍ଡେ ନାହିଁ। ଓଡ଼ିଶାରୁ ସୃଷ୍ଟି ହୋଇଥିବା ଏହି ଏକମାତ୍ର ଏବଂ ମୌଳିକ ଧର୍ମର ଅନ୍ୟତମ ଆଦ୍ୟ ପୀଠ ମହୁଲ ମୂଳ ଆଶ୍ରମର ଉନ୍ନତିକରଣ ଆବଶ୍ୟକତା ଥିବା ବେଳେ ପର୍ଯ୍ୟଟନ ଦୃଷ୍ଟିକୋଣରୁ ମଧ୍ୟ ଏହି ପୀଠ ବେଶ ଉପଯୋଗୀ ହୋଇପାରିବ ବୋଲି ମହିମା ଧର୍ମାବଲମ୍ବୀ ସାଧୁମାନେ ମତ ପ୍ରକାଶ କରିଛନ୍ତି।

# ଉଚ୍ଚ ବିଦ୍ୟାଳୟ ଅପ୍‌ଗ୍ରେଡ୍ ମାମଲା; ବାଦ୍ ପଡ଼ିଲା ଲାଞ୍ଜିଗଡ଼ ବ୍ଲକ୍

ଭବାନୀପାଟଣା, ୨୭।୬(ସମିସ)

ପାଖରେ ଉଚ୍ଚଶିକ୍ଷାର କୌଣସି ସୁବିଧା ନ ଥିବାରୁ ଅଧାରେ ପାଠ ଛାଡି ଦାଦନ ଖଟିବାକୁ ଶହଶହ ଛାତ୍ର ଯାଉଛନ୍ତି। ହାଇସ୍କୁଲରେ ଭଲ ପାଠ ପଢ଼ି ଭଲ ନମ୍ବର ରଖି ବି କବାଟ କୋଣରେ ମନମାରି ବସୁଛନ୍ତି ବହୁସଂଖ୍ୟକ ମେଧାବୀ ଛାତ୍ରୀ। କିନ୍ତୁ ସରକାରଙ୍କ ସବୁ ବ୍ୟବସ୍ଥା ଥିବା ସତ୍ତ୍ୱେ କଳାହାଣ୍ଡି ଜିଲ୍ଲାର ଆଦିବାସୀ ଓ ଅନୁସୂଚିତ ଜାତି ବହୁଳ ଲାଞ୍ଜିଗଡ଼ ବ୍ଲକ ଉଚ୍ଚଶିକ୍ଷା କ୍ଷେତ୍ରରେ ବହୁ ପଛରେ। ରାଜ୍ୟର ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ଅନେକ ନୂଆ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ଏହିକ୍ରମରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ରାଜ୍ୟର ୭୯ଗୋଟି ହାଇସ୍କୁଲକୁ ଅପଗ୍ରେଡ଼ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଚିଠି ନଂ ୧୪୦୨୨/୨୬।୬।୨୦୨୪ ଅନୁଯାୟୀ ରାଜ୍ୟର ୭୯ ହାଇସ୍କୁଲ ଚଳିତ ଶିକ୍ଷାବର୍ଷରୁ ଉନ୍ନୀତ ହେବା ସହ ନାମଲେଖା ମଧ୍ୟ ଆରମ୍ଭ ହେବାକୁ ନିର୍ଦ୍ଦେଶ ରହିଛି। ଏଥିରେ କଳାହାଣ୍ଡି ଜିଲ୍ଲାର ୧୭ଗୋଟି ହାଇସ୍କୁଲ ଅପଗ୍ରେଡ଼ ହେବ ବୋଲି ଜଣାପଡ଼ିଛି। ତେବେ କଳାହାଣ୍ଡି ଜିଲ୍ଲାର ସର୍ବାଧିକ ଆଦିବାସୀ ବହୁଳ ଓ ଅତ୍ୟନ୍ତ ଦୁର୍ଗମ ଅଞ୍ଚଳ ପରିବେଷ୍ଟିତ ଲାଞ୍ଜିଗଡ଼ ବ୍ଲକ ଏହି ଘୋଷଣାରୁ ବାଦ ପଡ଼ିଛି। କାରଣ ବ୍ଲକର ଗୋଟିଏ ବି ହାଇସ୍କୁଲକୁ ଏଥିରେ ସାମିଲ କରାଯାଇନାହିଁ। ଏହାକୁ ନେଇ ବ୍ଲକ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିବାବେଳେ କଳାହାଣ୍ଡି ଜିଲ୍ଲାର ସାମ୍ବାଦିକ ଓ ସମାଜସେବୀ ସୁଶୀଲ କୁମାର ବାଗ ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଚିଠି ଲେଖି ଏହି ନିଷ୍ପତ୍ତିର ପୁନଃବିଚାର କରିବା ସହିତ ବ୍ଲକର ଛଅଗୋଟି ହାଇସ୍କୁଲକୁ ଅପଗ୍ରେଡ଼ କରିବାକୁ ଦାବି ଜଣାଇଛନ୍ତି। ଶ୍ରୀ ବାଗ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ ବ୍ଲକ ଅଞ୍ଚଳରେ ଆଜିଯାଏଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଭଳି ଅନେକ ମୌଳିକ ସମସ୍ୟା ରହିଥିବାବେଳେ ଉଚ୍ଚ ଶିକ୍ଷା ପାଇଁ ପର୍ଯ୍ୟାପ୍ତ ସୁବିଧା ନ ଥିବାରୁ ଏ ଅଞ୍ଚଳର ଗରିବ ଗୁରୁବା ଛାତ୍ରଛାତ୍ରୀମାନେ ଦୂର ଦୂରାନ୍ତରୁ ଯାଇ କିମ୍ବା ହଷ୍ଟେଲରେ ରହି ପାଠ ପଢ଼ିବା ସୁବିଧା ପାଇପାରନ୍ତି ନାହିଁ। ବ୍ଲକର ବିଶ୍ୱନାଥପୁର, ଲାଞ୍ଜିଗଡ଼ ରୋଡ଼ ଓ ଲାଞ୍ଜିଗଡ଼ଠାରେ ଦ୍ୱାଦଶ ଶ୍ରେଣୀ ଯାଏଁ ପାଠ ପଢ଼ିବା ସୁବିଧା ଥିବାବେଳେ ବିଶ୍ୱନାଥପୁରରେ ଗୋଟିଏ ମାତ୍ର ଡିଗ୍ରୀ କଲେଜ ରହିଛି। ଫଳରେ ବ୍ଲକର ଦୁର୍ଗମ ଓ ଦୂର ଦୂରାନ୍ତରୁ ଛାତ୍ରଛାତ୍ରୀମାନେ ଏହି ସବୁ ସ୍ଥାନକୁ ପାଠ ପଢ଼ିବାକୁ ଆସିପାରନ୍ତି ନାହିଁ। ଯଦ୍ୱାରା ହାଇସ୍କୁଲ ପାଠ ଶେଷ ପରେ ଇଚ୍ଛାଶକ୍ତି ଥାଇ ବି ଅନେକ ମେଧାବୀ ଛାତ୍ରଛାତ୍ରୀ ପାଠପଢ଼ାରେ ଅଧାରୁ ଡୋରି ବାନ୍ଧିବାକୁ ବାଧ ହୁଅନ୍ତି। ପୁଅମାନେ ସୁବିଧା ନଥିବାରୁ ଓ ଉଚ୍ଚଶିକ୍ଷା ପାଇଁ ଶିକ୍ଷାନୁଷ୍ଠାନ ଦୂର ହେଉଥିବାରୁ ପାଠ

## ୬ ହାଇସ୍କୁଲକୁ ଅପ୍‌ଗ୍ରେଡ୍ କରିବା ଦାବି

## ଉଚ୍ଚଶିକ୍ଷା ଅଭାବରୁ ବଢ଼ୁଛି ଦାଦନ ସମସ୍ୟା, ଅଧୁରା ରହୁଛି ସ୍ୱପ୍ନ

ଛାଡି ଦାଦନ ଖଟିବାକୁ ଯାଉଥିବା ବେଳେ ଝିଅମାନଙ୍କୁ କମ ବୟସରେ ବାଧ ବାଧକତାରେ ବିବାହ କରି ଦିଆଯାଇଥାଏ। ଫଳସ୍ୱରୂପ, ବ୍ଲକ ଅଞ୍ଚଳରେ ପ୍ରତି ବର୍ଷ ଦାଦନ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଥିବାବେଳେ କମ ବୟସରେ ମାତୃତ୍ୱ, ମାତୃ ଓ ଶିଶୁ ମୃତ୍ୟୁହାର ବୃଦ୍ଧି ଭଳି ସମସ୍ୟା ସୃଷ୍ଟି କରୁଛି। ଏପରିସ୍ଥଳେ ଉଚ୍ଚଶିକ୍ଷାର ସୁବ୍ୟବସ୍ଥା ଲାଞ୍ଜିଗଡ଼ ବ୍ଲକର ଅନେକ ସମସ୍ୟାର ସମାଧାନ ଦିଗରେ ସହାୟକ ହେବ ଏଥିରେ ଦ୍ୱିରୋକ୍ତି ନାହିଁ। ବିଗତ ଦିନରେ ରାଜ୍ୟ ସରକାରଙ୍କ ଦ୍ୱାରା କଳାହାଣ୍ଡି ଜିଲ୍ଲାର ୧୭ ଗୋଟି ହାଇସ୍କୁଲକୁ ଉନ୍ନୀତ କରାଯାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯାଇଥିବାବେଳେ ସେହି ସମୟରେ ଲାଞ୍ଜିଗଡ଼ ବ୍ଲକ ବାଦ ପଡ଼ିଥିଲା। ଏଣୁ ରାଜ୍ୟ ସରକାର ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବ୍ଲକର ଦୁର୍ଗମ ଅଞ୍ଚଳରେ ଥିବା ମଧୁପୁରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କାଉଗୁଡାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, କମର୍ଦ୍ଧାସ୍ଥିତ ମଧୁ ମହେଶ୍ୱର ଉଚ୍ଚ ବିଦ୍ୟାଳୟ, ମୂଷାନାଳ ଉଚ୍ଚ ବିଦ୍ୟାଳୟ, ବିଜେପୁର ଉଚ୍ଚ ବିଦ୍ୟାଳୟ ଓ ବେନଗାଁ ହାଇସ୍କୁଲକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (କଳା, ବିଜ୍ଞାନ ଓ ବାଣିଜ୍ୟ) ରେ ପରିଣତ କରିବାକୁ ଦାବି କରିଛନ୍ତି। ସେହିପରି ସରକାର ପୂର୍ବ ନିଷ୍ପତ୍ତିର ପୁନଃ ବିଚାର କରି ଲାଞ୍ଜିଗଡ଼ ବ୍ଲକର ଉକ୍ତ ହାଇସ୍କୁଲଗୁଡ଼ିକୁ ଉନ୍ନୀତ କରିବା ପାଇଁ ପଦକ୍ଷେପ ନେବା ସହିତ ଚଳିତ ଶିକ୍ଷା ବର୍ଷରୁ ନାମଲେଖା ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି। ଏହାଦ୍ୱାରା ବ୍ଲକ ଅଞ୍ଚଳର ଅନେକ ଗରିବ ଛାତ୍ରଛାତ୍ରୀଙ୍କ ଉଚ୍ଚ ଶିକ୍ଷାର ସ୍ୱପ୍ନ ପୂରଣ ହୋଇପାରିବ ବୋଲି ଶ୍ରୀ ବାଗ ଦର୍ଶାଇଛନ୍ତି।

# ଭିଜିଲାନ୍ସ କୋର୍ଟ ଦ୍ୱାରା ଦଣ୍ଡିତ ହେଲେ ଅବସରପ୍ରାପ୍ତ ଏଏସ୍ଆଇ

## ଆଇଆଇସି ନିର୍ଦ୍ଦୋଷରେ ଖଲାସ

**ଭବାନୀପାଟଣା, ୨୭।୬ (ସମିସ):** ଏକ ପୁରୁଣା ମାମଲାର ବିଚାର କରି ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଶୀତିକଣ୍ଠ ସାମଲ ଜଣେ ଅବସରପ୍ରାପ୍ତ ଏଏସଆଇଙ୍କୁ ସମୁଦାୟ ଦେଢ଼ ବର୍ଷ ଜେଲ ଦଣ୍ଡାଦେଶ ସହିତ ତିନି ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ଦୁଇ ମାସ ଜେଲ ଦଣ୍ଡାଦେଶ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୭ ମସିହା ଅକ୍ଟୋବର ୨୦ ତାରିଖରେ କେଗାଁ ଥାନା ଅନ୍ତର୍ଗତ ମକରାଗୁଡା ଗ୍ରାମର ଗଙ୍ଗା ନାଗ ଓ ସେହି ଗ୍ରାମର ବେଲାଳ ସାହୁ ମଧ୍ୟରେ ଝଗଡ଼ା ହୋଇଥିଲା। ଏନେଇ ବେଲାଳ ସାହୁ କେଗାଁ ଥାନାରେ ଗଙ୍ଗା ନାଗ ବିରୋଧରେ ଅଭିଯୋଗ କରିଥିଲେ। ଅକ୍ଟୋବର ୩୦ ତାରିଖରେ ଏଏସ୍ଆଇ ଟଙ୍କଧର ବୁଦ୍ଧିଆ ଉଭୟ ପକ୍ଷକୁ ଥାନାକୁ ଡ଼ାକି ମାମଲାର ଆପୋଷ ସମାଧାନ କରିବା ପାଇଁ କହିଥିଲେ। ରାତି ହୋଇ ଯିବାରୁ ତା ପରଦିନ ଆସି ବୁଝାମଣାପତ୍ର ପ୍ରସ୍ତୁତ କରିବା ପାଇଁ କହିଥିଲେ। ତେବେ ନଭେମ୍ବର ପହିଲାରେ ବୁଝାମଣାପତ୍ର କରିଦେବା ପାଇଁ ଗଙ୍ଗା ନାଗଙ୍କୁ ଏଏସ୍ଆଇ ଶ୍ରୀ ବୁଦ୍ଧିଆ ୩ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ନହେଲେ ତା ନାମରେ ମାମଲା ରୁଜୁ କରିବି ବୋଲି କହିଥିଲେ। ସେତେବେଳେ ଗଙ୍ଗାଙ୍କ ପାଖରେ ଥିବା ୧୫ଶହ ଟଙ୍କା ଏଏସ୍ଆଇ ଶ୍ରୀ ବୁଦ୍ଧିଆଙ୍କୁ ଦେଇଥିଲେ। ଏଏସଆଇ ଆହୁରି କହିଥିଲେ ଯେ ଆଇଆଇସିଙ୍କୁ ମଧ୍ୟ ଦେବାକୁ ପଡ଼ିବ। ତେଣୁ ଅବଶିଷ୍ଟ ୧୫ ଶହ ଟଙ୍କା ନ ଦେଲେ ମାମଲା ରୁଜୁ କରିବି ବୋଲି ଧମକ ଦେଇଥିଲେ। ନଭେମ୍ବର ୮ ତାରିଖ ଦିନ ଅବଶିଷ୍ଟ ଟଙ୍କା ଦେବାକୁ ଗଙ୍ଗା କହିଥିଲେ। ଏ ସମ୍ପର୍କରେ ଗଙ୍ଗା ଭିଜିଲାନ୍ସ ବିଭାଗ ସହ ଯୋଗାଯୋଗ କରି ଲିଖିତ ଅଭିଯୋଗ କରିବା ପରେ ଯୋଜନା ମୁତାବକ ୮ ତାରିଖ ଦିନ ଟଙ୍କା ଦେବା ବେଳେ ଏଏସ୍ଆଇ ଶ୍ରୀ ବୁଦ୍ଧିଆକୁ ଭିଜିଲାନ୍ସ ଟିମ୍ କାବୁ କରି ନେଇଥିଲା। ପରେ ଆଇଆଇସି ସମୀର ରାଉତଙ୍କୁ ମଧ୍ୟ ଏହି ମାମଲାରେ ଗିରଫ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଥିଲା। ଏହି ମାମଲାଟି ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବିଚାର ଚାଲିଥିବାବେଳେ ଗୁରୁବାର ଏହାର ରାୟ ପ୍ରକାଶ ପାଇଛି। ଏହି ମାମଲାରେ କୋର୍ଟ ତାଙ୍କୁ ଦୋଷୀ ପ୍ରମାଣିତ କରିବା ସହିତ ପ୍ରଥମ ଦଫାରେ ଏକ ବର୍ଷ ଜେଲଦଣ୍ଡ ସହିତ ଦୁଇ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ନ ଦେଲେ ଅତିରିକ୍ତ ଦୁଇମାସ ଜେଲଦଣ୍ଡ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନ୍ୟ ଏକ ଦଫାରେ ଛଅ ମାସ ଜେଲ ଦଣ୍ଡାଦେଶ ସହିତ ଏକ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଜରିମାନା ନ ଦେଲେ ଅତିରିକ୍ତ ଗୋଟିଏ ମାସ ଜେଲଦଣ୍ଡ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ତାଙ୍କ ମାସିକ ପେନସନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। କୋର୍ଟ ତାଙ୍କ ରାୟରେ ତତକାଳୀନ ଆଇଆଇସି ସମୀର ରାଉତଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ଭିଜିଲାନ୍ସ କୋରାପୁଟ ଡିଭିଜନର ପୂର୍ବତନ ଇନ୍ସପେକ୍ଟର ଶିବରାମ ସାହୁ ଘଟଣାର ତଦନ୍ତ କରୁଥିବାବେଳେ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ କ୍ଷିରୋଦ ପ୍ରସାଦ ନେଗୀ ଓ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ପି.କେ ଦୋରା ମାମଲା ପରିଚାଳନା କରୁଥିଲେ।

# ରକ୍ତଶିକୁଳି ସଚେତନତା କାର୍ଯ୍ୟକ୍ରମ

**ପଦ୍ମପୁର, ୨୭ ।୬ (ସମିସ):** ସ୍ଥାନୀୟ ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ ପଦ୍ମପୁର ପରିସରରେ ବିଶ୍ୱ ରକ୍ତ ଶିକୁଳି ସଚେତନତା ପରିପ୍ରେକ୍ଷୀରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଆଜି ନବମ ଦିବସରେ ଅଧକ୍ଷା କଳ୍ପନାରାଣୀ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦମପୁର ସରକାରୀ ଡାକ୍ତରଖାନାର ବରିଷ୍ଠ ମେଡିସିନ ବିଶେଷଜ୍ଞ ଡା. ଯଦୁମଣି ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇ ରକ୍ତ ଶିକୁଳି ରୋଗର କାରଣ ଓ ନିରାକରଣ ସମ୍ବନ୍ଧରେ ବିଶଦ ଭାବରେ ଆଲୋଚନା କରିଥିଲେ। ଅଧ୍ୟାପିକା ସଙ୍ଗୀତା ଗୌନ୍ତିଆ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଏହି ରକ୍ତ ଶିକୁଳି ସଚେତନତା କାର୍ଯ୍ୟକ୍ରମ ଜୁନ ୧୯ ରୁ ଆରମ୍ଭ ହୋଇଛି ଓ ଏହା ଜୁଲାଇ ମାସ ୩ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଶିଶୁ ବିଦ୍ୟାମନ୍ଦିରରେ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା

ବରପାଲି, ୨୭ ।୬ (ସମିସ):ବରପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚାରି ଦିନିଆ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଆୟୋଜିତ ହୋଇଯାଇଛି। ଶିକ୍ଷା ବିକାଶ ସମିତି ଓଡ଼ିଶା ପଶ୍ଚିମ ସମ୍ଭାଗ ଅର୍ନ୍ତଗତ ମାଧ୍ୟମିକ ବିଭାଗର ୨୦୫ ଜଣ ଆଚାର୍ଯ୍ୟ ଓ ଆଚାର୍ଯ୍ୟାଙ୍କୁ ନେଇ କାର୍ଯ୍ୟଶାଳା ଉଦଘାଟିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ସହକାରୀ ଶିକ୍ଷାଧିକାରୀ ରତ୍ନ କୁମାର ଭୋଇ ଓ ମୁଖ୍ୟବକ୍ତା ଭାବେ ପ୍ରାକ୍ତନଃ ଅଧ୍ୟକ୍ଷ ପଶ୍ଚିମ ସମ୍ଭାଗ ଡ.ପ୍ରଦୀପ କୁମାର ସାହୁ ଯୋଗ ଦେଇଥିଲେ। ।ସମ୍ଭାଗ ସଂଯୋଜକ ଜ୍ୟୋତିରଞ୍ଜନ ମିଶ୍ର ଉଦ୍ଦେଶ୍ୟ ଉପସ୍ଥାପନା କରିଥିବା ବେଳେ ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ହୋତା ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଡା.ଶଙ୍କର୍ଷଣ ମେହେର ମାର୍ଗଦର୍ଶନ ପ୍ରଦାନ କରିଥିଲେ। ସମ୍ପାଦକ ରାଜେଶ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ଧର୍ମେନ୍ଦ୍ର ପୂଜାରୀ ସଂଯୋଜନା କରିଥିଲେ। ଏଥିରେ ୨୦୫ ଜଣ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ସାମିଲ ହୋଇଛନ୍ତି।

# ୱାର୍ଡସଭ୍ୟଙ୍କ ଅକାଳ ବିୟୋଗ

**ଦହିତା, ୨୭ ।୬ (ସମିସ):** ପଦ୍ମପୁର ଉପଖଣ୍ଡ ଦହିତା ପଞ୍ଚାୟତ ଅନ୍ତର୍ଗତ ଭାଲୁଡୁଙ୍ଗୁରି ଗ୍ରାମର ୱାର୍ଡସଭ୍ୟ ବିନ୍ଦ କଲେତ(୩୦)ଙ୍କ ଅକାଳ ବିୟୋଗ ହୋଇଛି। ଶ୍ରୀ କଲେତଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ବିଧାୟିକା ବର୍ଷା ସିଂଙ୍କ ଭାଇ ଯୁବନେତା ଭୋଜରାଜ ସିଂ ବରିହା, ରାଜା ପଟ୍ଟନାୟକ, ଦହିତା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଚିତ୍ତରଞ୍ଜନ ପାଣ୍ଡେ, ଦହିତା ୱାର୍ଡ ମେମ୍ବର ପ୍ରତିନିଧି ଚନ୍ଦ୍ର ଭୋଇ, ରାଧେଶ୍ୟାମ ମେହେର ଓ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ ପାଇଁ ଆସିଥିଲେ।

## ଦେଓଗାଁ ବ୍ଲକ ୧୨ନଂ ଜୋନ୍‌କୁ ବିଧାୟକଙ୍କ ଗସ୍ତ

# ପାଣି ସମସ୍ୟା ନେଇ କଳିକେଶଙ୍କ ଦୃଷ୍ଟି ଆକର୍ଷଣ କଲେ ଲୋକେ

**ଦେଓଗାଁ, ୨୭।୬(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ୧୨ ନଂ ଜୋନ୍‌ର ବିଭିନ୍ନ ପଞ୍ଚାୟତକୁ ଗୁରୁବାର ଗସ୍ତ କରି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି ବିଧାୟକ କଳିକେଶ ନାରାୟଣ ସିଂଦେଓ। ପ୍ରଥମେ ଡୁମେରପିଟା ପଞ୍ଚାୟତର ପିଲାତିମହୁଲ ପରେ ଡୁମେରପିଟା, ରାମଚନ୍ଦ୍ରପୁର, ଦେଷଣ୍ଡ, ସିଂଘାମୁଣ୍ଡା, ବନ୍ଧପଡ଼ା, ବ୍ରାହ୍ମଣୀଯୋର, ଧଣ୍ଡାମାଲ ପଞ୍ଚାୟତର ବିଲାସପୁର, ସାରସମାଲ, ଲଣ୍ଡାପଥର, ବଡ଼ବନ୍ଧ, ସିକୁଆଁ ଆଦି ପଞ୍ଚାୟତ ଅନ୍ତର୍ଗତ ଗାଁକୁ ଯାଇ ଲୋକଙ୍କୁ ବିଜୟ ବାର୍ତ୍ତାର ଅଭିନନ୍ଦନ ଜଣାଇବା ସହ ଲୋକଙ୍କ ସମସ୍ୟା ଦିଗରେ ବିଧାୟକ ସିଂଦେଓ ଆଲୋଚନା କରିଥିଲେ। ଅନେକ ଗ୍ରାମରେ ପିଇବା ପାଣି ସମସ୍ୟାକୁ ନେଇ ଜନସାଧାରଣ ବିଧାୟକଙ୍କୁ ଅଭିଯୋଗ କରିଥିଲେ। ଗତ ଦୁଇ ଦିନ ତଳେ ଦେଓଗାଁ ବ୍ଲକ କାର୍ଯ୍ୟାଳୟରେ ବିଧାୟକ କରିଥିବା ସମୀକ୍ଷା ବୈଠକରେ ପାନୀୟ ଜଳ ଯୋଗାଣ ବିଭାଗ କର୍ମଚାରୀଙ୍କୁ ପାନୀୟ ଜଳ ଯୋଗାଣ ସମସ୍ୟା ଦିଗରେ ବିଧାୟକ ତୁରନ୍ତ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ ଜଳ ଯୋଗାଣ ବିଭାଗର ଅଧିକାରୀ ଦେଇଥିବା ତଥ୍ୟ ଠିକ ନଥିବା ନିର୍ବାଚିତ ପ୍ରତିନିଧି ମାନେ କହିଥିଲେ। ଗୁରୁବାର ବିଧାୟକ ସିଂଦେଓ ଲୋକଙ୍କ ଠାରୁ ପାଣି



ସମସ୍ୟା ଦିଗରେ ଶୁଣିବାପରେ ସମ୍ପୃକ୍ତ ବିଭାଗର କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ କରି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସାଧାରଣ ଜନତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଚଳିତ ନିର୍ବାଚନରେ ଲୋକେ ଦେଇଥିବା ଦାବିଗୁଡ଼ିକ ଉପରେ ନିଶ୍ଚିତ ଭାବରେ ପୂରଣ କରାଯିବ। ଜନସାଧାରଣ ଯାହା ଆଦେଶ କରିବେ ମୁଁ ତାହା ନିଶ୍ଚିତ ପାଳନ କରିବି ବୋଲି ବୈଠକରେ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ଗସ୍ତ ସମୟରେ ବ୍ଲକ ଅଧକ୍ଷ ଦୟାନିଧି ଖମାରି, ଜିଲ୍ଲା ପରିଷଦ ସଭ୍ୟା ମମତା କୁମୁରା, ବ୍ଲକ ବିଜେଡି ସଭାପତି ଶୁଶିଲ ଚାନ୍ଦ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଲକ୍ଷ୍ମଣ କୁମାର ମେହେର, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ଯୁବ ନେତା ବୁଦ୍ଧଦେବ ପରୁଆ, ଜନ୍ମେଜୟ ପୋଢ, ବନ୍ଧପଡ଼ା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ଲଣ୍ଡାପଥର ସରପଞ୍ଚ ଦେବାନ୍ତି କ୍ଷେତି, ରାଜପ୍ରତାପ ସିଂଦେଓ, ଅଚ୍ୟୁତ ମିଶ୍ର, ବିଜେଡି ଛାତ୍ର ସଭାପତି ଦିପକ ବେହେରା, ଗୌରଗୋଠ ସମିତି ସଭ୍ୟ ଟଙ୍କଧର ବେରିଆ, ଶମ୍ଭୁ ଭୋଇ, ମନୋଜ ପୁଟେଲ, କାର୍ତ୍ତିକ ପଧାନ, ଗୋପିନାଥ ବାଗ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବାବା ଅନାଦି ଦାଶଙ୍କ ଘର ଭାଙ୍ଗିଲା ହାତୀ, ସାହାଯ୍ୟ ମିଳିବ କେବେ

**ପାଇକମାଳ, ୨୭ ।୬ (ସମିସ):** ପାଇକମାଳ ନୃସିଂହନାଥ ମନ୍ଦିରରୁ ପ୍ରାୟ ୩ କିମି ଦୂରରେ ଏକ ଶିବମନ୍ଦିର ଅବସ୍ଥିତ ଯାହା ଗୁପ୍ତେଶ୍ୱର ଶିବ ମନ୍ଦିର ଭାବରେ ପ୍ରସିଦ୍ଧ। ସେହି ମନ୍ଦିର ରାସ୍ତାରେ ପଡୁଥିବା କେରାବୁରେଇ ଆଶ୍ରମକୁ ସମସ୍ତେ ଜାଣନ୍ତି। ଏହି ଛୋଟିଆ ମନ୍ଦିର ଚାରି ପାଖରେ ଯେପରି ପ୍ରକୃତି ରାଣୀ ନିଜକୁ ସଜାଇ ହୋଇ ଶିବ ବାବାଙ୍କ ପାଖରେ ସବୁବେଳେ ବିଦ୍ୟମାନ। ଝରଣା ଟିଏ ମଧ୍ୟ ଦିନରାତି ବହି ଚାଲିଛି ଏଠାରେ। ପାଖରେ ଗୋଟିଏ ଛୋଟିଆ କୁଟୀରରେ ବାସ କରନ୍ତି ବାବା ଅନାଦି ଦାଶ। ନିର୍ଜନ ଜଙ୍ଗଲ ମଧ୍ୟରେ ଏକାକୀ ରହନ୍ତି ବାବା ଅନାଦି ଦାଶ। ଅନାଦି ବାବା କହିଲେ ସମସ୍ତେ ତାଙ୍କୁ ଜାଣନ୍ତି। ଦୁଃଖର ବିଷୟ ତାଙ୍କର କୁଟୀରକୁ ଗତ ୨୧/୬ ଦିନ ସନ୍ଧ୍ୟା ରେ ଗୋଟିଏ ବଣୁଆ ହାତୀ ଆସି ଉଜାଡି ଦେଇ ଥିଲା। ଏନେଇ ବାବା ନୃସିଂହ ନାଥ ସ୍ଥିତ ବନବିଭାଗ ରେଞ୍ଜରଙ୍କୁ କିଛି ସାହାଯ୍ୟ ଭିକ୍ଷା ପାଇଁ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ତାଙ୍କୁ ସାହାଯ୍ୟ ତ ଦୂରର କଥା ବନବିଭାଗର କୌଣସି କର୍ମଚାରୀ ତଦନ୍ତ ପାଇଁ ମଧ୍ୟ କେହି ସେଠାକୁ ଗଲେ ନାହିଁ। ବାବା ଅନାଦି ସବୁ ବିଷୟ ଜଣାଇ କିଛି ସାହାଯ୍ୟ ମିଳି ପାରିବକି ବୋଲି ଗଣମାଧ୍ୟମକୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ବର୍ଷ ମଧ୍ୟ ହାତୀ ତାଙ୍କ ଘର ଭାଙ୍ଗି ଦେଇଥିଲା। ବନ ବିଭାଗକୁ ଜଣାଇବା ପରେ ବନ ବିଭାଗ ପକ୍ଷରୁ କେବଳ ୧୦ କେଜି ଚାଉଳ ଦେଇ ଚୁପ ରହି ଯାଇଥିଲେ।

# କୁଶଙ୍ଗ ପଞ୍ଚାୟତ ନୋଡାଲ୍ ଉଚ୍ଚ ବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ

**ବଲାଙ୍ଗିର, ୨୭।୬(ସମିସ):** ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ କୁଶଙ୍ଗର ମୋ ସ୍କୁଲ ଅଭିଯାନ ଆନୁକୂଲ୍ୟରେ ନିର୍ମିତ ନୂତନ ୪ଟି ଶ୍ରେଣୀ କୋଠରୀର ଶୁଭ ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଧ୍ରୁବଚରଣ ବେହେରା ଜିଲ୍ଲା ଶିକ୍ଷା ଅଧିକାରୀ, କେଶବ ମେହେର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଅକ୍ଷୟ ପାଣିଉଦୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଇସିଂହା, ରିନା କୁମାରୀ ବେହେରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋଇସିଂହା ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଭୋଳାନାଥ ପର୍ଡିଆ, ମୋ ସ୍କୁଲ ଅଭିଯାନ କମିଟିର ସଭାପତି ବଂଶୀଧର ସା ସମସ୍ତ ସଦସ୍ୟ, ଉପଦେଷ୍ଟା, ପୁରାତନ ଛାତ୍ରଛାତ୍ରୀ, ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ କର୍ମଚାରୀ ତଥା କୁଶଙ୍ଗ ଗ୍ରାମ ଜନସାଧାରଣ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶ୍ରେଣୀ କୋଠରି ଉଦ୍‌ଘାଟନ ପରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଉକ୍ତ ଅବସରରେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ପଟେଲ, ପୁରାତନ ଶିକ୍ଷକ ଓ ହୃଦାନନ୍ଦ ପଟେଲ ଏବଂ ମୋ ସ୍କୁଲ ଅଭିଯାନର କାର୍ଯ୍ୟକାରୀ କମିଟିର କର୍ମକର୍ତ୍ତା ଗୌ÷ରହରି ନାଏକ, ବଂଶୀଧର ସା, ନିଳାଞ୍ଚଳ ଚିରଗୁନ, ଦୁତୀୟା ଦେହେରୀ, ଡା. ରୁଦ୍ର ନାରାୟଣ ପଟେଲ, ପ୍ରେମାନନ୍ଦ ପଟେଲ, ପ୍ରଫୁଲ୍ଲ ତୁମନିଆ, ଆଶୁତୋଷ ଗଡ଼ନାୟକ, ବୃନ୍ଦାବନ ପଟେଲ, ସିଦ୍ଧେଶ୍ୱର ପୋଡ, ଜାହ୍ନବୀ ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକୁ ଧନ୍ୟବାଦ ଅର୍ପଣ କରିଥିଲେ ଭୋଳାନାଥ ପର୍ଡ଼ିଆ। ସଭା ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, କର୍ମଚାରୀ, କମିଟିର କର୍ମକର୍ତ୍ତା, ପୁରାତନ ଛାତ୍ରଛାତ୍ରୀ ଏବଂ ଗ୍ରାମର ଜନସାଧାରଣ ସହଯୋଗ କରିଥିଲେ।



# ପହିଲି ମୌସୁମୀରେ ଭିଜିଲା ମାଟି, ବିହନ ବୁଣାରେ ଚାଷୀ ତତ୍ପର

**ପଦ୍ମପୁର, ୨୭ ।୬ (ସମିସ):** ଜମି ପ୍ରସ୍ତୁତ କରି ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଚାଷୀ ମୌସୁମୀ ଆସିବା ପରେ ହସ ଫୁଟିଛି। ସୋମବାର ରାତିରରେ ବରଗଡ଼ ଜିଲ୍ଲା ପଦ୍ମପୁର ଅଞ୍ଚଳରେ ଭଲ ବର୍ଷା ସହିତ ସକାଳେ କିଛି ସମୟ ଝିପି ଝିପି ବର୍ଷା ଲାଗି ରହିଥିଲା। ପଦ୍ମପୁର ବ୍ଲକର ବିଭିନ୍ନ ଗ୍ରାମରେ ଚାଷୀ ମାନେ ପାଗ ଅନୁକୂଳ ଦେଖି ବିହନ ବୁଣିଥିବା ବେଳେ ଏବେ ମୌସୁମୀ ବର୍ଷାରେ ଖୁସି ବ୍ୟକ୍ତ କରିଛନ୍ତି। ତେଣେ ପାଗର ପରିବର୍ତ୍ତନ ଯୋଗୁଁ ଲୋକମାନେ ମଧ୍ୟ ଆନନ୍ଦିତ। ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରେ ଭାଜି ହେଉଥିବା ପଦ୍ମପୁରବାସୀ ଏବେ ବର୍ଷାର ଶୀତଳ ସ୍ୱର୍ଶରେ ଆଶ୍ୱସ୍ତ ହୋଇଛନ୍ତି। ବିଶେଷ କରି ଆସନ୍ତା୨୪ ଘଣ୍ଟାରେ ପାଗ ପରିବର୍ତ୍ତନର ସୂଚନା ପାଇ ଚାଷୀ ଉତ୍ସାହିତ ହୋଇ ଚାଷକାର୍ଯ୍ୟକୁ ଆଗେଇ ନେଇଛି। ଜୁନ ମାସରେ ଆବଶ୍ୟକ ଠାରୁ କମ୍ ବର୍ଷା ହୋଇଥିବାରୁ ଚାଷୀ ଚିନ୍ତାରେ ପଡ଼ିଥିଲା। ମାତ୍ର ଆଗକୁ ଲଘୁଚାପ ବର୍ଷା ଥିବାରୁ ଚାଷ କାର୍ଯ୍ୟ ଆଗେଇବ ବୋଲି ଚାଷୀ ମାନେ କହିଛନ୍ତି। ସେହିପରି ଚାଷୀ ମାନେ ଯେପରି ଠିକ ସମୟରେ ସାର, ବିହନ ଉଚିତ ମୂଲ୍ୟରେ ପାଇପାରିବେ ସେନେଇ କୃଷି ବିଭାଗ ଉଦ୍ୟମ କରିବା ପାଇଁ ଚାଷୀ ମାନେ ମତ ଦେଇଛନ୍ତି।

# ନାଗରିକ ବିକାଶ ସଙ୍ଗଠନ ପକ୍ଷରୁ ସ୍ୱତନ୍ତ୍ର ଗ୍ରାମସଭା



**କେସିଙ୍ଗା, ୨୭।୬(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକର ତୁଣ୍ଡୁଲା ଗ୍ରାମ ପଞ୍ଚାୟତର ଖଜୁରୀପଡ଼ାଠାରେ ସ୍ଥାନୀୟ ମହିଳାମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରୀୟ ଲୋକ ସଂଗଠନ ନାଗରିକ ବିକାଶ ସଂଗଠନ କଳାହାଣ୍ଡି ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା। ମହିଳା ମାନଙ୍କର ସାମଗ୍ରିକ ବିକାଶ ଦୃଷ୍ଟିରୁ ବିଭିନ୍ନ ସମସ୍ୟାକୁ ନେଇ ସରକାରଙ୍କ ପାଖରେ ଉତ୍ଥାପନ କରିବା ପାଇଁ ଗ୍ରାମସଭାରେ ନିଷ୍ପତି ନିଆଯାଇଥିଲା। ସଭାରେ ଉର୍ମୀ ଲିଡର ତରୁଣୀ ମାଝୀ, ତୁଣ୍ଡୁଲା ଗ୍ରାମ ପଞ୍ଚାୟତର ସରୋଜ ସେଠ ଓ ପଞ୍ଚାୟତ ସ୍ତରୀୟ ଉର୍ମୀ ମାଆମାନେ ଯୋଗଦାନ କରିଥିଲେ।

## ଟୋଲ୍ ଟ୍ୟାକ୍ସ ଛାଡ଼ ନେଇ ତ୍ରିସ୍ତରୀୟ ବୈଠକ

# ବାହାରିଲାନି ସମାଧାନର ବାଟ; ଆଜିଠୁ ଆନ୍ଦୋଳନ

କେସିଙ୍ଗା, ୨୭।୬(ସମିସ)

କଳାହାଣ୍ଡି ଜିଲ୍ଲା କେସିଙ୍ଗାଠାରେ ନବନିର୍ମିତ ଟୋଲ ଗେଟରେ ସ୍ଥାନୀୟ ଜନସାଧାରଣଙ୍କ ଗାଡ଼ି ମଟରକୁ ଟୋଲ ଟ୍ୟାକ୍ସ ଛାଡ଼ କରିବା ପାଇଁ ଦାବି ବିଗତ ୬ ମାସରୁ ଅଧିକ ସମୟ ହୋଇସାରିଛି। କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ପ୍ରାଧୀକରଣ କର୍ତ୍ତୃପକ୍ଷ କୌଣସି ନିଷ୍ପତିରେ ପହଞ୍ଚି ପାରୁନାହାଁନ୍ତି। ସମସ୍ୟାର ସମାଧାନ ପାଇଁ ଗୁରୁବାର ଉପଜିଲ୍ଲାପାଳ ବିଶ୍ୱଜିତ ଦାସଙ୍କ ଅଧ୍ୟକ୍ଷତାରେ ପ୍ରଶାସନ, ସମ୍ପୃକ୍ତ ଠିକା ସଂସ୍ଥା ଓ କେସିଙ୍ଗା ବିକାଶ ମଞ୍ଚ କର୍ମକର୍ତ୍ତାଙ୍କୁ ନେଇ ଏକ ତ୍ରିସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ତେବେ ବୈଠକରେ କୌଣସି ସମାଧାନର ବାଟ ନ ବାହାରିବାରୁ ଆସନ୍ତାକାଲିଠାରୁ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ଚଳିତ ମାସ ୨୮ ତାରିଖରୁ ଆନ୍ଦୋଳନ ପାଇଁ ପ୍ରଶାସନକୁ ମଧ୍ୟ ଜଣାଇ ଦିଆଯାଇଛି। ସ୍ଥାନୀୟ ଲୋକଙ୍କ ଦାବି ନେଇ ଗତ ୨୬ ତାରିଖରେ ବ୍ଲକ ସଭାଗୃହଠାରେ ବୈଠକ ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ଉପଜିଲ୍ଲାପାଳଙ୍କ ପକ୍ଷରୁ ଚିଠି ହୋଇଥିଲା। ହେଲେ ଏନ୍ଏଚଏଆଇ କର୍ତ୍ତୃପକ୍ଷଙ୍କ ଅନୁପସ୍ଥିତି ଯୋଗୁଁ ବୈଠକ ଆଜି ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। କିନ୍ତୁ ବୈଠକରେ ଟୋଲ ଛାଡ଼ ସମ୍ବନ୍ଧରେ କୌଣସି ଶେଷ ନିଷ୍ପତି ହୋଇପାରିନାହିଁ। ସମ୍ପୃକ୍ତ ଠିକା ସଂସ୍ଥା ଟୋଲ ଛାଡ଼ କରିବା ପାଇଁ ବିଲକୁଲ ରାଜି ହେଉ ନ ଥିବା ବେଳେ ଅଞ୍ଚଳବାସୀ ଟୋଲ ଛାଡ଼ ପାଇଁ ଜିଦ୍ ଧରି ବସିଛନ୍ତି। ଆନ୍ଦୋଳନକାରୀ କେସିଙ୍ଗା ବିକାଶ ମଞ୍ଚ ଓ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ସମ୍ପୃକ୍ତ ଠିକା ସଂସ୍ଥା, ଏନ୍ ଏଚ ଏ ଆଇ କର୍ତ୍ତୃପକ୍ଷଙ୍କ ସମେତ ଜିଲ୍ଲା ପ୍ରଶାସନକୁ ମଧ ଆନ୍ଦୋଳନର ଚେତାବନୀ ଦିଆଯାଇଛି। ବିକାଶ ମଞ୍ଚର ଶୀର୍ଷ କର୍ମକର୍ତ୍ତାଙ୍କ କହିବାନୁଯାୟୀ ଶୁକ୍ରବାରଠାରୁ ଟୋଲ ଛାଡ଼ ଆନ୍ଦୋଳନ ଆରମ୍ଭ କରାଯିବ ଓ ସମାଧାନର ବାଟ ନ ବାହାରିଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଆଜିର ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ, ଏବିଡିଓ ସିଦ୍ଧେଶ୍ୱର ମେହେର, ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର, ବ୍ଲକ ଅଧକ୍ଷ ଚନ୍ଦନ ସେନାପତି, ସାମ୍ବାଦିକ ମହାସଂଘ ସଭାପତି ସୁଶାନ୍ତ ମହାପାତ୍ର, ପୂର୍ବତନ ନଗରପାଳ ରାମ କୁମାର ଜୈନ୍ ପ୍ରମୁଖ ଉପସ୍ଥିତ ଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୨୫ • ପାଉଣ୍ଡ ୧୦୫.୫୯
- ୟୁରୋ ୮୯.୩୪ • ୟେନ୍ ୦.୫୩

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୬,୧୪୦ (ନୂଆଦିଲ୍ଲୀ)
- ରୁପା : ୮୯,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୯,୨୪୩.୦୦
- ନିଫ୍ଟି ୨୪,୦୪୪.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ଜିଟି ଟେକ୍ସା ଇଲେକ୍ଟ୍ରିକ୍ ମୋଟରସାଇକେଲର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୭।୬:** ଦୁଇଚକିଆ ଇଲେକ୍ଟ୍ରିକ ଯାନ ନିର୍ମାଣ କ୍ଷେତ୍ରରେ ଅଗ୍ରଣୀ, ଜିଟି ଫୋର୍ସ ପକ୍ଷରୁ ମାତ୍ର ୧୧୯,୫୫୫ ଟଙ୍କାର ଏକ୍ସ-ସୋରୁମ ମୂଲ୍ୟରେ ଏହାର ବହୁ ପ୍ରତିକ୍ଷୀତ ଇଲେକ୍ଟ୍ରିକ ମୋଟରସାଇକେଲ, ଜିଟି ଟେକ୍ସାର ଶୁଭାରମ୍ଭ କରାଯାଇଛି। ସହରାଞ୍ଚଳର ଚାଳକଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ନିର୍ମିତ ଏହି ଅତ୍ୟାଧୁନିକ ଇଭି ବାଇକ ଆଡ୍ଭାନ୍ସଡ ଟେକ୍ନୋଲୋଜି, ଅତୁଳନୀୟ କାର୍ଯ୍ୟଦକ୍ଷତା ଓ ପରିବେଶ-ଅନୁକୂଳ ଯାତାୟତକୁ ଏକତ୍ରିତ କରିଛି। ଏହାର ହାଲୁକା ଡିଜାଇନ ଓ ବୈପ୍ଳବିକ ଫିଚରଗୁଡିକ ସହିତ ଜିଟି ଟେକ୍ସାରେ ଏକ ଇନ୍ସୁଲେଟେଡ ବିଏଲ୍ଡିସି ମୋଟର ରହିଛି ଯାହା ୮୦କେଏମ୍ପିଏଚ୍ର ଟପ୍ ସ୍ପିଡ୍ ପ୍ରଦାନ କରୁଛି। ଏହାର ୩.୫ କେଡବ୍ଲ୍ୟୁଏଚ୍ ଲିଥିୟମ-ଆୟନ ବ୍ୟାଟେରୀ ଏକ ସିଙ୍ଗଲ ଚାର୍ଜରେ ୧୨୦-୧୩୦ କିମିର ରେଞ୍ଜ ଦେଉଛି। ଅଟୋ-କଟ ସହ ମାଇକ୍ରୋ-ଚାର୍ଜର ସହ ସୁସଜ୍ଜିତ ଏହି ମୋଟରସାଇକେଲକୁ କେବଳ ୪ରୁ୫ ଘଣ୍ଟାରେ ସମ୍ପୂର୍ଣ୍ଣ ଚାର୍ଜ କରାଯାଇପାରିବ। ୧୮୦ କିଲୋଗ୍ରାମର ଲୋଡ୍ କ୍ଷମତା ଓ ୧୮ ଡିଗ୍ରୀର ଗ୍ରେଡ୍‌ଆବିଲିଟି ସହ ଜିଟି ଟେକ୍ସାକୁ ସହରୀ ଭୂଭାଗରେ ବିଜୟ ଲାଭ କରିବା ପାଇଁ ଡିଜାଇନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଟି ଫୋର୍ସର ସହ-ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ମୁକେଶ ତନେଜା କହିଛନ୍ତି, ଜିଟି ଟେକ୍ସାର ସ୍ୱତନ୍ତ୍ର ବିକ୍ରି ପ୍ରସ୍ତାବ ଏହାର ନିର୍ମାଣ ପ୍ରବୃତିରେ ଅନ୍ତର୍ନିହିତ ରହିଛି ଯାହା ପାରମ୍ପରିକ ଆଇସିଇ ମୋଟରସାଇକେଲ ତୁଳନାରେ ଉନ୍ନତ।



# ୨୦୨୫ରୁ ସବୁ ସ୍ମାର୍ଟଫୋନ୍‌ରେ ଟାଇପ୍-ସି ପୋର୍ଟ

## ଭାରତରେ ଖୁବ୍‌ଶୀଘ୍ର ଲାଗୁ ହେବ ନୂଆ ନିୟମ
## ସି ପୋର୍ଟ ବ୍ୟବସ୍ଥାକୁ ଇୟୁ କରିଛି ବାଧ୍ୟତାମୂଳକ
## କମିବ ବୈଦ୍ୟୁତିକ ବର୍ଜ୍ୟବସ୍ତୁ

**ନୂଆଦିଲ୍ଲୀ,୨୭।୬(ଏଜେନ୍ସି)**

ମୋବାଇଲ ଫୋନ୍‌ଗୁଡ଼ିକୁ ଚାର୍ଜ କରିବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ବଳିତ ସି ପୋର୍ଟ ବ୍ୟବସ୍ଥାକୁ ୟୁରୋପୀୟ ସଂଘ (ଇୟୁ) ବାଧ୍ୟତାମୂଳକ କରିବା ପରେ ଭାରତ ମଧ୍ୟ ଅନୁରୂପ ବ୍ୟବସ୍ଥା ଆପଣାଇବ ବୋଲି ଜଣାପଡିଛି। ଗତ ଦୁଇ ବର୍ଷ ଧରି ଆପଲ୍ ଏବଂ ସାମସଙ୍ଗ ପରି କମ୍ପାନୀଗୁଡିକ ଫୋନ୍ ସହିତ ଆଡାପ୍ଟର ଯୋଗାଇବା ବନ୍ଦ କରି ଦେଇଛନ୍ତି। ଏଭଳି ପରିସ୍ଥିତିରେ ଉପଭୋକ୍ତାମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଭାରତରେ ଇଲେକ୍ଟ୍ରୋନିକ୍ସ ଡିଭାଇସ୍‌ଗୁଡିକରେ ଟାଇପ୍-ସି ପୋର୍ଟ ବ୍ୟବସ୍ଥା ଆଣିବାକୁ ଏଥିପାଇଁ ବିଚାର କରାଯାଉଛି, କାରଣ ଅନେକ କମ୍ପାନୀ ସେମାନଙ୍କର ଲାପଟପ୍ ଏବଂ ମୋବାଇଲ୍‌ରେ ଏଭଳି ପୋର୍ଟ ଯୋଗାଉଛନ୍ତି। ଆସନ୍ତା ବର୍ଷ ଜୁନ୍ ମାସରୁ ଦେଶର ଫୋନ୍ ନିର୍ମାତାମାନେ ସେମାନଙ୍କର ଫୋନ୍ ଓ ଟାବଲେଟ୍‌ଗୁଡ଼ିକରେ କେବଳ ଟାଇପ୍-ସି ବା ସି-ପୋର୍ଟ ଚାର୍ଜିଂ ବ୍ୟବସ୍ଥା ରଖିବାକୁ ସରକାର ସମୟ ଧାର୍ଯ୍ୟ କରିଛନ୍ତି।

ୟୁରୋପୀୟ ସଂଘ (ଇୟୁ) ପରି ଭାରତରେ ମଧ୍ୟ ବର୍ତ୍ତମାନ ଏକ ପ୍ରକାର ଡିଭାଇସ୍ ବା ଉପକରଣ ପାଇଁ କେବଳ ଏକ ପ୍ରକାର ଚାର୍ଜର ବ୍ୟବହାର କରାଯିବ। ଏହି ନିୟମ ୟୁରୋପୀୟ ସଂଘରେ ୨୦୨୨ ମସିହାରେ କାର୍ଯ୍ୟକାରୀ ହୋଇଛି। ବର୍ତ୍ତମାନ ଭାରତ ସରକାର ମଧ୍ୟ ଏଭଳି ଆଇନ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତ ହେଉଛନ୍ତି। ରିପୋର୍ଟ ଅନୁଯାୟୀ, ୨୦୨୫ ମସିହାରୁ ଭାରତରେ ବିକ୍ରି ହୋଇଥିବା ସମସ୍ତ ମୋବାଇଲ୍ ଏବଂ ଟାବଲେଟ୍ ଏକ ସାଧାରଣ ଚାର୍ଜର ବ୍ୟବହାର କରିବ ଯାହା ୟୁଏସ୍‌ବି ଟାଇପ୍ ସି ହେବ। କୁହାଯାଉଛି ଯେ ଏହି ଆଇନ ଜୁନ୍ ୨୦୨୫ରୁ କାର୍ଯ୍ୟକାରୀ ହେବ। ଏହି ଅନୁସାରେ ଆସୁଥିବା ରିପୋର୍ଟ ଅନୁଯାୟୀ, ଦେଶରେ ବିକ୍ରି ହେଉଥିବା ସମସ୍ତ ଲାପଟପରେ ଟାଇପ୍-ସି ପୋର୍ଟ ଉପଲବ୍ଧ ହେବ। ବୈଶିଷ୍ଟ୍ୟ ଫୋନ୍, ଅଡିଓ ଉତ୍ପାଦ ଏବଂ ପରିଧାନ ଯୋଗ୍ୟ ଉତ୍ପାଦ ପାଇଁ ଏହି ନିୟମ ପ୍ରଯୁଜ୍ୟ ହେବନାହିଁ। ରିପୋର୍ଟ ଅନୁଯାୟୀ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ (ମାଇଟି) ଖୁବ ଶୀଘ୍ର ଏହି ପ୍ରସଙ୍ଗରେ ଗ୍ୟାଜେଟ୍ କମ୍ପାନୀଗୁଡିକ ସହିତ ଚୂଡ଼ାନ୍ତ ଆଲୋଚନା କରିବାକୁ ଯାଉଛି। ଏହି ନିୟମ ଲାପଟପ୍ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ, କିନ୍ତୁ ଲାପଟପ୍ ପାଇଁ ଏହା ୨୦୨୬ରେ କାର୍ଯ୍ୟକାରୀ ହେବ। ତେବେ ବର୍ତ୍ତମାନ ପାଇଁ ହେଡ୍‌ଫୋନ୍ ଓ ଇୟରଫୋନ୍ ପାଇଁ ଏହା ଲାଗୁ ହେବନାହିଁ।



ଏହି ନିୟମ ଲାଗୁ କରିବାର ମୁଖ୍ୟ କାରଣ ହେଉଛି ବୈଦ୍ୟୁତିକ ବର୍ଜ୍ୟବସ୍ତୁ ହ୍ରାସ କରିବା।

ଦେଶରେ ଇ-ବର୍ଜ୍ୟ ପରିମାଣ କମାଇବା ପାଇଁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ସମ୍ପ୍ରତି ଏହି ଇ-ବର୍ଜ୍ୟ ଏକ ସମସ୍ୟା ଭାବେ ଉଭା ହୋଇଥିବା ବେଳେ ତାହାର କ୍ରମବର୍ଦ୍ଧିଷ୍ଣୁ ବୃଦ୍ଧିରେ ରୋକ୍ ଲଗାଇବା ପାଇଁ ବିଭିନ୍ନ ଦେଶ ପକ୍ଷରୁ ଏପରି ଦୃଢ଼ କଟକଣାମାନ ଲାଗୁ କରାଯାଉଛି। ଏହା ବ୍ୟତୀତ ଉପଭୋକ୍ତାମାନେ ମଧ୍ୟ ସୁବିଧା ପାଇବେ। ତାଙ୍କୁ ବିଭିନ୍ନ ଗ୍ୟାଜେଟ୍ ପାଇଁ ବିଭିନ୍ନ ଚାର୍ଜର କିଣିବା ଆବଶ୍ୟକ ନାହିଁ। ଅପରପକ୍ଷେ, ଅଳ୍ପ ମୂଲ୍ୟର ସାଧାରଣ ଫୋନ୍ ବ୍ୟବହାର କରୁଥିବା ନିମ୍ନ ବର୍ଗର ଗ୍ରାହକଙ୍କ ପାଇଁ ଏହା ସାମୟିକ ଭାବେ କଷ୍ଟକର ହେବ ନିଶ୍ଚୟ । ତେଣୁ ସମସ୍ତଙ୍କ ପାଇଁ ଏକ ପ୍ରକାର ଚାର୍ଜିଂ ବ୍ୟବସ୍ଥା କରାଇବା ଦ୍ୱାରା ବ୍ୟବହାରକାରୀମାନେ ଗୋଟିଏ ପ୍ରକାର ଚାର୍ଜରେ ସମସ୍ତ ଫୋନ୍ ସମେତ ଟାବଲେଟ୍, ଲାପଟପ୍ ଆଦି ଚାର୍ଜିଂ କରିପାରିବେ।

# ଅନନ୍ତ-ରାଧିକା ୱେଡିଂ: ସୁନାର ଶାଢ଼ି ପିନ୍ଧିବେ ନୀତା ଅମ୍ବାନୀ

**ମୁମ୍ବଇ,୨୭।୬(ଏଜେନ୍ସି)**

ଜୁଲାଇ ୧୨ରେ ଅନୁଷ୍ଠିତ ହେଉଛି ଶିଳ୍ପପତି ମୁକେଶ ଅମ୍ବାନୀ-ନୀତା ଅମ୍ବାନୀଙ୍କ ସାନ ପୁଅ ଅନନ୍ତଙ୍କ ବାହାଘର। ଅନନ୍ତ-ରାଧିକାଙ୍କ ପ୍ରି-ୱେଡିଂ (ପ୍ରାକ ବିବାହ ଉତ୍ସବ)କୁ ନେଇ ଚର୍ଚ୍ଚା ଲାଗି ରହିଛି। ଏହାପୂର୍ବରୁ ତିନି ଦିନ ଧରି ଚାଲିବ ପ୍ରାକ୍ ବିବାହ ଉତ୍ସବ। ଗୁଜରାଟର ଜାମନଗରରେ ତିନି ଦିନର ପ୍ରିୱେଡିଂ ପରେ ଲଣ୍ଡନରେ କ୍ରୁଜ୍ ପାର୍ଟି ଆଉ ଏବେ ଉଭୟଙ୍କ ଗ୍ରାଣ୍ଡ ୱେଡିଂ ପାଇଁ ଚାଲିଛି ପ୍ରସ୍ତୁତି। ଏହି ବିବାହ ଉତ୍ସବରେ ସୁନାର ଶାଢି ପିନ୍ଧିବେ ନୀତା ଅମ୍ବାନୀ। ଏହା ମଧ୍ୟରେ ରିଲାଏନ୍ସ ଗ୍ରୁପର ଅଧ୍ୟକ୍ଷା ନୀତା ଅମ୍ବାନୀ କାଶୀ ବିଶ୍ୱନାଥ ମନ୍ଦିର ଯାଇ ଠାକୁରଙ୍କୁ ନିମନ୍ତ୍ରଣପତ୍ର ଦେଇ ଆଶୀର୍ବାଦ ନେଇଛନ୍ତି। ସେଠାରେ ନୀତା କିଛି କାରିଗରଙ୍କୁ ଭେଟି ଏକ ସ୍ୱତନ୍ତ୍ର ଶାଢି ତିଆରି କରିବାକୁ ବରାଦ ଦେଇଛନ୍ତି। ଏହି ଶାଢି ତିଆରି ୪ ମାସ ହେବ ଚାଲିଛି। ଏହାସହିତ ରାମନଗରର ବିଭିନ୍ନ ବୁଣାକାରଙ୍କୁ ବାହାଘର ପାଇଁ ପାଖାପାଖି ୧୦୦ରୁ ଅଧିକ ଶାଢି ଅର୍ଡର ଦିଆଯାଇଛି। ଏବେ ରାଧିକା ଓ ଅନନ୍ତଙ୍କ ବିବାହର ନିମନ୍ତ୍ରଣପତ୍ରକୁ ନେଇ ବେଶୀ ଚର୍ଚ୍ଚା। କାର୍ଡକୁ ଦେଖିଲେ ଆଖି ଲାଖିଯିବ। ଏଥିରେ ଇଥିବା କାରୁକାର୍ଯ୍ୟ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରୁଛି। ନିମନ୍ତ୍ରଣପତ୍ରରେ ରୁପାର ଏକ ସୁନ୍ଦର ମନ୍ଦିର ରହିଛି। ନିମନ୍ତ୍ରଣପତ୍ରକୁ ଖୋଲିବା ମାତ୍ରେ ଭଜନ ବାଜୁଛି। ମନ୍ଦିରରେ ରୁପାର ସୂକ୍ଷ୍ମ କାରୁକାର୍ଯ୍ୟ ସହ ଏଥିରେ ପ୍ରଭୁ ଗଣେଶ, ରାଧାକୃଷ୍ଣ ଏବଂ ମା ଦୁର୍ଗାଙ୍କ ସୁନାରେ ନିର୍ମିତ ପ୍ରତିମୂର୍ତ୍ତି ସ୍ଥାନ ପାଇଛି। ଏଥିରେ ଅନ୍ୟ ଦେବଦେବୀଙ୍କ ଫଟୋଚିତ୍ର, ବିବାହର ତାରିଖ ଏବଂ ଉତ୍ତରୀୟ ରହିଛି।



**ନିମନ୍ତ୍ରଣପତ୍ରରେ ଲାଗିଛି ସୁନା-ରୁପା**
**କାର୍ଡ ଖୋଲିବା ମାତ୍ରେ ଭଜନ ବାଜୁଛି**

# ରେକର୍ଡ ୮୦ ହଜାର ପଏଣ୍ଟ ଛୁଇଁବ ସେନ୍‌ସେକ୍ସ

**ମୁମ୍ବଇ,୨୭।୬(ଏଜେନ୍ସି)**

ଭାରତୀୟ ଷ୍ଟକ ବଜାର ଗୁରୁବାର ନୂଆ ରେକର୍ଡ ସୃଷ୍ଟି କରିଛି । ସେନ୍‌ସେକ୍ସ ପ୍ରଥମ ଥର ପାଇଁ ୭୯,୦୦୦ ଟପିଥିବାବେଳେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୨୪,୦୦୦ ଏ,ଣ୍ଟ ଉପରେ ବନ୍ଦ ହୋଇଛି। ଆଜିର କାରବାର ଶେଷ ସୁଦ୍ଧା ବିଏସ୍ଇ ସେନ୍‌ସେକ୍ସ ୫୬୯ ପଏଣ୍ଟ ବୃଦ୍ଧି ପାଇଥିବାବେଳେ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜର ନିଫ୍ଟିରେ ୧୭୫ ପଏଣ୍ଟ ବୃଦ୍ଧି ହୋଇଛି। ଏଥିଯୋଗୁ ଖୁବ୍ ଶୀଘ୍ର ସେନ୍‌ସେକ୍ସ ୮୦ ହଜାର ପଏଣ୍ଟ ସ୍ତର ଛୁଇଁବାକୁ ଯାଉଥିବା ଜଣାଯାଇଛି। ଗୁରୁବାର କାରବାର ଶେଷ ବେଳକୁ ସେନସେକ୍ସରେ ୫୬୮ ପଏଣ୍ଟ ବୃଦ୍ଧି ଘଟି ୭୯,୨୪୩ ପ,ଣ୍ଟରେ କାରବାର ଶେଷ ହୋଇଥିଲା। ସେହିପରି ନିଫ୍ଟିରେ ୧୭୫ ପଏଣ୍ଟ ବୃଦ୍ଧି ଘଟି ୨୪,୦୪୪.୫୦ପଏଣ୍ଟରେ ବନ୍ଦ ହୋଇଥିଲା। ଆଇଟି ଏବଂ ଶକ୍ତି କ୍ଷେତ୍ର ଷ୍ଟକ୍‌ଗୁଡିକରେ ଉତ୍ସାହ ଯୋଗୁଁ ଆଜିର ବଜାର କାରବାରରେ ଏଭଳି ବୃଦ୍ଧି ଦେଖିବାକୁ ମିଳିଛି। ନିଫ୍ଟିର ଆଇଟି ଇଣ୍ଡେକ୍ସ ୨ ପ୍ରତିଶତ ବୃଦ୍ଧି ପାଇଛି। ଏହାବ୍ୟତୀତ ଅଟୋ, ଏଫଏମସିଜି, ଧାତୁ, ଶକ୍ତି, ସ୍ୱାସ୍ଥ୍ୟସେବା, ତୈଳ ଓ ଗ୍ୟାସ କ୍ଷେତ୍ରର ଷ୍ଟକ ମଧ୍ୟ ତ୍ୱରାନ୍ୱିତ ହୋଇଛି। ଆଜିର କାରବାରରେ ଚମତ୍କାର ବୃଦ୍ଧି ଯୋଗୁଁ ଘରୋଇ ବଜାରର ବଜାର ପୁଞ୍ଜି ଜୋରଦାର ବୃଦ୍ଧି ସହ ବନ୍ଦ ହୋଇଛି। ବିଏସଇ ତାଲିକାଭୁକ୍ତ ଷ୍ଟକଗୁଡ଼ିକର ବଜାର ପୁଞ୍ଜି ୪୩୮.୬୯ ଲକ୍ଷ କୋଟି ଟଙ୍କାରେ ବନ୍ଦ ହୋଇଛି, ଯାହା ପୂର୍ବ ଅଧିବେଶନରେ ୪୩୭.୦୨ ଲକ୍ଷ କୋଟି ଟଙ୍କା ରହିଥିଲା। ଅର୍ଥାତ୍ ଆଜିର ଅଧିବେଶନରେ ନିବେଶକଙ୍କ ସମ୍ପତ୍ତିରେ ୧.୬୭ ଲକ୍ଷ କୋଟି ଟଙ୍କାର ବୃଦ୍ଧି ଘଟିଛି।



**ସୂଚକାଙ୍କ ୫୬୮ ପଏଣ୍ଟ ଉଠିଲା**

# ୧୭,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଓପୋ ଏ୩ ପ୍ରୋ

ମୁମ୍ବଇ,୨୭।୬: ଓପୋ ଇଣ୍ଡିଆ ପକ୍ଷରୁ ଓପୋ ଏ୩ ପ୍ରୋର ଶୁଭାରମ୍ଭ କରାଯାଇଛି। ଏହି ନୂଆ ସିରିଜର ସ୍ମାର୍ଟଫୋନ୍‌ରେ ଡ୍ରପ୍ ଓ ଇମ୍ପାକ୍ଟ ରେଜିଷ୍ଟାନ୍ସ ପାଇଁ ଏକ ଡ୍ୟାମେଜ୍- ପ୍ରୁଫ୍ ଅଲ୍-ରାଉଣ୍ଡ ଆର୍ମର ବଡି, ଜଳ ଓ ଧୂଳି ପ୍ରତିରୋଧ ପାଇଁ ଆଇପି୫୪ ସାର୍ଟିଫିକେଶନ ଏବଂ ଓଦା ହାତରେ ବ୍ୟବହାର ପାଇଁ ସ୍ପ୍ଲାଶ୍ ଟଚ୍ ଟେକ୍ନୋଲୋଜି ରହିଛି। ଏଥିରେ ୧୨୦ଏଚ୍‌ଜେଡ୍ ଅଲ୍ଟ୍ରା ବ୍ରାଇଟ୍ ଡିସ୍ପ୍ଲେ, ଏଆଇ ଲିଙ୍କ୍‌ବୁଷ୍ଟ, ଏଆଇ ଇରେଜର, ଏକ ବିଶାଳ ୫୧୦୦ ଏମ୍ଏଏଚ୍ ହାଇପର ଏନର୍ଜି ବ୍ୟାଟେରୀ ସମେତ ୪ ବର୍ଷରୁ ଅଧିକ ଜୀବନକାଳ ସହିତ ୪୫ୱାଟ ସୁପରଭିଓଓସି ଟିଏମ୍ ଫ୍ଲାଶ୍ ଚାର୍ଜ ରହିଛି। ଓପୋ ଏ୩ ପ୍ରୋ ମୁନ୍‌ଲାଇଟ ପର୍ପଲ ଓ ଷ୍ଟାରୀ ବ୍ଲାକ୍‌ରେ ଆସୁଛି ଏବଂ ଏହା ଆମାଜନ, ଫ୍ଲିପ୍‌କାର୍ଟ, ଓପୋ ଷ୍ଟୋର ଓ ମେନ୍‌ଲାଇନ ରିଟେଲ ଆଉଟଲେଟଗୁଡିକରେ ୧୨୮ଜିବି ଷ୍ଟୋରେଜ ପାଇଁ ୧୭୯୯୯ ଟଙ୍କା ଓ ୨୫୬ଜିବି ଭାରିଆଣ୍ଟ ପାଇଁ ୧୯,୯୯୯ ଟଙ୍କାରେ ଉପଲବ୍ଧ। ଓପୋ ଏ୩ ପ୍ରୋର ଡ୍ୟାମେଜ-ପ୍ରୁଫ୍ ଅଲ୍-ରାଉଣ୍ଡ ଆର୍ମର ବଡିରେ ଏକ ନୂଆ ମଜବୁତ ଆଭ୍ୟନ୍ତରୀଣ ଢାଞ୍ଚା ଏବଂ ସ୍କ୍ରିନ କଭର ପାଇଁ ବ୍ଲୁ ଗ୍ଲାସ ଡବଲ ଟେମ୍ପର୍ଡ ଗ୍ଲାସ୍ ଭଳି ଡ୍ରପ୍-ରେଜିଷ୍ଟାଣ୍ଟ ମ୍ୟାଟେରିଆଲଗୁଡିକର ଏକ ଶୃଙ୍ଖଳା ରହିଛି ଯାହା ଫୋନ୍ ଯେପରି ପ୍ରତିଦିନର ଡ୍ରପ ଓ ଇମ୍ପାକ୍ଟକୁ ସହ୍ୟ କରିପାରିବ ତାହା ସୁନିଶ୍ଚିତ କରୁଛି।




# ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡଗୁଡ଼ିକ ପ୍ରେମର ଅନ୍ତିମ ପ୍ରତୀକ

**ନୂଆଦିଲ୍ଲୀ,୨୭।୬:** ପ୍ରତ୍ୟେକ ପ୍ରେମ କାହାଣୀ ଅନନ୍ୟ, ଏହାର ନିଜସ୍ୱ ଭାବପ୍ରବଣତା ଏବଂ ସ୍ମୃତିରେ ଗୁନ୍ଥା। ଆପଣଙ୍କର ପ୍ରେମ ପ୍ରାମାଣିକତାରୁ ଉଦ୍ଭବ ହୋଇଥାଉ ଅକୁଣ୍ଠ ସମର୍ଥନର ସଂଜ୍ଞା ବହନ କରୁ, ଅପୂର୍ଣ୍ଣତାକୁ ନେଇ ପାଳନ କରୁ, ଅଥବା ସାହସିକତାକୁ ନେଇ ଆଗକୁ ବଢୁଥାଉ, ଆପଣଙ୍କ ବନ୍ଧନକୁ ପ୍ରତିଫଳିତ କରିବା ଏବଂ ପାଳନ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ଯୋଡା ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ ଡିଜାଇନ କରାଯାଇଛି। ଏକ ଅନନ୍ୟ ପ୍ରେମ କାହାଣୀକୁ ନେଇ ଆନନ୍ଦ ମନାଇବାକୁ ପ୍ରେମର ଏହି ଧାତୁ ଅପେକ୍ଷା ଆଉ କଣ ଅଧିକ ଭଲ ଉପାୟ ହୋଇପାରିବ। ୯୫% ଶୁଦ୍ଧ ଏବଂ ବିରଳ ପ୍ଲାଟିନମ୍‌ରେ ଗଢାଯାଇଥିବା ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡଗୁଡିକ ପ୍ରେମର ଅନ୍ତିମ ପ୍ରତୀକ, ଯାହା ବ୍ୟକ୍ତିବିଶେଷତାକୁ ସମ୍ମାନ ପ୍ରଦର୍ଶନ, ସମାନ ଭାବରେ ଦାୟିତ୍ୱ ସହଭାଗୀତା, ପାରମ୍ପରିକ ଭୂମିକାକୁ ଉଚ୍ଚ ସ୍ତରକୁ ନେବା ଭଳି ଆଧୁନିକ ମୂଲ୍ୟର ବାହକ ହୋଇଛି। 'ମେଟାଲ ଅଫ ଲଭ୍' ଭାବରେ ପରିଚିତ ପ୍ଲାଟିନମ୍ ଯୁବ ପିଢିଙ୍କର ପ୍ରେମ ସମ୍ପର୍କିତ ବ୍ୟାଖ୍ୟାନ ଏବଂ ଏକଜୁଟତାର ସଂଜ୍ଞା ନିର୍ଦ୍ଧାରଣ କରୁଥିବା ନୂଆ ଯୁବର ମୂଲ୍ୟବୋଧ ସହିତ ମେଳ ଖାଉଛି।



# ଡ. ତିରୁପତି ପାଣିଗ୍ରାହୀଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପାଇଁ ସମ୍ମାନିତ

**ଭୁବନେଶ୍ୱର,୨୭।୬(ସମିସ)**

ଓଡିଶାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଏବଂ ବିଶେଷ କରି ଓଡିଶାରେ ଦୁଇ ଦୁଇଟି ଉଚ୍ଚମାନର ପ୍ରଥମ ଘରୋଇ ମେଡିକାଲ କଲେଜ୍ ତଥା ଭାରତ ବର୍ଷରେ ତିନୋଟି ମେଡିକାଲ କଲେଜ ଏବଂ ଗଜପତି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇ ପ୍ରତିଟି ଘରେ ଘରେ ଆଦରର ସଫଳ ମଣିଷ ଭାବେ ଖୁବ୍ ପରିଚିତ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀଙ୍କୁ "ଦ ଟାଇମ୍ସ ଅଫ୍ ଇଣ୍ଡିଆ" ଦ୍ୱାରା ଆୟୋଜିତ 'ଦ ଟାଇମସ୍ ହେଲଥ୍ ଆଇକୋନ୍' କାର୍ଯ୍ୟକ୍ରମରେ ଡାକ୍ତରୀ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବାରେ ଜୀବନ୍ତ କିମ୍ବଦନ୍ତୀ ପୁରୁଷ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମ ଭୁବନେଶ୍ୱର ସ୍ଥିତ ସ୍ୱସ୍ତି ପ୍ରିମିୟମ ଠାରେ ଆୟୋଜନ କରାଯାଇଥିବା ବେଳେ ଏଥିରେ ବଲିଉଡ୍ର ସୁପରଷ୍ଟାର ଅନିଲ୍ କପୁର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପୁରସ୍କାର ପ୍ରଦାନ କରିଥିଲେ। ଏହାକୁ ନେଇ ଡ. ପାଣିଗ୍ରାହୀ କହିଛନ୍ତି ଯେ ଏହି ସମ୍ମାନ ମତେ ଆଗାମୀ ଦିନରେ ଅଧିକରୁ ଅଧିକ ସ୍ୱାସ୍ଥ୍ୟ ସେବା ସହ ସମାଜ ସେବା ପାଇଁ ପ୍ରେରଣା ଯୋଗାଇବ।



## ଜୁଲାଇରୁ ନୂଆ ନିୟମ

# ଏଲ୍‌ପିଜି ସିଲିଣ୍ଡରଠାରୁ କ୍ରେଡିଟ୍ କାର୍ଡ ଯାଏ ସବୁ ବଦଳିବ

**ନୂଆଦିଲ୍ଲୀ,୨୭।୬(ଏଜେନ୍ସି):**

ଜୁନ୍ ମାସ ସରିବାକୁ ଯାଉଛି, ଆରମ୍ଭ ହେବ ବର୍ଷର ସପ୍ତମ ମାସ ଜୁଲାଇ। ତେବେ ନୂଆ ମାସରୁ ଅନେକ କିଛି ନୂଆ ପରିବର୍ତ୍ତନ ମଧ୍ୟ ଦେଖିବାକୁ ମିଳିବ। ଯାହାର ସିଧାସଳଖ ପ୍ରଭାବ ଲୋକଙ୍କ ପକେଟ୍ ଉପରେ ପଡିବ। ଜୁଲାଇରୁ ଏଲପିଜି ସିଲିଣ୍ଡରଠାରୁ ଆରମ୍ଭ କରି କ୍ରେଡିଟ୍ କାର୍ଡ ଯାଏ ସବୁର ନିୟମରେ ପରିବର୍ତ୍ତନ ଘଟିବାର ସମ୍ଭବନା ରହିଛି।

ନୂଆ ମାସରୁ ତୈଳ ମାର୍କେଟିଂ କମ୍ପାନୀଗୁଡିକ ଏଲପିଜି ସିଲିଣ୍ଡର ମୂଲ୍ୟରେ ସଂଶୋଧନ କରିବାର ସମ୍ଭାବନା ରହିଛି। ଦୀର୍ଘ ଦିନ ହେବ ୧୪ କେ.ଜି ଘରୋଇ ଗ୍ୟାସ ସିଲିଣ୍ଡର ମୂଲ୍ୟ ସ୍ଥିର ରହିଛି। ତେବେ ଲୋକସଭା ନିର୍ବାଚନ ଶେଷ ହୋଇଥିବାରୁ ବର୍ତ୍ତମାନ ଏଲପିଜି ସିଲିଣ୍ଡର ମୂଲ୍ୟ ବଢ଼ିପାରେ। ପ୍ରତ୍ୟେକ ମାସର ପ୍ରଥମ ତାରିଖରେ ଏଟିଏଫ ଏବଂ ସିଏନଜି-ପିଏନଜି ମୂଲ୍ୟରେ ମଧ୍ୟ ପରିବର୍ତ୍ତନ ହୋଇଥାଏ। ତେଣୁ ଜୁଲାଇରୁ ଏହାର ନୂଆ ମୂଲ୍ୟ ଘୋଷଣା କରିପାରନ୍ତି ତୈଳ ମାର୍କେଟିଂ କମ୍ପାନୀ। ଅନ୍ୟ ଏକ ଖବର ଅନୁଯାୟୀ, ଭାରତୀୟ ରିଜର୍ଭବ ୍ୟାଙ୍କ (ଆର୍‌ବିଆଇ) ନୂତନ ନିୟମ ଅନୁଯାୟୀ, ଭାରତ ବିଲ୍ ପେମେଣ୍ଟ ସିଷ୍ଟମ୍ (ବିବିପିଏସ୍) ମାଧ୍ୟମରେ କ୍ରେଡିଟ୍ କାର୍ଡ ଦେୟ ପ୍ରଦାନ କରାଯିବ। ଯାହା ଡିଜିଟାଲ୍ ପେମେଣ୍ଟ ଉପରେ ସିଧାସଳଖ ପ୍ରଭାବ ପକାଇବ।

ଏହାଛଡା ଜୁଲାଇ ପରିଲାରୁ ଟ୍ରାଇ ମୋବାଇଲ୍ ନମ୍ବର ପୋର୍ଟେବିଲିଟି (ଏମ୍ଏନ୍‌ପି) ନିୟମରେ ପରିବର୍ତ୍ତନ କରିବାକୁ ଯାଉଛି, ଯେଉଁଥିରେ ସିମ୍ କାର୍ଡ ପୋର୍ଟ ନିୟମ ବଦଳିଯିବ। ଏହି ଅନୁଯାୟୀ, ଯଦି ଆପଣଙ୍କର ସିମ୍ କାର୍ଡ କୌଣସି କାରଣରୁ ନଷ୍ଟ ହୋଇଯାଏ, ତେବେ ଆପଣ ତୁରନ୍ତ ନୁହେଁ ୭ ଦିନ ପରେ ସିମ୍ କାର୍ଡ ପାଇବେ। ଏହାବ୍ୟତୀତ ଜୁଲାଇ ପ୍ରମାସର ଥମ ଦିନରୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଗ୍ରାହକଙ୍କୁ ମଧ୍ୟ ବଡ଼ ଝଟକା ଦେଇପାରେ। ଗତ ୩ ବର୍ଷ ହେବ କୌଣସି କାରବାର ହୋଇ ନ ଥିବା ଆକାଉଣ୍ଟ ଏବଂ ଜିରୋ ବାଲାନ୍ସ ଥିବା ଆକାଉଣ୍ଟକୁ ବନ୍ଦ କରି ଦିଆଯାଇପାରେ। ଜୁନ୍ ୩୦ ପରେ ଏହିସବୁ ଆକାଉଣ୍ଟ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।



# ଜିନ୍ଦଲ ଆଡଭାନ୍ସଡ୍ ମ୍ୟାଟେରିଆଲ୍ସର ମେଗା ସମ୍ପ୍ରସାରଣ ଯୋଜନା

**ଭୁବନେଶ୍ୱର,୨୭।୬(ସମିସ):** ହାଇ ପରଫର୍ମାନ୍ସ କମ୍ପୋଜିଟ୍ ମ୍ୟାଟେରିଆଲ କ୍ଷେତ୍ରରେ ଅଗ୍ରଣୀ ନିର୍ମାତା ଜିନ୍ଦଲ ଆଡଭାନ୍ସଡ୍ ମ୍ୟାଟେରିଆଲ୍ସ (ଜେଏଏମ୍) ଘୋଷଣା କରିଛି ଯେ ୨୦୨୫ର ଜୁନ ସୁଦ୍ଧା ଏହା ଫାଇବର-ସଶକ୍ତ ପଲିମର ରିବାରର ବିଶ୍ୱର ସର୍ବ ବୃହତ ଉତ୍ପାଦକ ହେବାକୁ ଯାଉଛି। ଏହି ଉଚ୍ଚାଭିଳାଷୀ ବିସ୍ତାର ଯୋଜନା ଅନୁଯାୟୀ ଜୁନ୍ ୨୦୨୫ ସୁଦ୍ଧା ବାର୍ଷିକ ଏକ ଲକ୍ଷ ମେଟ୍ରିକ୍ ଟନ୍ ଫାଇବର ରେନଫୋର୍ସଡ୍ ପଲିମର ଉତ୍ପାଦନ କ୍ଷମତାରେ ୪.୫ ଗୁଣା ବୃଦ୍ଧି ହେବ। ଏହି ରଣନୈତିକ ପଦକ୍ଷେପ ସ୍ଥାୟୀ ଏବଂ ଉନ୍ନତ ଏଫଆରପିସମାଧାନ ସହିତ ନିର୍ମାଣ ଶିଳ୍ପରେ ପରିବର୍ତନ ଆଣିବା ପାଇଁ ଜେଏଏମ୍‌ର ପ୍ରତିବଦ୍ଧତାକୁ ସୂଚିତ କରେ। ଜିନ୍ଦଲ ଆଡଭାନ୍ସଡ୍ ମ୍ୟାଟେରିଆଲ୍ସ - ସଷ୍ଟେନେବଲ୍ ନିର୍ମାଣରେ ଅଗ୍ରଣୀ ଢକ୍ତଙ୍କକ୍ସଗ୍ଧ;ଏହି ସମ୍ପ୍ରସାରଣ ଯୋଜନା କ୍ଷୟ ପ୍ରତିରୋଧୀ, ହାଲୁକା ଏଫଆରପି ରିବାର ଉତ୍ପାଦନରେ ଅଭିନବତା ଏବଂ ଉତ୍କର୍ଷତା ପ୍ରତି ଜେଏଏମର ପ୍ରତିବଦ୍ଧତାକୁ ଦର୍ଶାଏ ବୋଲି ଜେଏଏମର ନିର୍ଦ୍ଦେଶକ ସିପି ଅଗ୍ରୱାଲ କହିଛନ୍ତି। କାର୍ବନ ଷ୍ଟିଲ ରିବାରର ବିକଳ୍ପ ଭାବେ ଏଫଆରପି ରିବାର ବ୍ୟବହାର ହୋଇପାରିବ। ଭିତିଭୂମି ଏବଂ ରେଳ କ୍ଷେତ୍ରରେ ବିବିଧ ପ୍ରୟୋଗ ପାଇଁ ଉପଯୁକ୍ତ ଏଫଆରପି ରିବାରଗୁଡିକ ୩୫% ପର୍ଯ୍ୟନ୍ତ ଖର୍ଚ୍ଚ କମାଇବା ସହ ଏଥିରୁ ଉନ୍ନତ ମାନର ସୁବିଧା ମିଳେ। ଆମର ଏଫଆରପି ରିବାର କେବଳ ବିଶ୍ୱସ୍ତରୀୟ ମାନଦଣ୍ଡ ପୂରଣ କରେ ନାହିଁ ବରଂ ଆମକୁ ସଷ୍ଟେନେବଲ୍ ନିର୍ମାଣ ସମାଧାନରେ ଏକ ଅଗ୍ରଣୀ କମ୍ପାନୀ ହେବାରେ ସହାୟକ ହୁଏ।





ସଞ୍ଜୀବନୀ

ସକାଳ
THE SAKALA
www.sakalaepaper.com

ସୁସ୍ଥ ମନ ସୁସ୍ଥ ଶରୀର

# ପିତୃତ୍ୱ ପରର ଅବସାଦ



**ମାତୃତ୍ୱ ଲାଭ ପରେ ଜଣେ ମହିଳା ପୂର୍ଣ୍ଣାଙ୍ଗ ହୋଇଥା'ନ୍ତି । ଏହାପରେ ତାଙ୍କ ଦାୟିତ୍ୱ ଢେର୍ ବଢ଼ିଯାଏ । ହେଲେ କେବଳ ମା' ନୁହଁନ୍ତି; ବାପାର ମଧ ଲାଳନପାଳନକୁ ନେଇ ଚିନ୍ତା ବଢ଼ିଥାଏ, ଯାହା ରୋଗରେ ପରିଣତ ହୋଇଥାଏ । ପ୍ରସବ ପରବର୍ତ୍ତୀ ଅବସ୍ଥାରେ ପୁରୁଷଙ୍କଠାରେ ଦେଖାଯାଉଥିବା ଏହି ଚିନ୍ତାକୁ ପୋଷ୍ଟନାଟାଲ୍ ଡିପ୍ରେସନ୍ ବା ପିତୃତ୍ୱ ପରର ଅବସାଦ କୁହାଯାଏ । ଯାହାକୁ ଅଧିକାଂଶ ପୁରୁଷ ଅଣଦେଖା କରିଥା'ନ୍ତି ।**

ଏକ ରିପୋର୍ଟ ଅନୁସାରେ, ପ୍ରସବୋତ୍ତର ଅବସାଦ ସାଧାରଣ ସମସ୍ୟା । ଯାହାକି ପ୍ରାୟ ପାଞ୍ଚ ଜଣରୁ ଜଣେ ମହିଳା ଓ ୧୦ରୁ ଜଣେ ପୁରୁଷଙ୍କୁ ପ୍ରଭାବିତ କରେ । ତେବେ ପିଲା ହେବା ପରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଦୂରତ୍ୱ ଏହାର ଏକ ପାର୍ଶ୍ୱ ପ୍ରତିକ୍ରିୟା । ତେଣୁ ପୁରୁଷମାନେ ଏହି ସମସ୍ୟାକୁ ଚିହ୍ନଟ କରି ଏହାର ଉପଚାର ବିକଳ୍ପ ଜାଣିବା ଦରକାର ।

ସନ୍ତାନ ଜନ୍ମ ହେବାର କିଛି ସପ୍ତାହ କିମ୍ବା ମାସକ ମଧ୍ୟରେ ଅବସାଦ ଦେଖାଯାଏ । ହର୍ମୋନାଲ ପରିବର୍ତ୍ତନ, ଅନିଦ୍ରା, ଦାୟିତ୍ୱ ବଢ଼ିବା, ସାଥୀଙ୍କ ଚିନ୍ତା, ଏକାକିତ୍ୱ ଇତ୍ୟାଦି କାରଣ ହୋଇଥାଏ । ତେବେ ଏହାଦ୍ୱାରା ଉଦାସ ରହିବା, ଚିଡ଼ିଚିଡ଼ା ହେବା, ରାଗିବା, ଥକ୍କା ଅନୁଭବ ହେବା, ଭୋକ ନ ଲାଗିବା, ନିଦ ନ ଲାଗିବା, କାମରେ ଧ୍ୟାନ ନ ଦେବା, ଆତ୍ମହରା ହେବା ଇତ୍ୟାଦି ଏହି ରୋଗର ଲକ୍ଷଣ ।

**ଉପଚାର:** ଏ ନେଇ ଥେରାପିଷ୍ଟଙ୍କ ସହ ଯୋଗାଯୋଗ କରିପାରିବେ । ଅନେକ କ୍ଷେତ୍ରରେ ଡାକ୍ତର ଅବସାଦ ଓ ଚିନ୍ତା ଦୂର ପାଇଁ ଔଷଧ ଦେଇଥା'ନ୍ତି । ତେଣୁ ଔଷଧ ସେବନ ସହ ଜଣେ ନିୟମିତ ପୌଷ୍ଟିକ ଆହାର, ବ୍ୟାୟାମକୁ ଗୁରୁତ୍ୱ ଦେବା ଉଚିତ । ଏହା ବ୍ୟତୀତ ଜଣେ ନିଜ ପରିବାର ଓ ସମ୍ପର୍କୀୟଙ୍କ ସହ ନିଜର ଭଲମନ୍ଦ ଆଦି ବିଷୟରେ ସେୟାର କରିବା ଉଚିତ ।

# ସାମାନ୍ୟ ଲକ୍ଷଣରୁ ନୀରବ ହୃଦ୍‌ଘାତ



**ପୂର୍ବରୁ ପଚାଶ ବର୍ଷରୁ ଅଧିକ ବୟସ୍କଙ୍କୁ ହୃଦ୍‌ଘାତ ହେଉଥିଲା । ହେଲେ ଏବେ ତିରିଶ ବର୍ଷ ତଥା ଏହାଠୁ କମ୍ ବୟସର ପିଲା ମଧ ଆକ୍ରାନ୍ତ ହେଉଛନ୍ତି । ହୃଦ୍‌ଘାତଠାରୁ ଏବେ ଘାତକ ପାଲଟିଛି ନୀରବ ହୃଦ୍‌ଘାତ । ଶରୀରରେ କୌଣସି ଲକ୍ଷଣ ଯଥା- ଛାତିରେ ଯନ୍ତ୍ରଣା, ଶ୍ୱାସକ୍ରିୟା ଜନିତ ସମସ୍ୟା ନଥାଇ ହୃଦ୍‌ଘାତ ହେଉଥିବାରୁ ଏହାକୁ ନୀରବ ହୃଦ୍‌ଘାତ କୁହାଯାଇଥାଏ । ଏକ ଅଧ୍ୟୟନ ମୁତାବକ ପ୍ରାୟ ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନୀରବ ହୃଦ୍‌ଘାତ ହୋଇଥାଏ । ଏଥିରେ ଦେଖାଯାଉଥିବା ହାଲୁକା ସଙ୍କେତକୁ ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶ ନେବା ଜରୁରି ।**

## କାହିଁକି ହୁଏ ହୃଦ୍‌ଘାତ

ନୀରବ ହୃଦ୍‌ଘାତକୁ ସାଇଲେଣ୍ଟ ଇସ୍କେମିୟା କୁହାଯାଏ । ହୃଦ୍‌ଘାତରେ ଛାତିରେ ଯନ୍ତ୍ରଣା, ଶ୍ୱାସକ୍ରିୟାରେ ସମସ୍ୟା, ଝାଳ ବୋହିବା ଆଦି ଲକ୍ଷଣ ଦେଖାଯାଏ । ହେଲେ ନୀରବ ହୃଦ୍‌ଘାତରେ ଲକ୍ଷଣ ନ ଥାଇ କରୋନାରି ଧମନୀରେ ୩୦ରୁ ୪୦ % ପ୍ଲାକ୍ ରକ୍ତଜମାଟ ବାନ୍ଧିଯାଏ । ହୃତ୍‌ପିଣ୍ଡର ମାଂସପେଶୀକୁ ଅମ୍ଳଜାନ ଏବଂ ରକ୍ତ ପହଞ୍ଚାଇବା ବିଳମ୍ବ ଯୋଗୁଁ ନୀରବ ହୃତ୍‌ଘାତ ହୁଏ । ହୃତ୍‌ପିଣ୍ଡ ଅଚଳ ହୋଇଥାଏ । ସେହିପରି କୋଲେଷ୍ଟ୍ରଲ୍ ସ୍ତର ସାମାନ୍ୟ ଥାଇ ନୀରବ ହୃଦ୍‌ଘାତ ହୁଏ । ବୟସ୍କ, ଅଧିକ ଚିନ୍ତା କରିବା, ଅତ୍ୟଧିକ ବ୍ୟାୟାମ ବା କଠିନ ପରିଶ୍ରମ ନ କରିବା, ମଧୁମେହ, ମୋଟାପା, ଉଚ୍ଚ ରକ୍ତଚାପ, କୋଲେଷ୍ଟ୍ରଲ, ନିଶା ତଥା ଧୂମ୍ରପାନ ସେବନ ଦ୍ୱାରା ନୀରବ ହୃଦ୍‌ଘାତ ହୋଇଥାଏ ।

## ଲକ୍ଷଣ

ଅନ୍ୟାନ୍ୟ ରୋଗ ଥାଇ ମଧ ନୀରବ ହୃଦ୍‌ଘାତ ହୋଇଥାଏ । କାମ କରି ଥକ୍କାପଣ ଅନୁଭବ କରିବା, ଛାତିରେ ସାମାନ୍ୟ ଯନ୍ତ୍ରଣା, ଛାତି ଓ ପେଟ ଜଳାପୋଡ଼ା, ଡିହାଇଡ୍ରେସନ୍, ବଦହଜମୀ, ନିଃଶ୍ୱାସ ନେବାରେ ସମସ୍ୟା, ଶରୀର ଯନ୍ତ୍ରଣା ହେବା, ମୁଣ୍ଡ ବୁଲାଇବା, ବାନ୍ତି ଲାଗିବା, ମୁଣ୍ଡବିନ୍ଧା, ଶରୀରରୁ ଅଧିକ ଝାଳ ବୋହିବା, ଆଦି ନୀରବ ହୃଦ୍‌ଘାତର ଲକ୍ଷଣ । ମହିଳାଙ୍କଠାରେ ଭିନ୍ନ ଭିନ୍ନ ଲକ୍ଷଣ ଦେଖାଯାଇଥାଏ ।

## ପ୍ରଭାବିତ ବର୍ଗ

ମଧୁମେହ କିମ୍ବା ବୟସ୍କ ଲୋକଙ୍କୁ ନୀରବ ହୃଦ୍‌ଘାତ ଭୟ ଅଧିକ ଥାଏ । ଅଧିକ ଲୋକ ବଦହଜମୀ ବା ଅମ୍ଳଜନିତ ସମସ୍ୟାକୁ ଅଣଦେଖା କରିଦିଅନ୍ତି । ଏହା ହିଁ ନୀରବ ହୃଦ୍‌ଘାତର ଲକ୍ଷଣ ।

## ଆଧୁନିକ ଖାଦ୍ୟାଭ୍ୟାସ ଦାୟୀ

ସମ୍ପ୍ରତି ଅତ୍ୟାଧୁନିକ ଜୀବନଶୈଳୀ ଓ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ, ତଥା ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ନୀରବ ହୃଦ୍‌ଘାତ ଜନିତ ସମସ୍ୟା ବୃଦ୍ଧି ପାଉଛି । ତେଣୁ ତେଲ ମସଲା, ଜଙ୍କ୍‌ଫୁଡ୍ ଓ ମାଛ-ମାଂସ ଠାରୁ ଦୂରେଇ ରୁହନ୍ତୁ । ଅନ୍ୟପଟେ ସୁସ୍ଥ-ସବଳ ଶରୀର ବନାଇବା ଚକ୍କରରେ ଏବେ ସମସ୍ତେ ଜିମ୍ ଯାଉଛନ୍ତି । ତେବେ ଅଧିକରୁ ଅଧିକ ପରିଶ୍ରମ କରିବା ସମୟରେ ଜିମ୍‌ରେ ମଧ ନୀରବ ହୃଦ୍‌ଘାତ ଅନେକଙ୍କ ଚିନ୍ତା ବଢ଼ାଇଛି । ସେମାନଙ୍କ ହୃଦ୍‌ଜନିତ ସମସ୍ୟା ସହ ହାତ ମାଂସପେଶୀରେ ସମସ୍ୟା ଥିଲେ, ଜିମ୍‌ରେ ଅଧିକ ନୀରବ ହୃଦ୍‌ଘାତ ମାମଲା ଦେଖିବାକୁ ମିଳିଥାଏ ।

## ମାନସିକ ଅବସାଦ ବି କାରଣ

ମାଇଗ୍ରେନ୍ ତଥା ମୁଣ୍ଡବ୍ୟଥା ଯୋଗୁଁ ଯୁବପିଢ଼ିଙ୍କ ଠାରେ ନୀରବ ହୃଦ୍‌ଘାତ ଦେଖାଯାଉଛି । ଆମେରିକା ହାର୍ଟ ଆସୋସିଏସନ (ଏଏଚ୍‌ଏ) ରିପୋର୍ଟ ଅନୁସାରେ ୩୫ ବର୍ଷରୁ କମ୍ ବୟସ୍କଙ୍କ ପାଇଁ ମାଇଗ୍ରେନ୍ ହୃଦ୍‌ଘାତର ସଙ୍କେତ ଦେଇଥାଏ । ମୁଣ୍ଡବିନ୍ଧା ବିଭିନ୍ନ ବର୍ଗର ଲୋକଙ୍କ ଠାରେ ଦେଖାଯାଉଥିବାବେଳେ ଏଥିପାଇଁ ସଚେତନ ସହ ଚିନ୍ତାମୁକ୍ତ ରହିବା ଜରୁରି ।

## ଚିକିତ୍ସା ବିକଳ୍ପ

ନିୟମିତ ରକ୍ତଚାପ, ଶର୍କରା ଏବଂ କୋଲେଷ୍ଟ୍ରଲ ଚେକ୍‌ଅପ୍ କରାନ୍ତୁ । ଖାଦ୍ୟ ହଜମ ନ ହେବା କିମ୍ବା ଅମ୍ଳ ଯୋଗୁଁ ଛାତିରେ ଯନ୍ତ୍ରଣା ହେଉଥିଲେ, ହୃଦ୍ ସମ୍ବନ୍ଧୀୟ ସମସ୍ୟା ଥିଲେ ଡାକ୍ତରଙ୍କୁ ଯୋଗାଯୋଗ କରନ୍ତୁ । ଡାଏଟ୍‌ରେ ପୌଷ୍ଟିକ ଖାଦ୍ୟ ସାମିଲ କରିପାରିବେ । ରକ୍ତଚାପ ପୀଡ଼ିତ ନିୟମିତ ରକ୍ତଚାପ ପରୀକ୍ଷା କରି ଔଷଧ ସେବନ କରନ୍ତୁ । ଡାକ୍ତରଙ୍କ ପରାମର୍ଶରେ ଇଲୋକ୍ଟ୍ରୋକାର୍ଡିଓଗ୍ରାମ୍ ଏବଂ ଇକୋକାର୍ଡିଓଗ୍ରାମ୍ ଟେଷ୍ଟ କରି ନୀରବ ହୃଦ୍‌ଘାତକୁ ଚିହ୍ନଟ କରିପାରିବେ । ହୃତ୍‌ପିଣ୍ଡର ସ୍ଥିତିକୁ ଅନୁଧ୍ୟାନ କରି ଆବଶ୍ୟକ ସ୍ଥଳେ ଏଞ୍ଜିୟୋପ୍ଲାଷ୍ଟି, ହୃତପିଣ୍ଡ ପ୍ରତ୍ୟାରୋପଣ, ବାଇପାସ୍ ସର୍ଜରୀ ଆଦି ଚିକିତ୍ସା କରିବାକୁ ହୁଏ । ନିଦ ପୂରା କରନ୍ତୁ । ଶାରୀରିକ ପରିଶ୍ରମ ସହ ନିଶା ଓ ଧୂମ୍ରପାନ ଠାରୁ ଦୂରେଇ ରୁହନ୍ତୁ ।

# ରୁଟ୍ କେନାଲ ପରେ ଦାନ୍ତର ଯତ୍ନ



**ପ୍ରତ୍ୟେକ ବ୍ୟକ୍ତି ନିଜ ଦାନ୍ତର ଯତ୍ନ ନେବା ଜରୁରି । କାରଣ ଦାନ୍ତର ସଠିକ୍ ଯତ୍ନ ନ ନେଲେ ଦାନ୍ତ ପୋକ ଖାଇବା ସହ ପାଇରିଆ, ଦାନ୍ତ ସଂକ୍ରମଣ ହୋଇଥାଏ । କର୍କଟ, ହୃଦ୍‌ରୋଗ ଆଦିର କାରଣ ମଧ ଏହି ଦାନ୍ତ ରୋଗ । ଅଧିକାଂଶଙ୍କର ଦାନ୍ତ ପୋକ ଖାଇବା ସହ ଦାନ୍ତ ସେନ୍‌ସିଟିଭିଟି ବଢ଼ିବା ଓ ଖାଦ୍ୟ ଚୋବାଇବା ସମୟରେ କଷ୍ଟ, ମାଢ଼ି ଫୁଲିଯିବା ଓ ଦରଜ, ଦାନ୍ତରେ କଳା ଚିହ୍ନ ଦେଖାଯାଇଥାଏ । ତେଣୁ ପୋକ ଦାନ୍ତକୁ ପୂରଣ ସହ ଦାନ୍ତବିନ୍ଧା ଦୂର କରିବାକୁ ଅଧିକାଂଶ ରୁଟ୍ କେନାଲ କିମ୍ବା ଫିଲିଙ୍ଗ୍ କରିଥା'ନ୍ତି । ତେଣୁ ଏହି ସମୟରେ ଦାନ୍ତର ଯତ୍ନ କିପରି ନେବେ ଜାଣି ରଖନ୍ତୁ ।**

## ରୁଟ୍ କେନାଲ ଟ୍ରିଟ୍‌ମେଣ୍ଟ

ଦାନ୍ତ ପୋକ ଲାଗି ମାଢ଼ି ସଂକ୍ରମଣ ହୋଇଥିଲେ, ରୁଟ୍‌କେନାଲ ଏହାର ପ୍ରଭାବୀ ଚିକିତ୍ସା । ଏଥିପାଇଁ ଦାନ୍ତ କେନାଲରୁ କ୍ଷତିଗ୍ରସ୍ତ ଟିସୁକୁ ସଫା କରିଦିଆଯାଏ । ଦାନ୍ତ ସଂକ୍ରମଣ ହୋଇଥିଲେ ଏହାର ମଞ୍ଜକୁ ସଫା କରି ଦାନ୍ତ ଭିତରେ ଆଣ୍ଟିବାୟୋଟିକ୍ ଭର୍ତ୍ତି କରି ଫିଲିଙ୍ଗ କରାଯାଏ । ଫଳରେ ଦାନ୍ତ ସଂକ୍ରମଣ ଭୟ କମ୍ ରୁହେ । ରୁଟ୍ କେନାଲ ହୋଇଥିବା ଦାନ୍ତକୁ ସୁରକ୍ଷା ଦେବାକୁ କ୍ରାଉନ ଲଗାଯାଏ । ତେଣୁ ରୁଟ୍ କେନାଲ ପରେ ଏହାର ନିକଟସ୍ଥ ଦାନ୍ତ ପ୍ରଭାବିତ ହେଉଥିବାରୁ କିଛିଦିନ ନରମଯୁକ୍ତ ଖାଦ୍ୟ ଗ୍ରହଣ କରିବା ସହ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ଖାଇବା ଜରୁରି । ରୁଟ୍ କେନାଲ ପରେ ଦାନ୍ତର ସ୍ୱଚ୍ଛତାକୁ ଧ୍ୟାନ ଦିଅନ୍ତୁ । ଜିଭ କିମ୍ବା ହାତରେ ବାରମ୍ବାର ରୁଟ୍ କେନାଲ ହୋଇଥିବା ସ୍ଥାନକୁ ଛୁଅଁନ୍ତୁନି । ଉକ୍ତ ଦାନ୍ତରେ ଡ୍ରାଏ ଫ୍ରୁଟ୍‌ସ, କଠିନ ଖାଦ୍ୟ, ଚୁଇଂଗମ୍, ଗରମ କିମ୍ବା ଖଟା ଫଳ ଖାଇବାଠୁ ଦୂରେଇ ରୁହନ୍ତୁ । ଦିନକୁ ଦୁଇଥର ନରମ ବ୍ରଶ୍‌ରେ ଦାନ୍ତକୁ ସଫା କରିପାରିବେ । ଖାଦ୍ୟ ଖାଇବା ପରେ କୁଳି କରିବାକୁ ଭୁଲନ୍ତୁନି । ବିନା ଆଲ୍‌କହଲ୍‌ଯୁକ୍ତ ମାଉଥ୍‌ୱାଶ୍ ଉପଯୋଗ କରନ୍ତୁ ।

ଧୂମ୍ରପାନ ତଥା ନିଶାଠାରୁ ଦୂରେଇ ରହିବା ଭଲ । ନରମଯୁକ୍ତ ଟଟକା ଫଳ ଓ ସବୁଜ ପନିପରିବା ଖାଇପାରିବେ । ସେହିପରି ରୁଟ୍ କେନାଲ କରିବାର ଦୁଇ ଦିନ ମଧ୍ୟରେ ଦାନ୍ତ ଯନ୍ତ୍ରଣା ନ କମିଲେ, କିମ୍ବା ଏହାର ପାଖ ଦାନ୍ତରୁ କୌଣସି ପ୍ରକାର ଅସାମାନ୍ୟ ଲକ୍ଷଣ ଦେଖାଦେଲେ, ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ସେବନ କରନ୍ତୁ ।

# ଥ୍ରି-ଡି ମୁଦ୍ରିତ ମନିଟର

## ଝାଳରୁ ଜାଣି ହେବ ରୋଗ



କୌଣସି ରୋଗର ନିଦାନ ପାଇଁ ବିଭିନ୍ନ ପଦ୍ଧତି ରହିଛି । ଏବେ ଝାଳ ଜରିଆରେ ଶରୀରର ବିଭିନ୍ନ ରୋଗକୁ ଚିହ୍ନଟ କରିହେବ । କାରଣ ଝାଳରୁ ବାହାରୁଥିବା ଜୈବ ରସାୟନର ସ୍ତରକୁ ମାପିବାକୁ ଏବେ ବୈଜ୍ଞାନିକମାନେ ଏକ ପିନ୍ଧିବାଯୋଗ୍ୟ ମନିଟର ବିକଶିତ କରିଛନ୍ତି । ଏସିଏସ୍ ସେନ୍‌ସର୍ସ ପତ୍ରିକାରେ ପ୍ରକାଶିତ ଅଧ୍ୟୟନ ଅନୁସାରେ ଥ୍ରି-ଡି-ମୁଦ୍ରିତ ମନିଟରଟି ଜଣେ ବ୍ୟକ୍ତିର ସ୍ୱାସ୍ଥ୍ୟାବସ୍ଥା ସ୍ଥିତିକୁ ଟ୍ରାକ୍ କରିବ । ଏହାସହ ମଧୁମେହ, ଅର୍ଥ୍ରାଇଟିସ୍, ବୃକ୍କ ଓ ହୃଦ୍‌ରୋଗ ଆଦି ରୋଗ ପାଇଁ ସରଳ ଚିକିତ୍ସା ପ୍ରଦାନ କରିବାରେ ଏହା ସହାୟକ ହେବ । ଗବେଷକମାନେ ଏହି ମନିଟର ମାଧ୍ୟମରେ ଭଲ୍ୟୁଣ୍ଟରଙ୍କ ଶରୀରର ଗ୍ଲୁକୋଜ, ଲାକ୍‌ଟେଟ୍, ୟୁରିକ୍ ଏସିଡ୍ ଏବଂ ବ୍ୟାୟାମ ସମୟରେ ଶରୀରରୁ ନିର୍ଗତ ହେଉଥିବା ଝାଳର ସ୍ତର ମାପିବାରେ ସଫଳ ହୋଇଥିଲେ । ତେଣୁ ରୋଗ ଚିହ୍ନଟ ପ୍ରଣାଳୀକୁ ଚିହ୍ନଟ କରିବାକୁ ଥ୍ରି-ଡି ପ୍ରିଟିଙ୍ଗ୍ ସଂଯୋଗ କଲେ ଏଥିରୁ ଅଧିକ ସୁଫଳ ମିଳିବ ଚିନ୍ତା କରି ଏହାକୁ ଉପଯୋଗ କରାଯାଇଥିଲା । ଥ୍ରିଡି ପ୍ରିଣ୍ଟିଙ୍ଗ୍ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପରିବର୍ତ୍ତନ ଆଣିବ ବୋଲି ୱାଶିଂଟନ୍ ଷ୍ଟେଟ୍ ବିଶ୍ୱବିଦ୍ୟାଳୟ (ଡବ୍ଲ୍ୟୁଏସ୍‌ୟୁ) ର ପିଏଚ୍‌ଡି ଛାତ୍ର ଚୁଚୁ ଚେନ୍ କହିଛନ୍ତି । ତେବେ ଏକ ସ୍ୱତନ୍ତ୍ର ଉପାୟରେ ଗବେଷକମାନେ ସ୍ୱାସ୍ଥ୍ୟାବସ୍ଥା ଚିହ୍ନଟ ପାଇଁ ଥ୍ରି-ଡି ମନିଟର ପ୍ରିଣ୍ଟିଂକୁ ଉପଯୋଗ କରିଥିଲେ । ସେମାନେ ସଙ୍କେତ ବୃଦ୍ଧି ସହିତ ବାୟୋମାର୍କରର ନିମ୍ନ ସ୍ତର ମାପିବାକୁ ଏକ ନକଲି ପରମାଣୁ ଉତ୍ପ୍ରେରକ ଏବଂ ଏଞ୍ଜାଇମେଟିକ୍ ପ୍ରତିକ୍ରିୟାକୁ ଉପଯୋଗ କରିଥିଲେ । ଶରୀରରୁ ବାହାରୁଥିବା ଝାଳରେ ବହୁ ଗୁରୁତ୍ୱପୂର୍ଣ୍ଣ ମେଟାବୋଲାଇଟ୍‌ସ ସ୍ୱାସ୍ଥ୍ୟ ସ୍ଥିତିର ସଙ୍କେତ ଦିଏ । ଉଦାହରଣ ସ୍ୱରୂପ ଝାଳରେ ୟୁରିକ୍ ଏସିଡ୍ ବୃଦ୍ଧି, ଆର୍ଥ୍ରାଇଟିସ୍, ବୃକ୍କ ଜନିତ, ହୃଦ୍‌ରୋଗ ଆଦି ଜଟିଳ ରୋଗକୁ ସୂଚାଏ । ତେଣୁ ଏପରି ସ୍ଥିତିରେ ମଧୁମେହରେ ଶର୍କରାସ୍ତରକୁ ନିୟନ୍ତ୍ରଣ କରିବାକୁ ଏବଂ ବ୍ୟାୟାମରେ ଲାକ୍ଟେଟ୍ ସ୍ତର ଜାଣିବା ପାଇଁ ଏହି ମନିଟର ବେଶ୍ ଉପଯୋଗୀ ହେବ ବୋଲି ଗବେଷକ କହିଛନ୍ତି । ଅନ୍ୟପଟେ ଡବ୍ଲ୍ୟୁଏସ୍‌ୟୁର ସ୍କୁଲ ଅଫ୍ ମେକାନିକାଲ ଆଣ୍ଡ ମେଟେରିଆଲ୍ସ ଇଞ୍ଜିନିୟରିଂରେ ବେରି ସହକାରୀ ପ୍ରଫେସର କାଇୟନ କିଓଙ୍କ ଅନୁସାରେ, ସ୍ୱାସ୍ଥ୍ୟ ମନିଟରଟି ଝାଳର ପରିମାଣ ଏବଂ ବାୟୋମାର୍କର ସ୍ତରକୁ ମାପିବାକୁ ତିଆରି କରାଯାଇଛି । ଯେହେତୁ ଥ୍ରି-ଡି ପ୍ରିଟିଙ୍ଗ୍ ମାଧ୍ୟମରେ ଏହି ମନିଟର ତିଆରି କରାଯାଇଛି, ତେଣୁ ମାଇକ୍ରୋଚ୍ୟାନେଲର ସାହାଯ୍ୟ ଜରୁରି ହୋଇନଥାଏ । ଏଥିପାଇଁ ଗବେଷକ ମାନେ ଭଲ୍ୟୁଣ୍ଟରଙ୍କ ହାତ ବାହୁରେ ଏହି ମନିଟର ଲଗାଇ ଝାଳର ପରିମାଣର ଏବଂ ଏଥିରେ ଥିବା ରସାୟନକୁ ସଠିକ୍ ଭାବେ ମାପିବାରେ ସଫଳ ହୋଇଥିଲେ ।

ପୋଷଣଯୁକ୍ତ ଓ ଔଷଧୀୟ ଗୁଣରେ ଭରପୂର

# ସଜନା ଶାଗ

**ସଜନା ଶାଗରେ ଭିଟାମିନ୍ ଏ, ବି୧, ବି୨, ବି୬, ସି, ଫୋଲେଟ୍ ଆଣ୍ଟିଅକ୍ସିଡାଣ୍ଟ, ଆମିନୋ ଏସିଡ୍, ଖଣିଜ, ମ୍ୟାଗ୍ନେସିୟମ୍, କ୍ୟାଲ୍‌ସିୟମ୍, ଜିଙ୍କ୍, ଲୌହସାର, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଆଦି ପୋଷକତତ୍ତ୍ୱ ରହିଛି । ସେଥିପାଇଁ ଉଚ୍ଚରକ୍ତଚାପ ଥିବା ବ୍ୟକ୍ତିଙ୍କ ପାଇଁ ସଜନାପତ୍ର ଜୁସ୍ ଟନିକ୍ ପରି କାମ କରିଥାଏ । ସଜନା ପତ୍ରରେ ଆଣ୍ଟି ଇନ୍‌ଫ୍ଲେମେଣ୍ଟାରି ଗୁଣ ଶରୀରକୁ ବିଭିନ୍ନ ସଂକ୍ରମଣରୁ ସୁରକ୍ଷା ଦିଏ ।**



ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ଓ ଓଜନ କମାଇବା ପାଇଁ ନିୟମିତ ସଜନା ପତ୍ର କାଢ଼ା ପିଇପାରିବେ । ଏହା ଅଷ୍ଟିଓପୋରୋସିସ୍, ଚିନ୍ତା ତଥା ବୃକ୍କଜନିତ ସମସ୍ୟା ଦୂର କରେ । ଅସ୍ଥି ଶକ୍ତ ହୁଏ । ଦୃଷ୍ଟିଶକ୍ତି ବୃଦ୍ଧି ପାଇଁ ଏହା ବରଦାନ ସଦୃଶ ।

**ସକ୍ରିୟ ପାଚନତନ୍ତ୍ର:** ସଜନା ପତ୍ରରେ ମଧୁମେହରୋଧିଗୁଣ ଥିବାରୁ ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରଣ ରଖେ । ରକ୍ତହୀନତା ସମସ୍ୟା ଦୂର କରିଥାଏ । ନିୟମିତ ସଜନାପତ୍ର ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ, ବଦହଜମି ତଥା ପାଚନ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ । ସଜନା ଶାଗ ବା ସୁପ୍ ପିଇବା ଦ୍ୱାରା ମସ୍ତିଷ୍କଜନିତ ସମସ୍ୟା ଦୂର ହୁଏ । ଏହି ପତ୍ରରେ ଥିବା ପୋଷକତତ୍ତ୍ୱ ଓଜନ ନିୟନ୍ତ୍ରିତ ରଖିଥାଏ ।

ପେଟ ଦରଜ, ଘା' ଆଦି ସମସ୍ୟା ଦୂର କରେ ସଜନା ପତ୍ର । ଯକୃତ୍ ଏବଂ ବୃକ୍କକୁ କାର୍ଯ୍ୟକ୍ଷମ କରିବା ସହ ଚିନ୍ତା, ଥାଇରଏଡ୍ ସଂକ୍ରମଣ ଦୂର କରିଥାଏ ।

**ସ୍ମରଣଶକ୍ତି ବୃଦ୍ଧି:** ସଜନା ପତ୍ର ଭିଜା ପାଣି ପିଇବା ଦ୍ୱାରା ହୃଦ୍‌ରୋଗ ସମସ୍ୟା ଓ କୋଲେଷ୍ଟ୍ରଲ ନିୟନ୍ତ୍ରଣ ରୁହେ । ଏହି ପତ୍ର ମାନସିକ ସ୍ୱାସ୍ଥ୍ୟ ଓ ହର୍ମୋନ୍ ସନ୍ତୁଳନ ପାଇଁ ବେଶ୍ ଲାଭକରୀ । ଏହା କର୍କଟ ହେବାର ଆଶଙ୍କା ଦୂର କରେ ।

## କୋପା ଆମେରିକା ଫୁଟବଲ

# କ୍ୱାର୍ଟରଫାଇନାଲରେ ଭେନେଜୁଏଲା



**ଲସ ଏଞ୍ଜେଲ୍ସ, ୨୭।୬ (ଏଜେନ୍ସି) :** ଆମେରିକାରେ ଚାଲିଥିବା କୋପା ଆମେରିକା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଭେନେଜୁଏଲା କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଗ୍ରୁପ୍ ବି'ରେ ଦକ୍ଷିଣ ଆମେରିକାର ଅନ୍ୟତମ ଫୁଟବଲ ପାୱାରହାଉସ୍ ଭେନେଜୁଏଲା ୧-୦ ଗୋଲରେ କେନ୍ଦ୍ର ଆମେରିକୀୟ ଦେଶ ମେକ୍ସିକୋକୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିବା ସହ କ୍ୱାର୍ଟରକୁ ଉନ୍ନୀତ ହୋଇଛି। ଭେନେଜୁଏଲା ଦୁଇଟି ମ୍ୟାଚ୍ ଖେଳି ଦୁଇଟି ବିଜୟ ସହ ୬ ପଏଣ୍ଟ ହାସଲ କରି ଗ୍ରୁପ୍ ବି' ଶୀର୍ଷରେ ରହି ଏହି ସଫଳତା ପାଇଛି। ପୂର୍ବରୁ ପ୍ରଥମ ମୁକାବିଲାରେ ଏହି ଦଳ ରବିବାର ୨-୧ ଗୋଲରେ ଇକ୍ୱେଡରକୁ ପରାସ୍ତ କରିଥିଲା। ଏବେ ଭେନେଜୁଏଲା ତା'ର ଅନ୍ତିମ ଗ୍ରୁପ୍ ମୁକାବିଲାରେ ଜାମାଇକାକୁ ସୋମବାର ଭେଟିବ। ସେହିପରି ମେକ୍ସିକୋ ଆରିଜୋନାରେ ତା'ର ତୃତୀୟ ତଥା ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଇକ୍ୱେଡରକୁ ଭେଟିବ। ଏହି ମ୍ୟାଚ୍‌ର ଫଳାଫଳ ଗ୍ରୁପ୍‌ରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ କ୍ୱାଲିଫାୟର ସ୍ଥିର କରିବ। ମେକ୍ସିକୋ ତା'ର ପ୍ରଥମ ମୁକାବିଲାରେ ଜାମାଇକାକୁ ୧-୦ ଗୋଲରେ ପରାସ୍ତ କରିଥିଲା। ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏଁ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ହାସଲ କରି ମେକ୍ସିକୋ ତୃତୀୟ ସ୍ଥାନରେ ରହିଛି।

ସ୍ଥାନୀୟ ହଲିଉଡ ପାର୍କସ୍ଥିତ ସୋଫି ଷ୍ଟାଡିୟମରେ ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାରେ ମେକ୍ସିକୋ ଅବଶ୍ୟ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରିଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ୫୭ତମ ମିନିଟ୍‌ରେ ୩୪ ବର୍ଷୀୟ ଅଭିଜ୍ଞ ଫରୱାର୍ଡ ସାଲୋମୋନ ରୋଣ୍ଡୋନ ପେନାଲ୍ଟି କର୍ଣ୍ଣର ଜରିଆରେ ଗୋଲ ସ୍କୋର କରି ଭେନେଜୁଏଲାକୁ ଅଗ୍ରଣୀ କରାଇଥିଲେ। ଏହାପରେ ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ଉଭୟ ଦଳ ତରଫରୁ ଗୋଲ ସ୍କୋର ହୋଇପାରି ନଥିଲା। ଫଳରେ ଶେଷରେ ଭେନେଜୁଏଲା ବିଜୟୀ ହୋଇଥିଲା। ୮୭ତମ ମିନିଟ୍‌ରେ ମେକ୍ସିକୋର ଓର୍ବେଲିନ୍ ପିନେଡା ମିଳିଥିବା ପେନାଲ୍ଟି କର୍ଣ୍ଣରର ସଦ୍ ବ୍ୟବହାର କରିପାରି ନଥିଲେ। ମେକ୍ସିକୋ ଉନ୍ନତ ପ୍ରଦର୍ଶନ କରିଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇ ନଥିଲା। ୬୨ ପ୍ରତିଶତ ସମୟ ମେକ୍ସିକୋ ଖେଳାଳି ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲେ। ସେହିପରି ସଟ୍, ସଟ୍ ଅନ୍ ଟାର୍ଗେଟ, ପାସ୍ ଓ ପାସ୍ ଆକ୍ୟୁରେସିରେ ମେକ୍ସିକୋ ଯଥେଷ୍ଟ ଆଗରେ ରହିଥିଲା। ଭେନେଜୁଏଲାକୁ ଭାଗ୍ୟ ଦେବୀ ସହାୟ ହୋଇଥିଲେ।

### ଜାମାଇକାକୁ ହରାଇଲା ଇକ୍ୱେଡର

ଗୁରୁବାର ଖେଳାଯାଇଥିବା ଗ୍ରୁପ୍ ବି'ର ଅନ୍ୟଏକ ମ୍ୟାଚ୍‌ରେ ଦକ୍ଷିଣ ଆମେରିକୀୟ ଦେଶ ଇକ୍ୱେଡର ୩-୧ ଗୋଲ୍‌ରେ କ୍ୟାରିବିୟାନ ଦେଶ ଜାମାଇକାକୁ ପରାସ୍ତ କରିଛି। ଲାସ୍ ଭେଗାସର ଆଲେଜାଏଣ୍ଟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଜାମାଇକା କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ମଧ୍ୟ ଅଧିକ ଗୋଲ ସ୍କୋର କରିପାରି ନଥିଲା। ମ୍ୟାଚ୍‌ରେ ୧୩ତମ ମିନିଟ୍‌ରେ ୨୭ ବର୍ଷୀୟ ଜାମାଇକା ମିଡ୍‌ଫିଲ୍ଡର କାସେ ପାଲମାରଙ୍କ ଆତ୍ମଘାତୀ ଗୋଲ ବଳରେ ଇକ୍ୱେଡର ଅଗ୍ରଣୀ ହାସଲ କରିଥିଲା। ଏହାପରେ ପ୍ରଥମାର୍ଦ୍ଧ ଇଞ୍ଜୁରି ଟାଇମ୍‌ର ଚତୁର୍ଥ ମିନିଟ୍‌ରେ କେନ୍ଦ୍ରି ପାଏଜ ପେନାଲ୍ଟି ଜରିଆରେ ଗୋଲ ଦେଇ ଇକ୍ୱେଡରକୁ ୨-୧ ଗୋଲରେ ଅଗ୍ରଣୀ କରାଇଥିଲେ। କିନ୍ତୁ ୫୪ତମ ମିନିଟ୍‌ରେ ଜାମାଇକାର ମିକାଇଲ ଆଣ୍ଟୋନିଓ ଦଳ ତରଫରୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ଶେଷରେ ଇକ୍ୱେଡରର ଅଲାନ ମିନ୍ଦା ଇଞ୍ଜୁରି ଟାଇମ୍‌ର ପ୍ରଥମ ମିନିଟ୍‌ରେ ଗୋଲ ସ୍କୋର କରି ଦଳକୁ ୩-୧ ଗୋଲରେ ବିଜୟୀ କରାଇଥିଲେ। ଏଥିସହ ଇକ୍ୱେଡର ୨ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ହାସଲ କରି ଗ୍ରୁପ୍ ବି'ର ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟର ଆଶା ଉଜ୍ଜୀବିତ ରଖିଛି। ଅନ୍ୟପଟେ ୨ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ଜାମାଇକା କ୍ୱାର୍ଟର ଦୌଡ଼ରୁ ବାଦ୍ ପଡିଛି। ଜାମାଇକା ଅଧିକ ସମୟ ବଲ୍‌କୁ ନିଜ ଅକ୍ତିଆରରେ ରଖିଥିଲା। ଗୋଲ ପୋଷ୍ଟକୁ ସଟ୍ ମାରିବାରେ ଉଭୟ ଦଳ ବରାବର ସଫଳତା ହାସଲ କରିଥିଲେ। ପାସ୍‌ରେ ଜାମାଇକା ଓ ପାସ୍ ଆକ୍ୟୁରେସିରେ ଉଭୟ ଦଳର ସମାନ ପ୍ରଦର୍ଶନ କରିଥିଲେ। ପରାସ୍ତ ହୋଇଥିଲେ ମଧ୍ୟ ଜାମାଇକା କଳାତ୍ମକ ପ୍ରଦର୍ଶନ କରିଥିଲା। କିନ୍ତୁ ଏହାର ଲାଭ ପାଇପାରି ନଥିଲା।

# ଭାରତ-ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ ଟେଷ୍ଟ ଆଜିଠାରୁ



**ଚେନ୍ନାଇ, ୨୭।୬(ଏଜେନ୍ସି):** ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ ଦଳ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ ଏଠାରେ ଶୁକ୍ରବାରଠାରୁ ଖେଳାଯିବ। ଏହି ମୁକାବିଲା ଲାଗି ଉଭୟ ଦଳ ଜୋରଦାର ଅଭ୍ୟାସ କରିଛନ୍ତି। ଏଠିକାର ପିଚ୍ ସ୍ପିନର ବୋଲରଙ୍କୁ ସହାୟତା ଦେଇଥାଏ। ଏଭଳି ହେଲେ ଭାରତ ଏହି ମ୍ୟାଚ୍‌ରେ ଫେବରାଇଟ ହେବ। ଭାରତ ନିକଟରେ ୩ଜଣ ପ୍ରତିଭାବାନ ସ୍ପିନର ରହିଛନ୍ତି। ସେମାନେ ହେଲେ ଦୀପ୍ତି ଶର୍ମା, ରାଜେଶ୍ୱରୀ ଗାଏକ୍ୱାଡ ଓ ସ୍ନେହ ରାଣା। ଏମାନଙ୍କୁ ଏକ ଟର୍ଣ୍ଣି ଟ୍ରାକ୍‌ରେ ମୁକାବିଲା କରିବା ବିଶ୍ୱରେ ଯେ କୌଣସି ଶକ୍ତିଶାଳୀ ବ୍ୟାଟରଙ୍କ ଲାଗି ଏକ ଚ୍ୟାଲେଞ୍ଜ। ଏଣୁ ମାରିଜାନ କାପ୍ ଓ ଲୌରା ୱଲଭାର୍ଟଙ୍କ ଭଳି ବିଶ୍ୱର ଶ୍ରେଷ୍ଠ ବ୍ୟାଟର ମଧ୍ୟ ଏଠାରେ ସଂଘର୍ଷ କରିବେ ବୋଲି ଆଶା କରାଯାଉଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ଦକ୍ଷିଣ ଆଫ୍ରିକାଠାରୁ ଭାରତ ଉନ୍ନତ ପ୍ରଦର୍ଶନ କରିଛି। ଏହା ପୂର୍ବରୁ ବେଙ୍ଗାଲୁରୁରେ ଖେଳାଯାଇଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ଭାରତ କ୍ଲିନ୍ ସ୍ୱିପ୍ କରିଛି। ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୧୪୩ ରନ୍‌ରେ ପରାଜିତ ହେବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ଜୋରଦାର ଲଢ଼େଇ କରିଥିଲା। ଫଳରେ ଭାରତ ୩୨୫ ରନ୍ କରିଥିଲେ ମଧ୍ୟ ଲଢୁଆ ଖେଳିଥିବା ଦକ୍ଷିଣ ଆଫ୍ରିକା ମାତ୍ର ୪ ରନ୍‌ରେ ପରାଜିତ ହୋଇଥିଲା। ଘରୋଇ ଦଳ ଭଲ ଫର୍ମରେ ରହିଛି ଓ ଏହି ଟେଷ୍ଟକୁ ନିଶ୍ଚିତ ଜିତିବ ବୋଲି ଆଶା ରଖିଛି।

## ଡବ୍ଲ୍ୟୁଟିଏ ଫାଇନାଲ୍ସ

# ମୁଗୁରୁଜା ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ



**ରିୟାଦ୍,୨୭।୬(ଏଜେନ୍ସି):** ସାଉଦି ଆରବର ରିୟାଦ୍‌ରେ ୨୦୨୪-୨୬ରେ ଆୟୋଜନ ହେବାକୁ ଥିବା ଡବ୍ଲ୍ୟୁଟିଏ ଫାଇନାଲ୍ସ ପାଇଁ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ନିଯୁକ୍ତ କରାଯାଇଛି। ଭେନେଜୁଏଲା ମହିଳା ଟେନିସ ତାରକା ଗାର୍ବାଇନ୍ ମୁଗୁରୁଜା ଏହି ହାଇପ୍ରୋଫାଇଲ ଟୁର୍ଣ୍ଣାମେଣ୍ଟର ନିର୍ଦ୍ଦେଶିକା ଭାବେ ନିଯୁକ୍ତି ପାଇଛନ୍ତି ଓ ଏ ନେଇ ମହିଳା ଟେନିସ ଟୁର ସୂଚନା ଦେଇଛି। ଦୁଇଥର ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିବା ମୁଗୁରୁଜା କିଛିଦିନ ତଳେ ଅବସର ଘୋଷଣା କରିଥିଲେ। ପ୍ରଥମ ପୂର୍ବତନ ଟେନିସ ଖେଳାଳି ଭାବେ ମୁଗୁରୁଜା ଏହି ଗୁରୁଦାୟିତ୍ୱ ପାଇଛନ୍ତି। ୨୦୨୧ରେ ମଧ୍ୟ ମୁଗୁରୁଜା ମଧ୍ୟ ଡବ୍ଲ୍ୟୁଟିଏ ଫାଇନାଲ୍ସରେ ଟାଇଟଲ ହାସଲ କରିଥିଲେ। ନଭେମ୍ବର ୨ରୁ ୯ ତାରିଖ ମଧ୍ୟରେ ରିୟାଦ୍‌ରେ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ ହେବ। ବିଶ୍ୱର ଶ୍ରେଷ୍ଠ ୮ ଏକକ ମହିଳା ଖେଳାଳି ଓ ୮ ମହିଳା ଯୁଗଳ ଯୋଡି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥାନ୍ତି। ୩୦ ବର୍ଷୀୟା ମୁଗୁରୁଜା ୨୦୧୬ ଫ୍ରେଞ୍ଚ ଓପନ୍ ଫାଇନାଲରେ ସେରେନା ୱିଲିୟମ୍ସଙ୍କୁ ହରାଇ ଓ ୨୦୧୭ ୱିମ୍ବଲଡନ ଫାଇନାଲରେ ଭେନସ ୱିଲିୟମ୍ସଙ୍କୁ ହରାଇ ଟାଇଟଲ ହାସଲ କରିଥିଲେ। ଶେଷଥର ପାଇଁ ସେ ୨୦୨୩ ଜାନୁଆରୀରେ ଟେନିସ ଖେଳିଥିଲେ।

# ଆଜିଠାରୁ କଟକରେ ଜାତୀୟ ଟାଏକ୍ୱୋଣ୍ଡୋ



କଟକରେ ଓଡ଼ିଶା ଟାଏକ୍ୱୋଣ୍ଡୋର ସାମ୍ବାଦିକ ସମ୍ମିଳନୀ

**କଟକ, ୨୭।୬ (ସମିସ) :** ଓଡ଼ିଶା ଟାଏକ୍ୱୋଣ୍ଡୋ ଆନୁକୂଲ୍ୟରେ ତୃତୀୟ କନିଷ୍ଠ ଓ ବରିଷ୍ଠ ଜାତୀୟ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ ସ୍ଥାନୀୟ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏଥିରେ ଉଭୟ କ୍ୟୁରୋଗୀ ଓ ପୁମ୍‌ସାଏ କାଟାଗୋରୀରେ ଲଢ଼େଇ ହେବ। ୩ଦିନ ଅର୍ଥାତ ଜୁନ୍ ୨୮ରୁ ଏହି ଜାତୀୟ ପ୍ରତିଯୋଗିତା ଆରମ୍ଭ ହୋଇ ଜୁନ୍ ୩୦ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ଏହାର ପଞ୍ଜୀକରଣ ହେବ, ଶନିବାର ଓ ରବିବାର ପ୍ରତିଯୋଗିତା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତାରେ ୨୨ଟି ରାଜ୍ୟରୁ ୭୩୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜେତା ହଂକଂରେ ହେବାକୁ ଯାଉଥିବା ବିଶ୍ୱ ଟାଏକ୍ୱୋଣ୍ଡୋ ପୁମ୍‌ସାଏ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିବେ। ଏହି ପ୍ରତିଯୋଗିତା ନଭେମ୍ବର ୩୦ରୁ ଡିସେମ୍ବର ୪ ଯାଏ ଆୟୋଜିତ ହେବ। ଆୟୋଜକ ଓଡ଼ିଶା ଟାଏକ୍ୱୋଣ୍ଡେ ସଭାପତି ଚିନ୍ମୟ କୁମାର ସାହୁ, ସମ୍ପାଦକ ଚିନ୍ମୟ ବେହେରା, ପ୍ରଶିକ୍ଷକ ସୁଦୀପ୍ତା ନନ୍ଦ, ଅମରେନ୍ଦ୍ର ପୃଷ୍ଟି, ଲଲାଟ ପରିଡ଼ା ଓ ରଞ୍ଜଠଜତା ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ଏଥିରେ ଇଣ୍ଡିଆ ଟାଏକ୍ୱୋଣ୍ଡୋ ସଭାପତି ନାମଦେବ ଶିରଗାଓଁକର ଓ ସଂଯୋଜକ କିଆରାଶ ବାରୀ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ ପରିଚାଳନାକୁ ତ୍ୱରାନ୍ୱିତ କରିବେ।

## ଜାତୀୟ ଆନ୍ତଃରାଜ୍ୟ ବରିଷ୍ଠ ଆଥ୍‌ଲେଟିକ୍ସ

# ଓଡ଼ିଶାରୁ ୩ ଧାବକ ୧୦୦ ମିଟର ଫାଇନାଲରେ

**ପଞ୍ଚକୁଲା, ୨୭।୬ (ଏଜେନ୍ସି):** ହରିୟାଣାର ପଞ୍ଚକୁଲାଠାରେ ଗୁରୁବାରଠାରୁ ଜାତୀୟ ଆନ୍ତଃରାଜ୍ୟ ବରିଷ୍ଠ ଆଥ୍‌ଲେଟିକ୍ ଚାମ୍ପିଅନସିପ୍‌ର ୬୩ତମ ସଂସ୍କରଣ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶାର ଧାବକଙ୍କ ପ୍ରଭାବୀ ପ୍ରଦର୍ଶନ ଦେଖିବାକୁ ମିଳିଛି। ପୁରୁଷ ୧୦୦ ମିଟର ରେସରେ ଓଡ଼ିଶାର ୩ଜଣ ଧାବକ ଫାଇନାଲରେ ପ୍ରବେଶ କରି ପଦକ ଦୌଡ଼ରେ ରହିଛନ୍ତି। ସେମାନେ ହେଲେ ଅନିମେଶ ଗୁଜୁର, ଦଣ୍ଡପତି ମୂର୍ମୀ ଓ ଲାଲୁ ପ୍ରସାଦ ଭୋଇ। ସେମିଫାଇନାଲ ହିଟ୍-୧ରେ ଲାଲୁ ୧୦.୬୮ ସେକେଣ୍ଡ ସମୟ ନେଇ ଫାଇନାକୁ ପ୍ରବେଶ କରିଥିଲେ। ସେହିଭଳି ସେମିଫାଇନାଲ ହିଟ୍-୨ରେ ଦଣ୍ଡପତି ଦୌଡ଼ିଥିଲେ। ସେ ୧୦.୬୮ ସେକେଣ୍ଡ ସମୟ ନେଇ ୨ୟରେ ରହିବା ସହ ଫାଇନାଲ ଟିକଟ୍ ହାସଲ କରିଥିଲେ। ହିଟ୍-୩ରେ ରହିଥିବା ଅନିମେଶ କିନ୍ତୁ ୧୦.୫୪ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହି ଫାଇନାଲରେ ପହଞ୍ଚିଛନ୍ତି।

**ଫାଇନାଲରେ ଶ୍ରାବଣୀ ଓ ଦଣ୍ଡସେନା :** ଅପରପକ୍ଷରେ ମହିଳା ୧୦୦ ମିଟରରେ ଭାରତକୁ ମିଶ୍ରିତ ଫଳାଫଳ ମିଳିଛି। ଅଭିଜ୍ଞ ଧାବିକା ଶ୍ରାବଣୀ ଫାଇନାଲରେ ପ୍ରବେଶ କରିଥିବାବେଳେ ପ୍ରଜ୍ଞା ପ୍ରଶାନ୍ତି ସାହୁ ସେମିଫାଇନାଲରେ ଅଟକିଯାଇଛନ୍ତି। ସେମିଫାଇନାଲ ହିଟ୍-୨ରେ ଦୌଡ଼ିଥିବା ଶ୍ରାବଣୀ ଏହି ଦୂରତାକୁ ୧୧.୯୪ ସେକେଣ୍ଡରେ ଫିନିଶ କରି ଦ୍ୱିତୀୟରେ ରହିବା ସହ ଫାଇନାଲରେ ପହଞ୍ଚିଛନ୍ତି। ଏହି ହିଟ୍‌ରେ ୧୨.୦୬ ସେକେଣ୍ଡ ସହ ପ୍ରଜ୍ଞା ୫ମ ସ୍ଥାନ ହାସଲ କରି ଫାଇନାଲ ଟିକଟରୁ ବଞ୍ଚିତ ହୋଇଥିଲେ।

ପୁରୁଷ ୧୫୦୦ ମିଟର ଫାଇନାଲରେ ଓଡ଼ିଶାର ତାରକା ଧାବକ ଅଶୋକ ଦଣ୍ଡସେନା ପହଞ୍ଚିଛନ୍ତି। ପ୍ରିଲିମିନାରୀ ହିଟ୍-୨ରେ ଦୌଡ଼ିଥିବା ଅଶୋକ ୩ ମିନିଟ୍ ୪୮.୫୦ ସେକେଣ୍ଡରେ ଫିନିଶ କରି ୫ମ ସ୍ଥାନରେ ରହିଥିଲେ। ଏଥିସହ ଫାଇନାଲ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ତେବେ ଅନ୍ୟତମ ଓଡ଼ିଆ ଧାବକ ଦୟାନିଧି ମୁଣ୍ଡା ୩ ମିନିଟ୍ ୫୫.୦୨ ସେକେଣ୍ଡରେ ରେସ୍ ଶେଷ କରି ଫାଇନାଲରୁ ବଞ୍ଚିତ ହୋଇଛନ୍ତି।




# ଜାତୀୟ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ୍‌ରେ ଓଡ଼ିଶାରୁ ୩୧



ଭଦ୍ରକରେ ଟାଏକ୍ୱୋଣ୍ଡୋ ଆସୋସିଏସନ ଅଫ୍ ଓଡ଼ିଶା ପକ୍ଷରୁ ମନୋନୀତ ପ୍ରତିଯୋଗୀ

**ଭଦ୍ରକ,୨୭।୬(ସମିସ):** 'ଟାଏକ୍ୱୋଣ୍ଡୋ ଫେଡେରେସନ୍ ଅଫ୍ ଇଣ୍ଡିଆ' ଆନୁକୂଲ୍ୟରେ, ଆସନ୍ତା ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଲକ୍ଷ୍ନୌ ସ୍ଥିତ କେଡି ସିଂହ ବାବୁ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେଉଛି ୪୧ତମ ଜାତୀୟ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ୍। ଏହି ସମ୍ମାନଜନକ ସର୍ବଭାରତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୩୧ ଜଣ ପ୍ରତିଯୋଗୀ ପ୍ରତିନିଧିତ୍ୱ କରିବେ। ଏମାନେ ସମସ୍ତେ ଗତ ଡିସେମ୍ବରରେ ଅନୁଷ୍ଠିତ ରାଜ୍ୟ ଚାମ୍ପିଅନସିପ୍ ପ୍ରତିଯୋଗିତାରେ ପଦକ ବିଜେତା। ଉଭୟ 'କ୍ୟୁରୋଗୀ' ଓ 'ପୁମ୍‌ସେ' ଶୃଙ୍ଖଳାର ବାଳିକା ବର୍ଗରେ ପ୍ରତିଦ୍ୱନ୍ଦିତା ପାଇଁ ୧୨ ଜଣ କ୍ରୀଡାବିତ୍ ମନୋନୀତ ହୋଇଛନ୍ତି। ସେମାନେ ହେଲେ-ଉପାସନା ମଲ୍ଲିକ, ଶୁଭଶ୍ରୀ ପ୍ରିୟଦର୍ଶିନୀ, ସୋନମ୍ ଦତ୍ତ, ଜୟଶ୍ରୀ ସାହୁ, ଇପ୍ସିତା ପ୍ରିୟଦର୍ଶିନୀ ନାୟକ, ମୋନାଲିସା ପ୍ରିୟଦର୍ଶିନୀ ସାହୁ, ଦିବ୍ୟାଶା ପ୍ରଧାନ, ଦିବ୍ୟାପ୍ରିୟାଂଶୁ ପୃଷ୍ଟି, ପି.ଆର୍. କଶିସ୍, ସ୍ୱପ୍ନାରାଣୀ ସାହୁ, ଅନୁଷ୍କା ତରାଇ ଓ ପ୍ରିତିଲଗ୍ନା ସତପଥୀ। ସେହିପରି ବାଳକ ବିଭାଗରେ ୧୯ ଜଣ ପ୍ରତିଯୋଗୀ ପ୍ରତଦ୍ୱନ୍ଦିତା କରିବେ। ସେମାନେ ହେଲେ- ଧନେଶ୍ୱର ଜେନା, ପଦ୍ମଲୋଚନ ସିଂହ, ବିବେକ ନାୟକ, ପ୍ରିତମ୍ ଚନ୍ଦ୍ର ଉପାଧ୍ୟାୟ, ଦେବାଶିଷ ପହି, ଉପମନ୍ୟୁ ନାୟକ, ସାଇସୁଜିତ ପରିଡ଼ା, ସୋନୁ ନିଗମ ପରିଡା, ପ୍ରିନ୍ସ ପ୍ରଧାନ, ରାଜୀବ ରାଉତ, ବିବସ୍ୱନ ମହନ୍ତ, କ୍ୟାପଟେନ୍ ରାଜ୍, ରୁଦ୍ର ନାରାୟଣ ପାତ୍ର, ଅରବିନ୍ଦ ସ୍ୱାଇଁ, ଆଶୁତୋଷ ବେହେରା, ସ୍ୱୟମ୍ ସାଇମନ୍ ନନ୍ଦ, ନିର୍ମାଲ୍ୟ ମଲ୍ଲିକ, ଶୁଭମ୍ ବେହେରା ଓ ଅଭିମାନ ଅନୁପ୍ରାସ ମଲ୍ଲିକ। ପ୍ରଶିକ୍ଷକ ରୂପେ ସୁଶ୍ରୀ ତାରିଣୀ ସାହୁ ଓ ସୁଧାକର ଜେନା ଏବଂ ରେଫରୀ ରୂପେ ଯୋଗଗୁରୁ ସୁରେଶ ନାୟକ ଓ ଶେକ୍ ସମୀର୍ ଟିମ୍ ସହିତ ଯାତ୍ରା କରିଛନ୍ତି। 'ଟାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଭଦ୍ରକ'ର ସାଧାରଣ ସମ୍ପାଦକ ସଂଗ୍ରାମ ତ୍ରିପାଠୀ ମ୍ୟାନେଜର ଦାୟିତ୍ୱ ନିର୍ବାହ କରିବେ। 'ଟାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଓଡ଼ିଶା'ର ସାଧାରଣ ସମ୍ପାଦକ ରବି ନାରାୟଣ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟିମ୍ ଓଡିଶା ରହିବ। ଗୁରୁବାର 'ଟିମ୍ ଓଡିଶା'କୁ ଭଦ୍ରକ ରେଲଷ୍ଟେସନରେ ଶୁଭେଚ୍ଛା ସମ୍ବର୍ଦ୍ଧନା ଦିଆଯାଇଥିଲା। 'ଟାଏକ୍ୱୋଣ୍ଡୋ ଆସୋସିଏସନ୍ ଅଫ୍ ଓଡ଼ିଶା'ର ସଭାପତି ଧୀରେନ୍ ପଲାଇ, କାର୍ଯ୍ୟକାରୀ ସଭାପତି ପ୍ରଫେସର୍ ବିଜୟକୁମାର ଜେନା, ଉପସଭାପତି ରମେଶ ପ୍ରଧାନ, କୋଷାଧ୍ୟକ୍ଷା ସଂଘମିତ୍ରା ନନ୍ଦିନୀ ଦାଶ, ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ରାୟଗଡ଼ାକୁ ହରାଇଲା ନୟାଗଡ଼

# ବିଶ୍ୱଜିତଙ୍କ ଶତକ; ରିକିଙ୍କୁ ୫ ୱିକେଟ





**କଟକ,୨୭।୬(ସମିସ):** ୧୯ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ନୟାଗଡ ୧୮୨ରନ୍‌ରେ ରାୟଗଡାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ନୟାଗଡର ଇନିଂସ୍ ୨୨୦ରନ୍‌ରେ ସୀମିତ ରହିଥିଲା। ବିଶ୍ୱଜିତ ପ୍ରଧାନ ୬୧ବଲରୁ ୧୧୦ରନ୍‌ର ଦ୍ରୁତ ଇନିଂସ ଖେଳିଥିଲେ। ଦେବଜ୍ୟୋତି ପଟ୍ଟନାୟକ ୨୮ରନ କରିଥିଲେ। ରାୟଗଡା ପକ୍ଷରୁ ଗିରିଜା ପାଳକ ଏବଂ ରାକେଶ ବେହେରା ଯଥାକ୍ରମେ ୪ଟି ଏବଂ ୩ଟି ୱିକେଟ ଅକ୍ତିଆର କରିଥିଲେ। ୨୨୧ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ରାୟଗଡା ମାତ୍ର ୩୮ ରନ୍‌ରେ ଅଲଆଉଟ ହୋଇଥିଲା। କୌଣସି ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିନଥିଲେ। ବିଜୟୀ ନୟାଗଡ ପକ୍ଷରୁ ରିକି ମହାନ୍ତି ୧୨ରନ ବ୍ୟୟରେ ୫ଟି ୱିକେଟ ହାସଲ କରିଥିଲେ। ରୁଦ୍ର ନାରାୟଣ ବେହେରାଙ୍କୁ ୩ଟି ୱିକେଟ ମିଳିଥିଲା।

ଅନ୍ୟପକ୍ଷରେ ବର୍ଷା ଯୋଗୁଁ ଗୁରୁବାର ଖେଳାଯାଉଥିବା ଅନ୍ୟ ୫ଟି ମ୍ୟାଚ୍ ବାତିଲ ହୋଇଛି। ୩୦ ତାରିଖରେ ଏହି ମ୍ୟାଚ୍ ପୁର୍ନବାର ଖେଳାଯିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ରେଭେନ୍ସା ଗ୍ରାଉଣ୍ଡ-୧ରେ ସୁନ୍ଦରଗଡ ଏବଂ ଭୁବନେଶ୍ୱର-ବି ମଧ୍ୟରେ ମ୍ୟାଚ୍ ଖେଳାଯାଉଥିଲା। ପ୍ରଥମେ ବ୍ୟାଟିଂ କରିଥିବା ସୁନ୍ଦରଗଡ ୮ ୱିକେଟ ବିନିମୟରେ ୧୩୬ରନ କରିଥିଲା। ଭୁବନେଶ୍ୱର-ବି ଦଳ ଗୋଟିଏ ୱିକେଟ ହରାଇ ୮୦ରନ ସଂଗ୍ରହ କରିଥିବା ବେଳେ ବର୍ଷା ଯୋଗୁଁ ମ୍ୟାଚ୍ ବନ୍ଦ ରହିଥିଲା। ନିମପୁର ଗ୍ରାଉଣ୍ଡରେ ଓଦା ପିଚ୍ ଏବଂ ଆଉଟଫିଲ୍ଡ ଯୋଗୁଁ ବୌଦ୍ଧ ଏବଂ କେନ୍ଦ୍ରାପଡା ବିପକ୍ଷ ମ୍ୟାଚ୍ ଆରମ୍ଭ ହୋଇ ପାରିନଥିଲା। ରେଭେନ୍ସା ଗ୍ରାଉଣ୍ଡ-୨ରେ ନୂଆପଡା ଏବଂ କିଟ୍ ମୁହାଁମୁହିଁ ହୋଇଥିଲେ। କିଟ୍ ୮ ୱିକେଟ ହରାଇ ୧୪୮ରନ କରିଥିଲା। ମ୍ୟାଚ୍ ବାତିଲ ହେବା ବେଳକୁ ନୂଆପଡା ୩ ୱିକେଟ ହରାଇ ୬୭ରନ ସଂଗ୍ରହ କରିଥିଲା। ଡ୍ରିମସ ଗ୍ରାଉଣ୍ଡରେ ଖେଳାଯାଉଥିବା କଟକ-ଏ ଏବଂ ଭଦ୍ରକ ବିପକ୍ଷ ମ୍ୟାଚ୍ ମଧ୍ୟ ବାତିଲ ହୋଇଛି। ଆକାଶ ମହାପାତ୍ରଙ୍କ ଶତକୀୟ ଇନିଂସ ବଳରେ ଭଦ୍ରକ ୪ ୱିକେଟ ହରାଇ ୨୨୨ରନ କରିଥିଲା। କଟକ-ଏ ବିନା ୱିକେଟରେ ୭୦ରନ ସଂଗ୍ରହ କରିଥିବା ବେଳେ ବର୍ଷା ଯୋଗୁଁ ମ୍ୟାଚ ବନ୍ଦ ରହିଥିଲା। ସନସାଇନ ଗ୍ରାଉଣ୍ଡରେ ଦେବଗଡ ଏବଂ ମୟୂରଭଞ୍ଜ ମଧ୍ୟରେ ମ୍ୟାଚ୍ ଖେଳାଯାଉଥିଲା। ଦେବଗଡ ୯ ୱିକେଟ ହରାଇ ୨୫୦ରନ କରିଥିଲା। ଗୋଟିଏ ୱିକେଟ ବିନିମୟରେ ମୟୂରଭଞ୍ଜ ୬୮ରନ ସଂଗ୍ରହ କରିଥିବା ବେଳେ ମ୍ୟାଚ୍ ବନ୍ଦ ରହିଥିଲା।

ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ

୯୯ତମ ଜୟନ୍ତୀ
ତା: ୨୮.୦୬.୨୦୨୪
(ଶୁକ୍ରବାର)
ବାପା,
ଆପଣଙ୍କ ଶୁଭ ଜନ୍ମ ଦିନରେ, ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳୀ, ପୃଥ୍ୱୀରାଜ, ସ୍ୱିପ୍ନା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହେମବତୀ, ଅରିନ୍ଦମ୍, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି

## ଭାରତ-ଇଂଲଣ୍ଡ ସେମିଫାଇନାଲରେ ତୁହାକୁ ତୁହା ବର୍ଷା

# ଓପନିଂରେ ବିରାଟ କୋହଲି ପୁଣି ଫେଲ୍

**ଗୁଏନା, ୨୭।୬(ଏଜେନ୍ସି):** ସ୍ଥାନୀୟ ପ୍ରୋଭିଡେନ୍ସ ଷ୍ଟାଡିୟମ୍‌ରେ ତୁହାକୁ ତୁହା ବର୍ଷା ହେବାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ବାଧାପ୍ରାପ୍ତ ହୋଇଛି। ବର୍ଷା ଏବଂ ଓଦା ପଡ଼ିଆ ଯୋଗୁଁ ଖେଳ ଏକ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ଏଥିରେ ଟସ୍ ହାରି ଭାରତ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୨ ୱିକେଟ ହରାଇ ୬୫ ରନ୍ କରିଥିଲାବେଳେ ପୁଣିଥରେ (ଭାରତୀୟ ସମୟ ରାତି ୯ଟା ୫୩ ମିନିଟ୍‌ରେ) ପ୍ରବଳ ବର୍ଷା ହୋଇଥିଲା। ଫଳରେ ଦୁଇ ଅମ୍ପାୟାର ଅନ୍ୟ କୌଣସି ଉପାୟ ନ ପାଇ ଖେଳକୁ ବନ୍ଦ ରଖିଥିଲେ। ଏହି ସମୟରେ ଅଧିନାୟକ ରୋହିତ ଶର୍ମା ୩୭ ଓ ସୂର୍ଯ୍ୟକୁମାର ଯାଦବ ୧୩ ରନ୍‌ରେ ବ୍ୟାଟିଂ କରୁଥିଲେ। ବିରାଟ କୋହଲି ୯ ଓ ଋଷଭ ପନ୍ତ୍ ୪ ରନ୍‌ରେ ଆଉଟ ହୋଇ ଭାରତକୁ ନିରାଶ କରିଛନ୍ତି। ଇଂଲଣ୍ଡ ପକ୍ଷରୁ ଦୁଇ ବାମହାତୀ ମିଡିୟମ୍ ଫାଷ୍ଟ ବୋଲର ରିସି ଟୋପ୍‌ଲେ ଓ ସାମ କୁରାନ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଛନ୍ତି। ପୂର୍ବ ମ୍ୟାଚ୍ ଖେଳିଥିବା ଉଭୟ ଦଳରେ କୌଣସି ଖେଳାଳି ପରିବର୍ତ୍ତନ କରାଯାଇନାହିଁ।

ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଏଠାରେ ସକାଳୁ ବର୍ଷା ହୋଇଥିଲା। ଯାହା ଫଳରେ ପଡ଼ିଆ ଓଦା ହୋଇଥିଲା। ଖେଳ ଆରମ୍ଭ ବେଳକୁ ବର୍ଷା ଛାଡ଼ିଯାଇଥିଲା। କିନ୍ତୁ ପଡ଼ିଆ ଓଦା ଥିବାରୁ ୪୫ ମିନିଟ୍ ବିଳମ୍ବରେ ଟସ୍ ପଡ଼ିଥିଲା। ଏଭଳି ପରିବେଶରେ ଇଂଲଣ୍ଡ ଦଳ ଟସ୍ ଜିତିବା ଫଳରେ ମ୍ୟାଚ୍‌କୁ ନିୟନ୍ତ୍ରଣକୁ ନେଇଯାଇଥିଲା। ଖେଳ ଆରମ୍ଭ ହେବାର ୪୫ ମିନିଟ୍ ପରେ ପୁଣି ବର୍ଷା ହୋଇଥିଲା ଓ ଖେଳକୁ ବନ୍ଦ ରଖାଯାଇଥିଲା। ଏହି ସମୟରେ ଭାରତ ୨ ୱିକେଟ ହରାଇଥିବାରୁ ଇଂଲଣ୍ଡ ଭଲ ସ୍ଥିତିକୁ ଚାଲିଯାଇଛି।

ଏହି ମ୍ୟାଚ୍‌ଟି ଦିନରେ ଆୟୋଜିତ ହେଉଥିବାରୁ ଅନେକ ସମୟ ଖେଳ ବାକି ରହିଛି। ଏହି ମ୍ୟାଚ୍‌ରେ ରିଜର୍ଭ ଦିବସ ନ ଥିବାରୁ ବର୍ଷା କିମ୍ବା କୌଣସି କାରଣରୁ ଯଦି ଖେଳ ବାଧାପ୍ରାପ୍ତ ହୁଏ ତେବେ ଅତିରିକ୍ତ ୨୫୦ ମିନିଟ ଖେଳ ହେବ ବୋଲି ପୂର୍ବରୁ ନିୟମ ରହିଛି। ଏଣୁ ଭାରତୀୟ ସମୟ ରାତି ୩ଟା ଯାଏ ଖେଳ ହୋଇପାରିବ। ସେହିପରି ଭାରତୀୟ ସମୟ ରାତି ଗୋଟାଏ ମଧ୍ୟରେ ଖେଳ ହୋଇ ନ ପାରିଲେ ଓଭର ସଂଖ୍ୟା କମିବ।






### ଅଧିନାୟକ ଭାବେ ରୋହିତଙ୍କ ୫,୦୦୦ ରନ୍

ରୋହିତ ଶର୍ମା ଏଠାରେ ୨୪ ରନ୍ କରିବା ଫଳରେ ଜଣେ ଅଧିନାୟକ ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୫,୦୦୦ ରନ୍ ପୂରଣ କରିବାରେ ସମର୍ଥ ହୋଇଛନ୍ତି। କିନ୍ତୁ ଜଣେ ଭାରତୀୟ ଅଧିନାୟକ ଭାବେ ବିରାଟ କୋହଲି ସର୍ବାଧିକ ୧୨, ୮୮୩ ରନ୍ କରିଛନ୍ତି। ତାଙ୍କ ପଛରେ ଅଛନ୍ତି ମହେନ୍ଦ୍ର ସିଂ ଧୋନି। ଅଧିନାୟକ ଧୋନିଙ୍କ ରନ୍ ସଂଖ୍ୟା ହେଉଛି ୧୧,୨୦୭। ଏମାନଙ୍କ ପଛକୁ ଅଛନ୍ତି ମହମ୍ମଦ୍ ଆଝାରୁଦ୍ଦିନ ୮,୦୯୫, ସୌରଭ ଗାଙ୍ଗୁଲି ୭, ୬୪୩ ଓ ରୋହିତ ଶର୍ମା ୫,୦୧୩।

### ୯ ରନ୍‌ରେ ଆଉଟ୍ ହେଲେ କୋହଲି

ଚଳିତ ବିଶ୍ୱକପ୍‌ରେ ଭାରତ ମ୍ୟାଚ୍ ଜିତୁଛି, ହେଲେ ଦଳର ତାରକା ଖେଳାଳି ବିରାଟ କୋହଲି ବ୍ୟାଟିଂରେ ବାରମ୍ବାର ଫେଲ ମାରିଛନ୍ତି। ସେମିଫାଇନାଲ୍‌ରେ ଜବରଦସ୍ତ ସଫଳତା ପାଉଥିବା କୋହଲି ଏଠାରେ ମାତ୍ର ୯ ରନ୍‌ରେ ଆଉଟ ହୋଇଛନ୍ତି। ପୂର୍ବରୁ ସେ ଖେଳିଥିବା ୩ଟି ଟି-୨୦ ବିଶ୍ୱକପ୍ ସେମିଫାଇନାଲରେ ଯଥାକ୍ରମେ ୪୪ ବଲ୍‌ରେ ୭୨*, ୪୭ ବଲ୍‌ରେ ୮୯* ଓ ୪୦ ବଲ୍‌ରେ ୫୦ ରନ୍ କରିଥିଲେ। ଚଳିତବର୍ଷ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ପାଳି ଓପନ କରି ଚମତ୍କାର ପ୍ରଦର୍ଶନ କରିଥିବା କୋହଲିଙ୍କୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପାଳି ଆରମ୍ଭ କରିବାକୁ ସୁଯୋଗ ଦେଇଥିଲେ। ସେ କିନ୍ତୁ ଏଥିରେ ସଫଳ ହୋଇ ପାରି ନାହାନ୍ତି। ଏହି ବିଶ୍ୱକପ୍‌ରେ କୋହଲି ଆୟର୍ଲାଣ୍ଡ ବିପକ୍ଷରେ ୧, ପାକିସ୍ତାନ ବିପକ୍ଷରେ ୪, ଆମେରିକା ବିପକ୍ଷରେ ୦ ରନ୍ କରି ଲିଗ୍ ପର୍ଯ୍ୟାୟ ଶେଷ କରିଥିଲେ। ଏହା ପରେ ସୁପର-୮'ରେ ସେ ଆଫଗାନିସ୍ତାନ ବିପକ୍ଷରେ ୨୪, ବାଂଲାଦେଶ ବିପକ୍ଷରେ ୩୭ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଖାତା ଖୋଲି ପାରି ନ ଥିଲେ। ଏହା ଫଳରେ ଜଣେ ଓପନର ଭାବେ ସେ ମାତ୍ର ୧୦.୭୧ ହାରରେ ରନ୍ ସଂଗ୍ରହ କରିଥିଲେ।

### ନିୟମ ଭାରତ ସପକ୍ଷରେ, କିନ୍ତୁ ...

ଚଳିତ ବିଶ୍ୱକପ୍‌ର ନିୟମ ଅନୁଯାୟୀ ଦ୍ୱିତୀୟ ସେମିଫାଇନାଲ ଯଦି କୌଣସି କାରଣରୁ ବାତିଲ ହୁଏ, ତେବେ ଭଲ ପ୍ରଦର୍ଶନ କରିଥିବା ବା ଅଧିକ ମ୍ୟାଚ୍ ଜିତିଥିବା ଦଳକୁ ବିଜୟୀ ଘୋଷିତ କରାଯିବ। ଏହାର ଅର୍ଥ ସୁପର-୮'ରେ ଇଂଲଣ୍ଡ ୨ଟି ଓ ଭାରତ ୩ଟି ମ୍ୟାଚ୍‌ରେ ଜିତିଥିବାରୁ ଭାରତ ଫାଇଦାରେ ରହିବ। କିନ୍ତୁ ଏଠାରେ କ୍ରମାଗତ ବର୍ଷା ଯୋଗୁଁ ଖେଳ ବାତିଲ ହେବାର ସମ୍ଭାବନା କମ୍। ନିର୍ଦ୍ଧାରିତ ସମୟ ପରେ ମଧ୍ୟ ଅତିରିକ୍ତ ୨୫୦ ମିନିଟ ଖେଳ ହେବ। ଫଳରେ ମ୍ୟାଚ୍ ଶେଷ କରିବାକୁ ପର୍ଯ୍ୟାପ୍ତ ସମୟ ରହିଛି। ଏଣୁ ନିୟମ ଭାରତ ସପକ୍ଷରେ ଥିଲେ ମଧ୍ୟ ମ୍ୟାଚ୍ ସମ୍ପୂର୍ଣ୍ଣ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ମ୍ୟାଚ୍‌ରେ ଯେଉଁ ଦଳ ପଛରେ ବ୍ୟାଟିଂ କରିବ ସେହିଦଳ ଫାଇଦାରେ ରହିବ ବୋଲି ଆଶା କରାଯାଇପାରେ। ଏଭଳି ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ପଛରେ ବ୍ୟାଟିଂ କରୁଥିବା ଦଳ ସର୍ବଦା ଫାଇଦାରେ ରହିଥାଏ।

## ଆଫଗାନିସ୍ତାନର ସ୍ୱପ୍ନ ଧୂଳିସାତ

# ୮ମ ସେମିଫାଇନାଲ୍‌ରେ ଦ.ଆଫ୍ରିକାର ପ୍ରଥମ ବିଜୟ

**ତରୌବା, ୨୭।୬(ଏଜେନ୍ସି):** ମିଡିୟମ୍ ଫାଷ୍ଟ ବୋଲରଙ୍କ ଘାତକ ପ୍ରଦର୍ଶନ ବଳରେ ୯ ୱିକେଟରେ ଆଫଗାନିସ୍ତାନକୁ ପରାସ୍ତ କରି ଦକ୍ଷିଣ ଆଫ୍ରିକା ଏଠାରେ ଚାଲିଥିବା ଆଇସିସି ଟି-୨୦ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ଏହା ଫଳରେ ଆଇସିସି ଦ୍ୱାରା ଆୟୋଜିତ ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟର ୮ମ ସେମିଫାଇନାଲ ଖେଳିବା ପରେ ଦକ୍ଷିଣ ଆଫ୍ରିକା ପ୍ରଥମଥର ବିଜୟୀ ହୋଇଛି। ଅନ୍ୟପକ୍ଷରେ ଏହି ଟୁର୍ଣ୍ଣାମେଣ୍ଟରେ ଚମତ୍କାର ଖେଳ ପ୍ରଦର୍ଶନ କରି ଶୀର୍ଷସ୍ତରୀୟ ଦଳକୁ ହରାଇ ଫାଇନାଲ ଖେଳିବାକୁ ଆଶାୟୀ ଥିବା ଆଫଗାନିସ୍ତାନର ସ୍ୱପ୍ନ ଧୂଳିସାତ ହୋଇଯାଇଛି। ଏହି ମ୍ୟାଚ୍‌ରେ ୧୬ ରନ୍ ଦେଇ ଟପ୍ ଅର୍ଡରର ୩ଜଣ ଖେଳାଳିଙ୍କୁ ଆଉଟ କରିଥିବା ବିଜୟୀ ଦଳର ମାର୍କୋ ଜାନସେନ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଆସନ୍ତା ଶନିବାର ଖେଳାଯିବାକୁ ଥିବା ଫାଇନାଲରେ ଦକ୍ଷିଣ ଆଫ୍ରିକା ସହ ଭାରତ କିମ୍ବା ଇଂଲଣ୍ଡର ମୁକାବିଲା ହେବ।

ତ୍ରିନିଦାଦ ତରୌବାସ୍ଥିତ ବ୍ରାଏନ ଲାରା ଷ୍ଟାଡିୟମ୍‌ରେ ଗୁରୁବାର ପ୍ରଥମ ସେମିଫାଇନାଲ ଆରମ୍ଭ ହେବା ମାତ୍ରେ ପେସ୍ ବୋଲରଙ୍କ ପ୍ରାଧାନ୍ୟ ଆରମ୍ଭ ହୋଇଯାଇଥିଲା। ଏପରିକି ଏହି ପିଚ୍‌ରେ ବଲ ସୁଇଂ, ଅନଇଭିନ ବାଉନ୍ସରେ ଘାଇଲା ହୋଇଥିଲେ ବ୍ୟାଟର। ଏପରିକି ପୂର୍ବ ମ୍ୟାଚ୍‌ରେ ଶତକୀୟ ଭାଗୀଦାରି କରିଥିବା ଆଫଗାନିସ୍ତାନର ଓପନିଂ ଯୋଡି ଏଠାରେ ମାତ୍ର ୨ ରନ୍ କରିବାକୁ ସମର୍ଥ ହୋଇଥିଲେ। ଏପରିକି ଦଳ ପକ୍ଷରୁ ଜଣେ ବ୍ୟାଟର କରିମ ଜାନତ ସର୍ବାଧିକ ୧୩ଟି ବଲର ସମ୍ମୁଖୀନ



ହୋଇଥିଲେ ଓ ଆଜମତୁଲ୍ଲା ଓମରଜାଇ ୧୦ ରନ୍ କରି ଆଫଗାନିସ୍ତାନର ଏକମାତ୍ର ଖେଳାଳି ଭାବେ ଦୁଇ ଅଙ୍କରେ ପହଞ୍ଚିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ମାକୋ ଜାନସେନ ୧୬ ରନ୍‌ରେ ୩ଟି, କାଗିସୋ ରାବାଡା ୧୪ ରନ୍‌ରେ ୨ଟି ଓ ଆନରିଚ୍ ନୋର୍ଜେ ୭ ରନ୍‌ରେ ୨ଟି ୱିକେଟ ନେଇଥିଲେ। ପେସ୍ ବୋଲରଙ୍କୁ ୭ଟି ୱିକେଟ ମିଳିବା ପରେ ସ୍ପିନର ତାବ୍ରେଜ୍ ସାମସି ଶେଷଭାଗ ୩ଜଣ ଖେଳାଳିଙ୍କୁ ଆଉଟ କରି ଆଫଗାନିସ୍ତାନ ଇନିଂସର ମୁଣ୍ଡିମାରିଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୧୧.୫ ଓଭରରେ ମାତ୍ର ୫୬ ରନ୍ କରିଅଲଆଉଟ ହୋଇଯାଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ମଧ୍ୟ ପ୍ରତିପକ୍ଷ ପେସ୍ ବୋଲରଙ୍କ ଦ୍ୱାରା ବାରମ୍ବାର ବିଟ୍ ହୋଇଥିଲେ। ଫଳରେ କ୍ୱିଣ୍ଟନ ଡି କକ ଫଜଲହକ ଫାରୁକିଙ୍କ ଦ୍ୱାରା ବୋଲ୍ଡଆଉଟ ହୋଇଯାଇଥିଲେ। ତାଙ୍କ ପରେ ରୀଜା ହେଣ୍ଡ୍ରିକ୍ସ ଓ ଆଇଡେନ ମାର୍କରାମ କିଛି ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତର ସମ୍ମୁଖୀନ ହୋଇଥିଲେ ମଧ୍ୟ ଆଉକିଛି କ୍ଷତି ହେବାକୁ ନ ଦେଇ ୮.୫ ଓଭରରେ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ହେଣ୍ଡ୍ରିକ୍ସ ୨୯ ଓ ମାର୍କରାମ ୨୩ ରନ୍‌ରେ ଅପରାଜିତ ରହିଥିଲେ। ଡି କକ୍‌ଙ୍କ ୱିକେଟ ଫାରୁକି ଏହି ଟୁର୍ଣ୍ଣାମେଣ୍ଟରେ ୧୭ଜଣ ଖେଳାଳିଙ୍କୁ ଆଉଟ କରିବାର ରେକର୍ଡ କରିଛନ୍ତି।

### ସଂକ୍ଷିପ୍ତ ସ୍କୋର

**ଆଫଗାନିସ୍ତାନ :** ୫୬/୧୦, ୧୧.୫ ଓଭର (ଓମରଜାଇ-୧୦, ଗୁଲବଦିନ-୯, ଜାନସେନ୍-୩/୧୬, ସାମ୍‌ସି-୩/୬, ରାବାଡା-୨/୧୪, ନୋର୍ଜେ-୨/୭)।
**ଦକ୍ଷିଣ ଆଫ୍ରିକା :** ୬୦/୧, ୮.୫ ଓଭର (ହେଣ୍ଡ୍ରିକ୍ସ-୨୯*, ମାର୍କରାମ-୨୩*, ଡି କକ୍-୫, ଫାରୁକି-୧/୧୧)।

## ଆହତ ନୀତୀଶଙ୍କ ବଦଳରେ ଦୁବେ ସାମିଲ

**ଜିମ୍ବାୱେ ଗସ୍ତ**

**ନୂଆଦିଲ୍ଲୀ,୨୭।୬(ଏଜେନ୍ସି):** ଆଗାମୀ ଜିମ୍ବାୱେ ଗସ୍ତ ପାଇଁ ଭାରତୀୟ ଟି-୨୦ ଦଳରେ ଗୋଟିଏ ପରିବର୍ତ୍ତନ ହୋଇଛି। ଆହତ ଅଲରାଉଣ୍ଡର ନୀତୀଶ କୁମାରଙ୍କ ଏହି ଗସ୍ତରୁ ବାଦ୍ ପଡିଛନ୍ତି। ତାଙ୍କ ସ୍ଥାନରେ ଅଲରାଉଣ୍ଡର ଶିବମ୍ ଦୁବେଙ୍କୁ ଦଳରେ ସାମିଲ କରାଯାଇଛି ବୋଲି ଗୁରୁବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ସୂଚନା ଦିଆଯାଇଛି। ଏହି ଗସ୍ତରେ ଭାରତ ଓ ଜିମ୍ବାୱେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ଖେଳିବେ। ଆସନ୍ତା ୬ ତାରିଖରୁ ଏହି ସିରିଜ ଆରମ୍ଭ ହେବ। ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଯୁବ ଖେଳାଳି ରିଆନ ପରାଗ, ଅଭିଷେକ ଶର୍ମା ଓ ନୀତୀଶଙ୍କୁ ଏହି ଗସ୍ତରେ ସାମିଲ କରାଯାଇଥିଲା। ଯୁବ ଓପନର ଶୁବମାନ ଗିଲ ଭାରତର ନେତୃତ୍ୱ ନେବେ। ଏହି ଗସ୍ତରେ ରୋହିତ ଶର୍ମା, ବିରାଟ କୋହଲି, ହାର୍ଦ୍ଦିକ ପାଣ୍ଡ୍ୟା, ସୂର୍ଯ୍ୟକୁମାର ଯାଦବ, ରବିନ୍ଦ୍ର ଜାଡେଜା ଓ ଯଶପ୍ରୀତ ବୁମ୍‌ରାଙ୍କ ଭଳି ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଛି।

## ବୁମ୍‌ରା ମୋ'ଠୁ ହଜାର ଗୁଣା ଭଲ: କପିଳଦେବ

**ନୂଆଦିଲ୍ଲୀ,୨୭।୬(ଏଜେନ୍ସି):** ପୂର୍ବତନ ଅଧିନାୟକ ତଥା କିମ୍ବଦନ୍ତୀ ଦ୍ରୁତ ବୋଲର କପିଳଦେବ ଭାରତର ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମରାଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ବୁମ୍‌ରା ମୋଠାରୁ ହଜାର ଗୁଣା ଭଲ ବୋଲର ବୋଲି ସେ କହିଛନ୍ତି। ଚଳିତ ଟି-୨୦ ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷ ସେମିଫାଇନାଲ ଖେଳାଯିବା ପୂର୍ବରୁ ସେ ଏହି ମତ ଦେଇଛନ୍ତି। ଚଳିତ ବିଶ୍ୱକପ୍‌ରେ ବୁମ୍‌ରା ଜବରଦସ୍ତ ବୋଲିଂ କରିଛନ୍ତି ଓ ତାଙ୍କ ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ ହୋଇପାରିଛି ବୋଲି ସେ ମତ ଦେଇଛନ୍ତି। ଏପର୍ଯ୍ୟନ୍ତ ସେ ବିଶ୍ୱକପ୍‌ରେ ୧୧ଟି ୱିକେଟ ଅକ୍ତିଆର କରିଛନ୍ତି ଓ ଗୁରୁତ୍ୱପୂର୍ଣ୍ଣ ସମୟରେ ବ୍ରେକ୍ ଥ୍ରୁ ଦେଇ ଦଳ ପାଇଁ ସଙ୍କଟମୋଚକ ସାବ୍ୟସ୍ତ ହୋଇଛନ୍ତି। ଭାରତୀୟ ଖେଳାଳିମାନଙ୍କ ଫିଟ୍‌ନେସକୁ ମଧ୍ୟ ସେ ତାରିଫ କରିଛନ୍ତି। ଖେଳାଳିମାନେ ଏବେ କଠିନ ପରିଶ୍ରମ କରିବାକୁ କୁଣ୍ଠାବୋଧ କରୁନାହାନ୍ତି। ଏହା ନିଶ୍ଚିତ ଭାବେ ଭାରତୀୟ କ୍ରିକେଟ ପାଇଁ ଶୁଭଙ୍କର ବୋଲି କପିଳଦେବ କହିଛନ୍ତି। ଉଲ୍ଲେଖଥାଉ କି, କପିଳଦେବଙ୍କ ନେତୃତ୍ୱରେ ଭାରତ ୧୯୮୩ରେ ପ୍ରଥମଥର ପାଇଁ ଦିନିକିଆ ବିଶ୍ୱକପ୍‌ରେ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା। ସେ ମଧ୍ୟ ନ୍ୟୁଜିଲାଣ୍ଡର ରିଚାର୍ଡ ହାର୍ଡଲିଙ୍କୁ ପଛରେ ପକାଇ ୪୩୧ ଟେଷ୍ଟ ୱିକେଟ ନେବା ସହ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ଟେଷ୍ଟରେ ସେ ଏକମାତ୍ର ଖେଳାଳି ଭାବେ ୪୦୦ ୱିକେଟ ନେବା ସହ ୫,୦୦୦ ରନ ସଂଗ୍ରହ କରିଛନ୍ତି। ବୁମ୍‌ରା ଏପର୍ଯ୍ୟନ୍ତ ୨୬ଟି ଟେଷ୍ଟ ଖେଳି ୧୫୯ଟି ୱିକେଟ ଅକ୍ତିଆର କରିଛନ୍ତି। କପିଳ ମୋଟ୍ ଉପରେ ୩୫୬ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୬୮୭ ୱିକେଟ ଅକ୍ତିଆର କରିଛନ୍ତି। ଅନ୍ୟପଟେ ବୁମ୍‌ରା ୧୯୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୩୯୩ଟି ୱିକେଟ ଅକ୍ତିଆର କରିଛନ୍ତି।

## କିରଣଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

**ପଞ୍ଚକୁଲା, ୨୭।୬ (ଏଜେନ୍ସି):** କ୍ରୀଡ଼ାର ମହାକୁମ୍ଭ ପ୍ୟାରିସ ଅଲିମ୍ପିକ୍ସ ଆରମ୍ଭ ହେବାକୁ ଆଉ ଏକ ମାସରୁ କମ୍ ସମୟ ରହିଥିବାବେଳେ ଭାରତର ଆଉ ଜଣେ ଆଥ୍‌ଲେଟ୍ ଯୋଗ୍ୟତା ଅର୍ଜନ କରିଛନ୍ତି। ସେ ହେଲେ ହରିୟାଣାର ଧାବିକା କିରଣ ପହଲ। କିରଣ ମହିଳା ୪୦୦ ମିଟର ରେସ୍‌ରେ ଅଲିମ୍ପିକ୍ସ ଟିକଟ୍ ହାସଲ କରିଛନ୍ତି। ପଞ୍ଚକୁଲାର ତାଉ ଦେବୀ ଲାଲ୍ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଆନ୍ତଃରାଜ୍ୟ ବରିଷ୍ଠ ଆଥ୍‌ଲେଟିକ ଚାମ୍ପିଅନସିପ୍‌ର ୬୩ତମ ସଂସ୍କରଣରେ ସେ ଏହି ସଫଳତା ପାଇଛନ୍ତି। ସେମିଫାଇନାଲରେ କିରଣ ୫୦.୯୨ ସେକେଣ୍ଡ ନେଇ ଏହି ଦୂରତାକୁ ଅତିକ୍ରମ କରିଥିଲେ। ୨୪ ବର୍ଷୀୟା କିରଣ ଏଥିସହ ଅଲିମ୍ପିକ୍ସ ଲାଗି ରହିଥିବା ଯୋଗ୍ୟତା ମାନଦଣ୍ଡ (୫୦.୯୫ ସେକେଣ୍ଡ)କୁ ହାସଲ କରିଥିଲେ। କିରଣ ଏଥିସହ ମହିଳା ୪୦୦ ମିଟର ରେସ୍‌ରେ ୨ୟ ଦ୍ରୁତତମ ଭାରତୀୟ ଧାବିକା ହେବାର ସୌଭାଗ୍ୟ ଲାଭ କରିଛନ୍ତି। ପୂର୍ବରୁ ହିମା ଦାସ ଏହି ଦୂରତାକୁ ୫୦.୭୯ ସେକେଣ୍ଡରେ ଶେଷ କରି ଭାରତର ଦ୍ରୁତତମ ଧାବିକା ରେକର୍ଡର ଅଧିକାରୀ ରହିଛନ୍ତି।

## ୫ରୁ ଆମେରିକା ମେଜର ଲିଗ୍ କ୍ରିକେଟ

**ନ୍ୟୁୟର୍କ, ୨୭।୬(ଏଜେନ୍ସି):** ଆମେରିକାର ମେଜର ଲିଗ୍ କ୍ରିକେଟକୁ ଆଇସିସିର ଲିଷ୍ଟ-ଏ'ର ମାନ୍ୟତା ମିଳିବା ପରେ ଏହି ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱ ବଢ଼ିଯାଇଛି। ଏହା ଫଳରେ ଦେଶ ବିଦେଶର ଅନେକ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସେମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ ଦିନିକିଆ ବିଶ୍ୱଚାମ୍ପିଅନ ଦଳର ଅଧିନାୟକ ପ୍ୟାଟ କମିନ୍ସ, ଅଲରାଉଣ୍ଡର ଜେକ ଫ୍ରେଜର, ଟ୍ରାଭିସ୍ ହେଡ୍, ଗ୍ଲେନ୍ ମ୍ୟାକ୍ସୱେଲ ଓ ଷ୍ଟିଭେନ ସ୍ମିଥ ଅନ୍ୟତମ। ଏମାନଙ୍କ ଉପସ୍ଥିତି ନିଶ୍ଚିତଭାବେ ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱ ବଢ଼ାଇବ। ନିକଟରେ ଆମେରିକା ପକ୍ଷରୁ ଟି-୨୦ ବିଶ୍ୱକପ୍ ଖେଳିଥିବା ସମସ୍ତ ଖେଳାଳି ଏହି ଲିଗ୍‌ରେ ଖେଳିବେ। ଗତବର୍ଷ ପରି ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଖେଳିବେ। ଏହି ଦଳଗୁଡିକ ହେଲେ ଲସ୍ ଏଞ୍ଜେଲ୍ସ ନାଇଟ୍ ରାଇଡର୍ସ, ନାଇଟ୍ ରାଇଡର୍ସ, ଏମ୍‌ଆଇ ନ୍ୟୁୟର୍କ, ସାନ ଫ୍ରାନସିସ୍କୋ ୟୁନିକର୍ଣ୍ଣସ, ସିଏଟଲ ଓର୍କାସ, ଟେକ୍ସାସ ସୁପର କିଙ୍ଗ୍‌ସ ଓ ୱାଶିଂଟନ ଫ୍ରିଡମ୍। ଏବେ ଟୁର୍ଣ୍ଣାମେଣ୍ଟର ସମସ୍ତ ଖେଳ ରେକର୍ଡ କରାଯିବ। ଯାହା ଫଳରେ ଉଦୀୟମାନ ଖେଳାଳିମାନେ ସେମାନଙ୍କ କ୍ୟାରିୟର ଲାଗି ଏକ ବଡ଼ ପ୍ଲାଟଫର୍ମ ପାଇପାରିବେ। ସେହିପରି ବିଦେଶୀ ଖେଳାଳିଙ୍କ ଆଗମନରେ ଏହା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟ ଜୁଲାଇ ୫ରୁ ଆରମ୍ଭ ହୋଇ ଜୁଲାଇ ୨୮ରେ ଶେଷ ହେବ। ଜୁଲାଇ ୫ରୁ ୨୦ ତାରିଖଯାଏ ଲିଗ୍ ଓ ଏହା ପରେ ଚ୍ୟାଲେଞ୍ଜର ଓ ଏଲିମିନେଟର ମ୍ୟାଚ୍ ଖେଳାଯିବ। ୨୮ରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ ବୋଲି ମେଜର ଲିଗ୍ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

**ୟୁରୋକପ୍ ଫୁଟବଲ୍**

# ପର୍ତ୍ତୁଗାଲକୁ ହରାଇଲା ଜର୍ଜିଆ

**ହାମବର୍ଗ,୨୭।୬(ଏଜେନ୍ସି):** ୟୁରୋକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ରାଉଣ୍ଡ ଅଫ୍ ୧୬ ଅର୍ଥାତ ପ୍ରି- କ୍ୱାର୍ଟର ଫାଇନାଲ ମୁକାବିଲା କାର୍ଯ୍ୟସୂଚୀ ସ୍ପଷ୍ଟ ହୋଇଛି। ଗ୍ରୁପ୍ ଏଫ୍'ରେ ପର୍ତ୍ତୁଗାଲ ଓ ତୁର୍କୀ ଅନ୍ତିମ ଦୁଇଟି ଦଳ ଭାବେ ପ୍ରି- କ୍ୱାର୍ଟରକୁ ଉନ୍ନିତ ହୋଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ଖେଳାଯାଇଥିବା ମୁକାବିଲରେ ପର୍ତ୍ତୁଗାଲ ତା'ର ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ୦-୨ ଗୋଲରେ ଜର୍ଜିଆଠାରୁ ପରାସ୍ତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ରାଉଣ୍ଡକୁ ଅଗ୍ରଗତି କରିଛି। ପର୍ତ୍ତୁଗାଲ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ହାସଲ ଶୀର୍ଷ ରହିବା ସହ ଏହି ସଫଳତା ପାଇଛି। ଅନ୍ୟପଟେ ତୁର୍କୀ ୨-୧ ଗୋଲରେ ଚେକ ଗଣରାଜ୍ୟକୁ ପରାସ୍ତ କରି ଦ୍ୱିତୀୟ ବିଜୟ ହାସଲ କରିଛି। ତୁର୍କୀ ମଧ୍ୟ ୩ଟି ମ୍ୟାଚ୍ ଖେଳି ୨ ବିଜୟ ଓ ଗୋଟିଏ ପରାଜୟ ସହ ସମାନ ୬ ପଏଣ୍ଟ ପାଇଥିଲେ ମଧ୍ୟ ଗୋଲ ବ୍ୟବଧାନରେ ପଛରେ ରହି ଦ୍ୱିତୀୟ ସ୍ଥାନରେ ରହି ପରବର୍ତ୍ତୀ ରାଉଣ୍ଡକୁ ଅଗ୍ରଗତି କରିଛି। ପ୍ରି-କ୍ୱାର୍ଟରରେ ପର୍ତ୍ତୁଗାଲ ଏବେ ଆସନ୍ତା ୨ ତାରିଖ ମଙ୍ଗଳବାର ସ୍ଲୋଭେନିଆକୁ ଭେଟିବ। ସେହିପରି ତୁର୍କୀ ୩ ତାରିଖ ବୁଧବାର ଅଷ୍ଟ୍ରିଆକୁ ଭେଟିବ।

### ପ୍ରି-କ୍ୱାର୍ଟରରେ ଜର୍ଜିଆ ବନାମ ସ୍ପେନ୍

ଜର୍ଜିଆ ଖ୍ରୀଷ୍ଟିଆନୋ ରୋନାଲ୍ଡୋଙ୍କ ପର୍ତ୍ତୁଗାଲ ଦଳକୁ ୨-୦ ଗୋଲରେ ପରାସ୍ତ କରି ବିପର୍ଯ୍ୟୟ ଘଟାଇବା ସହ ପ୍ରି- କ୍ୱାର୍ଟରରେ ପ୍ରବେଶ କରିଛି। ଗ୍ରୁପ୍ ଏଫ୍'ରେ ୩ଟି ମ୍ୟାଚ୍ ଖେଳି ଜର୍ଜିଆ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୪ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି। ତୃତୀୟ ସ୍ଥାନ ଅଧିକାର କରିବାରେ ଚତୁର୍ଥ ଶ୍ରେଷ୍ଠ ଦଳ ମଧ୍ୟରେ ରହି ଜର୍ଜିଆ ଏହି ସଫଳତା ହାସଲ କରିଛି। ଫିଫା ମାନ୍ୟତାରେ ପର୍ତ୍ତୁଗାଲ ଷଷ୍ଠ ସ୍ଥାନରେ ରହିଥିବା ବେଳେ ଜର୍ଜିଆ ୭୪ତମ ସ୍ଥାନରେ ରହିଛି। ରୋନାଲ୍ଡୋ ମଧ୍ୟ ଏହି ମ୍ୟାଚ୍‌ରେ ପ୍ରଭାବୀ ଖେଳ ପ୍ରଦର୍ଶନ କରି ନଥିଲେ। ଜର୍ଜିଆ ଏବେ ପ୍ରି-କ୍ୱାର୍ଟରରେ ଜୁଲାଇ ୧ ତାରିଖ ସୋମବାର ସ୍ପେନ୍‌କୁ ଭେଟିବ। ପର୍ତ୍ତୁଗାଲ ସବୁ ବିଭାଗରେ ଉନ୍ନତ ପ୍ରଦର୍ଶନ କରିଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇ ନଥିଲା। ସଟ୍, ସଟ୍ ଅନ ଟାର୍ଗେଟ୍, ବଲ୍ ପଜେସନ, ପାସ୍ ଓ ପାସ୍ ଆକ୍ୟୁରେସିରେ ଜର୍ଜିଆ ବହୁ ପଛରେ ରହିଥିଲା। ତେବେ ସୁଯୋଗର ସଦ୍ ବ୍ୟବହାର କରି ଜର୍ଜିଆ ମ୍ୟାଚ୍ ଛଡାଇ ନେଥିଲା। ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେ ଖଭିଚା କଭାରାତସ୍କେହିଲା ଗୋଲ ସ୍କୋର କରି ଜର୍ଜିଆକୁ ଅଗ୍ରଣୀ କରାଇଥିଲେ। ସେହିପରି ୫୭ତମ ମିନିଟ୍‌ରେ ଜର୍ଜେସ ମିକାଉତାଜ ଦ୍ୱିତୀୟ ଗୋଲ ସ୍କୋର କରି ଜର୍ଜିଆକୁ ୨-୦ରେ ଅଗ୍ରଣୀ କରାଇବା ସହ ବିଜୟୀ କରାଇଥିଲେ।



ବିଜୟ ଉଲ୍ଲାସ ମନାଉଛନ୍ତି ଜର୍ଜିଆ ଖେଳାଳି

### ପରାଜୟ ସହ ଚେକ ଗଣରାଜ୍ୟ ବିଦା

ଗ୍ରୁପ୍ ଏଫ୍‌ରେ ଚେକ ଗଣରାଜ୍ୟ ତା'ର ଅନ୍ତିମ ମୁକାବିଲାରେ ୧-୨ ଗୋଲରେ ତୁର୍କୀଠାରୁ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛି। ହାକାନ କାଲହାନୋଗ୍ଲୁ ୫୧ତମ ମିନିଟ୍‌ରେ ଗୋଲ ସ୍କୋର କରି ତୁର୍କୀକୁ ଅଗ୍ରଣୀ କରାଇଥିଲେ। ଏହାପରେ ୬୬ତମ ମିନିଟ୍‌ରେ ଚେକ୍‌ର ଟୋମାସ ସୋଉସେକ୍ ଗୋଲ ଦେଇ ମ୍ୟାଚ୍ ମ୍ୟାଚକୁ ବରାବର ସ୍ଥିତିକୁ ଆଣିଥିଲେ। ଶେଷରେ ଇଞ୍ଜୁରି ଟାଇମ୍‌ର ଚତୁର୍ଥ ମିନିଟ୍‌ରେ ସେଙ୍କ ଟୋସୁନ ଗୋଲ ଦେଇ ତୁର୍କୀକୁ ଜିତାଇଥିଲେ। ତୁର୍କୀ ସବୁ ବିଭାଗରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲା।

### ୟୁରୋକପ୍ ପ୍ରି- କ୍ୱାର୍ଟର କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ | ସମୟ |
|---|---|---|---|
| ୨୯/୬ | ସ୍ୱିଜରଲାଣ୍ଡ- ଇଟାଲୀ | ବର୍ଲିନ | ରାତି ୯.୩୦ |
| ୨୯/୬ | ଜର୍ମାନୀ- ଡେନମାର୍କ | ଡର୍ଟମଣ୍ଡ | ରାତି ୧୨.୩୦ |
| ୩୦/୬ | ଇଂଲଣ୍ଡ- ସ୍ଲୋଭାକିଆ | ଗେଲସେନକିର୍ଚେନ | ରାତି ୯.୩୦ |
| ୩୦/୬ | ସ୍ପେନ- ଜର୍ଜିଆ | କୋଲୋଙ୍ଗ | ରାତି ୧୨.୩୦ |
| ୧/୭ | ଫ୍ରାନ୍ସ- ବେଲଜିୟମ | ଡୁସେଲଡୋର୍ଫ | ରାତି ୯.୩୦ |
| ୧/୭ | ପର୍ତ୍ତୁଗାଲ- ସ୍ଲୋଭେନିଆ | ଫ୍ରାଙ୍କଫର୍ଟ | ରାତି ୧୨.୩୦ |
| ୨/୭ | ରୋମାନିଆ- ନେଦରଲାଣ୍ଡସ | ମ୍ୟୁନିକ | ରାତି ୯.୩୦ |
| ୨/୭ | ଅଷ୍ଟ୍ରିଆ- ତୁର୍କୀ | ଲେପଚିଗ୍ | ରାତି ୧୨.୩୦ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA

# ଟିମ୍ ଇଣ୍ଡିଆର ପ୍ରତିଶୋଧ

## ଧୂଳି ଚାଟିଲା ଚାମ୍ପିଅନ












